ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୧/୨୦୨୫ (୧୨ ପୃଷ୍ଠା) | Bhubaneswar, Thursday, December 11/2025 | Page 12 | ₹ 7.00 | SAMBALPUR
୫୨ଶ ଭାଗ ୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 18 | ମୂଲ୍ୟ ₹୭/-




ଭାରତ ସ୍କାଉଟ୍ ଓ ଗାଇଡ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ରାଇଟ୍ସ ଏଜୁକେଶନ ଏବଂ ସିଭିଲ ସୋସାଇଟି ଫୋରମ୍ ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ସମ୍ମୁଖରେ ବୁଧବାର ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳନ ଅବସରରେ ଆୟୋଜିତ ମାନବ ଶୃଙ୍ଖଳ। **(ଫଟୋ- ମନୋରଞ୍ଜନ ମିଶ୍ର)**

# ମହାନଦୀ ଜଳ ବିବାଦ: ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ଗଠିତ

**ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ହେଲା ଲାଗି ରହିଛି ମହାନଦୀ ଜଳ ବିବାଦ। ଏହାର ସମାଧାନ ପାଇଁ ଅନେକ ଉଦ୍ୟମ ହୋଇଥିଲେ ମଧ୍ୟ ତା'ର ଅନ୍ତ ଘଟିପାରିନାହିଁ। ଏହି ମାମଲାକୁ ନେଇ ୨୦୧୮ରୁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଚାଲିଥିବାବେଳେ ମହାନଦୀ ଜଳ ବ୍ୟବହାର ଅଧିକାର ଉପରେ ତର୍କବିତର୍କ ଜାରି ରହିଛି। ଟ୍ରିବ୍ୟୁନାଲ୍ ସମ୍ମୁଖରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ମହାନଦୀ ଜଳ ବିଷୟର ଜଟିଳତା, ଭାବପ୍ରବଣତାର ଗୁରୁତ୍ୱକୁ ମନେକରି ଓଡ଼ିଶା ସରକାର ବୁଧବାର ଏକ ସର୍ବଦଳୀୟ ଉଚ୍ଚସ୍ତରୀୟ ୮ଜଣିଆ କମିଟି ଗଠନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୩ଜଣ ମନ୍ତ୍ରୀଙ୍କ ସମେତ ବିଜେଡି, କଂଗ୍ରେସ ଓ ଶାସକ ଭାଜପା ବିଧାୟକ ସଦସ୍ୟ ରହିଛନ୍ତି। କେନ୍ଦ୍ରରେ ଏନ୍‌ଡିଏ ଏବଂ ଓଡ଼ିଶା ଓ ଛତିଶଗଡ଼ରେ ଭାଜପା ସରକାର ଚାଲିଥିବାରୁ ମହାନଦୀ ଜଳ ବିବାଦର ରାଜନୈତିକ ସମାଧାନ ପାଇଁ ଉଦ୍ୟମ ଚାଲିଥିବା କୁହାଯାଉଛି।**

- **କନକ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ରହିଛନ୍ତି ୮ ସଦସ୍ୟ**
- **କମିଟିରେ ୩ ମନ୍ତ୍ରୀଙ୍କ ସମେତ ବିଜେଡି, କଂଗ୍ରେସ, ଭାଜପା ବିଧାୟକ**

**ଭୁବନେଶ୍ୱର, ୧୦।୧୨ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି ସର୍ବଦଳୀୟ କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ ରାଜ୍ୟର ବୈଷୟିକ ଓ ପ୍ରଶାସନିକ ସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କମିଟିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଅବକାରୀ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ଭାଜପା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟିକା ସୋଫିଆ ଫିର୍‌ଦୋସ୍ ସଦସ୍ୟ ଅଛନ୍ତି।

କମିଟି ଗଠନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବରିଷ୍ଠ ନେତା ତଥା କମିଟିର ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ ଯିବା ଭୁଲ୍ ନିଷ୍ପତ୍ତି ଥିଲା, ଏଥିଲାଗି ରାଜନୈତିକ ସମାଧାନ ଆବଶ୍ୟକ। ନୀତିନ ଗଡକରୀ ସମାଧାନ ପାଇଁ ଡାକିଥିଲେ, ସେତେବେଳେ ସମାଧାନ କଲେନାହିଁ। ସେହି ସମୟରେ ବିଜେଡି ସରକାର ରାଜନୈତିକ ସମାଧାନ ନ କରି କାହିଁକି ଟ୍ରିବ୍ୟୁନାଲ ଯାଇଥିଲେ। ଟ୍ରିବ୍ୟୁନାଲ ଯିବା ଦ୍ୱାରା ପ୍ରକ୍ରିୟା ବିଳମ୍ବ ହେଲା। ମୁଖ୍ୟମନ୍ତ୍ରୀ ଯେଉଁ କମିଟି ଗଠନ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ଏହି କମିଟି ପାରୁପର୍ଯ୍ୟନ୍ତ ସମାଧାନ କରିବା ଲାଗି ଚେଷ୍ଟା କରିବ। ଛତିଶଗଡ଼ ଯେମିତି ବ୍ୟାରେଜ କଲା, ଓଡ଼ିଶା ସରକାର ସେମିତି ବ୍ୟାରେଜ ନିର୍ମାଣ କରିବା କଥା। ହୀରାକୁଦ ବନ୍ଧର ତଳମୁଣ୍ଡରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସମୟ ଧାରାରେ ଚକ୍ରବୃଦ୍ଧି ସୁଧ

## ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ତାଲିକାରେ ଦୀପାବଳି

**ନୂଆଦିଲ୍ଲୀ, ୧୦।୧୨**

ୟୁନେସ୍କୋର ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ଦୀପାବଳି ସ୍ଥାନ ପାଇଛି। ୟୁନେସ୍କୋ ରିପ୍ରେଜେଣ୍ଟିଭ ଲିଷ୍ଟ ଅଫ୍ ଦ ଇନ୍‌ଟାଞ୍ଜିବଲ କଲ୍‌ଚ୍ୟୁରାଲ ହେରିଟେଜ୍ ଅଫ୍ ହ୍ୟୁମାନିଟିରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ନୂଆଦିଲ୍ଲୀରେ ଲାଲକିଲ୍ଲାରେ ବୁଧବାର ଅନୁଷ୍ଠିତ ୨୦ତମ ୟୁନେସ୍କୋ ଆନ୍ତଃସରକାରୀ କମିଟି ଅଧିବେଶନରେ ଏହା ଘୋଷଣା କରାଯାଇଛି। ଏହି ଅନ୍ତର୍ଭୁକ୍ତୀକରଣ ଦୀପାବଳିକୁ ଏକ ଜୀବନ୍ତ ପରମ୍ପରା ଭାବରେ ସ୍ୱୀକୃତି ଦେଇଛି, ଯାହା ଅନ୍ଧକାର ଉପରେ ଆଲୋକର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ☞ପୃଷ୍ଠା-୪

# କେନ୍ଦ୍ର ଅସହାୟ କି

## ଇଣ୍ଡିଗୋ ସଙ୍କଟକୁ ନେଇ ହାଇକୋର୍ଟଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ, ୧୦।୧୨**

ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ବିମାନସେବାରେ ବିଭ୍ରାଟର ସମ୍ମୁଖୀନ ହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ ଇଣ୍ଡିଗୋର ବହୁ ଫ୍ଲାଇଟ ଉଡ଼ାଣ ରଦ୍ଦ ହୋଇଯାଇଥିବାବେଳେ ଉକ୍ତ ବିବାଦ ଏବେ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛି। ଇଣ୍ଡିଗୋ ସଙ୍କଟ ଓ ଏତେ ମାତ୍ରାରେ ବିମାନ ଉଡ଼ାଣ ରଦ୍ଦର ବିଚାରବିଭାଗୀୟ ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ହାଇକୋର୍ଟ ବୁଧବାର ଏହାର ଶୁଣାଣିକରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି, ତୁମେ କ'ଣ ଅସହାୟ? ଏଭଳି ସ୍ଥିତି କାହିଁକି ଉପୁଜିଲା?

ପାଇଲଟ୍ ଓ କର୍ମଚାରୀ ସଙ୍କଟକୁ ନେଇ ଗତ ୨ ତାରିଖରୁ ବିଭିନ୍ନ ଘରୋଇ ରୁଟ୍‌ରେ ଇଣ୍ଡିଗୋର ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବିତ ହୋଇଆସୁଛି। ଫଳରେ ଦେଶବ୍ୟାପୀ ଯାତ୍ରୀମାନେ ନାହିଁ ନ ☞ପୃଷ୍ଠା-୪

DSPL - 415



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ନିଯୁକ୍ତି ମେଳା
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ଭାବେ ଚୟନୀତ ୩ ଟି ବିଭାଗର ୫୯୧ ଜଣ ପ୍ରାର୍ଥୀଙ୍କୁ
ନିଯୁକ୍ତିପତ୍ର ପ୍ରଦାନ ତଥା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪୨୫ କୋଟି ଟଙ୍କାର ନୂତନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଓ ୨୦୬୩ କୋଟି ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ

୨୫୨ ଜଣ ପ୍ରାର୍ଥୀ
ଜଳ ସମ୍ପଦ ବିଭାଗ

୧୯୭ ଜଣ ପ୍ରାର୍ଥୀ
ପୂର୍ତ୍ତ ବିଭାଗ

୧୪୨ ଜଣ ପ୍ରାର୍ଥୀ
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

୧୧ ଡିସେମ୍ବର ୨୦୨୫ | ଦିବା ୧୧:୩୦ ଘଟିକା | ଓଡ଼ିଶା କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ଜଳ ସମ୍ପଦ ବିଭାଗ | ପୂର୍ତ୍ତ ବିଭାଗ | ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଓଡ଼ିଶା ସରକାର

OIPR-32001/13/0023/2526


କାମ୍ବୋଡିଆ ଓ ଥାଇଲାଣ୍ଡ ସୀମାରେ ସଂଘର୍ଷ ଲାଗିରହିଥିବାବେଳେ ବୁଧବାର ଏକ କାମ୍ବୋଡୀୟ ପରିବାର ଟ୍ରାକ୍ଟରରେ ବସି ଟୋଙ୍ଗ୍ କାଲ୍‌ରୁ ଅନ୍ୟତ୍ର ପଳାୟନ କରୁଛନ୍ତି।

# ଏଫ୍‌ଏସ୍‌ଟିସିକୁ କିଣୁଛି ଆଦାନୀ ଗ୍ରୁପ୍



## ପାଇଲଟଙ୍କୁ ତାଲିମ ଦେବ

ମୁମ୍ବାଇ,୧୦।୧୨

ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିବିଧ କ୍ଷେତ୍ରରେ ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର ପରେ ପାଇଲଟ୍ ତାଲିମ ଉପରେ ମନୋନିବେଶ କରିଛି। ଆଦାନୀ ଡିଫେନ୍ସ ସିଷ୍ଟମ୍ସ ଆଣ୍ଡ୍ ଟେକ୍ନୋଲୋଜି (ଏଡିଏସ୍‌ଟିଏଲ୍) ଏବଂ ସଞ୍ଜୟ ପଟେଲଙ୍କ ପ୍ରାଇମ୍ ଏରୋ ସର୍ଭିସେସ୍ ଭାରତର ସର୍ବବୃହତ୍ ପାଇଲଟ୍ ପ୍ରଶିକ୍ଷଣ କମ୍ପାନୀ ଫ୍ଲାଇଟ୍ ସିମୁଲେଶନ୍ ଟେକ୍ନିକ୍ ସେଣ୍ଟର (ଏଫ୍‌ଏସ୍‌ଟିସି)ର ବୃହତ୍‌ଅଂଶଧନକୁ ୮୨୦ କୋଟି ଟଙ୍କାରେ ଅଧିଗ୍ରହଣ କରିବାକୁ ଯାଉଛନ୍ତି। ଭାରତର ଉଭୟ ବେସାମରିକ ଓ ପ୍ରତିରକ୍ଷା କ୍ଷେତ୍ରରେ ପାଇଲଟ୍ ତାଲିମର ଆବଶ୍ୟକତା ବଢ଼ିବାରେ ଲାଗିଥିବାବେଳେ ବ୍ୟବସାୟିକ ଦୃଷ୍ଟିରୁ ଏହି ପଦକ୍ଷେପ ଲାଭଜନକ ହୋଇପାରେ।

ଏଫ୍‌ଏସ୍‌ଟିସିର ୧୧ ଆଡ୍‌ଭାନ୍ସ ଫୁଲ୍-ଫ୍ଲାଇଟ୍ ସିମୁଲେଟର ଏବଂ ୧୭ଟି ପ୍ରଶିକ୍ଷଣ ଏୟାରକ୍ରାଫ୍ଟ ରହିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏବଂ ୟୁରୋପୀୟ ୟୁନିୟନ୍ ଆଭିଏଶନ୍ ସେଫ୍ଟି ଏଜେନ୍ସି (ଇଏଏସ୍‌ଏ)ଠାରୁ ଉକ୍ତ କମ୍ପାନୀ ପ୍ରମାଣପତ୍ର ହାସଲ କରିଥିବାରୁ ଏହାର ପ୍ରଶିକ୍ଷଣ ମାନକ ବୈଶ୍ୱିକ ସ୍ୱୀକୃତି ବହନ କରେ। ଗୁରୁଗ୍ରାମ ଓ ହାଇଦ୍ରାବାଦରେ ଏଫ୍‌ଏସ୍‌ଟିସିର ଆଧୁନିକ ପାଇଲଟ୍ ତାଲିମ କେନ୍ଦ୍ର ରହିଛି। ଉଲ୍ଲେଖଯୋଗ୍ୟ, ଏଡିଏସ୍‌ଟିଏଲ୍ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍‌ର ଏକ ସବ୍‌ସିଡିଆରି ହୋଇଥିବାବେଳେ ଏରୋସ୍ପେଶ୍ ସର୍ଭିସେସ୍ ଆଦାନୀଠାରୁ ଅଲଗା ହୋଇ ସ୍ୱତନ୍ତ୍ର ବ୍ୟବସାୟ କରୁଥିବା ଏକ ସହାୟକ କମ୍ପାନୀ।

# ବେଲ୍‌ଜିୟମ୍ ସୁପ୍ରିମକୋର୍ଟରେ ଚୋକ୍‌ସିଙ୍କ ପ୍ରତ୍ୟର୍ପଣ ବିରୋଧୀ ଆବେଦନ ଖାରଜ

ନୂଆଦିଲ୍ଲୀ,୧୦।୧୨

ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି କରିଥିବା ଆବେଦନ ମଙ୍ଗଳବାର ବେଲ୍‌ଜିୟମ୍ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ଗତ ଅକ୍ଟୋବର ୧୭ରେ ଭାରତର ପ୍ରତ୍ୟର୍ପଣ ଆବେଦନକୁ ବେଲ୍‌ଜିୟମ୍‌ର ଅଣ୍ଟେୱ୍ର୍ପ୍ କୋର୍ଟ କାଏମ ରଖିଥିବାବେଳେ ଚୋକ୍‌ସି ଉକ୍ତ ରାୟକୁ ସେଠାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଫଳରେ ଚୋକ୍‌ସି ଭାରତ ପ୍ରତ୍ୟର୍ପିତ ହେବା ନେଇ ରହିଥିବା ଚୂଡ଼ାନ୍ତ ଆଇନଗତ ବାଧା ଦୂର ହୋଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧୩,୦୦୦ କୋଟି ଟଙ୍କା ଋଣ ଜାଲିଆତି ମାମଲାରେ ସମ୍ପୃକ୍ତ ଚୋକ୍‌ସି ଭାରତରୁ ପଳାଇଯାଇ ବେଲ୍‌ଜିୟମରେ ରହୁଛନ୍ତି। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ଦୁର୍ନୀତି ମାମଲାର ତଦନ୍ତ ଚଳାଇଛି।


ମେହୁଲ ଚୋକ୍‌ସି

# ‘ସାର୍କ’ର ବିକଳ୍ପ ଗଢୁଛି ପାକିସ୍ତାନ

- ଭାରତକୁ ବାଦ୍ ଦେଇ ନୂଆ ଦକ୍ଷିଣ ଏସୀୟ ବ୍ଲକ୍ ଗଠନ ପ୍ରସ୍ତାବ
- ଚାଇନା ଓ ବାଂଲାଦେଶକୁ ସାମିଲ ଉଦ୍ୟମ

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୧୦।୧୨




ଦକ୍ଷିଣ ଏସୀୟ ଭୂରାଜନୀତିରେ ଦୀର୍ଘ ସମୟ ଧରି ରହିଆସିଥିବା ଭାରତର ଆଧିପତ୍ୟକୁ ପାକିସ୍ତାନ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଛି। ପଡ଼ୋଶୀ ଦେଶ ନିଜ ସ୍ୱାର୍ଥ ହାସଲ ପାଇଁ ସମ୍ପୃକ୍ତ ଅଞ୍ଚଳର ରାଷ୍ଟ୍ରଗୁଡ଼ିକୁ ଭାରତ ବିରୋଧରେ ଉସୁକାଉଛି। ଏଥିରେ ଚାଇନା ଓ ବାଂଲାଦେଶ ସାମିଲ ହୋଇ ଭାରତ ବିରୋଧୀ କାର୍ଯ୍ୟସୂଚୀକୁ ସଫଳ କରିପାରନ୍ତି ବୋଲି ଜଣାପଡ଼ିଛି। ଏହି ୩ ଦେଶ ଅନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ସାର୍କ ଢାଞ୍ଚାରେ ଗଠନ ହେବାକୁ ଥିବା ନୂଆ ରାଷ୍ଟ୍ରଗୋଷ୍ଠୀରେ ମିଶିବାକୁ ପ୍ରସ୍ତାବ ଦେଇଛନ୍ତି। ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଅନେକ ବର୍ଷ ଧରି ନିଷ୍କ୍ରିୟ ରହିଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ଏହାର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି। ବିଭିନ୍ନ ଗଣମାଧ୍ୟମରେ ଏହି ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

୧୯୮୫ରେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ନେଇ ଢାକା ସମିଟ୍‌ରେ ଏକ ପ୍ରମୁଖ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯାଇଥିଲା। ଏଥିରେ ଭାରତ, ପାକିସ୍ତାନ, ବାଂଲାଦେଶ, ଭୁଟାନ, ମାଲଦ୍ୱୀପ, ନେପାଳ ଓ ଶ୍ରୀଲଙ୍କା ପ୍ରତିଷ୍ଠାତା ସଦସ୍ୟ ଥିବାବେଳେ ୨୦୦୭ରେ ଶ୍ରୀଲଙ୍କା ସାମିଲ ହୋଇଥିଲା। ଦକ୍ଷିଣ ଏସୀୟ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଓ ସାଂସ୍କୃତିକ ବିକାଶକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଥିଲା। ତମାମ ମହତ୍ତ୍ୱାକାଂକ୍ଷୀ ଯୋଜନା ଓ ପରିକଳ୍ପନା ସତ୍ତ୍ୱେ ସାର୍କର ଶେଷ ସମ୍ମିଳନୀ ୨୦୧୪ରେ ଅନୁଷ୍ଠିତ ହୋଇଥିଲା। ୨୦୧୬ରେ ଇସ୍‌ଲାମାବାଦରେ ଏହାର ପରବର୍ତ୍ତୀ ବୈଠକ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ ଉରି ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ପାକିସ୍ତାନକୁ ଦୋଷ ଦେବା ପରେ ପ୍ରସ୍ତାବିତ ସମ୍ମିଳନୀ ବାତିଲ ହୋଇଯାଇଥିଲା। ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦର୍ଶାଇ ନୂଆଦିଲ୍ଲୀ ସାର୍କକୁ ବର୍ଜନ କରିଥିଲା। ସେତେବେଳେ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଭାରତର ଆଭିମୁଖ୍ୟକୁ ସମର୍ଥନ ଜଣାଇଥିଲେ। ଭାରତ ଏହା ପରିବର୍ତ୍ତେ ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ୍ (ବିଆଇଏମ୍‌ଏସ୍‌ଟିଇସି) ରାଷ୍ଟ୍ରଗୋଷ୍ଠୀ ଉପରେ ଗୁରୁତ୍ୱ ଦେଉଛି। ଏହି ଆଞ୍ଚଳିକ ସହଯୋଗ ଗୋଷ୍ଠୀରେ ପାକିସ୍ତାନକୁ ରଖାଯାଇନାହିଁ। ପାକିସ୍ତାନର ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାର ଗତ ସପ୍ତାହରେ କହିଥିଲେ, ଇସ୍‌ଲାମାବାଦ ବାଂଲାଦେଶ ଓ ଚାଇନା ସହ ମିଶି ଏହାର ତ୍ରିପାକ୍ଷିକ ପଦକ୍ଷେପକୁ ବିସ୍ତାର ଆରମ୍ଭ କରିଛି। ସାର୍କକୁ ହଟାଇ ଏକ ନୂଆ ଦକ୍ଷିଣ ଏସୀୟ ସହଯୋଗ ସଙ୍ଗଠନ ଗଢ଼ିବା ଉପରେ ଜୋର୍ ଦିଆଯାଉଛି। ସାର୍କ ବାହାରେ ଏକ ବହୁପାକ୍ଷିକ ମଞ୍ଚ ଗଢ଼ାଗଲେ ଅନ୍ତର୍ଜାତୀୟ ବୈଧତା ମଧ୍ୟ ମିଳିବ। ଫଳରେ ମର୍ଯ୍ୟାଦା ଓ ସମ୍ମାନର ସହ ଶାନ୍ତି ବଜାୟ ରହିବ। ଇତିମଧ୍ୟରେ ବାଂଲାଦେଶ ଓ ଚାଇନା କୁନ୍‌ମିଙ୍ଗ୍‌ଠାରେ ଗତ ଜୁନ୍‌ରେ ଏନେଇ ଏକ ବୈଠକ କରିଥିଲେ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଭାରତ-ଚାଇନା ବିବାଦ ଲାଗିରହି ଥିବାବେଳେ ବାଂଲାଦେଶର ମହମ୍ମଦ ୟୁନୁସ୍ ସରକାର କ୍ଷମତାସୀନ ହେବା ପରଠୁ ଖୋଲାଖୋଲି ଭାରତ ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି।

ଗତ ମେ’ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ‘ଅପରେଶନ୍ ସିନ୍ଦୂର’ ଜରିଆରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଆତଙ୍କବାଦୀଙ୍କ ଭିତ୍ତିଭୂମି ଉପରେ ପ୍ରହାର କରାଯିବା ପରେ ୨ ଦେଶ ମଧ୍ୟରେ ୪ ଦିନ ଧରି ସାମରିକ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଡାର୍‌ଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ଅନ୍ୟପକ୍ଷେ ଭାରତର ଅର୍ଥନୈତିକ ସ୍ଥିତି ଓ ସଙ୍କଟ ମୁକାବିଲା ବିଶ୍ୱସନୀୟତାକୁ ଦେଖି ବିଶ୍ଳେଷକମାନେ କହିଛନ୍ତି, ନୂଆଦିଲ୍ଲୀକୁ ବାଦ୍‌ଦେଇ ଏକ ପୃଥକ୍ ରାଷ୍ଟ୍ରଗୋଷ୍ଠୀ ଗଠନ କରିବା ବିଶେଷ ଫଳପ୍ରଦ ହୋଇ ନ ପାରେ। ଏପରି କୌଣସି କ୍ଷେତ୍ରୀୟ ମଞ୍ଚ ଗଢ଼ାଗଲେ ଭାରତ ସହ ତାହାର ରାଜନୈତିକ ଉତ୍ତେଜନା ବଢ଼ିବ। ଭାରତ ଏକ ବୃହତ୍ ଅର୍ଥନୀତି ହୋଇଥିବାରୁ ଏହାକୁ ବାଦ୍ ଦେଇ ପାକିସ୍ତାନର ଏଭଳି ଯୋଜନା କାର୍ଯ୍ୟକ୍ଷମ ହେବ ନାହିଁ ବୋଲି ଅନେକ ବିଶ୍ଳେଷକ ମତ ଦେଇଛନ୍ତି।

# ଭାରତରେ ୧.୫ ଲକ୍ଷ କୋଟି ନିବେଶ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୧୦।୧୨

ଆମେରିକାର ବୃହତ୍ ସଫ୍ଟୱେର କମ୍ପାନୀ ମାଇକ୍ରୋସଫ୍ଟ ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାମର୍ଥ୍ୟ ବୃଦ୍ଧି ଲାଗି ୧୭.୫ ବିଲିୟନ ଡଲାର (୧.୫ ଲକ୍ଷ କୋଟି ଟଙ୍କା) ନିବେଶ କରିବ। ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ମଙ୍ଗଳବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଏସିଆ ମହାଦେଶରେ ମାଇକ୍ରୋସଫ୍ଟର ଏହା ସର୍ବାଧିକ ନିବେଶ। ଭାରତର ଏଆଇ-ପ୍ରଥମ ଭବିଷ୍ୟତ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମି, ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧିରେ ଏହା ସହାୟକ ହେବ ବୋଲି ନାଡେଲା କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମାଇକ୍ରୋସଫ୍ଟ ସିଇଓଙ୍କ ସହ ଅତ୍ୟନ୍ତ ଫଳପ୍ରଦ ଆଲୋଚନା ହୋଇଛି। ଭାରତରେ ଏସିଆର ସର୍ବବୃହତ୍ ନିବେଶ ମାଇକ୍ରୋସଫ୍ଟ କରିବାକୁ ଯାଉଥିବାରୁ ଅତ୍ୟନ୍ତ ଖୁସି। ଏଆଇ କଥା ଆସିଲେ ବିଶ୍ୱ ଭାରତ ସମ୍ପର୍କରେ ଆଶାବାଦୀ ହୋଇଥାଏ ବୋଲି ମୋଦି କହିଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ନାଡେଲାଙ୍କ ଲକ୍ଷ ହେଉଛି ମାଇକ୍ରୋସଫ୍ଟର ଉପସ୍ଥିତି ବଢ଼ାଇବା ସହ କ୍ଲାଉଡ୍ ଏବଂ ଏଆଇ ବଜାର ସମ୍ପ୍ରସାରଣ କରିବା।

# ସୋନିଆଙ୍କୁ କୋର୍ଟ ନୋଟିସ

**ନାଗରିକତ୍ୱ ଗ୍ରହଣ ପୂର୍ବରୁ ଭୋଟର ତାଲିକାରେ ନାଁ**

ନୂଆଦିଲ୍ଲୀ,୧୦।୧୨

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ୧୯୮୩ରେ ଭାରତୀୟ ନାଗରିକତ୍ୱ ଗ୍ରହଣ କରିବା ପୂର୍ବରୁ ୧୯୮୦-୮୧ ଭୋଟର ତାଲିକାରେ ତାଙ୍କ ନାଁ ରହିଥିଲା। ଏଥିପାଇଁ ତାଙ୍କ ବିରୋଧରେ ଠକେଇ ଓ ଜାଲିଆତି ନେଇ ଆପରାଧିକ ମାମଲା ରୁଜୁ କରାଯିବାକୁ ପିଟିଶନ ଦାଏର ହୋଇଥିଲା। ଦିଲ୍ଲୀର ସ୍ୱତନ୍ତ୍ର ବିଚାରପତି ବିଶଲ ଗୋଗ୍‌ନେଙ୍କ ଅଦାଲତ ମଙ୍ଗଳବାର ଏନେଇ ସୋନିଆଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଦିଲ୍ଲୀ ପୋଲିସକୁ ମଧ୍ୟ ଏହା ଉପରେ ଜବାବ ମଗାଯାଇଛି। ସୋନିଆଙ୍କ ବିରୋଧରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେବାକୁ ମାଜିଷ୍ଟ୍ରେଟ୍ କୋର୍ଟ ମନା କରିବା ପରେ ବିକାଶ ତ୍ରିପାଠୀ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଅନ୍ୟପକ୍ଷେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ଅଭିଯୋଗକୁ ‘ମିଛ’ ଦର୍ଶାଇ ଖଣ୍ଡନ କରିବା ସହ କହିଛନ୍ତି, ସୋନିଆ ଭାରତର ନାଗରିକତ୍ୱ ହାସଲ କରିବା ପରେ ଯାଇ ଭୋଟ ଦେଇଥିଲେ।


ସୋନିଆ ଗାନ୍ଧୀ

# ତାମସିକ ଖାଦ୍ୟ ବାରଣରୁ ବିବାହ ବିଚ୍ଛେଦ

**ସ୍ତ୍ରୀ ପିଆଜ, ରସୁଣ ନ ଖାଇବାରୁ ତୁଟିଲା ୨୨ ବର୍ଷର ସମ୍ପର୍କ**

ଅହମଦାବାଦ,୧୦।୧୨

ବିବାହର ୨୨ ବର୍ଷ ପରେ ଗୁଜରାଟର ଏକ ଦମ୍ପତି ସମ୍ପର୍କ ତୁଟାଇ ପରସ୍ପରଠାରୁ ଅଲଗା ହୋଇଛନ୍ତି। ଏହାର କାରଣ ଅନେକଙ୍କୁ ବିସ୍ମିତ କରିଛି। ମହିଳା ଜଣକ ସ୍ୱାମୀନାରାୟଣ ଦୀକ୍ଷା ନେଇଥିବାରୁ ପିଆଜ, ରସୁଣ ଖାଇବାକୁ ମନା କରିଦେଇଥିଲେ। ଏହି ବିବାଦ ଏପରି ଘନେଇଲା ଯେ, ମାମଲା ଅଦାଲତକୁ ଯାଇଥିଲା। ଗୁଜରାଟ ହାଇକୋର୍ଟ ଫାମିଲି କୋର୍ଟ ରାୟକୁ ବଳବତ୍ତର ରଖି ବିଚ୍ଛେଦ ଅନୁମତି ଦେଇଛନ୍ତି।

ସ୍ୱାମୀନାରାୟଣ ସମ୍ପ୍ରଦାୟର ଅନ୍ୟମାନଙ୍କ ଭଳି ଏହି ମହିଳା ପିଆଜ ଓ ରସୁଣ ଖାଆନ୍ତି ନାହିଁ। ଉକ୍ତ ଦମ୍ପତି ୨୦୦୨ରେ ବିବାହ କରିଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ସାଧାରଣ ବ୍ୟଞ୍ଜନ ଖାଉଥିବାବେଳେ ସ୍ୱାମୀଙ୍କ ମା’ ସମ୍ପୃକ୍ତ ମହିଳାଙ୍କ ପାଇଁ ବିନା ପିଆଜ ରସୁଣରେ ଭିନ୍ନ ପ୍ରକାରେ ରୋଷେଇ କରନ୍ତି। ଏହାକୁ ନେଇ ପରିବାରରେ ବିବାଦ ଆରମ୍ଭ ହୋଇଥିଲା। ମହିଳା ଜଣକ ନିଜ ପିଲାଙ୍କୁ ଧରି ୨୦୦୭ରେ ଶାଶୁ ଘର ଛାଡ଼ି ମା’ ଘରକୁ ଚାଲିଯାଇଥିଲେ। ଫଳରେ ସ୍ୱାମୀ ୨୦୧୩ରେ ଅହମଦାବାଦ ଫାମିଲି କୋର୍ଟକୁ ଯାଇ ଛାଡ଼ପତ୍ର ପାଇଁ ଅନୁମତି ମାଗିଥିଲେ। ୨୦୨୪ ମେ’ରେ ପରିବାର ଅଦାଲତ ବିବାହ ଭଙ୍ଗ ପାଇଁ ଅନୁମତି ଦେଇଥିବାବେଳେ ସ୍ତ୍ରୀ ଏଥିରେ ସହମତି ପ୍ରକାଶ କରିବା ସହ ଉପର କୋର୍ଟରେ ଅପିଲ କରି ନ ଥିଲେ। ତେବେ ମହିଳାଙ୍କୁ ଭରଣପୋଷଣ ଖର୍ଚ୍ଚ ଦେବା ପାଇଁ ଫାମିଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସ୍ୱାମୀ ୧୮ ମାସ ହେଲା ଭରଣପୋଷଣ ଦେଇ ନ ଥିବାରୁ ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ କେବଳ ୨.୭୨ ଲକ୍ଷ ଟଙ୍କା ଅନ୍ତରୀଣ ଖର୍ଚ୍ଚ ପାଇଥିବାବେଳେ ଅବଶିଷ୍ଟ ୧୩.୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ମହିଳାଙ୍କ ଓକିଲ ହାଇକୋର୍ଟରେ ଯୁକ୍ତି ବାଢ଼ିଛନ୍ତି।

## ଫୁର୍‌ସତ୍

# ପରସ୍ପରକୁ କାମୁଡ଼ି ଜଣାନ୍ତି ପ୍ରେମ ଭାବ

ବେଜିଂ

ସାରା ବିଶ୍ୱରେ ପ୍ରେମ ପ୍ରକାଶର ଉପାୟ ପ୍ରାୟତଃ ଭିନ୍ନ। କିଏ ଫୁଲ ଦେଇ ପ୍ରପୋଜ୍ କରନ୍ତି ତ ଆଉ କିଏ ପ୍ରେମପତ୍ର ଦିଅନ୍ତି। ଆଉ କେହି କେହି ସଙ୍ଗୀତ ମାଧ୍ୟମରେ ନିଜର ଭାବନା ପ୍ରକାଶ କରନ୍ତି। ଚାଇନାର କିଛି ଜନଜାତି ମଧ୍ୟରେ ଏକ ଅନନ୍ୟ ପ୍ରଥା ଶତାବ୍ଦୀ ଧରି ପ୍ରଚଳିତ, ଯାହାକୁ ଆଜିର ସମୟରେ ଅଜବ ଏବଂ ଅସାଧାରଣ ବୋଲି ବିବେଚନା କରାଯାଇପାରେ। ଏହି ପ୍ରଥା ପ୍ରେମ ସମ୍ପର୍କ ସହ ଜଡ଼ିତ। ଏଠାରେ ପ୍ରେମ ପ୍ରକାଶ କରିବା ପାଇଁ ଯୁବତୀଯୁବକ ପରସ୍ପରକୁ କାମୁଡ଼ି ଥାଆନ୍ତି।

ଏହି ପରମ୍ପରା ‘ୟାଓ ସୋ ଡିଂ କିଙ୍ଗ୍’ ନାମରେ ଜଣାଶୁଣା, ଯାହାର ଅର୍ଥ ‘ହାତ କାମୁଡ଼ି ପ୍ରେମକୁ ମୁଦ୍ରିତ କର’। ଏହା ଚାଇନାର ହାଇନାନ ପ୍ରଦେଶରେ ରହୁଥିବା ମିଆଓ ସମ୍ପ୍ରଦାୟର ଏକ ପାରମ୍ପରିକ ପ୍ରଥା। ୨୦୧୭ ମସିହାରେ ଏହି ପରମ୍ପରାକୁ ଆନୁଷ୍ଠାନିକ ଭାବେ ଏକ ପ୍ରାଦେଶିକ ସ୍ତରୀୟ ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ଭାବରେ ନାମିତ କରାଯାଇଥିଲା। ଏହି ଅନନ୍ୟ ପ୍ରଥା ସାଧାରଣତଃ ସୁପାରି(ବିଟଲ ପାମ୍) ବୃକ୍ଷ ତଳେ କରାଯାଏ। ମିଆଓ ସଂସ୍କୃତିରେ ସୁପାରି ବୃକ୍ଷକୁ ଅନନ୍ତ ପ୍ରେମ ଏବଂ ସ୍ଥାୟିତ୍ୱର ପ୍ରତୀକ ଭାବରେ ବିବେଚନା କରାଯାଏ। ପ୍ରତିବର୍ଷ ତୃତୀୟ ମାସର ତୃତୀୟ ଦିନରେ ପଡୁଥିବା ଏହି ବିଶେଷ ପର୍ବରେ ଯୁବତୀଯୁବକମାନେ ଉକ୍ତ ଗଛଗୁଡ଼ିକର ଛାଇ ତଳେ କିମ୍ବା ଘାସ ପାହାଡ଼ ଉପରେ ଏକାଠି ହୁଅନ୍ତି। ସେମାନେ ଲୋକଗୀତ ମାଧ୍ୟମରେ ପରସ୍ପର ସହ ଯୋଗାଯୋଗ କରନ୍ତି; ଯାହା ପ୍ରେମ, ଭାବନା ଏବଂ ଜୀବନସାଥୀ ପାଇବାର ଆଶାକୁ ପ୍ରକାଶକରେ। ଯେତେବେଳେ ଜଣେ ଯୁବକ ଜଣେ ଯୁବତୀଙ୍କ ପ୍ରତି ଆକର୍ଷିତ ହୁଅନ୍ତି, ସେ ରାତିରେ ନାକ ବଂଶୀ କିମ୍ବା ପତ୍ରରୁ ତିଆରି ସିଟି ପରି ବାଦ୍ୟଯନ୍ତ୍ର ବଜାଇ ନିଜର ଭାବନା ପ୍ରକାଶ କରନ୍ତି। ଯୁବତୀ ଜଣକ ଏହି ସୁମଧୁର ଶବ୍ଦରେ ଲୁଚି ରହିଥିବା ପ୍ରେମକୁ ଅନୁଭବ କରିବା ସହ ପ୍ରତିକ୍ରିୟା ମଧ୍ୟ ଜଣାନ୍ତି। କିନ୍ତୁ ଶବ୍ଦ ନୁହେଁ, କାମୁଡ଼ି ଦେଇ ନିଜ ମନୋଭାବ ପ୍ରକାଶ କରିଥାନ୍ତି।



# ରାଗିଗଲେ ତାନ୍ୟା

ମୁମ୍ବାଇ

ଶେଷ ହୋଇଛି ‘ବିଗ୍ ବସ୍ ୧୯’। ଏହି ଶୋ’ରେ ସବୁଠୁ ଚର୍ଚ୍ଚାରେ ଥିବା ଆଧ୍ୟାତ୍ମିକ କଣ୍ଟେଣ୍ଟ କ୍ରିଏଟର ତାନ୍ୟା ମିତ୍ତଲଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ‘ବିଗ୍ ବସ୍ ୧୯’ ଘରୁ ବାହାରିବା ପରେ ତାନ୍ୟା ରାଗିଯାଇଛନ୍ତି। ସେ କହିଛନ୍ତି, ଶୋ’ ଛାଡ଼ିବା ପରଠାରୁ କୌଣସି ଘରର ସଦସ୍ୟଙ୍କ ସହ କଥା ହୋଇନାହାନ୍ତି। ଘରର ପ୍ରାୟ ପ୍ରତ୍ୟେକ ସଦସ୍ୟ କୌଣସି ନା କୌଣସି ସମୟରେ ତାଙ୍କ ଉପରେ ଚିତ୍କାର କରିଥିଲେ। ଏହା ତାଙ୍କୁ ସବୁଠୁ ଅଧିକ ପ୍ରଭାବିତ କରିଥିଲା। ଘରର ସ୍ମୃତି ମୋ ଉପରେ ଭାରି ପଡ଼ିଛି। ଏପରି ଜଣେ ବି ବ୍ୟକ୍ତି ନାହାନ୍ତି ଯିଏ ମୋ ଉପରେ ରାଗିନାହାନ୍ତି। କିନ୍ତୁ ମୁଁ ସେମାନଙ୍କୁ କହିଥିଲି, ମୋତେ ଏସବୁ ଫରକ ପଡ଼େ ନାହିଁ। ମୁଁ ଧୀରେ ଧୀରେ ମୋର ତୁଣ୍ଡକୁ ସ୍ୱାଭାବିକ କରୁଛି କାରଣ ମୋତେ ଗ୍ୱାଲିୟର ଯିବାକୁ ପଡିବ। ସେଠାକାର ଲୋକମାନେ ଏତେ ପାଟି କରନ୍ତି ନାହିଁ, ସେମାନେ ବହୁତ ଭଲରେ କଥା ହୁଅନ୍ତି। ବର୍ତ୍ତମାନ ମୁଁ କାହା ସହ କଥା ହେବାକୁ ଚାହୁଁନାହିଁ। ଏହି ସମୟରେ ତାନ୍ୟା ଫଟୋଗ୍ରାଫର ଏବଂ ସିକ୍ୟୁରିଟିଙ୍କ ଉପରେ ମଧ୍ୟ ପ୍ରବଳ ରାଗିଯାଇଥିଲେ। ଏଥର ଅନୁପମା ଫେମ ଗୌରବ ଖାନ୍ନା ‘ବିଗ୍ ବସ୍ ୧୯’ ଟ୍ରଫି ଜିତିଥିଲେ। ତାଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର ମିଳିଥିଲା। ଅଭିନେତ୍ରୀ ଫରାହ୍ନା ଭଟ୍ଟ ପ୍ରଥମ ରନର ଅପ୍ ଏବଂ ହାସ୍ୟାଭିନେତା ପ୍ରଣୀତ ମୋରେ ଦ୍ୱିତୀୟ ରନର ଅପ୍ ହୋଇଥିଲେ।


ତାନ୍ୟା ମିତ୍ତଲ




# ୧୨ରେ ୪୮ବର୍ଗ କଲେଜ ସମନ୍ୱୟ ସମିତିର ଆନ୍ଦୋଳନ

ଭୁବନେଶ୍ୱର,୧୦।୧୨
(ସୁଚିସ୍ମିତା ସାହୁ)

ପୁରୁଣା ପେନ୍‌ସନ, ପ୍ରମୋଶନ ଏବଂ ଚାକିରି ସର୍ତ୍ତାବଳୀ ଆଦି ଦାବି ପୂରଣ ପାଇଁ ୪୮ବର୍ଗ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ଏହି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟିଗୋଚର କରିବା ପାଇଁ ୪୮ବର୍ଗ କଲେଜ ସମନ୍ୱୟ ସମିତି ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ସ୍ଥିର କରିଛି। ସମନ୍ୱୟ ସମିତିର ଏକ ଆଭାସୀ ବୈଠକରେ ଦୁଇଶହରୁ ଅଧିକ ଅଧ୍ୟାପକ - କର୍ମଚାରୀ ମିଳିତ ହୋଇ ଆସନ୍ତା ୧୨ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏକ ବିଶାଳ ସମାବେଶ କରିବାକୁ ନିଷ୍ପତ୍ତି ନେଇଥିବା ସଂଘର ସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଦାବି ପୂରଣ ସମ୍ପର୍କରେ ପଦକ୍ଷେପ ନିଆଯିବାକୁ ପୂର୍ବରୁ ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଃଖର କଥା, ଚଳିତ ବିଧାନସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ଆଗାମୀ ୬ମାସ ମଧ୍ୟରେ ଦାବି ପୂରଣ ପାଇଁ ସରକାର ଯେଉଁ ବିବୃତି ରଖିଛନ୍ତି, ତାହା ଅଧ୍ୟାପକ - କର୍ମଚାରୀଙ୍କ ଭବିଷ୍ୟତକୁ ଅନିଶ୍ଚିତ କରାଇଦେଇଛି। ତେଣୁ ଏ ନେଇ ସଂଘ ପକ୍ଷରୁ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି।




# ୨୩ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୧୦।୧୨
(ରବିନାରାୟଣ ଜେନା)

ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ୨୩ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କ ବଦଳି କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ମୋ-ସ୍କୁଲ ଅଭିଯାନର ଓଏସ୍‌ଡି କାବେରୀ ମୁଦୁଲିଙ୍କୁ ଯାଜପୁର ଜିଲା ବିଞ୍ଝାରପୁର ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ କେନ୍ଦ୍ରାପଡ଼ା ଡିଏସ୍‌ଆର ସମୀର ବେହେରାଙ୍କୁ ପଞ୍ଚାୟତିରାଜ ବିଭାଗକୁ ବଦଳି କରାଯାଇଛି। ସେହିପରି ବିଦ୍ୟାରଶ୍ମୀ ସାହୁଙ୍କୁ କେନ୍ଦ୍ରାପଡ଼ା ଡିଏସ୍‌ଆର୍ ଭାବେ ବଦଳି କରାଯାଇଥିବାବେଳେ ଜ୍ୟୋତ୍ସ୍ନାରାଣୀ ପାତ୍ର ଓ ଅନ୍ୟ ୧୯ ଜଣ ଅଧିକାରୀଙ୍କୁ ତହସିଲଦାର, ଡେପୁଟି କଲେକ୍ଟର ଭାବେ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

# ଫେରାର ମାରିବା ବେଳେ ଦୁର୍ଘଟଣା, ୨ ଅଭିଯୁକ୍ତ ଅଟକ

## ଲୁଟ୍ ଯୋଜନା କରୁଥିଲେ

ବଲାଙ୍ଗୀର,୧୦।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ଟାଉନ ଥାନା ପୋଲିସ ଟିମ୍ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ସ୍ଥାନୀୟ ରେଳୱେ ଷ୍ଟେଶନ ନିକଟ ସାଲେପାଲି ଛକ ପାଖରେ ଏକ କାରରେ ଆସି କେତେଜଣ ଯୁବକ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଲୁଟ୍‌ପାଟ ଉଦ୍ୟମ କରୁଥିଲେ। ପୋଲିସର ପାଟ୍ରୋଲିଂ ଗାଡି ସେଇ ବାଟଦେଇ ଯିବାବେଳେ ଲୁଟ୍‌ପାଟ କରୁଥିବା ଅଭିଯୁକ୍ତମାନେ କାରରେ ଫେରାର ମାରିଥିଲେ। ପୋଲିସ ଟିମ୍ ସେମାନଙ୍କୁ ପିଛା କଲାବେଳେ କାରଟି ରାସ୍ତାକଡ ଏକ ଗଛରେ ପିଟି ହୋଇଯାଇଥିଲା। ଏତିକିବେଳେ କାର ଭିତରେ ଥିବା ଯୁବକମାନେ ଫେରାର ମାରିବାକୁ ଉଦ୍ୟମ କରିଥିଲେ। ସେଥିରୁ ୨ ଜଣଙ୍କୁ ପୋଲିସ ଧରିଥିଲା। ଅନ୍ୟମାନେ ଫେରାର ହୋଇଯାଇଥିଲେ। କାବୁ କରିଥିବା ଦୁଇ ଯୁବକଙ୍କୁ ପଚରାଉଚରା କରିବାରୁ ସେମାନେ ଲୁଟ୍‌ପାଟ ଯୋଜନା କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ସେଇ ଦୁଇ ଯୁବକଙ୍କୁ ପୋଲିସ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର (ଓଡି୦୩ୟୁ ୬୨୦୯)କୁ ଜବତ କରିଥିବା ଜଣାପଡ଼ିଛି।

# ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା: ତହସିଲଦାରଙ୍କ ସରକାରୀ ଗାଡ଼ି ଜବତ

## ଅଦାଲତରେ ହାଜିର ହୋଇ ଜମିହରା ପ୍ରଜାଙ୍କୁ ସୁଧ ଅର୍ଥ ପ୍ରଦାନ କଲେ

ଢେଙ୍କାନାଳ,୧୦।୧୨
(ରତନ ନାୟାର)

ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ପ୍ରଦାନ ନିମନ୍ତେ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ଢେଙ୍କାନାଳ ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା ଅଡୁଆରେ ପଡ଼ିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ତହସିଲଦାର ବେହେରା ବ୍ୟବହାର କରୁଥିବା ସରକାରୀ ଗାଡ଼ିକୁ ଜବତ କରାଯାଇଛି। ଏଥିସହ ତହସିଲଦାରଙ୍କ ପ୍ରକୋଷ୍ଠରେ ଥିବା ଚୌକି, ଟେବୁଲ ଓ କମ୍ପ୍ୟୁଟରକୁ ସିଲ୍ କରିବାକୁ ଯିବାବେଳେ ତହସିଲଦାର ସମୟ ମାଗିଥିଲେ। ପରେ ତହସିଲଦାର ଅଦାଲତରେ ହାଜର ହୋଇ ଜଣେ ଜମିହରା ପ୍ରଜାଙ୍କ କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବରୁ ସୁଧ ବାବଦ ଅର୍ଥ ୧୨ଲକ୍ଷ ୧ହଜାର ୯୦୮ ଟଙ୍କାକୁ ଚେକ୍ ମାଧ୍ୟମରେ ପ୍ରଦାନ କରିବା ପରେ ତାଙ୍କୁ ଆଶ୍ୱସ୍ତି ମିଳିଥିଲା। ପରେ ଜବତ ହୋଇଥିବା ସରକାରୀ ଗାଡିକୁ ମୁକୁଳାଇ ଦିଆଯାଇଥିଲା।


କାର୍ଯ୍ୟାଳୟରେ ଉପସ୍ଥିତ ତହସିଲଦାର।


କୋର୍ଟ କର୍ମଚାରୀମାନେ ଢେଙ୍କାନାଳ ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ଗାଡିକୁ ସିଲ କରୁଛନ୍ତି।

ଘଟଣାରୁ ଜଣାପଡ଼ିଛି ଯେ, ଢେଙ୍କାନାଳ ସହର ବାଜିଚୌକ ନିକଟସ୍ଥ ସିମିଳିଆ ଫ୍ଲାଇଓଭର ବ୍ରିଜ ପାଇଁ ୨୦୧୨ରେ ଜମି ଅଧିଗ୍ରହଣ ହୋଇଥିଲା। ଉକ୍ତ ଅଞ୍ଚଳରେ ସ୍ୱର୍ଗତ ସତ୍ୟବାଦୀ ବେହେରାଙ୍କ ଖାତା ନଂ. ୩୧୩୨, ପ୍ଲଟ ନଂ.୧୯୪୧ରେ ୧୨ ଡେସିମିଲ ଜାଗା ଜମି ଅଧିଗ୍ରହଣ ହୋଇଥିଲା। ଜମି ଅଧିଗ୍ରହଣ ବାବଦକୁ ସତ୍ୟବାଦୀ ବେହେରାଙ୍କ ପରିବାର ୭ଲକ୍ଷ ୫୧ହଜାର ୩୧୬ଟଙ୍କା କ୍ଷତିପୂରଣ ପାଇବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ପରିବାରର ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଆପୋଷ ସମାଧାନ ନ ହେବାରୁ ଏ ସଂକ୍ରାନ୍ତରେ ଢେଙ୍କାନାଳ ସିନିୟର ସିଭିଲ ଜଜ୍‌ଙ୍କ ଅଦାଲତରେ ଏଲ୍‌ଏ କେସ୍ ନଂ. ୧୨୩/୨୦୧୩ରେ ଏକ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ସତ୍ୟବାଦୀଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ସଦସ୍ୟ ବହୁବାର ଦୌଡ଼ିବା ପରେ ୧୫।୨।୨୦୨୪ରେ ସେମାନଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ୭୪ ହଜାର ୬୨୪ ଟଙ୍କା ମିଳିଥିଲା। ହେଲେ କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁ ୬୦ହଜାର ୯୧୬ ଟଙ୍କା ସୁଧ ଜମିହରା ପ୍ରଜାଙ୍କୁ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ସୁଧ ପ୍ରଦାନରେ ମଧ୍ୟ ଅହେତୁକ ବିଳମ୍ବ ଯୋଗୁ ମୋଟ ସୁଧ ବାବଦକୁ ୧୨ଲକ୍ଷ ୧୫ହଜାର ୭୦୮ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ତହସିଲଦାର ଏହା ପ୍ରଦାନ ନ କରିବାରୁ ତାଙ୍କ ନାମରେ ୧୫/୨୦୨୫ରେ ଏକ ମାମଲା ରୁଜୁ ହୋଇ ଅଦାଲତରେ ହାଜର ହେବା ପାଇଁ ନୋଟିସ ଜାରି ହୋଇଥିଲା। ତହସିଲ୍‌ଦାର ହାଜର ହେବା ସତ୍ତ୍ୱେ ନିର୍ଦ୍ଦେଶ ମୁତାବକ ସୁଧ ଅର୍ଥ ପ୍ରଦାନ କରି ନ ଥିଲେ। ଅଦାଲତ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ତାଙ୍କର ସମ୍ପତ୍ତି ବାବଦରେ ସରକାରୀ କାର୍ଯ୍ୟରେ ବ୍ୟବହାର କରୁଥିବା ଓଡି୦୬-ଏଲ୍-୨୨୧୧ ବୋଲେରୋ ଗାଡ଼ି, ତାଙ୍କ ସରକାରୀ କାର୍ଯ୍ୟାଳୟର ପ୍ରକୋଷ୍ଠରେ ଥିବା ଚୌକି, ଟେବୁଲ ଓ କମ୍ପ୍ୟୁଟରକୁ ଜବତ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ କର୍ମଚାରୀମାନେ ଢେଙ୍କାନାଳ ସଦର କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ଗାଡ଼ିକୁ ସିଲ୍ କରିଥିଲେ। ଏହାପରେ ତହସିଲଦାର ଅଦାଲତରେ ହାଜର ହୋଇ ସୁଧଅର୍ଥ ପ୍ରଦାନ ବାବଦକୁ ଚେକ୍‌ରେ ୧୨ଲକ୍ଷ ୧ହଜାର ୯୦୮ଟଙ୍କା ପ୍ରଦାନ କରିବା ପରେ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ସିଲ୍ ହୋଇଥିବା ଗାଡ଼ି ମୁକୁଳିଥିଲା। ବକେୟା ଅର୍ଥ ପ୍ରଦାନ ଓ ଏସଂକ୍ରାନ୍ତରେ ଶୁଣାଣି ନିମନ୍ତେ ୧୨ତାରିଖରେ ଅଦାଲତଙ୍କ ପକ୍ଷରୁ ତାରିଖ ଧାର୍ଯ୍ୟ ହୋଇଛି। ଅଭିଯୋଗକାରୀମାନଙ୍କ ପକ୍ଷରୁ ଆଇନଜୀବୀ ବନବିହାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ। ଏ ସଂକ୍ରାନ୍ତରେ ସତ୍ୟବାଦୀଙ୍କ ପୁଅ ପ୍ରମୋଦ କହିଛନ୍ତି, ବହୁ ବିଳମ୍ବରେ ହେଲେ ମାଧ ଆମ ହକ୍ ଆମକୁ ମିଳିଛି। ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା କହିଛନ୍ତି, ଜମି ଅଧିଗ୍ରହଣରେ କ୍ଷତିପୂରଣ ବାବଦକୁ ଅର୍ଥ ଅଭିଯୋଗକାରୀ ପାଇ ସାରିଥିଲେ। ଆଉକିଛି ଟଙ୍କା ବାକିଥିଲା। ଏହା ପ୍ରଦାନରେ ବିଳମ୍ବ ହୋଇଥିଲା, ଯାହାକିଛି ସରକାରୀ ପ୍ରୋସେସରେ ବିଳମ୍ବ ହୋଇଛି। କାହାକୁ ଦୋଷାରୋପ କରିବାକୁ ଚାହୁଁନାହିଁ। ଅପରାହ୍ଣରେ ସୁଧ ପ୍ରଦାନ ବାବଦକୁ ନିର୍ଦ୍ଦେଶ ଅନୁଯାୟୀ ୧୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର କୁହନ୍ତି।

# ଚନ୍ଦାହାଣ୍ଡି ଧରିତ୍ରୀ ଖବରଦାତା ଦିଲୀପ ଦାସଙ୍କ ପରଲୋକ

ନବରଙ୍ଗପୁର,୧୦।୧୨
(ସଦାଶିବ ପ୍ରହରାଜ)


ଦିଲୀପ ଦାସ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଧରିତ୍ରୀ ଖବରଦାତା ଦିଲୀପ ଦାସ (୫୪)ଙ୍କ ବୁଧବାର ସକାଳ ୯ଟାରେ ପରଲୋକ ଘଟିଛି। ସେ ୨୦୦୯ରୁ ଧରିତ୍ରୀ ଖବରଦାତାଭାବେ କାର୍ଯ୍ୟରତ ଥିଲେ। କିଛିଦିନ ହେବ କିଡ୍‌ନୀ ରୋଗରେ ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସୋମବାର ଚନ୍ଦାହାଣ୍ଡିସ୍ଥିତ ନିଜ ଘରକୁ ଫେରିଥିଲେ। ତେବେ ବୁଧବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ବେଳକୁ ଦିଲୀପଙ୍କ ସ୍ତ୍ରୀ ଇନ୍ଦୁରେଖା, ଝିଅ ବର୍ଷା, ପୁଅ ଲିପୁନ, ପୁତୁରା ହିମାଂଶୁ, ଦୀପକ ପାଖରେ ଥିଲେ। ଦିଲୀପଙ୍କ ମୃତ୍ୟୁଖବର ପାଇ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ କ୍ଷେମାରାଜ୍ ବାଗ, ଏମ୍‌ଡି ହୁସେନ, ସମିତି ସଭ୍ୟ ସନ୍ତୋଷ ପଟ୍ଟନାୟକ, ଭାଜପା ନେତା ଆକୁଲ ଜାଲି, ଛତିଶଗଡ଼ ଗରିଆବନ୍ଧ ଜିଲା ପରିଷଦ ଅଧ୍ୟକ୍ଷ ଗୌରୀଶଙ୍କର କଶ୍ୟପ, ରାୟଗଡ଼ା ସଂସ୍କରଣ ମ୍ୟାନେଜର ବିକାଶ କୁମାର ପଲାଇ, ପ୍ରସାରଣ ବିଭାଗର ବିଶ୍ୱଜିତ୍ ପାଲଟାସିଂ, ଜିଲା ପ୍ରତିନିଧି ସଦାଶିବ ପ୍ରହରାଜ, ଝରିଗାଁ ପ୍ରତିନିଧି କିଶୋର ଚନ୍ଦ୍ର ମଣ୍ଡଳ, ଉମରକୋଟ ପ୍ରତିନିଧି ସନ୍ତୋଷ ଶତପଥୀ, ରାଇଘର ପ୍ରତିନିଧି କିରଣ ପଟ୍ଟନାୟକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ମଶାଣିରେ ଅନ୍ତିମ ସତ୍କାର କରାଯାଇଥିଲା। ପୁଅ ଲିପୁନ୍ ମୁଖାଗ୍ନି ଦେଇଥିଲେ।

# 'ଅପପ୍ରଚାରକୁ ପ୍ରତିହତ କର'

## ୮ ଘଣ୍ଟା ଚାଲିଲା ଭାଜପାର ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା

### ଯୋଗଦେଲେ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ରାଜ୍ୟ ସଭାପତି

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଭାଜପା ପକ୍ଷରୁ ବୁଧବାର ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହୋଇଥିବା କର୍ମଶାଳାରେ ମୋଟ୍ ୩ଟି ସେସନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବାସହ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏହା ଶେଷ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ(ସଙ୍ଗଠନ) ବି.ଏଲ୍.ସନ୍ତୋଷ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଭାଜପାର ଆଗାମୀ ଦିନର ରୋଡ୍ ମ୍ୟାପ୍ ପ୍ରସ୍ତୁତ ନେଇ ସବିଶେଷ ଆଲୋଚନା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି କର୍ମଶାଳାରେ ମୁଖ୍ୟତଃ ନେତାମାନଙ୍କ ବ୍ୟକ୍ତିଗତ ଜୀବନ ତଥା ଲୋକଙ୍କ ପ୍ରତି ବ୍ୟବହାର ନେଇ ଆଲୋଚନା କରାଯାଇଛି। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରା ଅନୁଯାୟୀ ଦଳର କାର୍ଯ୍ୟ କିପରି ହେବା ଆବଶ୍ୟକ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା କିପରି ତୃଣମୂଳସ୍ତରରେ ପହଞ୍ଚିବ ତା' ଉପରେ ମଧ୍ୟ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଦଳ କିମ୍ବା ସରକାରକୁ ନେଇ ଯଦି ଅପପ୍ରଚାର ହୁଏ ତାକୁ କିଭଳି ପ୍ରତିହତ କରାଯିବ ସେନେଇ କର୍ମଶାଳାରେ ବୁଝାଯାଇଛି ବୋଲି ଜଣେ ନେତା ନିଜ ନାମ ଗୋପନ ରଖି କହିଛନ୍ତି।


ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ଦିଆଯାଇଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ଦଳର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଙ୍ଗଠନ ସହ ସମନ୍ୱୟ କରି ଦେଶ ଏବଂ ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ସମୟରେ ଭାଜପା ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥାଏ। କର୍ମଶାଳା ମାଧ୍ୟମରେ ଭାଜପା ତା'ର ସଙ୍ଗଠନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ କରାଇବା ପାଇଁ ପ୍ରୟାସ ଜାରି ରଖିଛି। ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତ୍ତାଙ୍କ ସହଯୋଗ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହାସହ ସଙ୍ଗଠନକୁ ଅଧିକ ମଜଭୁତ କରିବା ଉପରେ କର୍ମଶାଳାରେ ଆଲୋଚନା କରାଯାଇଛି। କର୍ମଶାଳାରେ ସମସ୍ତ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲା ପ୍ରଭାରୀ, ଜିଲା ସଭାପତିମାନେ ଯୋଗଦେଇଥିଲେ।

# ହିମବାହର ଆବଶ୍ୟକତାକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ପର୍ବତ ଦିବସ



ପ୍ରତିବର୍ଷ ଡିସେମ୍ବର ୧୧ରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ପର୍ବତ ଦିବସ'। ପର୍ବତର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି, ପର୍ବତ ବିକାଶରେ ସୁଯୋଗ ଓ ପ୍ରତିବନ୍ଧକକୁ ଉଜାଗର କରିବା ଏବଂ ବିଶ୍ୱର ପର୍ବତ ଓ ଉଚ୍ଚଭୂମିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସହଭାଗିତା ଗଠନ ଏହି ଦିବସ ପାଳନର ଲକ୍ଷ୍ୟ। ପର୍ବତଗୁଡ଼ିକ ବିଶ୍ୱର ୧୫% ଜନସଂଖ୍ୟାର ବାସସ୍ଥାନ ଏବଂ ବିଶ୍ୱର ପ୍ରାୟ ଅଧା ଜୈବ ବିବିଧତାର ଆକର୍ଷଣୀୟ ସ୍ଥାନଗୁଡ଼ିକୁ ଆଶ୍ରୟ ଦିଅନ୍ତି। ଜଳବାୟୁ ପରିବର୍ତ୍ତନ ଏବଂ ଅତ୍ୟଧିକ ଶୋଷଣ ଯୋଗୁ ପର୍ବତଗୁଡ଼ିକ ମଧ୍ୟ ବିପଦରେ ପଡ଼ିଛନ୍ତି। ଜଳବାୟୁ ଉଷ୍ମ ହେବା ଯୋଗୁ ପର୍ବତ ହିମବାହ ତରଳେ, ଯାହା ନିମ୍ନଗାମୀ ମଧୁର ଜଳ ଯୋଗାଣକୁ ପ୍ରଭାବିତ କରିପାରେ।

୨୦୦୨ ମସିହାରେ ଜାତିସଂଘ ସାଧାରଣ ସଭା ଡିସେମ୍ବର ୧୧କୁ ଅନ୍ତର୍ଜାତୀୟ ପର୍ବତ ଦିବସ ଭାବରେ ନାମିତ କରିଥିଲା। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ(ଏଫ୍‌ଏଓ) ପର୍ବତ ସମସ୍ୟା ବିଷୟରେ ଅଧିକ ସଚେତନତା ବୃଦ୍ଧି ପାଇଁ ଏହି ଦିବସ ପାଳନ ଲାଗି ସମନ୍ୱୟ କରିଥାଏ। ତେବେ ପର୍ବତଗୁଡ଼ିକରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ପର୍ବତ ଦିବସ ୨୦୦୩ ମସିହାରେ ପ୍ରଥମ ଥର ଲାଗି ପାଳିତ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ପାହାଡ଼ ଓ ତା' ବାହାରେ ଜଳ, ଖାଦ୍ୟ ଏବଂ ଜୀବିକା ପାଇଁ ହିମବାହ ଗୁରୁତ୍ୱପୂର୍ଣ୍ଣ। ଏହା ଜାତିସଂଘର ୨୦୨୫କୁ ଅନ୍ତର୍ଜାତୀୟ ହିମବାହ ସଂରକ୍ଷଣ ବର୍ଷ ଭାବରେ ଘୋଷଣା ସହିତ ସମନ୍ୱୟ ରଖି ଜଳ ସୁରକ୍ଷା, ଖାଦ୍ୟ, ସ୍ୱଚ୍ଛ ଶକ୍ତି ଓ ସାଂସ୍କୃତିକ ପରିଚୟରେ ହିମବାହର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଏସବୁର ସୁରକ୍ଷା ଲାଗି ଆବଶ୍ୟକତା ଉପରେ ଆଲୋକପାତ କରେ।

# କଂଗ୍ରେସ ନେତୃତ୍ୱକୁ ମୋକିମଙ୍କ ଚ୍ୟାଲେଞ୍ଜ

ଭୁବନେଶ୍ୱର/କଟକ,୧୦।୧୨
(ରବିନାରାୟଣ ଜେନା/କାର୍ତ୍ତିକ ସାହୁ)

ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ କଂଗ୍ରେସ ନେତୃତ୍ୱକୁ ନେଇ ଦଳର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ପ୍ରଶ୍ନ ଉଠାଇଛନ୍ତି। ଯୁବବର୍ଗଙ୍କୁ ସାଥିରେ ନେଇ ଦେଶ ତଥା ରାଜ୍ୟରେ କଂଗ୍ରେସ କିଭଳି ଆଗକୁ ବଢ଼ିପାରିବ ସେନେଇ ମୋକିମ ଏଆଇସିସିର ପୂର୍ବତନ ସଭାନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ସୋନିଆ ଗାନ୍ଧୀଙ୍କୁ ଚଳିତମାସ ୮ରେ ପତ୍ର ଲେଖି ଅବଗତ କରାଇଛନ୍ତି। ମୋକିମ ତାଙ୍କ ପତ୍ରରେ ଭକ୍ତଙ୍କ ନେତୃତ୍ୱକୁ ମଧ୍ୟ ସମାଲୋଚନା କରି ରାଜ୍ୟ ନେତୃତ୍ୱରେ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି।


ମହମ୍ମଦ ମୋକିମ

ମୋକିମ କହିଛନ୍ତି, କଂଗ୍ରେସ ସହ ମୋର ଦଶନ୍ଧି ଦଶନ୍ଧି ଧରି ସମ୍ପର୍କ ରହିଆସିଛି। ଜିଲା ସଭାପତିଠାରୁ ଆରମ୍ଭକରି ବିଧାୟକ ପର୍ଯ୍ୟନ୍ତ ମୁଁ ଦଳ ପ୍ରତି ସମର୍ପିତ ମନୋଭାବ ନେଇ କାର୍ଯ୍ୟକରି ଆସିଛି। ତେବେ ଦଳର ପରାଜୟ ପଛରେ ଆମେ ଅନ୍ୟକୁ ଦୋଷ ଦେବା ଅପେକ୍ଷା ଦଳୀୟ ନିଷ୍ପତ୍ତିକୁ ଦାୟୀ ମନେକରୁଛି। ୨୦୨୩ରେ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି କରାଯାଇଥିଲା। ତାଙ୍କ ସମୟରେ ଦଳ ଲଜ୍ଜାଜନକ ସ୍ଥିତି ତଥା ୧୩ପ୍ରତିଶତ ଭୋଟ ହାରକୁ ଖସିଥିଲା। ସେହିପରି ୩ଥର କ୍ରମାଗତ ଭାବେ ଲୋକ ସଭା ନିର୍ବାଚନ ହାରିଥିବା ଭକ୍ତଙ୍କୁ ୨୦୨୫ରେ ପିସିସି ସଭାପତି ଦାୟିତ୍ୱ ଦିଆଗଲା। ତାଙ୍କର ବ୍ୟକ୍ତିଗତ ବିଚାରଧାରା କଂଗ୍ରେସ ନୀତି ଆଦର୍ଶଠାରୁ ସମ୍ପୂର୍ଣ୍ଣ ଅଲଗା। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ସେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ। ଭକ୍ତ ଓ ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତାଜନକ। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ତାଙ୍କ ନେତୃତ୍ୱରେ ୮୩ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଛି। ନୂଆପଡ଼ା ଭକ୍ତଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ମଧ୍ୟ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ତୃଣମୂଳସ୍ତରର କର୍ମୀ ଏବେ ନେତାଙ୍କଠାରୁ ଦୂରେଇ ଯାଉଛନ୍ତି।

ମୋକିମ ଆହୁରି କହିଛନ୍ତି, ମୁଁ ଜଣେ ପୂର୍ବତନ ବିଧାୟକ ହେବା ସତ୍ତ୍ୱେ ୩ ବର୍ଷ ଧରି ରାହୁଲ ଗାନ୍ଧୀଙ୍କୁ ଭେଟିବାର ସୁଯୋଗ ପାଉନାହିଁ। ତୃଣମୂଳସ୍ତରରେ ବୁଥ୍ କର୍ମକର୍ତ୍ତା, ବ୍ଲକ ସଭାପତି ଓ ଜିଲାସ୍ତରୀୟ ନେତୃବୃନ୍ଦ ହେଉଛନ୍ତି କଂଗ୍ରେସର ମେରୁଦଣ୍ଡ। ହେଲେ ସେମାନେ ରାଜ୍ୟ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିପାରୁନାହାନ୍ତି। ବଡ଼କଥା ହେଲା, ୩୫ ବର୍ଷରୁ କମ୍ ବୟସ୍କ ପ୍ରାୟ ୬୫ପ୍ରତିଶତ ଯୁବବର୍ଗ କଂଗ୍ରେସ ପ୍ରତି ବିମୁଖ ରହିଛନ୍ତି। ଅପରପକ୍ଷେ କଂଗ୍ରେସର ସଙ୍ଗଠନ ସୃଜନ ଏବେ ବଳିଷ୍ଠ ପଦକ୍ଷେପ। ମାତ୍ର ଯେଉଁମାନଙ୍କୁ ଲୋକେ ଷଷ୍ଠତମ ପସନ୍ଦରେ ରଖୁଛନ୍ତି ସେମାନଙ୍କୁ ଜିଲାସ୍ତରରେ ସଭାପତି ନିଯୁକ୍ତ କରାଯାଉଛି। ଏହା ଦଳ ପ୍ରତି ଆନୁଗତ୍ୟ ରଖୁଥିବା କଂଗ୍ରେସପ୍ରେମୀଙ୍କୁ ନିରାଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଯୁବବର୍ଗଙ୍କୁ ଆଗକୁ ଆଣିବା ସହିତ କଂଗ୍ରେସ ନେତୃତ୍ୱରେ ନବକଳେବର ତୁରନ୍ତ କରାଯାଉ ବୋଲି ମୋକିମ ତାଙ୍କ ପତ୍ରରେ ଦର୍ଶାଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ସତ୍ୟମ୍ ଶିବମ୍ ସୁନ୍ଦରମ୍ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ୧୬ତମ ଭାରତମୁନୀ ଫେଷ୍ଟିଭାଲ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ୱେତପଦ୍ମା ସାଂସ୍କୃତିକ ପରିବାର ପକ୍ଷରୁ ୧୨ତମ ଓଡ଼ିଆ ମଞ୍ଚ ନାଟକ ମେଳା ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଜିଲାସ୍ତରୀୟ ଯୁବ ମହୋତ୍ସବ, ସ୍ଥାନ: ଏଫ୍‌ଏମ୍ ଅଟୋନୋମସ୍ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: କୁଆଗଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବ୍ୟାଙ୍କ ମିତ୍ର ବୈଠକ, ସ୍ଥାନ : ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫, ସ୍ଥାନ: ସରକାରୀ ପିମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ , କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ସାଇବର ସେଫ୍‌ଟି ସଚେତନତା ପ୍ରୋଗ୍ରାମ, ସ୍ଥାନ: ସେଲ ଅଡିଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ
- ଚିତ୍ରଡ଼ା–କାକୁଡିହା ପ୍ରିମିୟର ଲିଗର ଫାଇନାଲ ମ୍ୟାଚ,ସ୍ଥାନ:ଚିତ୍ରଡ଼ା–କାକୁଡିହା ପଡ଼ିଆ, ମୋରଡ଼ା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଭାରତୀୟ ଭାଷା ଉତ୍ସବ ପାଳନ, ସ୍ଥାନ: ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଖଲିକୋଟ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ୪ର୍ଥ ରାଜ୍ୟ ପୋଲିସ ବ୍ୟାଟମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ହିଞ୍ଜିଳିକାଟୁ ଇନଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଭାରତୀୟ ଭାଷା ଦିବସ ପାଳନ, ସ୍ଥାନ: ବୁଗଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ସେଣ୍ଟର ଅଫ୍ ଏଜୁକେଶନ, ମାତୃଭବନ, ବାରଦା, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଲିନ୍ ସ୍କିମ ଉପରେ କର୍ମଶାଳା, ସ୍ଥାନ: ସିପେଟ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା୩୦।
- ପୌରପରିଷଦ ଭେଣ୍ଡିଂ ଜୋନ ବ୍ୟବସାୟୀଙ୍କ ଉପଲକ୍ଷେ କର୍ମଶାଳା, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ କ୍ରିକେଟ ମ୍ୟାଚ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ମଦନମୋହନ ସ୍ୱାଇଁ ଫାଉଣ୍ଡେଶନର ଉଦ୍‌ଘାଟନ ସମାରୋହ ଓ ଆଲୋଚନାଚକ୍ର, ସ୍ଥାନ: ଯାଜପୁର ରୋଡ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଯାଜପୁର ରୋଡ କାଳୀ ମେଳନ ପଡିଆ, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ନୟାଗଡ଼
- ଘୋଡଲାଗି ପର୍ବର ୧୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା । ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦ ।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସରେ ଗୋପୀନାଥପୁର ବନାମ କଣ୍ଟିଲୋ ବରୁଣେଇ (ଏ), ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ନୀଳମାଧବଙ୍କ ପୋଷ୍ୟ ପୂର୍ଣ୍ଣିମା ଅବସରରେ ସୁନାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ଅପରାହ୍ନ ୫ଟା ।
- ସୁନାଖଳା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସନ୍ଧ୍ୟା ୬ଟା ।

## ନବରଙ୍ଗପୁର
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ତେନ୍ତୁଲିଖୁଣ୍ଟି ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଡାବୁଗାଁ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ, ସ୍ଥାନ: ଡାବୁଗାଁ ବ୍ଲକ ଭୈରବ ମନ୍ଦିର ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଲାଇବ୍ରେରୀ ଅଡିଟୋରିୟମ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

- ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ପିଡବ୍ଲୁଡି ଆଇବି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ : ମଣ୍ଡେଇ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- କୁନ୍ଦୁରା ପଞ୍ଚାୟତ ସମିତି ପକ୍ଷରୁ ଅନ୍ତୋଦୟ ଆବାସ ମେଳା, ସ୍ଥାନ: କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା କାର୍ଯ୍ୟକ୍ରମ, ସ୍ଥାନ:ଦଶମନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୫୦।
- ଏପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ ସହ ଉଦଯାପନୀ ସମାରୋହ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡ଼ା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ମନଜିତ ସେଠ ସ୍ମୃତି ସଭା, ସ୍ଥାନ : କବରାପାଲି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ବ୍ରଜ ମହୋତ୍ସବ–୨୫, ସ୍ଥାନ : ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା।
- ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରସ୍ତୁତି ବୈଠକ, ସ୍ଥାନ : ଝାଡୁଆପଡା ସ୍ଥିତ ଯୁବ ଉଦୟନ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଓଡ଼ିଶା–କର୍ନାଟକ କୁଚ୍ ବିହାର ଟ୍ରଫି ତୃତୀୟ ଦିବସ ମ୍ୟାଚ୍, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୯ଟା।

## ରାଉରକେଲା
- ସାଂସଦ ଖେଳ ମହୋତ୍ସବର ଚତୁର୍ଥ ଦିବସ ଖେଳକୁଦ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ ଷ୍ଟିଡିୟମ,ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଉଦଯାପନୀ ସମାରୋହ କାର୍ଯ୍ୟକ୍ରମ,ସ୍ଥାନ: ସେକ୍ଟର–୭ ଶିବାନନ୍ଦ ଆଶ୍ରମ,ସମୟ:ସକାଳ ୯ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବ ୧୦ମ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫ମିନିଟ।
- ଆୟୁଷ କଲେଜର ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ : ରାଉରକେଲା ହୋମିଓପାଥି ଆୟୁଷ କଲେଜ, ସମୟ: ସକାଳ ୯ଟା
- ବଜରଙ୍ଗ ଦଳ ପକ୍ଷରୁ ଗୀତା ଜୟନ୍ତୀ ମାସ ଅବସରରେ ଆଧ୍ୟାତ୍ମିକ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ଶିକ୍ଷକ ତାଲିମ ଶିବିରର ୪ର୍ଥ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏୟାରପୋର୍ଟ କମିଟି ପକ୍ଷରୁ ଷ୍ଟ୍ରିଟ୍ କର୍ନର ମିଟିଂ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ମାଗଣା ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ଡଭା, ଝାରବନ୍ଧ,ସମୟ: ସକାଳ ୯ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ,ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଅଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଭୈରବୀ ଖେଳ ପଡ଼ିଆ ବୌଦ୍ଧ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତୀ, ସ୍ଥାନ: ଦେବଗଡ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।
- ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ୨୧ତମ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ଦେବଗଡ଼ ସହର ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ସୋନୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ ,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ପିପିଲିପାଲିସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପରିସର, ସମୟ: ଅପରାହ୍ନ ୩ଟା।
- ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ଚଏସ୍ ଲକିଂ ଉତ୍ସବ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

# 'ପର୍ ଡ୍ରପ୍ ମୋର୍ କ୍ରପ୍' ଖର୍ଚ୍ଚ ବଢ଼ାଅ

## ସବୁ ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨(ରବିନାରାୟଣ ଜେନା) କୃଷି ଓ କୃଷକଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ଏବଂ ରାଜ୍ୟ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ବାସ୍ତବକ୍ଷେତ୍ରରେ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏହା ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ କୃଷକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ରଖୁଛନ୍ତି ତାହା ସାଧିତ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ହ୍ରାସ ପାଉଥିବା କେନ୍ଦ୍ରୀୟ ଯୋଜନା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଏବଂ 'ପର୍ ଡ୍ରପ୍ ମୋର୍ କ୍ରପ୍' ଖର୍ଚ୍ଚକୁ ନେଇ ଉଦ୍ୟାନ କୃଷି ବିଭାଗ ଚିନ୍ତା ପ୍ରକଟ କରିଛି। ଏହି ଯୋଜନାରେ ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଲକ୍ଷ୍ୟଧାର୍ଯ୍ୟ ହ୍ରାସ ପାଉଥିବାରୁ ଏହା କିଭଳି ବୃଦ୍ଧି ପାଇବ, ସେନେଇ ବିଭାଗ ଗୁରୁତ୍ୱ ଦେଇଛି। ଏ ସଂକ୍ରାନ୍ତରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କେ. ଗୋରଖ ୱାମାନ ସବୁ ଜିଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କୁ ନିକଟରେ ପତ୍ର ଲେଖି ଏ ଦିଗରେ ତୁରନ୍ତ ଧ୍ୟାନଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଦର୍ଶାଇଛନ୍ତି, ଚାଷୀମାନଙ୍କ କ୍ଷେତରେ କିଭଳି ପାଣି ପହଞ୍ଚିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ବିଭାଗ ଯେଉଁ ଲକ୍ଷ୍ୟଧାର୍ଯ୍ୟ ରଖିଥିଲା ତାହା ପୂରଣ ହୋଇପାରୁନାହିଁ। ଏହାକୁ ନେଇ ତୁରନ୍ତ ଯେଉଁସବୁ କ୍ଷେତକୁ 'ପର୍ ଡ୍ରପ୍ ମୋର୍ କ୍ରପ୍'ରେ ଅନ୍ତର୍ଭୁକ୍ତ କରାଯାଇଛି ତାକୁ ଜିଓଟ୍ୟାଗିଂ କରି ବିଭାଗକୁ ଜଣାଇବାକୁ ସେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ବିଭାଗର ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ସବୁ ରାଜ୍ୟକୁ ଯେଉଁ ସହାୟତା ମିଳୁଛି ସେଥିରେ ଓଡ଼ିଶାର ଦୁର୍ବଳ ସ୍ଥିତି ରହିଛି। ୨୦୨୪–୨୫ ବର୍ଷରେ ଓଡ଼ିଶା ଯେଉଁ ଟାର୍ଗେଟ୍ ରଖିଥିଲା ତାହା ୨୦୨୫–୨୬ ବର୍ଷ ବେଳକୁ ପ୍ରାୟ ୬୫ପ୍ରତିଶତ ହ୍ରାସ ପାଇଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ଏହି ଯୋଜନାରେ ୮୫୬ କୋଟି ଟଙ୍କାର ସିଂହଭାଗ ସହାୟତା ହାତେଇବାକୁ ସକ୍ଷମ ହେଉଥିବାବେଳେ ଓଡ଼ିଶା ଏକ୍ଷେତ୍ରରେ ମାତ୍ର ୯୦ କୋଟିରେ ସୀମିତ ରହୁଛି। ତେବେ ଗୁଜରାଟ ୮୮୩.୭୫ କୋଟି, କର୍ନାଟକ ୬୮୩. ୪୭ କୋଟି, ଉତ୍ତରପ୍ରଦେଶ ୬୧୦.୪୩ କୋଟି, ତାମିଲନାଡୁ ୫୯୨.୦୫ କୋଟି ମହାରାଷ୍ଟ୍ର ୪୭୭.୨୬ କୋଟି ଏବଂ ମଧ୍ୟପ୍ରଦେଶ ୩୨୫.୬୩ କୋଟି ଟଙ୍କା ପାଇବାକୁ ସକ୍ଷମ ହୋଇପାରୁଛି।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଜାତିକୁ ବଣିଜ ଅଡୁଆ,**
**ମାଳୀକି ଛେଳି ଅଡୁଆ ।**

ପୂର୍ବ କାଳରେ ଗୋଟିଏ ଜାତିର ଲୋକେ ଗୋଟିଏ ପ୍ରକାର ବଣିଜ ବା ବେପାର କରୁଥିଲେ । ସେମାନେ ସେ ବେପାରର ସମସ୍ତ ତତ୍ତ୍ୱ ବା ହାନିଲାଭ ବେଶ୍ ଭଲ ଭାବେ ଜାଣିଥିଲେ । ଅନ୍ୟ ଜାତିର ଲୋକେ ସେ ବେପାର କଲେ ସେଥିରେ ସେତେଟା ପ୍ରତିଷ୍ଠା ପାଇପାରୁ ନ ଥିଲେ। ତେଣୁ ଯେଉଁ ବ୍ୟକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଦକ୍ଷତା ନାହିଁ ସେ ସେଭଳି କାର୍ଯ୍ୟରେ ହାତ ଦେବା ଠିକ୍ ନୁହେଁ। ସେହିପରି ଛେଳି ଗଛ ପତ୍ର ଆଦି ଖାଇଦେଉଥିବାରୁ ମାଳୀ ପାଇଁ ଛେଳି ରଖିବା ଲାଭଜନକ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆହା ଆହା କରୁଥାଏ**
**ସାହା ହେବାକୁ ଡରୁଥାଏ ।**

ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ସାଧ୍ୟମତେ ସାହାଯ୍ୟ ସହାନୁଭୂତି ଦେଖାଇବା ଉଚିତ। ମୁହଁ ଉପରେ କେବଳ ଆହା ଆହା କଲେ ବା ମୌଖିକ ସମବେଦନା ଜଣାଇଲେ କିଛି ଲାଭ ମିଳି ନ ଥାଏ । ସାହାଯ୍ୟ କରିବାନେଇ କୁଣ୍ଠା ପ୍ରକାଶ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ର ଅସହାୟ ...

ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହା ଉପରେ ଦାଖଲ ପିଆଇଏଲ୍‌ର ଶୁଣାଣି କରି ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କହିଛନ୍ତି, ସମ୍ପ୍ରତି ଉପୁଜିଥିବା ସ୍ଥିତିରୁ ଅନ୍ୟ ଏୟାରଲାଇନ୍ସ ଫାଇଦା ନେଇପାରନ୍ତି। ଯାତ୍ରୀମାନଙ୍କଠାରୁ ଟିକେଟ ବାବଦକୁ ମୋଟା ଅଙ୍କର ଅର୍ଥ ଅସୁଲ କରାଯାଉଛି। ଯେଉଁ ଟିକେଟ ୫,୦୦୦ ଟଙ୍କାରେ ମିଳୁଥିଲା ତାହା ବର୍ତ୍ତମାନ ୩୦ରୁ ୩୫ ହଜାରରେ ଉପଲବ୍ଧ। ଯଦି ଏପରି ସଙ୍କଟ ରହିଛି ତେବେ ଅନ୍ୟ ଏୟାରଲାଇନ୍‌ଗୁଡ଼ିକୁ ଲାଭ ଉଠାଇବା ପାଇଁ କିପରି ଅନୁମତି ଦିଆଯାଇ ପାରିବ ? ଅନ୍ୟ ଏୟାରଲାଇନ୍ସ ୩୫,୦୦୦ରୁ ୩୯,୦୦୦ ଟଙ୍କା ପର୍ଯ୍ୟନ୍ତ କିପରି ନେଉଛନ୍ତି? ଏୟାରଲାଇନ୍ ନିୟମଗୁଡ଼ିକର ଅନୁପାଳନରେ ବିଫଳ ହେଲେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କ'ଣ ନିୟମ ରହିଛି ? କେନ୍ଦ୍ର ସରକାର କ'ଣ ଅସହାୟ ବୋଲି ମୁଖ୍ୟ ବିଚାରପତି ପ୍ରଶ୍ନ କରିଛନ୍ତି। ଜାନୁଆରୀ ୨୨ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି କରାଯିବ। କମିଟି ପକ୍ଷରୁ ଆରମ୍ଭ ହୋଇଥିବା ତଦନ୍ତ ଶେଷ ହେବା ମାତ୍ରେ ଜଉମୁଦ ଲଫାପାରେ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ଖଣ୍ଡପୀଠ ପ୍ରଶଂସା କରିଥିବାବେଳେ କେଉଁ ପରିସ୍ଥିତିରେ ଏଭଳି ଘଟିଲା ବୋଲି ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ସ୍ଥିତି ଲାଗିରହିବାରୁ ସାରା ଦେଶରେ ଅନେକ ଲକ୍ଷ ଯାତ୍ରୀ ଫସିରହିଲେ। ଏହା କେବଳ ଯାତ୍ରୀଙ୍କୁ ଅସୁବିଧାରେ ପକାଇନାହିଁ, ବରଂ ଦେଶର ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିଛି। କାରଣ ଆଜିର ଦିନରେ ଯାତ୍ରୀମାନଙ୍କ ଦ୍ରୁତ ଯାତାୟାତ ଆର୍ଥିକ ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ବିଷୟ ଆମେ ସଂଜ୍ଞାନକୁ ନେଇଛୁ। ପର୍ଯ୍ୟାପ୍ତ ସଂଖ୍ୟକ ପାଇଲଟ୍‌ଙ୍କୁ ନିୟୋଜିତ କରି ସ୍ଥିତି ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟ ବିଚାରପତି କହିଛନ୍ତି।

ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏହାର ତଦନ୍ତ ଓ ସମାଧାନ ପାଇଁ ଏକ ଅନୁଧ୍ୟାନକାରୀ ଟିମ୍ ଗଠନ କରାଯାଇଛି। ଏହି ୮ ଜଣିଆ ଟିମ୍‌ରେ ବରିଷ୍ଠ ଅଧିକାରୀ, ଡେପୁଟି ଓ ସିନିୟର ଫ୍ଲାଇଟ୍ ଅପରେଶନ୍ସ ଇନ୍‌ସ୍ପେକ୍ଟରମାନଙ୍କୁ ରଖାଯାଇଛି।

## ମହାନଦୀ ଜଳ ବିବାଦ: ...

ଆହୁରି ବ୍ୟାରେଜ ନିର୍ମାଣ କରିବା କଥା। ରାଜନୈତିକ ସମାଧାନ ହୋଇଗଲେ ମହାନଦୀକୁ ନେଇ ଲାଗି ରହିଥିବା ଜଳ ବିବାଦ ତୁଟିଯିବ ବୋଲି ଜୟନାରାୟଣ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି, ବିଜେଡି ସରକାର ସମୟରେ ବାରମ୍ବାର ସର୍ବଦଳୀୟ କମିଟି ଗଠନ ପାଇଁ କୁହାଯିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ଏବକାର ସରକାର ସର୍ବଦଳୀୟ କମିଟି ଗଠନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଫଳ କ'ଣ ହେବ ସେ କଥା ଅଲଗା, କିନ୍ତୁ ବର୍ତ୍ତମାନ ସରକାର ସମସ୍ତଙ୍କ ମତ ଜାଣିବାକୁ ଚେଷ୍ଟା କରିଛନ୍ତି। କେଉଁଟା ଠିକ୍ ବା ଭୁଲ, ସେକଥା ଲୋକେ ବିଚାର କରିବେ ବୋଲି ନରସିଂହ କହିଛନ୍ତି।

ସୂଚନାଯୋଗ୍ୟ, ଜଳ ସମ୍ପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାବେଳେ ଗତ ୪ ତାରିଖରେ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ପଡ଼ୋଶୀ ଛତିଶଗଡ଼ ସହ ମହାନଦୀ ଜଳକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ଖୁବ୍‌ଶୀଘ୍ର ଆଇନଗତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ହେବ। ଏହାର ସମାଧାନ ଲାଗି ଗତ ଦେଢ଼ବର୍ଷ ହେଲା ରାଜ୍ୟ ସରକାର ଆଇନଗତ ଏବଂ ଆପୋସ ବୁଝାମଣା ଉଦ୍ୟମ ଜାରି ରଖିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିକ୍ରିୟା ଦେଇ କହିଛନ୍ତି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏ ବାବଦରେ କଥାବାର୍ତ୍ତା ଜାରି ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କନ୍‌ଫରେନ୍ସରେ ମଧ୍ୟ ଏ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ୨ ରାଉଣ୍ଡ ଆଲୋଚନା ସରିଲାଣି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମହାନଦୀ ପ୍ରସଙ୍ଗକୁ ନେଇ ୨୦୧୮ରୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଯାଇଛନ୍ତି। ଓଡ଼ିଶା ସରକାର ଅଭିଯୋଗ କରିଥିଲେ, ଛତିଶଗଡ଼ ସରକାର ଉପରମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ଖରାଦିନରେ ମହାନଦୀର ତଳମୁଣ୍ଡକୁ ଯେତିକି ଜଳ ଆସିବା କଥା ଆସୁନାହିଁ। ଫଳରେ ଓଡ଼ିଶାରେ ମହାନଦୀ କୂଳରେ ରହିଥିବା ଗ୍ରାମବାସୀ, ଚାଷୀ ସମସ୍ତେ ହଇରାଣ ହେଉଛନ୍ତି। ବିଜେଡି ସରକାର ସମୟରେ ଏହି ପ୍ରସଙ୍ଗକୁ ନେଇ ଅନେକ ଘଟଣା ଦେଖାଦେଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନ ଥିଲା। ଏବେ ଉଭୟ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଥିବା ଯୋଗୁ ମହାନଦୀ ଜଳ ବିବାଦର ସମାଧାନ ହେବା ସମ୍ଭାବନା ଦେଖାଦେଇଛି। ଟ୍ରିବ୍ୟୁନାଲରେ ମାମଲା ଚାଲିଥିବା ବେଳେ ସେଠାରେ ଉଭୟ ରାଜ୍ୟ ଆପୋସ ବୁଝାମଣା ଭିତରେ ଏହି ସମସ୍ୟାର ସମାଧାନ କରିବେ ବୋଲି ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ଏହା ପରଠାରୁ ଉକ୍ତ ପ୍ରସଙ୍ଗରେ ଆପୋସ ସମାଧାନ ନେଇ ଚର୍ଚ୍ଚା ଲାଗି ରହିଛି।

## ୟୁନେସ୍କୋର ସାଂସ୍କୃତିକ ...

ସାର୍ବଜନୀନ ବାର୍ତ୍ତା ଦିଏ। ଏହି ପର୍ବ ଭାରତ ଏବଂ ବିଶ୍ୱର ଅନ୍ୟାନ୍ୟ ଦେଶରେ ଅନେକ ଲକ୍ଷ ଲୋକଙ୍କ ଦ୍ୱାରା କିଛି ଦିନ ଧରି ପାଳନ କରାଯାଏ। ଏଥିରେ ଘର ସଜାଇବା, ଦୀପ ଜଳାଇବା, ପୂଜାର୍ଚ୍ଚନା ଏବଂ ଉପହାର ଆଦାନ ପ୍ରଦାନ ଭଳି ବିଭିନ୍ନ ପ୍ରଥା ସାମିଲ ରହିଛି। ଏହି ପରମ୍ପରା ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ପିଢ଼ିରୁ ପିଢ଼ିକୁ ଅନୌପଚାରିକ ଭାବରେ ହସ୍ତାନ୍ତରିତ ହୋଇଆସିଛି, ଯାହା ସାମାଜିକ ବନ୍ଧନ ଏବଂ ଏକ ସାଧାରଣ ପରିଚୟକୁ ସୁଦୃଢ଼ କରିଆସିଛି। ୟୁନେସ୍କୋର ଏହି ସ୍ୱୀକୃତି ଅନ୍ତର୍ଜାତୀୟ ଦୃଶ୍ୟମାନତା ଯୋଗାଇଥାଏ। ଦୀପାବଳିକୁ ମିଶାଇ ଭାରତର ବର୍ତ୍ତମାନ ୟୁନେସ୍କୋ ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ୧୬ଟି ବିଷୟ ରହିଛି। ସେଗୁଡ଼ିକ ମଧ୍ୟରେ କୁମ୍ଭମେଳା, କୋଲକାତାର ଦୁର୍ଗାପୂଜା, ଯୋଗ, ଗୁଜରାଟର ଗରବା ନୃତ୍ୟ, ବୈଦିକ ମନ୍ତ୍ର, ରାମଲୀଳା ଆଦି ପ୍ରମୁଖ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁନେସ୍କୋର ଏହି ଘୋଷଣାକୁ ସ୍ୱାଗତ କରି କହିଛନ୍ତି, ଏହା ଦୀପାବଳିର ବୈଶ୍ୱିକ ଲୋକପ୍ରିୟତାରେ ସହାୟକ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ନେଇ ମାନସିକ ଉଦ୍‌ବେଗ ବୃଦ୍ଧି ପାଇବ। ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ତ୍ୱରାନ୍ୱିତ କରିବ। ଆଲୋଚନା ପରିସରରେ ମତପାର୍ଥକ୍ୟ କାରଣରୁ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରିବେ ନାହିଁ। ଆଜିର ଯାତ୍ରା, ବାଣିଜ୍ୟ ଓ କିଣାବିକା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ।

**ବୃଷ** – ଉଚ୍ଚକର୍ତ୍ତୃପକ୍ଷଙ୍କ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ। ଭାଗୀଦାର ବ୍ୟବସାୟରେ ସହକର୍ମୀମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡିପାରେ। ପଡ଼ୋଶୀଙ୍କ ଜରିଆରେ ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ୍ ଜିନିଷ ପ୍ରାପ୍ତି ହେବାର ଆଶା ରହିଛି। ବନ୍ଧୁଗହଣରେ ଅପ୍ରିୟ ସତ୍ୟ କହି ସମାଲୋଚିତ ହୋଇପାରନ୍ତି।

**ମିଥୁନ** – ସୁସମ୍ପର୍କ ଅଭାବରୁ ପଡ଼ୋଶୀଙ୍କ ଅସହଯୋଗ କାମପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। କଠିନ ଶ୍ରମ ଓ ଅତ୍ୟଧିକ ଭ୍ରମଣଜନିତ ପୁରାତନ ରୋଗର ପୀଡ଼ା କ୍ରମଶଃ ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପାଖରେ ଅଟକି ରହିଥିବା ବକେୟା ଟଙ୍କାକୁ କେନ୍ଦ୍ରକରି ବଚସା ସୃଷ୍ଟିର ସୂଚନା ରହିଛି।

**କର୍କଟ** – ଆଜି ବାଣିଜ୍ୟ, ବନ୍ଧୁସମ୍ପର୍କ ଓ ପରିବହନାଦି କ୍ଷେତ୍ରରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। କାମ ସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିରତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାକୁ ପଡିପାରେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ସିଂହ** – ପାରିବାରିକ ସ୍ଥିତି ଓ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇଯିବାରୁ ସାହାଯ୍ୟ ପ୍ରାପ୍ତିର ଆଶା ନିରର୍ଥକ ହେବ। ଗତକାଲିର ଯୋଜନା ବଦଳାଇବା କଷ୍ଟକର ହେବାର ସୂଚନା ରହିଛି। ଦୈହିକ ଓ ମାନସିକ ସୁସ୍ଥତା କେତେକାଂଶରେ ପରିସ୍ଥିତିକୁ ଲାଘବ କରିପାରେ।

**କନ୍ୟା** – କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ଫୁସୁଲାଫୁସୁଲି କରି ଫାଇଦା ହାସଲ ପାଇଁ ଚେଷ୍ଟା କରିପାରନ୍ତି। ସଭାସମିତିରେ ପାଣ୍ଡିତ୍ୟ ପ୍ରକାଶ ଯୋଗୁ ବୁଦ୍ଧିଜୀବୀଙ୍କ ସହ ସୁସମ୍ପର୍କ ସ୍ଥାପିତ ହୋଇପାରେ। ଅର୍ଥନୈତିକ, ପାରିବାରିକ ପରିସ୍ଥିତି ଓ ବିବାଦୀୟ ଘଟଣା ସକାଶେ ଉଦ୍‌ବେଗ ବୃଦ୍ଧି ପାଇବ। ଆଜିର ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ତୁଳା** – ପାରିବାରିକ ଅସୁବିଧା ଦୂର କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଆଶା କରିପାରନ୍ତି। ପ୍ରକାଶନ, ପ୍ରଶାସନ, କଚେରି ମାମଲା ଏବଂ ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବିତ କରିବାର ଆଶଙ୍କା ରହିଛି। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟକୁ ଭଣ୍ଡୁର କରିଦେଇପାରେ।

**ବିଛା** – ପରିସ୍ଥିତିକୁ ସୁଧାରିବାର ଚେଷ୍ଟା କରି ଅସଫଳ ହେବାରୁ ମାନସିକ ବ୍ୟଥା ଅନୁଭବ କରିବେ। ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ସଫଳତା ପ୍ରାପ୍ତିର ସୂଚନା ରହିଛି। ବାଧ୍ୟତାମୂଳକ ସରକାରୀ କାମରେ ଯାତ୍ରା ବ୍ୟଥିତ କରାଇପାରେ। ପାରିବାରିକ କ୍ଷେତ୍ରରେ ଯଥା ସମ୍ଭବ ପରିସ୍ଥିତି ପ୍ରତି ସଜାଗ ରହି ଚଳିଲେ କିଛି ଅସୁବିଧା ହେବନାହିଁ।

**ଧନୁ** – ପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହେବେ। କିନ୍ତୁ ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ମନ ଆନମନା ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡ଼ିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** – କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଯେଉଁ କାମଟି ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହୋଇପାରିବେ । ସାଂସ୍କୃତିକ କାମରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**କୁମ୍ଭ** – ଶାରୀରିକ ଅସୁସ୍ଥତା କାରଣରୁ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧନ କରି ଆତ୍ମସନ୍ତୋଷ ଲାଭକରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ବୃଦ୍ଧି କରିବ।

**ମୀନ** – କର୍ମକ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମକୁ ଆସିବ ନାହିଁ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଅନ୍ୟର କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହୋଇପାରନ୍ତି।

ଆଜି ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ପୌଷ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର। ରାଶିନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୪ ଗତେ ଘ.୦୭.୪୧ ମଧ୍ୟେ, ଘ.୦୫.୫୭ ଗତେ ଘ.୦୯.୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୧ ଗତେ ଘ.୦୨.୨୨ ମଧ୍ୟେ ରାହୁ କାଳ ।

# ନାମକୋଣ୍ଡା ନଦୀଘାଟରୁ ମିଳିଲା ମହିଳାଙ୍କ କଟାମୁଣ୍ଡ

କାଳିମେଲା/କୋରୁକୋଣ୍ଡା, ୧୦।୧୨ (ଜୀବନକୃଷ୍ଣ ଦାଶ/ଶିବଦତ୍ତ ସାହୁ)

## କଡ଼ା ସୁରକ୍ଷାରେ ରାଖେଲଗୁଡ଼ା ଗଲା ମୁଣ୍ଡ

ମାଲକାନଗିରି ଜିଲା କାଳିମେଲା ଥାନା ଅନ୍ତର୍ଗତ ପୋଟେରୁ ନଦୀର ନାମକୋଣ୍ଡା ଘାଟରେ ପାଣିରେ ଭାସୁଥିବାମହିଳାଙ୍କ କଟାମୁଣ୍ଡକୁ ବୁଧବାର ପୋଲିସ ଉଦ୍ଧାର କରିଛି। କଟାମୁଣ୍ଡଟି ପାଣିରେ ପଡ଼ି ଗଳିତହେବା ସହ କେବଳ ଖପୁରି ଦେଖାଯାଉଛି। ଉଦ୍ଧାର ମୁଣ୍ଡଟିମାଲକାନଗିରି ନିଆଯାଇ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ପରୀକ୍ଷା ପରେ ଏହା ରାଖେଲଗୁଡ଼ା ଗ୍ରାମର ଲାକେ ପଡିଆମିଙ୍କ ବୋଲି ଜଣାପଡ଼ିଛି। କୋରୁକୋଣ୍ଡା ଥାନା ଅନ୍ତର୍ଗତ ଓ୍ବଡ଼ାମେଟଲା ନଦୀ ନିକଟରୁ ଗତ ୪ତାରିଖରେ ପୋଲିସ ଲାକେଙ୍କ ମୁଣ୍ଡବିହୀନ ମୃତଦେହକୁ ଜବତ କରିଥିଲା। ବୁଧବାର ମଧ୍ୟାହ୍ନ ପ୍ରାୟ ୨ଟାରେ କଟାମୁଣ୍ଡକୁ କଡ଼ା ସୁରକ୍ଷା ବଳୟରେ ରାଖେଲଗୁଡ଼ା ଗ୍ରାମକୁ ଅଣାଯାଇଥିଲା। ଜିଲା ପ୍ରଶାସନ ଓ ଆଦିବାସୀ ସଂଘର ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ରାଖେଲଗୁଡ଼ା ଗ୍ରାମରେ ପୂର୍ବରୁ ମୃତଦେହ ପୋତାଯାଇଥିବା ସ୍ଥାନର ଟିକେ ଉପରକୁ ଗାତ ଖୋଳି କଟାମୁଣ୍ଡକୁ ପୋତାଯାଇଛି। ଏହି ସମୟରେ ରାଖେଲଗୁଡ଼ା ଗ୍ରାମରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ, ଅତିରିକ୍ତ ଏସ୍‌ପି ରାଜକିଶୋର ଦାସ, ଉପଜିଲାପାଳ ଅଶ୍ୱିନୀ ଏଲ୍, ଏଡିଏମ୍ ବେଦବର ପ୍ରଧାନ, ପିଡି ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷେ ଲାକେଙ୍କ ମୃତ୍ୟୁକୁ ନେଇ ଦେଖାଦେଇଥିବା ଉତ୍ତେଜନା ଏବେ ଧୀରେ ଧୀରେ ଶାନ୍ତ ହେବାରେ ଲାଗିଛି। ରାଖେଲଗୁଡ଼ା ଗ୍ରାମରେ ସ୍ଥିତି ସୁଧୁରିବାରେ ଲାଗିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏମ୍‌ଭି-୨୬ ଗ୍ରାମରେ ସିସିଟିଭି ସହ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ଗାଁର ଗତିବିଧି ଉପରେ ବିଏସ୍‌ଏଫ୍, ସିଆର୍‌ପିଏଫ୍, ପୋଲିସ ମୁତୟନ ହୋଇ କଡ଼ା ନଜର ରଖିଛନ୍ତି। ଚିତ୍ରକୋଣ୍ଡା ଉପଖଣ୍ଡ ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଏସ୍‌ଏଫ୍, ସିଆରପିଏଫ୍ ଯବାନ ଓ ସ୍ଥାନୀୟ ପୋଲିସ ମିଳିତ ଭାବେ ବୁଧବାର ସନ୍ଧ୍ୟାରେ ବାଲିମେଲା ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଏମ୍‌ଭି-୨୬ ଗ୍ରାମର କ୍ଷତିଗ୍ରସ୍ତ ଲୋକ ଓ ତାଙ୍କ ସମ୍ପର୍କୀୟ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ଗଦି, ସପ ଓ କମ୍ବଳ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ, ମୃତ ମହିଳାଙ୍କ ମୁଣ୍ଡକୁ ଯଥାଶୀଘ୍ର ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର ଦାବିରେ ଆଦିବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଏମ୍‌ଭି-୨୬ ଗାଁରେ ଛାରଖାର ହୋଇଯାଇଛି। ମଙ୍ଗଳବାର ବହୁ ସଂଖ୍ୟାରେ ଆଦିବାସୀ ଏମ୍‌ଭି-୨୬ଗାଁରେ ପଶି ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ବହୁ ଘର ପୋଡ଼ି ଦେଇଥିଲେ। ଫଳରେ ଗାଁର ୧୮୮ ଘର ମଧ୍ୟରୁ ୧୬୩ ଘର ଜଳି ପୋଡ଼ି ନଷ୍ଟ ହୋଇଯାଇଛି।

# ଅଧ୍ୟାପିକାଙ୍କୁ ପ୍ରେମ ନିବେଦନକରି ବନ୍ଧାହେଲେ ଅଧ୍ୟକ୍ଷ

ବୋଲଗଡ଼, ୧୦।୧୨ (ଦେବବ୍ରତ ହୋତା)

## ଚେନ୍ନାଇ ଫେରାର ହେଉଥିବାବେଳେ ଖୋର୍ଦ୍ଧାରୁ ଧରାହେଲେ

ଖୋର୍ଦ୍ଧା ଜିଲା ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ଜଣେ ନବନିଯୁକ୍ତ ଅଧ୍ୟାପିକାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିବା ଅଭିଯୋଗରେ ବୋଲଗଡ଼ ଥାନା ପୋଲିସ ବୁଧବାର ଉକ୍ତ କଲେଜର ଅଧ୍ୟକ୍ଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରଦୀପ୍ତ କୁମାର ଦାସ। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଥାଉ କି, ପରମାନନ୍ଦ ମହାବିଦ୍ୟାଳୟରେ ଅଧ୍ୟାପିକା ଜଣଙ୍କ ଏକମାସ ତଳେ ନିଯୁକ୍ତି ପାଇଥିବା ବେଳେ ଅଧ୍ୟକ୍ଷ ଦାସ ତାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିଆସୁଥିଲେ। ଏପରି କି ଏକଥା ଅନ୍ୟ କାହାକୁ ଜଣାଇଲେ


ପ୍ରଦୀପ୍ତ କୁମାର ଦାସ

ଚାକିରିରୁ ବହିଷ୍କାର ସହ ଜୀବନ ବର୍‌ବାଦ କରିଦେବାର ଧମକ ଦେଉଥିଲେ। ସମ୍ପୃକ୍ତ ଅଧ୍ୟାପିକା ଜଣଙ୍କ ଘରେ ଅବସାଦରେ ରହୁଥିବାରୁ ପରିବାର ଲୋକେ କ'ଣ ହୋଇଛି ପଚାରିବାରୁ ସମସ୍ତ କଥା କହିବା ସହ ଚାକିରି ଛାଡ଼ିଦେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାଇଥିଲେ। ଏନେଇ ସମ୍ପୃକ୍ତ ଅଧ୍ୟାପିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୧୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଧ୍ୟକ୍ଷ ଦାସ ଚେନ୍ନାଇ ଅଭିମୁଖେ ଖସି ପଳାଇବାକୁ ଉଦ୍ୟମ ବେଳେ ପୋଲିସ ତାଙ୍କୁ ଖୋର୍ଦ୍ଧାରୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଅଧ୍ୟକ୍ଷ ଦାସଙ୍କ ନାମରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ରହିଛି ବୋଲି ବୋଲଗଡ଼ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ସୂଚନା ଦେଇଛନ୍ତି।

# ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ

## ପିହୁ ମା'ଙ୍କୁ ଫୋନ୍‌ରେ ହତ୍ୟା ଧମକ ଘଟଣା

ବିଞ୍ଝାରପୁର, ୧୦।୧୨ (ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ବହୁଚର୍ଚ୍ଚିତ ନିଖୋଜ ପିହୁର ମା'ଙ୍କୁ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଲେଶ୍ୱର ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଅଞ୍ଚଳର ରାକେଶ ମଲ୍ଲିକ(୨୫)। ପୋଲିସ ରାକେଶଙ୍କୁ ଗିରଫ କରିବା ସହ ତାଙ୍କ ମୋବାଇଲ ଫୋନ୍ ଜବତ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ୨୦୨୦ ଅଗଷ୍ଟ ୯ରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର କୁନିଝିଅ ପିହୁ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ, ଯାହାକୁ ନେଇ ପିହୁଙ୍କ ମା' ମୋନାଲିସା ନାୟକ ନିଖୋଜ ଝିଅର ସନ୍ଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ତାଙ୍କ ମୋବାଇଲକୁ ୨ରୁ ୩ଟି ଫୋନ୍ ନମ୍ବରରେ କେହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି, ଯାହାକୁ ନେଇ ମୋନାଲିସା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ନଂ.୫୭୭/୨୫ରେ ମାମଲା ରୁଜୁକରି ତଦନ୍ତ କରୁଥିଲା।

# ଆନ୍ତଃ ରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କ ଘରେ ଚଢ଼ାଉ

- ୩ମାସ ହେଲା ଗିରଫ ହୋଇ ଜେଲରେ ଅଛନ୍ତି ଦିଲୀପ
- ଚଢ଼ାଉରେ ସାମିଲ ଥିଲେ ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ

କବିସୂର୍ଯ୍ୟନଗର, ୧୦।୧୨ (କୃପାସିନ୍ଧୁ ସ୍ୱାଇଁ)


ଦିଲୀପଙ୍କ ଘରେ ଚଢାଉ ଜାରି ରଖିବା ପୋଲିସ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଆଠଗଡ଼ ପାଟଣା ଗୌଡ଼ସାହିରେ ବୁଧବାର କନ୍ଧମାଳ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ କରୁଥିବା ଗ୍ରାମର ଦିଲୀପ ଗୌଡ଼ଙ୍କ ଘରେ ଏହି ଚଢାଉ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ ଏଥିରେ ସାମିଲ ଥିବା ବେଳେ ଦିଲୀପ ଏବଂ ତାଙ୍କ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଛି। ୩ମାସ ତଳେ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସ ହାତରେ ଦିଲୀପ ଧରା ପଡିଥିଲେ। ତାଙ୍କୁ ସେତେବେଳେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସେ ଏବେ ଜେଲରେ ଅଛନ୍ତି।

ଘଟଣାର ଛାନ୍‌ଭିନ୍ କରି ପୋଲିସ ଦିଲୀପଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିଥିଲା। ସେ ବହୁ ବର୍ଷ ଧରି ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ସହ ଏହାର ମାଷ୍ଟର ମାଇଣ୍ଡ ଥିବା ପ୍ରମାଣ ପୋଲିସକୁ ମିଳିଥିଲା। ଏହାକୁ ଭିତ୍ତିକରି ପୋଲିସ ୬୮ ଏନ୍‌ଡିପିଏସ୍ ମାମଲା ଆଧାରରେ ଦିଲୀପଙ୍କ ଗ୍ରାମରେ ରହିଥିବା ଘରେ ଚଢ଼ାଉ କରି ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ଯାଞ୍ଚ କରୁଛି। ଯାଞ୍ଚ ବେଳେ ଟଙ୍କା, ସୁନା, କିଛି ଡକ୍ୟୁମେଣ୍ଟ ପୋଲିସ ହାତରେ ଲାଗିଛି। ୫ରୁ ୧୦ ବର୍ଷ ମଧ୍ୟରେ ସୁନା, ଗାଡି, ଦୋ ମହଲା ଘର, ଟ୍ରକ୍ ଆଦି କରି ଦିଲୀପ ବେନିୟମ ସମ୍ପତ୍ତି ଠୁଳ କରିଥିବାର ପ୍ରମାଣ ଚଢାଉ ଟିମ୍ ହାତରେ ଲାଗିଛି। ଦିଲୀପଙ୍କ ନାମରେ ବାଲିଗୁଡା ଥାନାରେ ଏନ୍‌ଡିପିଏସ୍ କେସ୍ ନଂ. ୧୦୪/୨୦୨୪ ରହିଛି। ଏହି ଚଢ଼ାଉ ପାଇଁ ଡିଜିପି ଓ ଏସ୍‌ପିଙ୍କ ନିର୍ଦ୍ଦେଶ ଥିଲା। ସେହି ଅନୁସାରେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ରବୀନ ଚର୍ଚ୍ଚିଲ ମିଶ୍ରଙ୍କ ଉପସ୍ଥିତିରେ କନ୍ଧମାଳ ପୋଲିସ ଚଢ଼ାଉ କରିଛି।

# ଅଜାଘରକୁ ବୁଲି ଆସିଥିବା ନାତିକୁ ହତ୍ୟା

କବିସୂର୍ଯ୍ୟନଗର, ୧୦।୧୨ (କୃପାସିନ୍ଧୁ ସ୍ୱାଇଁ)

- ଘରବାଡ଼ିରେ ପଡିଥିଲା ମୃତଦେହ
- ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ପରିବାର

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଅଜାଘରକୁ ବୁଲିବାକୁ ଆସି ୯ ବର୍ଷର ନାତିର ମୃତଦେହ ଘର ବାଡିପଟୁ ମିଳିଛି। ସେ ହେଲେ ଶେରଗଡ଼ ଖମାର ଗ୍ରାମର ଆଦିତ୍ୟ ଜେନା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ପରିବାର ଲୋକେ ଏନେଇ ହତ୍ୟା ଅଭିଯୋଗ ଆଣିଛନ୍ତି।

ଖବରରୁ ପ୍ରକାଶ, ଚାରିଦିନ ତଳେ ସାମନ୍ତରାପୁରସ୍ଥିତ ଅଜାଘର ସନିଆ ଭୂୟାଁଙ୍କ ଘରକୁ ଆଦିତ୍ୟ ବୁଲିବାକୁ ଆସିଥିଲେ। ବୁଧବାର ଆଈ ତାଙ୍କୁ ଖାଇବାକୁ ଦେଇ ଚାଷଜମିକୁ କାମ କରିବାକୁ ଯାଇଥିଲେ। କାମ କରୁଥିବା ବେଳେ ସେ ଆଦିତ୍ୟ ନିଖୋଜ ଥିବା ଖବର ପାଇଥିଲେ। ତୁରନ୍ତ ଘରକୁ ଆସି ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିବା ପରେ ଘର ବାଡ଼ିପଟେ ଆଦିତ୍ୟ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଏନେଇ କବିସୂର୍ଯ୍ୟନଗର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପରିବାର ଲୋକଙ୍କ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆଦିତ୍ୟଙ୍କୁ ତଣ୍ଟିଚିପି ହତ୍ୟା ପରେ କେହି ଦୁର୍ବୃତ୍ତ ବାଡ଼ିରେ ପକାଇ ଚାଲିଯାଇଥିବା ପରିବାର ଲୋକେ ଅଭିଯୋଗ କରଛନ୍ତି। ପୋଲିସ ନଂ. ୮୩୦/୨୫ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଛି। ଘଟଣା ସ୍ଥଳରେ ଏସ୍‌ଡିପିଓ ସୁଜିତ ନାୟକ, କବିସୂର୍ଯ୍ୟନଗର ଆଇଆଇସି ନିରଞ୍ଜନ ଦାସ ଓ ଟିମ୍ ପହଞ୍ଚି ଛାନ୍‌ଭିନ୍ ଚଳାଇଛନ୍ତି।

## Business

# ଓପିଟିସିଏଲ୍ ଓ ନାବାର୍ଡ ମଧ୍ୟରେ ଆର୍ଥିକ ସହଭାଗିତା

ଭୁବନେଶ୍ୱର, ୧୦।୧୨ (ଅନୁରାଧା ମହାରଣା)

ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଓପିଟିସିଏଲ୍ ଏବଂ ନାବାର୍ଡ ମଧ୍ୟରେ ଏକ ଦୀର୍ଘକାଳୀନ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ରଣନୈତିକ ଆର୍ଥିକ ସହଭାଗିତା ରାଜ୍ୟର ଆଗାମୀ ଶିଳ୍ପ ପ୍ରକଳ୍ପ ଓ ଗ୍ରାହକମାନଙ୍କ ପାଇଁ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଏହି ବୁଝାମଣାପତ୍ର ଅନୁଯାୟୀ, ନାବାର୍ଡ ବାର୍ଷିକ ୭.୭୫% ଆକର୍ଷଣୀୟ ସୁଧ ହାରରେ ଓପିଟିସିଏଲ୍‌କୁ ୧,୬୮୫.୨୭ କୋଟି ଋଣ ପ୍ରଦାନ କରିଛି। ମୋଟ ଋଣ ପରିମାଣରୁ ୯୦୦ କୋଟି ନୂତନ ବିଦ୍ୟୁତ୍ ପରିବହନ ପ୍ରକଳ୍ପ ପାଇଁ ବ୍ୟବହୃତ ହେବ, ବଳକା ପରିମାଣ ପୂର୍ବରୁ ହୋଇଥିବା



ଉଚ୍ଚ ମୂଲ୍ୟଯୁକ୍ତ ଋଣକୁ ସ୍ୱିଚ୍ କରିବା ପାଇଁ ବ୍ୟବହୃତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ କୌଣସି ରାଜ୍ୟ ପିଏସ୍‌ୟୁକୁ ନାବାର୍ଡ ଦ୍ୱାରା ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହା ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବିକାଶର ଧାରା ସୃଷ୍ଟିକରିବ। ଲୋକସେବା ଭବନରେ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଓପିଟିସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓପିଟିସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ଏସ୍.କେ. ସାହୁ ଏବଂ ନାବାର୍ଡର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭି.କେ. ନାଗଙ୍କ ମଧ୍ୟରେ ଏହି ଚୁକ୍ତିନାମା ଆନୁଷ୍ଠାନିକ ଭାବରେ ଆଦାନପ୍ରଦାନ ହୋଇଥିଲା। ଓପିଟିସିଏଲ୍ ଓ ନାବାର୍ଡର ଅନ୍ୟାନ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

# ତନିସ୍କର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋରର ୨୦ ବର୍ଷ ପୂର୍ତ୍ତି

ଭୁବନେଶ୍ୱର, ୧୦।୧୨ (ଅନୁରାଧା ମହାରଣା)

ତନିସ୍କ ଏହାର କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋରର ୨୦ତମ ବର୍ଷ ପାଳନ କରୁଛି। ଏହି ଅବସରରେ ତନିସ୍କ ଗ୍ରାମ୍ ପିଛା ସୁନାଗହଣା ଉପରେ ୬୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ସେହିଭଳି ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା କୌଣସି କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରାଯାଉଛି। ୫,୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ନିର୍ମିତ କଟକ ଷ୍ଟୋରରେ ତନିସ୍କର ବ୍ୟାପକ ଡିଜାଇନ ସମ୍ଭାର ରହିଛି। ସେଗୁଡ଼ିକ ହେଲା ଆବାହନ, ମୃଗାଙ୍କ, ଇଲାନ୍, ସୋଲ୍‌ମେଟ୍, ରେଡିଆନ୍ସ ଇନ୍ ରିଦିମ୍, ସ୍ରୋତିକା, ରିଭା, ଡୋର, ଆଭୀର, ଗ୍ଲାମ୍‌ଡେଜ୍ ଏବଂ ଷ୍ଟ୍ରିଙ୍ଗ୍ ଇଟ୍ ଆଦି




ରହିଛି। ସେଲିବ୍ରେଶନର ଅଂଶବିଶେଷ ଗ୍ରାହକ ତନିସ୍କର ନୂତନ ଫେଷ୍ଟିଭ୍ କଲେକ୍ସନ 'ଆବାହନ'କୁ ଦେଖିପାରିବେ। ଷ୍ଟୋରରେ ମୃଗାଙ୍କ କଲେକ୍ସନ ମଧ୍ୟ ରହିଛି। ସେହିଭଳି 'ଇଲାନ୍' ସମସାମୟିକ ମହିଳାଙ୍କ ପାଇଁ ସୂକ୍ଷ୍ମ ଢାଞ୍ଚା, ଫୁଲର ମୋଟିଭ୍ ଏବଂ ଚିଲ୍ଲାଇ ପେଭ୍ ସେଟ୍ ହୀରାକୁ ମିଶ୍ରଣ କରିଥାଏ। ଷ୍ଟୋରରେ ମଧ୍ୟ ମଙ୍ଗଳସୂତ୍ରର ଏକ୍ସକ୍ଲୁସିଭ୍ କଲେକ୍ସନ 'ଡୋର', ସାବିତ୍ରୀ ଉତ୍ସବ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ସ୍ରୋତିକା' ରହିଛି। ଏ ଅବସରରେ ତନିସ୍କର ଏରିଆ ବିଜ୍‌ନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କହିଛନ୍ତି, ଏହି ଷ୍ଟୋର ୨୦ ବର୍ଷ ପାଳନ କରୁଛି ଯାହାକି ତନିସ୍କର ଭରସା ଏବଂ ଉତ୍କର୍ଷର ଯାତ୍ରା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ।

# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ

ଭୁବନେଶ୍ୱର, ୧୦।୧୨

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ ପୁରୀସ୍ଥିତ ସାଗର ତରଙ୍ଗ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, ସମ୍ବଳ ଓ କୃଷି କ୍ଷେତ୍ରର ଗ୍ରାହକ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କମିତ୍ରମାନେ ଯୋଗଦେଇଥିଲେ। ଏହି ଅବସରରେ ୟୁକୋ ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କୃଷି ଏବଂ ଗ୍ରାମୀଣ ବ୍ୟବସାୟ ବିଭାଗ ଉପମହାପ୍ରବନ୍ଧକ ପ୍ରସନଜିତ୍ ରାୟ, ଏସ୍‌ଏଲ୍‌ବିସି ଓଡ଼ିଶା ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗୱତ ସିଂହ ଭାକୁନୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପ୍ରସନଜିତ୍ ରାୟ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟିରେ ଏମ୍‌ଏମ୍‌ଏମ୍‌ଇର ଗୁରୁତ୍ୱ, ସରକାରୀ ସହାୟତା, ଋଣ ଯୋଜନା ଓ ରପ୍ତାନି ପ୍ରୋତ୍ସାହନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଲିଙ୍ଗରାଜ ନାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିବା ସହ ମହିଳା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ମହୋତ୍ସବ ଅବସରରେ ୟୁକୋ ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀଗୁଡ଼ିକୁ ଉପସ୍ଥାପନା କରାଯାଇଥିଲା। ମହିଳା ଗ୍ରାହକମାନଙ୍କ ପାଇଁ ପିଙ୍କ୍ ବାସ୍କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସହାୟିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।



ୟୁକୋ ବ୍ୟାଙ୍କ ପକ୍ଷରୁ ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବରେ ଯୋଗଦେଇଥିବା ଅତିଥି।

# ଦୃଷ୍ଟିବାଧିତ କ୍ରୀଡ଼ାବିତ୍‌ଙ୍କୁ ହାଇଟେକ୍ ଗ୍ରୁପ୍‌ର ସହାୟତା



ଭୁବନେଶ୍ୱର, ୧୦।୧୨ (ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତଥା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ବିଜେତାର ୪ଜଣ ପ୍ରତିଯୋଗୀ ଫୁଲ ସୋରେନ୍, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ, ପାର୍ବତୀ ମାରାଣ୍ଡି ଏବଂ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଦଳର ସଭାପତି ଏମ୍‌ଡି ଜାଫର ଇକ୍‌ବାଲ୍‌ଙ୍କୁ ୨୦,୦୦୦ ଟଙ୍କା ଲେଖାଏ ଅର୍ଥରାଶି ପୁରସ୍କାର ପ୍ରଦାନ କରିଛନ୍ତି। ଏହାସହ ଆଗାମୀ ଦିନରେ ହାଇଟେକ୍ ତରଫରୁ ସେମାନଙ୍କୁ ୨୨ ଜଣିଆ ଉଭୟ ବାଳକ ଓ ବାଳିକା କ୍ରୀଡ଼ାବିତ୍‌ଙ୍କୁ ଛାତ୍ରାବାସ ଯୋଗାଇବା ସହ ରହିବା, ଖାଇବା ଏବଂ କ୍ରିକେଟ ଖେଳିବା ପାଇଁ ପଡ଼ିଆ ଯୋଗାଇଦେବେ ବୋଲି ଘୋଷଣା କରିଛନ୍ତି। ସେମାନେ କ୍ରୀଡ଼ାରୁ ଅବସର ନେବା ପରେ ହାଇଟେକ୍‌ରେ କର୍ମଯୋଗାଣର ବ୍ୟବସ୍ଥା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର ଡ. ଦେବାନନ୍ଦ ମହାପାତ୍ର, ଭାଇସ୍-ପ୍ରିନ୍ସିପାଲ ପ୍ରଫେସର ଡ. ଲିସା ଷଡ଼ଙ୍ଗୀ, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର ଡ. ରାଧାମାଧବ ତ୍ରିପାଠୀ, ପ୍ରଫେସର ଡ. ସୁନୀଲ ଅଗ୍ରୱାଲ, ପ୍ରଫେସର ଡ. ଶ୍ରୀକାନ୍ତ ତିୱାରୀ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ରୋଡ ଡିଭିଜନରେ ଟ୍ରେନ୍ ରୁଟ୍‌ର ପୁନଃସଂଶୋଧନ

ଭୁବନେଶ୍ୱର, ୧୦।୧୨

ଖୋର୍ଦ୍ଧା ରୋଡ ଡିଭିଜନ ଅନ୍ତର୍ଗତ ରାଜ ଆଠଗଡ଼ ଏବଂ ଜୋରନ୍ଦା ରୋଡ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ଓ ରାଜ ଆଠଗଡ଼ ଷ୍ଟେଶନରେ ନନ-ଇଣ୍ଟରଲକିଂ କାର୍ଯ୍ୟକଳାପ ସହିତ ଜଡିତ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ କେତେକ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ଡିସେମ୍ବର ୧୨ ରୁ ୧୯ ମଧ୍ୟରେ ୦୨୮୩୧ ଧାନବାଦ-ଭୁବନେଶ୍ୱର ସ୍ପେଶାଲ, ୧୧ରୁ ୧୯ ମଧ୍ୟରେ ୦୨୮୩୨ ଭୁବନେଶ୍ୱର-ଧାନବାଦ ସ୍ପେଶାଲ, ୧୩ରେ ୨୨୮୦୫ ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ ସୁପରଫାଷ୍ଟ ଏକ୍ସପ୍ରେସ ଓ ୧୫ରେ ୨୨୮୦୬ ଆନନ୍ଦ ବିହାର ଟର୍ମିନାଲ ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ପୁନଃସଂଶୋଧିତ ମାର୍ଗ ଦେଇ ଚଳାଚଳ କରିବ।

# ଟିଭିଏସ୍ ଏନ୍‌ଟର୍କ-୧୫୦ର ବଜାର ପ୍ରବେଶ

ବାରିପଦା, ୧୦।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଆଲ୍ଲାଏଡ୍ ଶୋ'ରୁମ୍‌ରେ ଉନ୍ମୋଚନ କାର୍ଯ୍ୟକ୍ରମ

ଟିଭିଏସ୍ ମୋଟର କମ୍ପାନୀର ନୂତନ ସ୍ପୋର୍ଟି ସ୍କୁଟର ଏନ୍‌ଟର୍କ-୧୫୦ ବଜାର ପ୍ରବେଶ କରିଛି। ଏହି ଅବସରରେ ମୟୂରଭଞ୍ଜ ଜିଲା ବାରିପଦାର ଆଲ୍ଲାଏଡ୍ ଟିଭିଏସ୍ ଶୋ'ରୁମ୍‌ରେ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ ନୂତନ ସ୍କୁଟର ଦୁଇଟି ମଡେଲକୁ ଅନାବରଣ କରିଥିଲେ। ଯୁବବର୍ଗଙ୍କ ଚାହିଦାକୁ ଲକ୍ଷ୍ୟ ରଖି କମ୍ପାନୀ ୧୫୦ସିସି ବୈଶିଷ୍ଟ୍ୟର ଏହି ସ୍କୁଟି ନିର୍ମାଣ କରିଥିବା କମ୍ପାନୀର ଆଞ୍ଚଳିକ ମ୍ୟାନେଜର ଦୀପକ କୁମାର ମହାପାତ୍ର ସୂଚନା ଦେଇଥିଲେ। ପୂର୍ବରୁ ଏହାର ୧୨୫ସିସି ସ୍କୁଟର ଥିବା ବେଳେ ନୂଆ ସ୍କୁଟର ଅଧିକ ଶକ୍ତିଶାଳୀ, ଏରଡାଇନାମିକ ଓ୍ୱିଙ୍ଗଲେଟ ସହ ପ୍ରୋଜେକ୍ଟର ଏଲ୍‌ଇଡି ହେଡ୍‌ଲାଇଟ୍, ଏବିଏସ୍, ରେସ୍ ଓ ଷ୍ଟ୍ରିଟ୍ ମୋଡ୍, ସ୍ମାର୍ଟୱାଚ ଇଣ୍ଟିଗ୍ରେସନ ଓ ଭେହିକଲ୍ ଲାଇଭ୍ ଟ୍ରାକିଂ ସୁବିଧା ଉପଲବ୍ଧ ରହିଥିବା କହିଥିଲେ। କମ୍ପାନୀର ଅନ୍ୟ ଦୁଇଚକିଆ ଯାନ ଭଳି ଏନ୍‌ଟର୍କ-୧୫୦ ଲୋକପ୍ରିୟତା ପ୍ରତିପାଦିତ କରିବ ବୋଲି ସେ କହିଥିଲେ। ଶୋ'ରୁମ୍‌ର ସ୍ୱତ୍ତ୍ୱାଧିକାରୀ ସୁବ୍ରତ କୁମାର ମହାପାତ୍ର ଗ୍ରାହକମାନଙ୍କୁ ନୂତନ ସ୍କୁଟରର ଟେଷ୍ଟ ଡ୍ରାଇଭ ସହିତ ପସନ୍ଦ ପାଇଁ ନିମନ୍ତ୍ରଣ ଜଣାଇଛନ୍ତି।


ନୂତନ ସ୍ପୋର୍ଟି ସ୍କୁଟର ଏନ୍‌ଟର୍କ-୧୫୦ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ସମୟ ଧାରାରେ ଚକ୍ରବୃଦ୍ଧି ସୁଧ



ଦେବଦତ୍ତ ପଟ୍ଟନାୟକ

ଚକ୍ରବୃଦ୍ଧି ସୁଧ (କମ୍ପାଉଣ୍ଡ ଇଣ୍ଟରେଷ୍ଟ)ର ଧାରଣା ମାନବ ଇତିହାସରେ ସବୁଠୁ ଶକ୍ତିଶାଳୀ ତଥା ବିପଜ୍ଜନକ ଆବିଷ୍କାର। ଏହି ଶବ୍ଦ ସଂସ୍କୃତ ଶବ୍ଦକୋଷ ଓ ବୈଧ-ଅର୍ଥନୈତିକ ସାହିତ୍ୟରେ ରହିଛି। ଏଥିରେ ଦର୍ଶାଯାଇଛି ଯେ, ପୂର୍ବରୁ ଜମା ଋଣ ଉପରେ ସୁଧ କଷାଯିବା ପ୍ରକ୍ରିୟା ହିଁ ଚକ୍ରବୃଦ୍ଧି ସୁଧ। ଅର୍ଥନୀତିଜ୍ଞମାନେ ଏବେ ଏହାକୁ ବିଶ୍ୱର ଅଷ୍ଟାଚାର୍ଯ୍ୟ ବୋଲି କହନ୍ତି। ବ୍ୟାଙ୍କ ଓ ଶେୟାର ବଜାର ଏହାର ମ୍ୟାଜିକ୍‌କୁ ନେଇ ଉତ୍ସାହିତ ହେଉଛନ୍ତି, କିନ୍ତୁ ବହୁ ପୂର୍ବରୁ ଲୋକେ ଏହାକୁ ଏକ ଜୀବନ ନଷ୍ଟକାରୀ ଶକ୍ତି ଭାବି ଭୟ କରୁଥିଲେ। ଗୋଟିଏ ଛୋଟ ଋଣ ଏକ ଅସହ୍ୟ ବୋଝ ହୋଇପାରୁଥିଲା। ଅନେକ ସଂସ୍କୃତିରେ ଟଙ୍କାର ଏଭଳି ଅଭିବୃଦ୍ଧି କେବଳ ଏକ ଆର୍ଥିକ ବିଷୟ ନୁହେଁ ବରଂ ଏକ ନୈତିକ ପ୍ରତୀକ ବା ସଙ୍କେତ ହୋଇଛି। ଏ ସମ୍ପର୍କିତ ସର୍ବପ୍ରାଚୀନ ତଥ୍ୟ ମେସୋପଟାମିଆରୁ ମିଳେ। ଖ୍ରୀଷ୍ଟପୂର୍ବ ୨୦୦୦ରେ ବାର୍ଲି କିମ୍ବା ରୁପା ଋଣକୁ ଚକ୍ରବୃଦ୍ଧି ସୁଧ ଦ୍ୱାରା କିଭଳି ଦୁଇଗୁଣ କରାଯାଉଥିଲା ତାହା ମାଟି ଖଣ୍ଡ ଉପରେ ଥିବା ଲେଖାରୁ ଜଣାପଡ଼େ। ଏହା ପଛରେ ଥିବା କାରଣ ଅତ୍ୟନ୍ତ ସରଳ। ଯଦି ଋଣ ନେଇଥିବା ବ୍ୟକ୍ତି ବା ଋଣୀ ଠିକ୍ ସମୟରେ ପରିଶୋଧ ନ କରି ପାରୁଥିଲେ, ସୁଧ ବଢ଼ିଚାଲୁଥିଲା ଏବଂ ଶେଷରେ ତାଙ୍କୁ କ୍ରୀତଦାସ ହେବାକୁ ପଡୁଥିଲା। ଚକ୍ରବୃଦ୍ଧି ସୁଧରେ ଧନ ଶସ୍ୟ ଭଳି ବଢୁଥିଲା, କିନ୍ତୁ ଋଣ ଫାଶରେ ଅନ୍ୟମାନେ ପଡ଼ିଯାଉଥିଲେ।

ଭାରତରେ ସୁଧକୁ ବୃଦ୍ଧି ବୋଲି କୁହାଯାଉଥିଲା, ଅର୍ଥାତ୍ ଅଭିବୃଦ୍ଧି। ଯେତେବେଳେ ଏହି ଅଭିବୃଦ୍ଧିକୁ ବଢ଼ିବାର ବ୍ୟବସ୍ଥା କରାଗଲା, ସେତେବେଳେ ଚକ୍ରବୃଦ୍ଧି ଶବ୍ଦ ବ୍ୟବହାର କରାଗଲା। ଗୋଟିଏ ଚକ ଘୂରିଲା ଭଳି ଚକ୍ରାକାର ଭାବେ ଏହା ବୃଦ୍ଧି ପାଏ। ମୌର୍ଯ୍ୟ ଶାସକଙ୍କ ସମୟରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ କିଭଳି ସୁଧ ଆଦାୟ କରାଯାଇପାରିବ ସେ ସମ୍ପର୍କରେ ସ୍ପଷ୍ଟ ସୀମା ନିର୍ଦ୍ଧାରଣ କରାଯାଇଛି, କିନ୍ତୁ ଏହା ମଧ୍ୟ ଚକ୍ରବୃଦ୍ଧି ସୁଧ ପରମ୍ପରାକୁ ସ୍ୱୀକାର କରିଛି। ପରେ ଗଣିତ ଶାସ୍ତ୍ର ଯଥା ବକ୍ଷଶାଲି ପାଣ୍ଡୁଲିପି ଏହାର ପରପର୍ଯ୍ୟାୟର ପ୍ରଗତି ସମ୍ପର୍କରେ ଯାହା ଦର୍ଶାଇଛି ତାହା ଆମ ଆଧୁନିକ ଚକ୍ରବୃଦ୍ଧି ସୁଧ ଗଣନା ଭଳି। ତଥାପି ଗଣିତଠାରୁ ଭାରତ ବହୁ ଆଗକୁ ଆଗେଇ ଯାଇ ଏହି ବିତ୍ତୀୟ ନୀତିକୁ ନୈତିକତା ଓ କର୍ମର ବିଷୟରେ ପରିବର୍ତ୍ତନ କରିଦେଲା।



ଜାତକ କଥା ବୁଦ୍ଧଙ୍କ ପୂର୍ବଜନ୍ମର କାହାଣୀ କହେ। କର୍ମ କିଭଳି କାମ କରେ ତାହା ଋଣ ଓ ସୁଧକୁ ବ୍ୟବହାର କରି ବୁଝାଯାଇଛି। କାହାଣୀଟିଏ। ଜଣେ ବୋକା ଋଣୀ ଛୋଟ ଋଣ କରି ଭାବିଲେ ଯେ, ଏହାକୁ ପରିଶୋଧ କରିବା ସହଜ। କିନ୍ତୁ ଋଣଦାତା ମୂଳ ଟଙ୍କା ଅଣାୟତ୍ତ ହେବା ଯାଏ ସମୂଳସୁଧ ବା ଚକ୍ରବୃଦ୍ଧି ସୁଧ ଲାଗୁ କରିବା ଯୋଗୁ ଲୋକଟି କ୍ଷତିଗ୍ରସ୍ତ ହେଲା। ତେବେ ଗୋଟିଏ ସତର୍କତାବିହୀନ କାର୍ଯ୍ୟ କିଭଳି ସାରାଜୀବନ ମଣିଷର ସମସ୍ୟା ବଢ଼ାଇଚାଲେ, ତାହା ବୁଦ୍ଧ ଦର୍ଶାଇଛନ୍ତି। ସମ୍ମୋଦମାନ ଜାତକରେ, ବୋଧିସତ୍ତ୍ୱ ଜଣେ ବଣିକଙ୍କୁ କହିଛନ୍ତି ଯେ, ଚକ୍ରବୃଦ୍ଧି ସୁଧ ଜଣେ ଋଣଗ୍ରହୀତାଙ୍କର ଯେଭଳି କ୍ଷତି କରେ ସେହିଭଳି କ୍ଷତିକାରକ ବା ଖରାପ କର୍ମଗୁଡ଼ିକ କର୍ତ୍ତାଙ୍କୁ ଧ୍ୱଂସ କରିବା ପର୍ଯ୍ୟନ୍ତ ସଞ୍ଚିତ ହୋଇ ରହେ। ନିଗ୍ରୋଧମୃଗ ଜାତକରେ ବର୍ଣ୍ଣନା ରହିଛି ଯେ, ବୁଦ୍ଧ ଏକ ମୃଗ ରୂପରେ ଜନ୍ମ ନେଇଛନ୍ତି। ସେ ତାଙ୍କ ସାଥୀମାନଙ୍କୁ କହିଛନ୍ତି, ଗୋଟିଏ ଭୁଲ୍ କାମ ଅପରିଶୋଧ ବା ଅଦେୟ ଋଣ ଭଳି ବୃଦ୍ଧି ପାଏ, ଏପରି କି ଦିନକୁ ଦିନ ଏହା ବଢ଼ିଚାଲେ। କୋସିଆ ଜାତକରେ କୁହାଯାଇଛି ଯେ, ଜଣେ ଧନୀ ବଣିକ ଚକ୍ରବୃଦ୍ଧି ସୁଧ ସର୍ତ୍ତରେ ଶସ୍ୟ ଉଧାର ଦିଅନ୍ତି ଓ ଅତ୍ୟନ୍ତ ଦୁଃଖୀ ଋଣଗ୍ରହୀତା ସାରାଜୀବନ ସେଥିରେ ଛନ୍ଦି ହୋଇଯାଆନ୍ତି। ଏଠାରେ ବୁଦ୍ଧ ବିତ୍ତୀୟ ଋଣକୁ ନୈତିକ ଋଣ ସହ ତୁଳନା କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ, ଚକ୍ରବୃଦ୍ଧି ସୁଧ ଭଳି କାମନା ବୃଦ୍ଧି ପାଇଚାଲେ।

ଜୈନମାନେ ଏହି ଧାରଣାକୁ ଆହୁରି ଅଧିକ ପ୍ରଭାବୀ କରିଛନ୍ତି। ଜୈନଧର୍ମ ଗ୍ରନ୍ଥଗୁଡ଼ିକରେ କର୍ମକୁ ଏକ ଜଟିଳ ବିଷୟ ଭାବେ ବର୍ଣ୍ଣନା କରାଯାଇଛି, ଯାହା ଆତ୍ମା ସହ ଦୃଢ଼ ଭାବେ ଜଡ଼ିତ ରହେ। ଆବଶ୍ୟକ ଚୂର୍ଣ୍ଣିରେ ବର୍ଣ୍ଣନା କରାଯାଇଛି ଯେ, କର୍ମ ମଧ୍ୟ ଚକ୍ରବୃଦ୍ଧି ଭଳି ବହୁଗୁଣିତ ହୋଇଥାଏ। ଜଣେ ବଣିକ ଦେଇଥିବା ଶସ୍ୟ ଋଣ ବିଷୟକୁ ଦୃଷ୍ଟାନ୍ତ ଭାବେ ନିଆଯାଉ। ପ୍ରତ୍ୟେକ ମାସରେ ଶସ୍ୟ ନ ଦେଲେ ତାହା ଅଧିକ ପରିମାଣର ହୋଇଯାଏ ଏବଂ ସେହି ଋଣ ଫାଶରୁ ମୁକୁଳିବା ପାଇଁ ଋଣୀଙ୍କ ପାଖରେ ଆଉ କୌଣସି ବାଟ ନ ଥାଏ। ସେହିଭଳି ପ୍ରତ୍ୟେକଟି ହିଂସାତ୍ମକ କାର୍ଯ୍ୟ କିମ୍ବା ଲୋଭ ସୂକ୍ଷ୍ମ ତଥା ଭୌତିକ କର୍ମକୁ ଆକର୍ଷିତ କରିଥାଏ ଏବଂ ଏହା ଅଧିକରୁ ଅଧିକ ବଢ଼ି ଏକ ଅସୀମ ବନ୍ଧନ ପାଲଟିଯାଏ। ଧର୍ମଦାସ ଗଣିର ଉପଦେଶମାଳାରେ ଜଣେ ବଣିକଙ୍କ କାହାଣୀ ବର୍ଣ୍ଣନ କରାଯାଇଛି, ଯେଉଁଥିରେ ସେ ଚକ୍ରବୃଦ୍ଧି ସୁଧରେ ଶସ୍ୟ ଉଧାର ଦେଇଛନ୍ତି। ଯେତେବେଳେ ଋଣଗ୍ରହୀତା ତାହା ଦେଇପାରିନାହିଁ, ସେତେବେଳେ ଋଣଦାତା ତାଙ୍କ ପିଲାଙ୍କୁ ଚାକର ରଖିବାକୁ ଦାବି କରିଛି। ଏହି କାହାଣୀ ପାଠକ ତଥା ଶ୍ରୋତାଙ୍କୁ ସ୍ମରଣ କରାଇଦିଏ ଯେ, ସାଂସାରିକ ଋଣ କେବେ ବି ଶେଷ ହୁଏ ନାହିଁ, କିନ୍ତୁ କେବଳ ଆଧାତ୍ମିକ ସଂଯମତା ସଂସାର ଚକ୍ରକୁ ଛିନ୍ନ କରିପାରେ।

ଇହୁଦୀଙ୍କ ପାଇଁ ସୁଧର ଆଉ କିଛି ଅର୍ଥ ରହିଥିଲା। ହିବ୍ରୁ ବାଇବେଲରେ, ଅନ୍ୟମାନଙ୍କଠାରୁ ସୁଧ ଆଦାୟ କରିବା ପାଇଁ ପୁରାତନ ହିବ୍ରୁ ଭାଷାଭାଷୀ ଲୋକଙ୍କୁ ବାରଣ କରାଯାଇଥିଲା। ଏହି ସମୁଦାୟ ମଧ୍ୟରେ ଏହାକୁ ବାରଣ କରାଯାଇଥିଲେ ମଧ୍ୟ ବାହାର ଲୋକଙ୍କ ପାଇଁ ଅନୁମତି ରହିଥିଲା। ପରେ ୟୁରୋପର ଖ୍ରୀଷ୍ଟିଆନ ବହୁଳ ଅଞ୍ଚଳରେ ଚର୍ଚ୍ଚ ମୁଖ୍ୟଙ୍କ ଦ୍ୱାରା କରାଯାଇଥିବା ଆଇନରେ ସୁଧ ଆଦାୟ କରିବାକୁ ମନା କରାଯାଇଛି। କିନ୍ତୁ ରାଜାମାନେ ଏବଂ ଉଚ୍ଚସ୍ତରର ବ୍ୟକ୍ତିମାନଙ୍କ ପାଇଁ ଋଣର ଆବଶ୍ୟକତା ଥିଲା, ଏଣୁ ସେମାନେ ଇହୁଦୀମାନଙ୍କ ସହଯୋଗ ଚାହିଁଲେ, ଯେଉଁମାନଙ୍କୁ ବହୁ ସମୟରେ ସାହୁକାର ହେବାକୁ ବାଧ୍ୟ କରାଯାଇଥିଲା, କାରଣ ସେମାନଙ୍କୁ ଅନ୍ୟସବୁ ବୃତ୍ତିରୁ ବାଦ୍ ଦିଆଯାଇଥିଲା। ଏହାଦ୍ୱାରା ଅନେକ ଶତାବ୍ଦୀ ଧରି ଇହୁଦୀମାନେ ଋଣଦାତା ହୋଇରହିଥିଲେ ଏବଂ ସେମାନେ ସୁଧ ପ୍ରକ୍ରିୟା ଉଦ୍ଭାବନ କରିଥିଲେ ବୋଲି ଐତିହାସିକ କାହାଣୀ ବିସୃଷ୍ଟି କରାଯାଇଥିଲା। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଇହୁଦୀ ଆଇନ କରାଯିବାର ବହୁ ଶତାବ୍ଦୀ ପୂର୍ବରୁ ଚକ୍ରବୃଦ୍ଧି ସୁଧ ମେସୋପଟାମିଆ, ଗ୍ରୀସ୍, ଭାରତ ଭଳି ଦେଶରେ ପ୍ରଚଳିତ ଥିଲା। ଅବଶ୍ୟ, ସୁଧକୁ ପ୍ରୋତ୍ସାହିତ ନ କରି କେବଳ ଏହା ଉପରେ କଟକଣା ଲଗାଇ ଇହୁଦୀ ପରମ୍ପରା ଆରମ୍ଭ କରାଯାଇଥିଲା। କିନ୍ତୁ ଇତିହାସ ଇହୁଦୀଙ୍କୁ ଟଙ୍କାର ସଙ୍କେତ କରିଦେଲା ଏବଂ ସେମାନଙ୍କ ବାଣିଜ୍ୟରେ ଚକ୍ରବୃଦ୍ଧି ସୁଧ ଏକ ପ୍ରତୀକ ପାଲଟିଗଲା।

ସମୟ ଓ ସ୍ଥଳବିଶେଷରେ ଚକ୍ରବୃଦ୍ଧି ସୁଧର ବିଭିନ୍ନ ଅର୍ଥ ରହିଆସିଛି। ଶାସକ ଓ ବଣିକଙ୍କ ପାଇଁ ଏହା ଏକ ଗାଣିତିକ ସାଧନ। ସନ୍ନ୍ୟାସୀ ଓ ଋଷିଙ୍କ ଦୃଷ୍ଟିରେ ଏହା ହେଉଛି ମାନବୀୟ ଦୁର୍ବଳତାର ଏକ ନୀତିକଥା ଏବଂ ଲୋଭ ଓ ମୂର୍ଖାମିର ଏବ ଛୋଟ କାମ କିଭଳି ନିୟନ୍ତ୍ରଣ ବାହାରକୁ ଚାଲିଯାଏ ତାହା ଏହା ଦର୍ଶାଏ। ଇହୁଦୀ ଓ ଖ୍ରୀଷ୍ଟିଆନଙ୍କ ପାଇଁ ଏହା ଥିଲା ଏକ ନୈତିକ ଦ୍ୱନ୍ଦ୍ୱ ବା ସମସ୍ୟା ; ଏହା ମଧ୍ୟ ଥିଲା ଉଭୟ ଆବଶ୍ୟକତା ଓ ପାପର ଏକ ପରମ୍ପରା। ଏବେ ବ୍ୟାଙ୍କରମାନେ ଏହାକୁ ଧନର ଚାବିକାଠି ବୋଲି ମାନୁଛନ୍ତି।

-devduttofficial@gmail.com

## ଏଇ ଭାରତରେ

ପ୍ରାୟ ଏକ ଦଶନ୍ଧି ପୂର୍ବରୁ ମହାରାଷ୍ଟ୍ର ପଶ୍ଚିମଘାଟ ପର୍ବତମାଳା ଆଖପାଖ ଗାଁଗୁଡ଼ିକରେ ଜଳସଙ୍କଟ ଯୋଗୁ କୃଷିରେ ବାଧା ଉପୁଜୁଥିଲା। ସେଠାକାର ବୋର୍‌ୱେଲ କାମ କରୁ ନ ଥିଲା। ଏବେ ଏହି ସମସ୍ୟା ଦୂର କରିଛନ୍ତି ପୁଣେର ଇଞ୍ଜିନିୟର ରାହୁଲ ବକାରେ। ସେ ବୋର୍‌ୱେଲଗୁଡ଼ିକର ପୁନରୁଦ୍ଧାର କରିପାରିଛନ୍ତି। ଫଳରେ ଲୋକେ ପର୍ଯ୍ୟାପ୍ତ ପାନୀୟଜଳ ପାଇବା ସହ ଚାଷକାର୍ଯ୍ୟ ମଧ୍ୟ ସୁରୁଖୁରୁରେ କରୁଛନ୍ତି। ଏସବୁ ଗାଁ ସମେତ ଭାରତରେ ଏଯାବତ୍ ସେ ୪୦୦ରୁ ଊର୍ଦ୍ଧ୍ୱ ବୋର୍‌ୱେଲ ମରାମତି କରିସାରିଲେଣି। ରୋହିଣୀ ନିଲେକାନି ଆର୍ଗିୟାମ ଫାଉଣ୍ଡେଶନ ଦ୍ୱାରା ଏହାର ପରିଚାଳନା କରାଯାଉଛି। ନୂଆ ବୋର୍‌ୱେଲ ତୁଳନାରେ ବହୁ କମ୍ ଖର୍ଚ୍ଚରେ ଅକାମି ହୋଇ ପଡ଼ିରହିଥିବା ବୋର୍‌ୱେଲଗୁଡ଼ିକର ପୁନରୁଦ୍ଧାର ହୋଇପାରୁଛି। ଏହି କାର୍ଯ୍ୟ ସେ ରୋବୋ ମାଧ୍ୟମରେ କରୁଛନ୍ତି। ତାଙ୍କୁ ସହଯୋଗ କରୁଛନ୍ତି ହାଇଡ୍ରୋଲୋଜିଷ୍ଟ ବିନିତ ଫଡନିସ। ରାହୁଲ ଆମେରିକାରେ ଚାକିରି ଛାଡ଼ି ଗାଁରେ ଚାଷ କରିବା ବେଳେ ଜଳାଭାବ ସ୍ଥିତିକୁ ଦେଖି ତାହା ଦୂର କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୭୬

- ରାଜ୍ୟରେ ୬ଟି ନୂଆ ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ପରିକଳ୍ପନା ଜରିଆରେ ୭୨୩ ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇବା ପାଇଁ ୨.୨୭ କୋଟି ଟଙ୍କା ମଞ୍ଜୁର।
- ଭାରତର ଆଣବି ଗବେଷଣା ପାଇଁ ସୋଭିଏତ ୟୁନିୟନ ୨ ଶହ ଟନ ଭାରିଜଳ ଯୋଗାଇଦେବ ବୋଲି ନିଉୟର୍କ ଟାଇମ୍ସର ଏକ ସମ୍ବାଦରେ ପ୍ରକାଶ ପାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 5 |
| | | 9 | 6 | | 4 | | | |
| | | | | 3 | | 2 | | |
| | | | | | | | | |
| 5 | 6 | | | | 8 | | | |
| | | | | 4 | 2 | | | 1 |
| | 1 | | 2 | | | 3 | 5 | |
| | | 6 | | | | | 4 | |
| | | 3 | | | 7 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 9 | 7 | 8 | 4 | 1 | 5 | 3 |
| 8 | 4 | 5 | 9 | 1 | 3 | 2 | 7 | 6 |
| 7 | 3 | 1 | 5 | 6 | 2 | 8 | 4 | 9 |
| 5 | 1 | 7 | 4 | 9 | 8 | 6 | 3 | 2 |
| 4 | 8 | 6 | 2 | 3 | 5 | 7 | 9 | 1 |
| 3 | 9 | 2 | 1 | 7 | 6 | 4 | 8 | 5 |
| 9 | 6 | 3 | 8 | 4 | 1 | 5 | 2 | 7 |
| 1 | 5 | 8 | 3 | 2 | 7 | 9 | 6 | 4 |
| 2 | 7 | 4 | 6 | 5 | 9 | 3 | 1 | 8 |

ଗତକାଲିର ଉତ୍ତର

# ଖଜୁରି ଗଛର କି ଗୁଣ ଗାଇବି



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଆମ ଦେଶର ସମ୍ବିଧାନ କହେ ଆଇନ ଦୃଷ୍ଟିରେ ସମସ୍ତେ ସମାନ। ହେଲେ ବାସ୍ତବ କ୍ଷେତ୍ରରେ ତାହାର କାର୍ଯ୍ୟାନ୍ୱୟନ ବା ଅନୁପାଳନ ବେଳେ ହୁଏ କିନ୍ତୁ ଠିକ୍ ତା'ର ଓଲଟା। ଜଣେ ଖଟିଖିଆ ମଜୁରିଆ ପାଇଁ ଆଇନ କଚ୍ଛପ ଗତିରେ ଚାଲୁଥିବା ବେଳେ ମହାଜନ ତଥା କ୍ଷମତାଧାରୀଙ୍କ ପାଇଁ ଏହା ଧାଉଁଥାଏ। ମୁଷ୍ଟିମେୟ କେତେଜଣ ଲୋକ ଦେଶର ସବୁତକ ସୁବିଧା ସୁଯୋଗ ସହଜରେ ହାତେଇ ଚାଲିଥିବା ବେଳେ ସାଧାରଣ ଲୋକମାନେ ହେଉଥାନ୍ତି ଚାହିଁ ଜଳକା। ଏମିତି ହୁଏ କାହିଁକି? ଏହାର ଗୂଢ଼ ରହସ୍ୟ ଭେଦିବା ସାଧାରଣ ମଣିଷ ପକ୍ଷରେ ଅସମ୍ଭବ।

ଦେଶ ଏବେ ଏକ ବିଚିତ୍ର ପରିବେଶ ଆଉ ପରିସ୍ଥିତି ଦେଇ ଗତି କରୁଥିବା କହନ୍ତି ବୁଦ୍ଧିଜୀବୀମାନେ। ଲୋକଙ୍କ ମନରେ ଲାଗି ରହିଛି ଅବିଶ୍ୱାସ ଆଉ ଅନାସ୍ଥା ଭାବ। କେହି କାହାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି। କାହିଁକି ନା ଏବେ ଦେଶର ପ୍ରତିଟି କ୍ଷେତ୍ରରେ ମଣିଷଙ୍କୁ ଚିତାକାଟିବାର ପ୍ରତିଯୋଗିତା ଲାଗିଯାଇଛି। ଯିଏ ଅନ୍ୟଙ୍କୁ ଠକି ଦେଇପାରିଲା କି ଲୁଟି କାଙ୍ଗାଳକରି ଦେଇପାରିଲା ସେ ହେଲା ବଡ଼ଲୋକ ଆଉ କ୍ଷମତାର ମାଲିକ। ଏମିତି ଏକ ଅବେଳରେ ଆଇନ ଉପରେ ଲୋକଙ୍କ ଆସ୍ଥା ବଢ଼ିବା ସ୍ୱାଭାବିକ। ହେଲେ ଏଇ ସମୟରେ ଆଇନର ରକ୍ଷକ ଯଦି ଭକ୍ଷକ ହୁଅନ୍ତି, ତେବେ ସାଧାରଣ ଲୋକମାନେ ଗୁହାରି କରିବେ କାହା ଆଗରେ? ନ୍ୟାୟ ପାଇବେ ତ ପାଇବେ କାହା ପାଖରୁ?

ବେଳେବେଳେ ଲୋକେ ଅଭିଯୋଗ କରୁଥିବା ଶୁଣାଯାଏ 'ଆମ ଦେଶରେ ଏମିତି ଆଇନ କାହିଁକି ତିଆରି କରାଯାଏ, ଯାହା ଉଭୟ ଆଇନ ନିର୍ମାତା ଏବଂ ପାଳନକର୍ତ୍ତାଙ୍କୁ ପାଳନ କରିବା କଷ୍ଟକର ହୋଇପଡ଼େ। ସେ ସରକାରଙ୍କ ତଳସ୍ତରର କର୍ମଚାରୀ ହୁଅନ୍ତୁ କି ସାଧାରଣ ଜନତା, ସେମାନଙ୍କ ପାଇଁ ଆଇନ ଅନୁପାଳନ ବେଳେ ଯେତିକି ଘାତ ପ୍ରତିଘାତ ଦେଖାଯାଏ, କାହିଁକି ଯେ ସେତିକି ଅସୁବିଧା ଦେଖାଯାଏ ନାହିଁ ଉପରିସ୍ଥ ହାକିମ କିମ୍ବା ବଡ଼ବଡ଼ିଆଙ୍କ ବେଳକୁ। ସେମାନଙ୍କ ପାଇଁ ଛୁଟି ସମୟ ବାହାରେ ଏପରିକି ମଧ୍ୟରାତ୍ର ପର୍ଯ୍ୟନ୍ତ ଖୋଲା ରହେ ଅଫିସ୍। ଏପରିକି କୋର୍ଟ କଚେରି ଖୋଲାଯାଏ ଅବେଳରେ। ପିଅନଠୁ ଅଫିସର ପର୍ଯ୍ୟନ୍ତ ସମସ୍ତେ ମାତି ଯାଆନ୍ତି କାମରେ। ସାଧାରଣ ଲୋକଙ୍କ ବେଳକୁ ଥତମତ ହେଉଥିବା ବାବୁମାନଙ୍କ କଲମ ଚାଲେ ଚରଚର୍ ଅର୍ଥାତ୍ କାମ ହୋଇଯାଏ ବୁଲେଟ୍ ବେଗରେ। କେବଳ ଅଫିସର ଚାହିଁଲେ ହେଲା। ଆଉ ସେମାନେ ଏତେ ଓଭର୍ ଟାଇମ୍ କରିବାକୁ କାହିଁକି ଚାହାନ୍ତି, ସେଇ କଥା ତାଙ୍କୁ ହିଁ ଜଣା। ଅବଶ୍ୟ ଏକଥା ସତ ଯେ, ଦିନସାରା ଖଟଣିରୁ ଯେତେ କଷ୍ଟ ଅନୁଭବ କରୁଥିଲେ ହେଁ ଅଫିସ୍ ଟାଇମ୍ ବାହାରେ କାମ କରିବାକୁ ମନା କରିପାରନ୍ତି ନାହିଁ ତଳିଆ କର୍ମଚାରୀ। କେମିତି ହେଲେ ମନାକରି ପାରିବେ? ଯାହା ହେଲେ ବଡ଼ବଡ଼ିଆଙ୍କ କଥା ନା!

ସରକାରୀ ବ୍ୟବସ୍ଥା ଏମିତି ଯେ ଏଇଠି ପଦସ୍ଥ ବାବୁମାନେ ଦରମା ପାଇଲା ବେଳେ ପାଇବେ ସର୍ବାଧିକ, ହେଲେ ଦାୟିତ୍ୱ ମୁଣ୍ଡେଇଲା ବେଳକୁ ଚତୁରତାର ସହ ନିଜ ଉପରୁ ବୋଝତକ ଖସେଇ ଚାଲିଥିବେ ତଳକୁ ତଳକୁ, ଠିକ୍ ପୋଷ୍ଟାଲ ସିଷ୍ଟମ ଭଳି। ଆହା, ବିଚରା ତଳିଆ କର୍ମଚାରୀମାନେ? ସେମାନେ କହିବେ ତ କହିବେ କାହାକୁ? ଯିବେ ତ ଯିବେ କୁଆଡ଼େ? ନିଜର ସାଧମତେ ଆଦେଶ ଅନୁପାଳନ କରିବାକୁ ସେମାନେ ବାଧ୍ୟ। ଏଥିରେ ପୁଣି କରୁକରୁ କୌଣସି କାମ ଯଦି ତଳିଆ କର୍ମଚାରୀଙ୍କ ଉଦ୍ୟୋଗ ଫଳରେ ସଫଳ ହୋଇଯାଏ, ତେବେ ତାହାର ଶ୍ରେୟ ନେବାକୁ ଆଗେଇ ଆସନ୍ତି ମାଳମାଳ ବାବୁ, ନେତା, ମନ୍ତ୍ରୀ। ଆଉ ଛୋଟ କର୍ମଚାରୀଟିର ଭାଗ୍ୟ ଅବଳକୁ ଯଦି ବାଇଚାନ୍ସ ଫେଲ୍ ମାରିଯାଏ କୌଣସି କାର୍ଯ୍ୟକ୍ରମ, ତେବେ ସବୁ ଦୋଷ ତଳିଆ କର୍ମଚାରୀଙ୍କ ମୁଣ୍ଡକୁ ଗଡ଼େଇଦେଇ ଝାଡ଼ିଝୁଡ଼ି ସଫା ହୋଇଯିବେ ସେମାନେ। ଏଇଟା ଯୁଗେ ଯୁଗେ ଚାଲି ଆସିଛି ଏଇ ଦେଶରେ।



ସେ ତଳିଆ କର୍ମଚାରୀ ହୁଅନ୍ତୁ କି ସାଧାରଣ ଜନତା, ସେମାନଙ୍କୁ କଥା କଥାରେ ହଇରାଣ ହରକତ କରିପାରୁଥିବା ଉଚ୍ଚପଦସ୍ଥ ବାବୁମାନେ ନିଜକୁ ସ୍ୱୟଂ ଭଗବାନଙ୍କ ଅବତାର ବୋଲି ଭାବୁଥାନ୍ତି। ତାଙ୍କ ଦୃଷ୍ଟିରେ ସେଇ ମଣିଷଙ୍କର ଭାଗ୍ୟ ନିୟନ୍ତା ହେଉଛନ୍ତି ଏଇ ବାବୁମାନେ। କାରଣ ଏମାନଙ୍କ କଲମ ମୁନରେ ନିହିତ ଥାଏ ସେତେ ବଡ଼ କ୍ଷମତା, ଯାହାର ଦୁରୁପଯୋଗ ଏମାନେ କରି ଚାଲିଛନ୍ତି ଅକ୍ଳେଶରେ। ଜଣକୁ ମାରିବା କି ତାରିବା ସବୁକିଛି ଥାଏ ଏମାନଙ୍କ ହାତରେ। ଭାଙ୍ଗିବା ଗଢ଼ିବା, ଗଢ଼ିବା ଭାଙ୍ଗିବା ଏମାନଙ୍କ ପାଇଁ ଏକ ସାଧାରଣ ଖେଳ। ଏମାନେ ଚାହିଁଲେ ଜଣେ ଚାଟୁକାର ଅଥଚ ଅଯୋଗ୍ୟ କର୍ମଚାରୀକୁ ଚାହୁଁଚାହୁଁ ବସେଇ ଦେଇପାରନ୍ତି ଉଚ୍ଚାସନରେ, ଛାଡ଼କରିଦେଇ ପାରନ୍ତି ତା'ର ସବୁତକ ଅନ୍ୟାୟ ଅନୀତି ଦୁର୍ନୀତି। ଅପରପକ୍ଷରେ ସାହେବଙ୍କର ମିଥ୍ୟା ଜୟଗାନରେ ପଶ୍ଚାଦ୍‌ପଦ ହେଉଥିବା ଅଥବା ଦର୍ଶନୀ/ଭେଟି ଦେବାରେ ଅକ୍ଷମତା ପ୍ରକାଶ କରୁଥିବା ଜଣେ ସାଧୁ, ସଚ୍ଚୋଟ, କର୍ମଯୋଗୀ କର୍ମଚାରୀକୁ ତଳି ତଳାନ୍ତ କରିଦେଇ ପାରନ୍ତି ସେ କ୍ଷଣିକ ଭିତରେ।

ସରକାରୀ କାର୍ଯ୍ୟାଳୟରେ ଚାଲିଥିବା ଏମିତି ଅନେକ ଅନାଲୋଚିତ ଅଲିଖିତ କଠୋର ନିୟମକାନୁନ ଯୋଗୁ ଭାଙ୍ଗିଯାଏ ସଚ୍ଚୋଟ କର୍ମଚାରୀଙ୍କ ମନୋବଳ। ଏପରିକି ଅନେକ ସମୟରେ କର୍ମବିମୁଖ ହୋଇ ଉଠନ୍ତି ସେମାନେ। ମନ ତାଙ୍କର ବିଦ୍ରୋହ କରିଉଠେ। ହେଲେ ତାଙ୍କ ଦୁଃଖ ଯନ୍ତ୍ରଣା ଦେଖିବାକୁ କି ସେମାନଙ୍କ ମନୋବେଦନା ବୁଝିବାକୁ କେହି ଜଣେ ହେଲେ ମହାନୁଭାବ ନ ଥାନ୍ତି ସରକାରୀ ବ୍ୟବସ୍ଥା ମଧ୍ୟରେ। ଏହା କହିବା ଅନାବଶ୍ୟକ ଯେ ଆଜିକାଲି ଆମ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବଢ଼ି ଚାଲିଥିବା ଅନ୍ୟାୟ, ଅନୀତି, ଦୁର୍ନୀତିର ମୂଳକାରଣ ହେଉଛନ୍ତି ଏଇ ଅର୍ଥଲୋଭୀ ଅଧିକାରୀମାନେ। ତଥାପି ଏମାନଙ୍କୁ ସାବାଡ଼ କରିବାର ଠିକ୍ ଉପାୟ କିଛି ଆଜି ପର୍ଯ୍ୟନ୍ତ ବାହାରି ନାହିଁ ବୋଧହୁଏ। ସେମିତି ଉପାୟ କିଛି ନଥିପତ୍ରରେ ଅବଶ୍ୟ ରହି ଥାଇପାରେ, ହେଲେ ତାହା କାର୍ଯ୍ୟାକାରୀ ହେଲେ ତ! ଆଇନକୁ କାର୍ଯ୍ୟକାରୀ କରୁଥିବା ଲୋକ ଯଦି ନିଜେ ଭ୍ରଷ୍ଟାଚାରୀ ହୁଏ? ତେବେ...।

ଅନ୍ୟକୁ ପଦଦଳିତକରି ରଖିବା ଭଳି ଔପନିବେଶବାଦୀ ମନୋଭାବ ପ୍ରତିପୋଷଣ କରୁଥିବା ମିଥ୍ୟାସ୍ତୁତି ପ୍ରିୟ ପ୍ରଶାସନିକ ଅଧିକାରୀ ଏବଂ ତାଙ୍କୁ ନିୟନ୍ତ୍ରିତ ବା ଉତ୍ସାହିତ କରୁଥିବା ମହାମାନ୍ୟମାନେ ହେଉଛନ୍ତି ଦେଶର ପ୍ରଥମ ଶତ୍ରୁ, ଗୃହଶତ୍ରୁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରି ହୀନ ମାନସିକତା ସୃଷ୍ଟିହେବା କେବେହେଲେ ଶୁଭଙ୍କର ନୁହେଁ। ବୋଧହୁଏ ଆଜିକାଲି ଏଇଥିପାଇଁ ଦେଶ ପରିଚାଳନାର ଗୁରୁଦାୟିତ୍ୱ ମୁଣ୍ଡେଇଥିବା ବ୍ୟକ୍ତିବିଶେଷମାନେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରୁନାହାନ୍ତି। ଦେଶ ହିତରେ ଏପରି ନିମ୍ନ ମାନସିକତାର ପରିବର୍ତ୍ତନ ଜରୁରୀ। ଏକଥା ସମସ୍ତେ ମର୍ମେ ମର୍ମେ ଅନୁଭବ କରୁଛନ୍ତି, କରି ଚାଲିଛନ୍ତି। ତଥାପି ସମସ୍ତେ ଆଜି ନୀରବ। ଲୋକହିତ ଏବଂ ସୁଶାସନ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ଦୃଢ଼ହସ୍ତରେ ଦମନ କରାଯିବା ସହ ସଚ୍ଚୋଟ ତଥା କର୍ମଠ ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ। ହେଲେ ସେତକ କରିବ କିଏ? ସାଧାରଣ ମଣିଷ ନା ଆଇନ ରକ୍ଷକ ତଥା ନିର୍ମାତା ମହାମାନ୍ୟମାନେ?

ଢୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ: ୮୨୪୯୮୦୭୨୬୭

## ବିଲୁପ୍ତି ପଥେ ନୀଳରକ୍ତ କଙ୍କଡ଼ା



କମଳଲୋଚନ ପଣ୍ଡା

ମାନବ ଜାତି ପାଇଁ ପରମ ଉପକାରୀ ବନ୍ଧୁ ହେଉଛି ବିରଳ ନୀଳରକ୍ତ କଙ୍କଡ଼ା। ତା'ର ନୀଳରକ୍ତର କଣିକାରେ ଭରି ରହିଛି ଅମୂଲ୍ୟ ଔଷଧୀୟ ଗୁଣ। ବାଲେଶ୍ୱର ଏବଂ ଭଦ୍ରକ ଜିଲାର ଶାନ୍ତ ବେଳାଭୂମିରେ ନୀଳରକ୍ତ କଙ୍କଡ଼ା ଦେଖାଯାଆନ୍ତି। ଏମାନଙ୍କ ରକ୍ତ ଧଳା ହୋଇଥିବା ବେଳେ ବାୟୁ ସଂସ୍ପର୍ଶରେ ଆସିଲେ ନୀଳ ହୋଇଯାଏ। ରକ୍ତର ରଙ୍ଗକୁ ନେଇ ଏହି ଜୀବର ନାମ ନୀଳରକ୍ତ କଙ୍କଡ଼ା ହୋଇଛି। ପୃଥିବୀର ୭ଟି ମହାଦେଶ ମଧ୍ୟରୁ କେବଳ ଆମେରିକା ଓ ଏସିଆ ମହାଦେଶରେ ଏହା ଦେଖାଯାଏ। ବିଶେଷକରି ଭାରତରେ ଏହି କଙ୍କଡ଼ାର ଉପସ୍ଥିତି ସବୁଠାରୁ ଅଧିକ। କିନ୍ତୁ, ଆଜି ଏହାର ଅସ୍ତିତ୍ୱ ବିପଦରେ ପଡ଼ିଛି।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷକରି ବଳରାମଗଡ଼ି, ଚାନ୍ଦିପୁର, ଡଗରା, କଷାଫଳ, ହୁକିଟୋଲା ପରି ଅଞ୍ଚଳ ନୀଳରକ୍ତ କଙ୍କଡ଼ାମାନଙ୍କ ଆବାସସ୍ଥଳ। ଏହି କୂଳଗୁଡ଼ିକ ପ୍ରାକ୍-ମୌସୁମୀ ଏବଂ ପରବର୍ତ୍ତୀ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ଏବଂ ବସା ସ୍ଥାପନ ଆବାସସ୍ଥଳ ଭାବରେ କାର୍ଯ୍ୟକରେ। ଦୁର୍ଭାଗ୍ୟବଶତଃ, ଦ୍ରୁତ ଉପକୂଳ ବିକାଶ, ଅବୈଧ ମାଛ ଧରିବା ଏବଂ ପ୍ରଦୂଷଣଏହି କଙ୍କଡ଼ାଙ୍କ ବାସସ୍ଥାନ ନଷ୍ଟକରୁଛି। ବହୁ ସମୟରେ ଅନେକ ନୀଳରକ୍ତ କଙ୍କଡ଼ା ମାଛଧରା ଜାଲରେ ଫସିଯାଇ ମରିଯାଉଛନ୍ତି। ଏହା ବ୍ୟତୀତ ବାଲି ଖନନ ଏବଂ କ୍ଷୟ ଯୋଗୁ ଏମାନଙ୍କ ମୃତ୍ୟୁ ଘଟୁଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ସମୁଦ୍ର ତାପମାତ୍ରା ବୃଦ୍ଧି ଘଟି ଏମାନଙ୍କ ବସା ସ୍ଥାପନ ସ୍ଥାନକୁ ଆହୁରି ହ୍ରାସ କରିଦେଇଛି।

ଆଧୁନିକ ଔଷଧ ପାଇଁ ପ୍ରକୃତିର ଉପହାର ହେଉଛି ନୀଳରକ୍ତ କଙ୍କଡ଼ା। ଏମାନଙ୍କର ପରିବେଶଗତ ଭୂମିକା ବ୍ୟତୀତ ଏମାନେ ମାନବ ସ୍ୱାସ୍ଥ୍ୟ ପାଇଁ ଅମୂଲ୍ୟ ସମ୍ପଦ। ଏମାନଙ୍କର ନୀଳରକ୍ତରେ ଲିମୁଲସ ଆମେବୋସାଇଟ୍ ଲାଇସେଟ୍ ନାମକ ଏକ ଯୌଗିକ ଥାଏ ; ଯାହା ଟିକା, ସର୍ଜିକାଲ ଇମ୍ପ୍ଲାଣ୍ଟ ଏବଂ ଶିରାଭ୍ୟାସ ଔଷଧରେ ଜୀବାଣୁ ଏଣ୍ଡୋଟକ୍ସିନ ଚିହ୍ନଟ କରେ। କୋଭିଡ୍-୧୯ ଟିକା ସମେତ ଜୀବନ ରକ୍ଷାକାରୀ ଟିକାର ପ୍ରତ୍ୟେକ ବ୍ୟାଚ୍ ଏହି ପ୍ରାକୃତିକ ଜୈବ ଚିକିତ୍ସା ପରୀକ୍ଷା ଉପରେ ନିର୍ଭରକରେ।

ବିରଳ ଓ ଦୁର୍ଲଭ ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ଏବଂ ବଂଶବୃଦ୍ଧି ପାଇଁ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣର ନାଲିରକ୍ତ କଙ୍କଡ଼ା ଗବେଷଣା ଏବଂ ସଂରକ୍ଷଣ କେନ୍ଦ୍ର ଓଡ଼ିଶାର ଉପକୂଳରେ ସକ୍ରିୟ ଭାବରେ ପ୍ରଜାତି ଉପରେ ନଜର ରଖିଛନ୍ତି। ଗବେଷକ ଏବଂ ସ୍ୱେଚ୍ଛାସେବକମାନେ ଜନସଂଖ୍ୟା ସର୍ଭେ, ଟ୍ୟାଗିଂ କାର୍ଯ୍ୟକ୍ରମ ଏବଂ ସମ୍ପ୍ରଦାୟ ସମ୍ବେଦନଶୀଳତା କର୍ମଶାଳା ପରିଚାଳନା କରନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରମାଗତ ଭାବରେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ସଚେତନତା ଅଭିଯାନ, ଉପକୂଳ ମହାବିଦ୍ୟାଳୟ ଗୁଡ଼ିକୁ ଏକାଠି କରିବା ପାଇଁ ସହଯୋଗୀ ଆଭିମୁଖ୍ୟ ଗ୍ରହଣ କରିବା ସହ ଜୈବ ଚିକିତ୍ସା ଗୁରୁତ୍ୱ ଏବଂ ସଂରକ୍ଷଣ ପାଇଁ ଆବଶ୍ୟକତା ସମ୍ପର୍କରେ ଜାତୀୟ ଏବଂ ଆଞ୍ଚଳିକ ମଞ୍ଚରେ ଜ୍ଞାନ ଏବଂ ଚିନ୍ତାଧାରା ବାଣ୍ଟିବା ଜାରିରଖିଛି। ଉପକୂଳ ଜୈବବିବିଧତା ସଂରକ୍ଷଣ ପାଇଁ କର୍ମଶାଳା, ସେମିନାର, ସମ୍ମିଳନୀ ମଧ୍ୟ ଆୟୋଜନ କରୁଛି। ସଂରକ୍ଷଣ ବିଜ୍ଞାନରେ କାର୍ଯ୍ୟ କରିବାକୁ ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଭିନ୍ନ ବିଷୟ ପାଇଁ ଛାତ୍ର ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ଗବେଷଣା ସହଯୋଗୀ ସୌମ୍ୟରଞ୍ଜନ ଦାଶ ନୀଳରକ୍ତ କଙ୍କଡ଼ା ଉପରେ ଗବେଷଣା ପ୍ରକଳ୍ପ କାର୍ଯ୍ୟକରି ଜାତୀୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି।

ନୀଳରକ୍ତ କଙ୍କଡ଼ା ସୁସ୍ଥ ଉପକୂଳୀୟ ପରିବେଶ ପ୍ରଣାଳୀର ସୂଚକ। ସେମାନଙ୍କୁ ସୁରକ୍ଷା ଦେବା ଅର୍ଥ ହେଉଛି ବାଲିଆ ବେଳାଭୂମି ଏବଂ ସାମୁଦ୍ରିକ ଜୈବବିବିଧତାକୁ ସୁରକ୍ଷା ଦେବା। ସମୃଦ୍ଧ ଉପକୂଳ ଐତିହ୍ୟ ସହ ଓଡ଼ିଶା ସମ୍ପ୍ରଦାୟ ଆଧାରିତ ପରିଚାଳନା, ବାସସ୍ଥାନ ପୁନରୁଦ୍ଧାର ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନର କଠୋର ପ୍ରୟୋଗ ମାଧ୍ୟମରେ ନୀଳରକ୍ତ କଙ୍କଡ଼ା ସଂରକ୍ଷଣରେ ଭାରତର ପ୍ରୟାସକୁ ନେତୃତ୍ୱ ଦେଇପାରେ।

ଆବଶ୍ୟକ ସୁରକ୍ଷା ଓ ନିରାପତ୍ତା ଅଭାବରୁ ନୀଳରକ୍ତ କଙ୍କଡ଼ା ବିଲୁପ୍ତହେବାକୁ ବସିଲେଣି। ପରିବେଶ ସନ୍ତୁଳନ ସହ ଜୈବବିବିଧତା ବଜାୟ ରଖିବାରେ ମଧ୍ୟ ଏମାନଙ୍କର ଭୂମିକା ରହିଛି। ଯେତେବେଳେ ଆମେ ଏକ ଅଧିକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ, ଏହି ପ୍ରାଚୀନ ନାବିକମାନେ ଆମକୁ ବିବର୍ତ୍ତନ, ପରିବେଶ ବିଜ୍ଞାନ ଏବଂ ମାନବ ବଞ୍ଚିବା ମଧ୍ୟରେ ଗଭୀର ସମ୍ପର୍କକୁ ମନେପକାଇଦେଉଛନ୍ତି। ଏମାନଙ୍କୁ ଜୀବିତ ରଖିବା ଆମର କର୍ତ୍ତବ୍ୟ।

ଗ୍ରନ୍ଥାଗାର ସହାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ମୋ : ୭୩୨୭୦୨୮୯୭୮

## ଚିରନ୍ତନୀ

ତଥାପି ତୋର ଏ ଲଳିତ ମୂରତି ଆଜି
କଠିନ ବକ୍ଷେ ଉଠଇ ନିମେଷେ ବାଜି
ହତାଶ ପ୍ରୀତିର ହୁତାଶ ଜଳଇ ପୁଣି
ଚଞ୍ଚଳ କରି ମୋର ଅବୟବରାଜି ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜିଡିପିରୁ ଲୋକମାନେ କ'ଣ ବୁଝନ୍ତି

ମହାଶୟ,

ଅର୍ଥନୀତିର ଜଟିଳ ପାଠ ମଧ୍ୟରୁ ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ(ଜିଡିପି) ହିସାବ ହେଉଛି ଅନ୍ୟତମ । ଏହାର ବ୍ୟାଖ୍ୟା କରିବା କଷ୍ଟକର। ମୋ ମତରେ ଦେଶର ଅଧିକାଂଶ ସାଧାରଣ ଲୋକର ଜିଡିପି ହେଲା, ତା' ଗାଁ ନିକଟ ବଜାରରେ ତେଲଲୁଣ ଯଦି ଟିକିଏ ଶସ୍ତା ହୋଇଯାଏ ତେବେ ସେ ଅନୁମାନ କରେ ଜିଡିପି ବଢ଼ିଛି। ଏବେ ରାଜ୍ୟ ଏବଂ କେନ୍ଦ୍ର ସରକାର ୧୨ ଏବଂ ୮% ଜିଡିପି ବଢ଼ିଛି ଓ ଦେଶର ଅର୍ଥନୀତି ବୃଦ୍ଧି ପାଇଛି ବୋଲି ପ୍ରଚାର କରୁଛନ୍ତି। ୨୦୩୬ ମସିହାରେ ଓଡ଼ିଶା ଏବଂ ୨୦୪୭ରେ ଦେଶ ବିକଶିତ ହେବ ବୋଲି କହୁଛନ୍ତି। କିନ୍ତୁ ରାଜ୍ୟର ୫୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ ଏବଂ ସେମାନଙ୍କ ପରିବାରର ମାସିକ ଆୟ ମାତ୍ର ୫୧୧୧ ଟଙ୍କା। ପରିବାରର ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟରେ କେତେ ଖର୍ଚ୍ଚ କରିବ ତାହାର ଗୋଟିଏ ସାରଣୀ କରି ପ୍ରକାଶ କରନ୍ତୁ।

-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବେକେରି ଦୋକାନକୁ ୧୦ ହଜାର ଜରିମାନା

- ଜୁନାଗଡ଼ରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ
- ଲାଇସେନ୍ସ ନବୀକରଣ ନ ହେବା ଯାଏ ଖାଦ୍ୟସାମଗ୍ରୀ ଉତ୍ପାଦନ ବନ୍ଦ

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)


ବେଙ୍ଗଲୋର ବେକେରି ଦୋକାନରେ ଚଢ଼ାଉ କରାଯାଉଛି।

କଳାହାଣ୍ଡି ଜିଲା ଜୁନାଗଡ଼ ସହରର ବିଭିନ୍ନ ଖାଦ୍ୟସାମଗ୍ରୀ ଦୋକାନରେ ବୁଧବାର ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି। ଏହି ସମୟରେ ଜୁନାଗଡ଼ ହାଇସ୍କୁଲ ପଡ଼ିଆ ସମ୍ମୁଖ ସରକାରୀ ଜାଗା ଉପରେ ଥିବା ବେଙ୍ଗଲୋର ବେକେରି ଦୋକାନରେ ଚଢ଼ାଉ କରାଯାଇ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହି ଦୋକାନରେ ବର୍ତ୍ତମାନ ସୁଦ୍ଧା ଫୁଡ୍ ଲାଇସେନ୍ସ ନବୀକରଣ କରାଯାଇ ନ ଥିବା ଜଣାପଡ଼ିବା ପରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟପକ୍ଷରେ ଲାଇସେନ୍ସ ନବୀକରଣ ନ ହେବା ଯାଏ ବେକେରିରେ ଖାଦ୍ୟ ସାମଗ୍ରୀ ଉତ୍ପାଦନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏଠାରେ ପ୍ରସ୍ତୁତ ୨ ଖାଦ୍ୟ ସାମଗ୍ରୀର ନମୁନା ପରୀକ୍ଷଣ ପାଇଁ ବିଭାଗ ପକ୍ଷରୁ ନିଆଯାଇଛି।

ପ୍ରକାଶ ଯେ, ରବିବାର ଜୁନାଗଡ଼ ସହରର ଜଣେ ଗୃହିଣୀ ଏହି ଦୋକାନକୁ ବ୍ରେଡ୍ କିଣିବା ପାଇଁ ଯାଇଥିଲେ। ଘରେ ପହଞ୍ଚି ସେ ବ୍ରେଡ୍ ଭିତରେ ପୋକ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଗୃହିଣୀଙ୍କ ପୁଅ ଦୋକାନକୁ ଯାଇ ମାଲିକଙ୍କୁ ବ୍ରେଡ୍ ଦେଖାଇ ପୋକ ବିଷୟରେ ପଚାରିଥିଲେ। ଏଥିରେ ଦୋକାନ ମାଲିକ ରାଗିଯାଇଥିଲେ। ଏହି ଦୋକାନରେ ମିଳୁଥିବା ବ୍ରେଡ୍‌ରେ ପ୍ରସ୍ତୁତି ତାରିଖ, ଏକ୍ସପାଏରି ଡେଟ୍ କିମ୍ବା ଏମ୍ଆର୍‌ପି ସମ୍ପୂର୍ଣ୍ଣ ନ ଥିଲା। ଏହାକୁ ନେଇ ଯୁବକ ଜଣକ ଖାଦ୍ୟ ନିରାପତ୍ତା ବିଭାଗରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଭାଗ ପକ୍ଷରୁ ବୁଧବାର ଦୋକାନରେ ଚଢ଼ାଉ କରାଯାଇଥିଲା। ସେହିପରି ସହରର ଅନ୍ୟ କିଛି ଦୋକାନରେ ଚଢ଼ାଉ କରାଯାଇ ୧୧ ହଜାର ୫ଶହ ଟଙ୍କା ଜରିମାନା କରାଯାଇଥିଲା। ଏହାସହ ସମସ୍ତ ଦୋକାନୀଙ୍କୁ ଫୁଡ୍ ଲାଇସେନ୍ସ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାଏକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଖାଦ୍ୟ ନିରାପତ୍ତା ବିଭାଗର (ଏମ୍‌ଟିଏସ୍) ଗଜେନ୍ଦ୍ର କୈବର୍ତ୍ତ, ଜୁନାଗଡ଼ ପୋଲିସ ଏଏସ୍ଆଇ ପ୍ରକାଶ ଚନ୍ଦ୍ର ପାତ୍ର ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷରେ, ଖାଦ୍ୟ ନିରାପତ୍ତା ବିଭାଗର ଏହି ଚଢ଼ାଉକୁ ସ୍ଥାନୀୟ ବଣିକ ସଂଘ ସଭାପତି ମୁକେଶ ଅଗ୍ରୱାଲ ସ୍ୱାଗତକରି ସମସ୍ତ ଖାଦ୍ୟ ସାମଗ୍ରୀ ଦୋକାନୀଙ୍କୁ ଫୁଡ୍ ଲାଇସେନ୍ସ କରିବାକୁ ନିବେଦନ କରିଛନ୍ତି।

# ଶିକ୍ଷକ ନିଯୁକ୍ତି ପାଇଁ ଜିଲାପାଳଙ୍କୁ ଦରଖାସ୍ତ

ଖଡ଼ିଆଳ,୧୦।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଖୋଳପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସମସ୍ୟାକୁ ନେଇ ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଜିଲାପାଳ ଦରଖାସ୍ତ ଗ୍ରହଣକରି ଜିଲା ଶିକ୍ଷା ନିରୀକ୍ଷକଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦରଖାସ୍ତରେ ୨ରୁ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଁ ଉଲ୍ଲେଖ କରାଯାଇଛି। ଜିଲା ଶିକ୍ଷା ନିରୀକ୍ଷକ ଏ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ୬ମାସ ଆଗରୁ ୨ଜଣ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଥିବାବେଳେ ଗତ ନଭେମ୍ବରରେ ଜଣେ ଶିକ୍ଷକ ଚାକିରିରୁ ଅବସର ନେଇଛନ୍ତି। ବର୍ତ୍ତମାନ ସ୍କୁଲରେ ବାଲ୍‌ବାଟିକାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀକୁ ୩ ଶିକ୍ଷକ ଶିକ୍ଷାଦାନ ଦେବା ଅସମ୍ଭବ ହୋଇପଡିଛି। ଏଣୁ ଏହାର ଶୀଘ୍ର ସମାଧାନ କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ ଜଣାଇଥିଲା। ଏଥିରେ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଡ. ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଗୌତମ ପ୍ରସାଦ ମୁଣ୍ଡ, ଜାଗତ ରାମ ଶବର ପ୍ରମୁଖ ସାମିଲ ଥିଲେ।

# ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା ଅତିଥିମାନେ।

ଗୋଲାମୁଣ୍ଡା,୧୦।୧୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳନ ନିମନ୍ତେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଭାପତିତ୍ୱରେ ଉତ୍ସବ ପାଳନ ନିମନ୍ତେ ନୂତନ କମିଟି ଗଠନ ହୋଇଥିଲା। ଜାନୁଆରୀ ୯, ୧୦, ୧୧ତାରିଖ ତିନିଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ। ପ୍ରଥମ ଦିନରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକ ପ୍ରତିଭା ପ୍ରଦର୍ଶନ ସାଙ୍ଗକୁ କଳାହାଣ୍ଡିର ବିରବାଦ୍ୟ ଘୁମୁରା, ବନାବାଡ଼ି, ଗଣା ବଜା, ସିଙ୍ଗ ବଜା ପ୍ରଦର୍ଶନ ହେବ। ସେହିପରି ଦ୍ୱିତୀୟ ଦିନରେ ପଶ୍ଚିମ ଓଡିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ଉମା ବାରିକ ଅର୍କେଷ୍ଟ୍ରା ଓ ତୃତୀୟ ଦିନ ବିଶିଷ୍ଟ କଣ୍ଠ ଶିଳ୍ପୀ ମଣ୍ଟୁ ଛୁରିଆ ଓ ସାଥୀଙ୍କ ଦ୍ୱାରା ଷ୍ଟାର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁରା ମହାନନ୍ଦ,ଏବିଡ଼ିଓ ବିଜୟ କୁମାର ନାୟକ, ସହକାରୀ ଯନ୍ତ୍ରୀ ଚିତ୍ତ ରଞ୍ଜନ ଜେନା, ବିଇଓ ରାଜେଶ କୁମାର ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରୀତା ରାଣୀ କିଷାନ, କୃଷି ଅଧିକାରୀ ନୌକେଶ୍ୱର ନାଏକ, ବନପାଳ ରମେଶ ପଣ୍ଡା, ଅବକାରୀ ଅଧିକାରୀ ପ୍ରତିମା ବେହେରା, ଖାଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଲ, ମହାଲିଙ୍ଗ ସମିତି ସଭ୍ୟ କିରଣ କୁମାର ସିଂ ସମେତ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ଖବରଦାତା ସାମିଲ ହୋଇଥିଲେ।

# ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବଙ୍କ ଗୋଲାମୁଣ୍ଡା ଗସ୍ତ

ଗୋଲାମୁଣ୍ଡା,୧୦।୧୨(ବଟକୃଷ୍ଣ ପଣ୍ଡା)

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ, ପିଆର୍ ଏବଂ ଡି.ଡବ୍ଲୁ. ବିଭାଗର ଯୁଗ୍ମ ସଚିବ ଗାୟତ୍ରୀ ଦତ୍ତ ନାୟକ ବୁଧବାର ଗୋଲାମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବୃନ୍ଦାବାହାଲ ପଞ୍ଚାୟତର ଶହୀଦ ବିଜେନ୍ଦ୍ର ନାଥ ରାଉତ ଗ୍ରାମୀଣ ପାର୍କ ବୁଲି ଦେଖିଥିଲେ। ସୂଚନାମତେ ଏହି ଶହୀଦ ସ୍ମୃତି ପୀଠ ଅବ୍ୟବସ୍ଥା ଘେରରେ ରହିଥିଲା। ଏ ନେଇ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ତ୍ୱରିତ୍ୱ ପଦକ୍ଷେପ ନେଇ ଏହି ପୀଠକୁ ଶହୀଦ ବିଜେନ୍ଦ୍ର ନାଥ ଗ୍ରାମୀଣ ଉଦ୍ୟାନ ନାମରେ ନାମିତ କରି ୨୦ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇଦେଇଥିଲେ। ଅର୍ଥ ଅନୁମୋଦନ ପରେ ଏହି ପାର୍କ ଏକ ଭବ୍ୟ ଗ୍ରାମୀଣ ଉଦ୍ୟାନରେ ପରିଣତ ହୋଇପାରିଛି। ସେଲ୍ଫି ପଏଣ୍ଟ, କ୍ରୀଡା ସାମଗ୍ରୀ, ବଗିଚା ପଥଚାରୀଙ୍କୁ ବିଭୋର କରୁଛି। ସଚିବ ନାୟକ ଉନ୍ନୟନ କାର୍ଯ୍ୟ ଦେଖିବା ପରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ ସୁରେନ୍ଦ୍ର ନାଥ ଏ.ଇ, ପାର୍ବତୀ ପଟ୍ଟନାୟକ ଏମ୍‌ଜିଏନ୍ଆର୍‌ଇଜିଏସ୍ ସଂଯୋଜିକା, ଅମୀୟ କୁମାର ଦାସ ପ୍ରକଳ୍ପ ପରିଚାଳକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ଼ ବିଡ଼ିଓ ସଦାଶିବ ନାୟକ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁରା ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ଶହୀଦ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ବୁଧବାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝୀଙ୍କ ୧୭୦ ତମ ଶହୀଦ ଦିବସ ଭବାନୀପାଟଣାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଭବାନୀପାଟଣା ଜେନାଖାଲ ପଡ଼ାରୁ ଏକ ଶୋଭାଯାତ୍ରାରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଜେଲ ଛକସ୍ଥିତ ଶହୀଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ବସ୍ତ୍ରଷ୍ଣାଣ୍ଡ ପାଖ ରେଣ୍ଡୋ ମାଝୀଙ୍କ ସ୍ମୃତିସ୍ଥଳରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ

## ଜିଲା ମୁଖ୍ୟାଳୟରେ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁରେଶ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଫୁଲବାଣୀ ବିଧାୟକ ପ୍ରାର୍ଥିନୀ ତଥା ମହିଳା ଆଦିବାସୀ ନେତ୍ରୀ କଳ୍ପନା କହଁର ମୁଖ୍ୟ ଅତିଥି, ଆଇନଜୀବୀ ତଥା କୁଇ ସମାଜର ନେତା କନ୍ଧମାଳ ପ୍ରଦୀପ କୁମାର କହଁର ମୁଖ୍ୟବକ୍ତା ଓ ସଂଘ ଉପଦେଷ୍ଟା ଡମ୍ବରୁଧର ମାଝୀ, ଆଦିଷ୍କନ୍ଦ ସମାଜର ଜିଲା ସଭାପତି ସୁରେଶ ଭୋଇ, ଏଓଏସ୍‌ସିଏଫ୍ ମହାସଚିବ ତଥା କାର୍ଯ୍ୟକାରୀ ସଭାପତି ଏମ୍‌ବିଏମ୍‌ଏମ୍ ଯତିନ୍ଦ୍ର କର, କଳାହାଣ୍ଡି ସ୍ୱାଭିମାନ ସୁରକ୍ଷା ମଞ୍ଚ ଆବାହକ ସୁରେଶ ରାଓ, ସଂଘ ସାଧାରଣ ସମ୍ପାଦକ ଶୁକଦେବ ମାଝୀ, ଉପଦେଷ୍ଟା ରୂପକେଶରୀ ଦଳେଇ, ପରଜା ସଭାପତି ନବରଙ୍ଗପୁର ଭଗବାନ ଜାନୀ, କନ୍ଧମାଳ ଜିଲାର ଆଦିବାସୀ ନେତା ଦୟାନିଧି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କୁ ୧୪ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ସଭାରେ ଜିଲା ମୁଖ୍ୟାଳୟରେ ଶହୀଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ତାଙ୍କ ସହିତ ଶହୀଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଖୋଜି ସରକାରୀ ସ୍ୱୀକୃତି ଦେବା ପାଇଁ ଦାବି କରାଯାଇଥିଲା।

# ରୁପ୍ରା ଧାନମଣ୍ଡି ଉଦ୍‌ଘାଟିତ

ରୁପ୍ରାରୋଡ,୧୦।୧୨(ସଞ୍ଜୀବ ଦାସ)

ନର୍ଲା ବ୍ଲକ ରୁପ୍ରାଠାରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପ୍ରଥମଦିନ କୌଣସି ମିଲର୍ କିମ୍ବା ପ୍ରତିନିଧି ଆସି ନ ଥିବାରୁ ଟୋକନ ପାଇଥିବା କୌଣସି ଚାଷୀ ମଣ୍ଡିକୁ ଧାନ ଆଣି ନ ଥିଲେ। ଏହି ଧାନମଣ୍ଡିକୁ ପ୍ରଥମ ପର୍ଯ୍ୟାୟରେ ୧୨ହଜାର କୁଇଣ୍ଟାଲର ଟାର୍ଗେଟ ଆସିଥିବା ବେଳେ ବୁଢିପଦରର ଶ୍ରୀ ରାମାନୁଜନ ଏଗ୍ରୋ ଓ କେସିଙ୍ଗାର ବଜରଙ୍ଗ ଫୁଡ୍ ଟ୍ୟାଗ ହୋଇଥିବା ପ୍ୟାକ୍ସ କାର୍ଯ୍ୟନିର୍ବାହୀ ତଥା ଧାନକ୍ରୟ ଅଧିକାରୀ କୁମୁଦ ଚନ୍ଦ୍ର ମହାନନ୍ଦ ସୂଚନା ପ୍ରଦାନ କରିଥିଲେ। ରୁପ୍ରା ପ୍ୟାକ୍ସ ସଭାପତି ସରୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୁପ୍ରା ସରପଞ୍ଚ ଡଲି ବେହେରା ମଣ୍ଡି ଉଦ୍‌ଘାଟନ କରିଥିଲେ। ପୂର୍ବ ସରପଞ୍ଚ ଅକ୍ରୁର ସାହୁ, ପ୍ୟାକ୍ସ ଡାଇରେକ୍ଟର ହରେକୃଷ୍ଣ ବେହେରା, ଅଜୟ ସେନାପତି, ହିରାଧର ସାହୁ, ସାମାଜିକ କର୍ମୀ ସୁଶାନ୍ତ ସେନାପତି, ଚାଷୀ ପ୍ରତିନିଧି ତିରମଣ୍ଡିକ ନାଏକଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ। ପ୍ୟାକ୍ସ ଡାଇରେକ୍ଟର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
यूनियन बैंक ऑफ इंडिया Union Bank of India
**ଅନୁଗୁଳ ମୁଖ୍ୟ ଶାଖା**
ଶଙ୍କର ସିନେମା ରୋଡ, ମେନ୍ ରୋଡ, ଜିଲ୍ଲା: ଅନୁଗୁଳ,
ଇମେଲ୍: ubin0535885@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମୃତକ ମାଧବ ପରିଡାଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସନାତନ ପରିଡା (ସହ-ଋଣଗ୍ରହୀତା),** ପିତା: ୰ ମାଧବ ପରିଡା, **୨) ସାଗର ପରିଡା,** ପିତା: ୰ ମାଧବ ପରିଡା, **୩) ତୁଲେଇ ପରିଡା,** ସ୍ୱାମୀ: ୰ ମାଧବ ପରିଡା, ସମସ୍ତଙ୍କ ଠିକଣା- ସା/ପୋ: କୁକୁଡାଙ୍ଗ, ମଙ୍ଗଳା ମନ୍ଦିର ନିକଟ, ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ | ୩୧.୦୭.୨୦୨୫ ସୁଦ୍ଧା ଟ.୨୪,୫୨,୦୭୫.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ମାଧବ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୯୯/୪୯୬, ପ୍ଲଟ୍ ନଂ.: ୪୨୮୩/୫୮୪୯/୬୧୭୩, ପରିମିତ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ଖାତା ନଂ.: ୬୯୯/୮୦୨, ପ୍ଲଟ୍ ନଂ.: ୪୨୮୪, ପରିମିତ କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: କୁକୁଡାଙ୍ଗ, ତହସିଲ: ବଣ୍ଠପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୨୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବରଜୁ ଦେହୁରୀ ଏବଂ ରାସ୍ତା, ଦକ୍ଷିଣ: ରଘୁନାଥ ନାୟକ ଏବଂ ଅନ୍ୟମାନେ, ପୂର୍ବ: ମୁରଲୀ ସାହୁ, ପଶ୍ଚିମ: ମୁକୁନ୍ଦ ନାୟକ |
| **ଋଣଗ୍ରହୀତାମାନେ: ମୃତକ ସନାତନ ଦାସଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସୁଲୋଚନା ଦାସ** (୰ ସନାତନ ଦାସଙ୍କ ମାତା), **୨) ଜୟନ୍ତୀ ଦାସ,** ସ୍ୱାମୀ: ୰ ସନାତନ ଦାସ, **୩) ସତ୍ୟଜିତ୍ ଦାସ,** ପିତା: ୰ ସନାତନ ଦାସ, **୪) ନବୀନ ଚନ୍ଦ୍ର ଦାସ,** ପିତା: ୰ ସନାତନ ଦାସ, ସମସ୍ତଙ୍କ ଗ୍ରାମ: ପରତରା, ଥାନା: ଅନୁଗୁଳ ସଦର, ତହସିଲ: ବଣ୍ଠପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୩୨ | ୩୧.୦୭.୨୦୨୫ ସୁଦ୍ଧା ଟ.୩,୫୭,୭୩୨.୩୮ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ସନାତନ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୩୩/୩୯୨୩, ରେଭିନ୍ୟୁ ଖାତା ନଂ.: ୩୩୦/୯୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ପରତରା, ଥାନା: ଅନୁଗୁଳ ୨୮, ତହସିଲ: ବଣ୍ଠପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ, ପଶ୍ଚିମ: ଶରତ ଚନ୍ଦ୍ର ଦାସ |

ସ୍ଥାନ: ଅନୁଗୁଳ, ତାରିଖ: ୧୦.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ସରକାରୀ ଯୋଜନା ସାତସପନ

## ଅସହାୟ ଜୀବନ ବିତାଉଛନ୍ତି ପରିବାରର ୩ ସଦସ୍ୟ


ଝାଟିମାଟି କୁଡିଆ ସମ୍ମୁଖରେ ମା' ଓ ଝିଅ।

ନୂଆପଡ଼ା,୧୦।୧୨ (ମକାରୁ ବେମାଲ)

କେନ୍ଦ୍ର ତଥା ରାଜ୍ୟ ସରକାର ଅସହାୟ ଗରିବ, ବୃଦ୍ଧାବୃଦ୍ଧ, ବିଧବା, ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ବିଭିନ୍ନ ଯୋଜନାରେ ସାମିଲ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଅବହେଳା ଯୋଗୁ ସେମାନେ ଏହିସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ଭୂର୍ସିପଡାରେ। ଏହି ଗାଁରେ ରାଜିନ ବରିହା (୪୨), ସ୍ତ୍ରୀ ସୁଭଦ୍ରା ବରିହା (୩୭) ଓ ୫ ବର୍ଷର କୁନି ଝିଅ ନିକିସା ବାସ କରନ୍ତି। ରାଜିନ ଜନ୍ମରୁ ମୁକ ଓ ବଧିର ହୋଇଥିବା ବେଳେ ସ୍ତ୍ରୀ ସୁଭଦ୍ରା ଜଣେ ପକ୍ଷଘାତ ରୋଗୀ, ତାଙ୍କର ବାମ ଗୋଡ଼ ଓ ହାତ କାମ କରେ ନାହିଁ। ଝିଅ ନିକିସା ଚଲାବୁଲା କରିପାରନ୍ତି ନାହିଁ କି ଠିକ ଭାବରେ ବସିପାରନ୍ତି ନାହିଁ। ଏହି ପରିବାର ପାଇଁ ସରକାରୀ ଯୋଜନା ସାତ ସପନ ହୋଇଛି। ଜମିବାଡି ବୋଲି କିଛି ନାହିଁ। ମୁକ ରାଜିନ ଅନ୍ୟ ଘରେ ମୂଳ ଲାଗିଲେ ଚୂଲି ଜଳେ। ତାଙ୍କ ପାଖରେ ରାଶନ କାର୍ଡ ନାହିଁ। ପ୍ରଧାନମନ୍ତ୍ରୀ ଆବସ ଗୃହ ନ ମିଳିବାରୁ ଝାଟିମାଟି କୁଡିଆ ଘରେ ରହୁଛନ୍ତି । ଦମ୍ପତିଙ୍କ ଆଧାର କାର୍ଡ ନ ଥିବାରୁ କୌଣସି ସରକାରୀ ସୁବିଧା ପାଇପାରୁ ନାହାନ୍ତି। ଏଥିରେ ଅନ୍‌ଲାଇନ ଆବେଦନ କରିଥିଲେ ମଧ ହୋଇ ପାରୁନାହିଁ। ୱାର୍ଡ ସଭ୍ୟ ଓ ଗାଁକୁ ଆସୁଥିବା ଅଧିକାରୀଙ୍କୁ ଅନେକଥର ଗୁହାରି କରିଥିବା ସୁଭଦ୍ରା ପ୍ରକାଶ କରିଛନ୍ତି। ନିକିସା ସମ୍ପୂର୍ଣ୍ଣ ବିକଲାଙ୍ଗ ହୋଇଥିଲେ ମଧ ପ୍ରମାଣ ପତ୍ରରେ ୪୦ ପ୍ରତିଶତ ଥିବାରୁ ଭତ୍ତା ହୋଇ ପାରୁନାହିଁ । ଏହି ପରିବାର ପାଇଁ ପ୍ରଶାସନ ଦୃଷ୍ଟି ଦେଇ ଆଧାର କାର୍ଡ, ଭୋଟର କାର୍ଡ, ଆୟୁଷ୍ମାନ କାର୍ଡ କରିବା ସହ ୩ ଜଣଙ୍କୁ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନାରେ ସାମିଲ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ କୋମନା ବିଡିଓଙ୍କୁ ପଠାଇ ଏହାର ତଦନ୍ତ କରିବୁ। ସେ ପରିବାରର ଯେଉଁ ସବୁ ସମସ୍ୟା ରହିଛି ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ ।


**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.: Nuagam (Aska) - 761111, Ganjam District, Odisha
Phone: 06822-273464, email: askasugar@yahoo.co.in
Website: askasugar.com

Letter No. Engg./2013 Date: 09.12.2025

**SHORT TENDER CALL NOTICE**

Sealed tenders are invited from licenced labour Contractors/ Firm/Agencies/Organizations etc. for undertaking **"Supply of Labourers for Boiler Ash & Mill House Area Cleaning"** for the crushing season 2025-26 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our website **www.askasugar.com**. Filled tender forms can be sent by Speed Post/Registered Post only which should reach in the office by dated 23.12.2025 by 5.00 P.M. Any future addition/ modification in the tender will be uploaded in website only (i.e. **www.askasugar.com**).

Sd./- Managing Director
A.C.S.I. Ltd., Aska



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ**

**ବାର୍ତ୍ତା**

- ୨୦୨୫-୨୬ ଆର୍ଥିକ ବର୍ଷରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀ କରଣ ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭୭୦ ଜଣ ହିତାଧିକାରୀ (ଭିନ୍ନକ୍ଷମ, ବିଧବା, ଅବିବାହିତ, ସ୍ୱାମୀ ପରିତ୍ୟକ୍ତା, ବରିଷ୍ଠ ନାଗରିକ) ଏବଂ ଜାତୀୟ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ପ୍ରାୟ ୩୦୦ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି।
- ୨୦୨୫-୨୬ ଆର୍ଥିକ ବର୍ଷରେ MGNREGA ଅନ୍ତର୍ଗତ ୨୧୪୨୦୯ଗୋଟି ଶ୍ରମ ଦିବସ ସୃଷ୍ଟି କରି ନୂତନ ପୋଖରୀ ଖନନ, ପୋଖରୀ ପଙ୍କ ଉଦ୍ଧାର, ପୋଖରୀ ସୌନ୍ଦର୍ଯ୍ୟ କରଣ, କୃଷି ପୋଖରୀ ନିର୍ମାଣ, କୃଷି କୂପ ନିର୍ମାଣ, ନୂତନ ଆଡ଼ିବନ୍ଧ ନିର୍ମାଣ, ରାସ୍ତା ଉନ୍ନତୀକରଣ, ନୂତନ ପାର୍କ ନିର୍ମାଣ ଓ ଚାଷ ନାଳ ଆଦି ପରିସମ୍ପତ୍ତି ସୃଷ୍ଟି କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ୧୨୦୦୦୦/-ର ସହାୟତା ରାଶି ପ୍ରଦାନ କରାଯାଉଅଛି। ତତ୍ ସହ ପାଇଖାନା ନିର୍ମାଣ ପାଇଁ ୧୨୦୦୦/- ଓ ୯୫ ଦିନର ଶ୍ରମ ବାବଦକୁ MGNREGA ଅନ୍ତର୍ଗତ ୨୫୯୩୫/- ସହାୟତା ରାଶି ଓ ପ୍ରଦାନ କରାଯାଉଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଉନ୍ନୟନ ଯୋଜନା ମାଧ୍ୟମରେ ଅତ୍ୟାଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବନସୁରକ୍ଷା ସମିତିଗୃହ ନିର୍ମାଣ, ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ ଓ ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରାଯାଉଅଛି।
- IGS ଅଧୀନରେ 10ଜଣ SHG ସଦସ୍ୟଙ୍କ ପାଇଁ ମାଛଚାଷ ପ୍ରକଳ୍ପ ଚାଲୁଅଛି। ସମୁଦାୟ ୧୦ଲକ୍ଷ ଋଣ ଭିତରୁ ୫ଲକ୍ଷ ସବସିଡି ମିଳୁଛି। ମାଧବ ସିଂହ ହାତ ଖର୍ଚ୍ଚ ଯୋଜନାରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫୦୦୦/- ସହାୟତା ରାଶି ପ୍ରଦାନ କରାଯାଉଅଛି। ପ୍ରି-ମାଟ୍ରିକ ଛାତ୍ରବୃତ୍ତି ଅନ୍ତର୍ଗତ ୬ରୁ ୮ମ ଶ୍ରେଣୀ SC ଛାତ୍ରଛାତ୍ରୀଙ୍କୁ ମାସିକ ୫୦୦/- ଦିଆଯାଉଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ମାଛ ପୋଖରୀ ଅନ୍ତର୍ଗତ ନୂତନ ପୋଖରୀ ଖନନ ଓ ସେଥିରେ ମାଛଚାଷ, ଜୈବ ପୁଞ୍ଜି ଟାଙ୍କିରେ ମାଛଚାଷ ସମ୍ପାଦନ କରାଯାଉଅଛି। ଏଥିସହ ୨୦ଜଣ ହିତାଧିକାରୀଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ତରଫରୁ ମାଛଧରା ଜାଲ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ଅଧୀନରେ ୨୫ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ପାଇଖାନା ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରାଯାଇଅଛି।

ଶ୍ରୀଯୁକ୍ତ ଦ୍ୟୁତିକୃଷ୍ଣ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀଯୁକ୍ତ ମାନସ ରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀମତୀ କେ. ପ୍ରିୟଦର୍ଶିନୀ ଆଚାରୀ, ଅଧ୍ୟକ୍ଷା, ପଞ୍ଚାୟତ ସମିତି, ବୁଗୁଡ଼ା



**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ଇ-ନିଲାମ ବିଜ୍ଞପ୍ତି**

ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦

ପରିଶିଷ୍ଟ – IV-A
[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]
ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୩୦।୧୨।୨୦୨୫**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ବିସ୍ତାରଣ ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଭୌତିକ ଦଖଲ / ସାଙ୍କେତିକ ଦଖଲ ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର) ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **"ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି"** ଏବଂ **"ଯେଠାରେ ଯାହାବି ଅଛି"** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୩୦।୧୨।୨୦୨୫ରିଖ ୧୧.୦୦ ଘଟିକାରେ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | କ) ସଂରକ୍ଷିତ ମୂଲ୍ୟ ଖ) ଇଏମ୍‌ଡି ଗ) ବିଡ୍ ବୃଦ୍ଧି ପରିମାଣ ଘ) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୦।୧୨।୨୦୨୫, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୩.୦୦ ଘଟିକା** | କ) ଟ.୨,୯୮,୦୦,୦୦୦/- ଖ) ଟ.୨୯,୮୦,୦୦୦/- ଗ) ଟ.୧,୦୦,୦୦୦.୦୦ ଘ) ବୈଧାନିକ କର / ବିଦ୍ୟୁତ୍ / ସୋସାଇଟି ରକ୍ଷଣାବେକ୍ଷଣ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

**ସମ୍ପତ୍ତିକୁ ଖୋଜନ୍ତୁ**

| https://sbi.co.in web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବ୍‌ସାଇଟ୍ ୟୁଆର୍‌ଏଲ୍ https://baanknet.com | ସମ୍ପତ୍ତିର ଅବସ୍ଥିତି ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |
|---|---|---|

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

ତାରିଖ: ୧୧.୧୨.୨୦୨୫, ସ୍ଥାନ: ଭୁବନେଶ୍ୱର ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ

## ସଂକ୍ଷେପରେ

### ଗୋରୁ ବ୍ୟବସାୟ ନେଇ ଗୋଷ୍ଠୀ ସଂଘର୍ଷ, ଜଣେ ମୃତ

ବାଉଁଶୁଣୀ,୧୦।୧୨(ଦେବାଶିଷ ନେପାକ): ମନମୁଣ୍ଡା ଥାନା ଖଲିଆପାଲି ଗ୍ରାମପଞ୍ଚାୟତର ଗୁଦୁଗୁଦା ସାପ୍ତାହିକ ଗୋରୁ ବଜାରରେ ବୁଧବାର ଗୋରୁ ବ୍ୟବସାୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଆକ୍ରମଣ ପ୍ରତିଆକ୍ରମଣରେ ଗୋଟିଏ ଗୋଷ୍ଠୀର ଜଣେ ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଭାଇ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଗୋଛାପଡ଼ା ପଞ୍ଚାୟତ ଟାଲୁପାଲି ଗ୍ରାମର ରମଣି ମହାକୁଡ଼। ରତନଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ୫ଟାରେ ଗୁଦୁଗୁଦା ସାପ୍ତାହିକ ଗୋରୁ ବଜାରରେ ବ୍ୟବସାୟିକ ଶତ୍ରୁତାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ଗୋଛାପଡ଼ା ପଞ୍ଚାୟତ ଟାଲୁପାଲି ଗ୍ରାମର ଦୁଇ ଭାଇ ରମଣି ଓ ରତନ ଗୁରୁତର ହୋଇଥିଲେ। ଖବର ପାଇ ଉପଖଣ୍ଡ ପୋଲିସ ଅଧିକାରୀ ଲରେନ ରାଉତରାୟ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରମଣିଙ୍କୁ ମୃତ ଘୋଷଣା କରିଥିଲେ। ମନମୁଣ୍ଡା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଚୋରି ଅଭିଯୋଗରେ ୨ ଗିରଫ

ଅତାବିରା,୧୦।୧୨(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଡେମ୍‌ସା ଗ୍ରାମର ପ୍ରମୋଦ ସେଠ୍‌ଙ୍କ ଘରୁ ସୁନାଗଣ୍ଡା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାରେ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସମ୍ବଲପୁର ଜିଲ୍ଲା ଜୁଜୁମୁରା ଥାନା ଗୌରପାଲି ଗ୍ରାମର ବିନୋଦ ଖଣ୍ଡ(୨୭) ଏବଂ ଅତାବିରା ଥାନା ସିହପାଲି ଗ୍ରାମର ହରିବୋଲ ମେହେର(୫୧)। ସେମାନଙ୍କ ପାଖରୁ ସୁନାଚେନ୍, କାନଫୁଲ ଜବତ ହୋଇଛି। ଗତବର୍ଷ ଜୁଲାଇ ୨୨ରେ ବିନୋଦଙ୍କ ଘରୁ ସୁନାଚେନ୍, କାନଫୁଲ ଚୋରି ହୋଇଥିଲା। ଏ ନେଇ ସେ ଅତାବିରା ଥାନାରେ ଏତଲା ଦେଇଥିଲେ।

### ଜାତୀୟ ସେବା ଶିବିରରେ କଲେଜ ଆଡ୍‌ଭେଞ୍ଚର କ୍ୟାମ୍ପ

ପାଇକମାଳ,୧୦।୧୨(ବଡ଼ ଶତପଥୀ): ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜ ଜାତୀୟ ସେବା ଶିବିର ପକ୍ଷରୁ ସାଇପଲା ଡ୍ୟାମରେ କଲେଜ ଆଡଭେଞ୍ଚର କ୍ୟାମ୍ପ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ଯୋଗଦେଇ କ୍ୟାମ୍ପକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ଅଧ୍ୟାପିକା ବବିତା ମଲ୍ଲିକ ଅତିଥି ଭାବରେ ଉପସ୍ଥିତ ଥିଲେ। ପ୍ରାକୃତିକ ତଥା ଦୁଃସାହସିକ ପରିବେଶ କିପରି ମୁକାବିଲା କରିପାରିବେ ଏନେଇ କ୍ୟାମ୍ପରେ ଅବଗତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଡ ସୁମିତାବ ନାୟକ ପରିଚାଳନା କରିଥିଲେ। ରୋହିତ କୁମାର ପ୍ରଧାନ, ବିରେନ୍ଦ୍ର ରଣା, ଅଜୟ କୁମାର ପଟେଲ, ହରି ମହାକୁଡ଼, ଦିପ୍ତିମୟୀ ରଣା, ଡିଲେଶ୍ୱରୀ ପ୍ରଧାନ, ଦମୟନ୍ତୀ ଶବର, ସ୍ୱାଗତିକା ମହାନ୍ତି ପରିଚାଳନା ସହଯୋଗ କରିଥିଲେ।

# ସାମାଜିକ ପରିବର୍ତ୍ତନ ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)




ଆଞ୍ଚଳିକ ଶିକ୍ଷାସଭାରେ ଛାତ୍ରୀମାନେ ବକ୍ତବ୍ୟ ରଖୁଛନ୍ତି।

ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ବୁଧବାର କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଜାରିଂ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପଞ୍ଚସଖା ଶିକ୍ଷା ସେତୁର ସଭାପତି ତଥା ଶିକ୍ଷାପ୍ରେମୀ ଘନଶ୍ୟାମ ସାହୁଙ୍କ ଅଧ୍ୟକ୍ଷତା ଓ ସିଆର୍‌ସିସି ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ସଭା ଆୟୋଜିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରଭାସିନୀ ବିଭାର ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ଗଡ଼ତୀୟା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସ୍କୁଲର ଚେୟାରମ୍ୟାନ ମନୋଜ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ମହାନନ୍ଦ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୀନାକ୍ଷୀ ରାଣୀ ରାଉତଙ୍କ ନିର୍ଦ୍ଦେଶନାରେ ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ଭାଦ୍ରବ ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମାଜିକ ପରିବର୍ତ୍ତନ ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ନ୍ୟାୟରେ ଜାତୀୟ ଶିକ୍ଷାନୀତି ଅନୁସାରେ ୧୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ପ୍ରତିଟି ପିଲା ନିରବଚ୍ଛିନ୍ନ ଭାରେ ପାଠପଢ଼ା ଅବ୍ୟାହତ ରଖିବାର ଯୋଜନା ରହିଛି। ଏହାର ସଫଳ ରୂପାୟନ ନିମିତ୍ତ ଗୋଷ୍ଠୀ, ଆଲୁମିନି ସଦସ୍ୟ ସଦସ୍ୟା, ଜନପ୍ରତିନିଧି, ସାମାଜିକ କର୍ମୀଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି ବୋଲି ସଭାରେ ମତପ୍ରକାଶ ପାଇଥିଲା। ସହକାରୀ ଶିକ୍ଷକ ବାହାଦୁର ପଧାନ ଆସ ସ୍କୁଲ ଯିବା ଅଭିଯାନର ଏକ ସଫଳ କାହାଣୀ ପଢି ଶୁଣାଇଥିଲେ। ସହକାରୀ ଶିକ୍ଷୟିତ୍ରୀ ମନ୍ଦାକିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେମରାଜ ରଣା, ଗୀତାଞ୍ଜଳି ସାହୁ, ସଂଘମିତ୍ରା ମାହାଣା, ନିର୍ମଳା ସାହୁ, କମଳିନୀ ସାହୁ, ମଧୁ ସୂଦନ ଭୋଇ, ରୋମାଞ୍ଚଳ ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସିଆର୍‌ସିସି ସୀତାରାମ ଦୀପଙ୍କ ଆବାହକତ୍ୱରେ ବରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ, ଦୁର୍ବାଦଳ ବଡ଼ଗୋଛିଆଙ୍କ ଆବାହକତ୍ୱରେ ଅଇଲପୁରରେ, ସୁଧାଂଶୁ ଶେଖର ଜାଲଙ୍କ ଆବାହକତ୍ୱରେ ସଂକର୍ଷଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜେପୁରରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା। ବାସୁଦେବ ସାହୁଙ୍କ ଆବାହକତ୍ୱରେ ତାଳପଦର ପ୍ରାଥମିକ ବିଦ୍ୟାଳୟରେ ନବୀନ କୁମାର ସାହୁଙ୍କ ଆବାହକତ୍ୱରେ କଲଙ୍ଗାଡେରାରେ, ତ୍ରିନାଥ ସେଠଙ୍କ ଆବାହକତ୍ୱରେ ବାଡ଼ିପାଲିରେ, ପ୍ରକାଶ ମହାନନ୍ଦଙ୍କ ଓ ଆବାହକତ୍ୱରେ ଲାଉମୁଣ୍ଡା, ହେମନ୍ତ କୁମାର ଆରୁକଙ୍କ ଆବାହକତ୍ୱରେ ଖୁଣ୍ଟପାଲି, ପ୍ରଭାତ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ଟି. ଗଣ୍ଡପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରଫୁଲ୍ଲ କୁମାର ଭୋଇଙ୍କ ଆବାହକତ୍ୱରେ ଖରମୁଣ୍ଡା, ଡୋଳାମଣି କୁମ୍ଭାରଙ୍କ ଆବାହକତ୍ୱରେ ବଡ଼ବ୍ରାହ୍ମଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାସଭା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।

# ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା




ବରପାଲିରେ ବିଶ୍ୱ ମାନବାଧିକାର ଦିବସ ପାଳନ

ଭଟଲି,୧୦।୧୨(ବିଜୟ ମେହେର): ଅଧିକାଂଶ ବ୍ୟକ୍ତିଙ୍କୁ ମାନବ ଅଧିକାର ବିଷୟରେ ଜଣା ନାହିଁ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ମାନବାଧିକାର ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରିବା ପାଇଁ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ବୁଧବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ହନୁମନ୍ତ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଉଦ୍ଧବ ଭୂଏ ମୁଖ୍ୟ ଉଦ୍‌ବୋଧନ ଜ୍ଞାପନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଜନତା ହାଇସ୍କୁଲ ଭୁଖାର ବିଜ୍ଞାନ ଶିକ୍ଷକ ତଥା ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇଥିଲେ। ଚଳିତ ବର୍ଷର ପ୍ରସଙ୍ଗ ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା।

ବରପାଲି,(ଚିତ୍ତରଞ୍ଜନ ସାହୁ): ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ବରପାଲି ତାଲୁକ ଆଇନ ସେବା ଓ ମାନବିକ ଅଧିକାର ଦିବସ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ବରିଷ୍ଠ ନାଗରିକ ଓକିଲ ରବିନ୍ଦ୍ର ପଣ୍ଡା, ବାବଲୁ କୁମାର ସାହୁ, ହିମାଂଶୁ ଶେଖର ସାହୁ, ବୀଣାପାଣି ପ୍ରଧାନ ଯୋଗ ଦେଇ ମାନବିକ ଅଧିକାର ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ବକ୍ତାମାନେ କହିଲେ ଯେ, ମାନବିକ ଅଧିକାର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ଆଇନ ସଚେତନତା ଆବଶ୍ୟକ। ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଟ୍‌ନି ଛଟ୍‌ନି ହେଲେ ପରିସ୍ଥିତି ଅଣାୟତ୍ତ ହେବ

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ): ଚଳିତ ଖରିଫ୍ ଋତୁରେ ଧାନମଣ୍ଡି ଖୋଲିବାର ପ୍ରାୟ ୧୩ ଦିନ ବିତିଯାଇଛି। ଏଯାବତ୍ ଧାନ କିଣାକିଣି ସ୍ୱାଭାବିକ ହୋଇପାରିନାହିଁ। ଅଧିକାଂଶ ଚାଷୀଙ୍କ ଟୋକନ ଏପର୍ଯ୍ୟନ୍ତ ଆସି ନ ଥିବାରୁ ଚାଷୀ ମହଲରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ମାର୍କେଟ୍ୟାର୍ଡ଼ରେ ହଜାର ହଜାର ବସ୍ତା ଧାନ ପଡ଼ିଥିଲେ ସୁଦ୍ଧା ଉଠିବାର ନାଁ ଧରୁନାହିଁ। ଚାଷୀ ଧାନ ବିକ୍ରି କଲାପରେ ପୁଣି ରବିଚାଷ ପାଇଁ ପ୍ରସ୍ତୁତି କରିଥାଏ। କିନ୍ତୁ ଚଳିତବର୍ଷ କେବେ ଟୋକନ ଆସିବ, ଧାନ କେବେ ବିକ୍ରି ହେବ, ସେନେଇ ଚାଷୀଙ୍କ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ଧାନ ବିକ୍ରି ସ୍ୱାଭାବିକ ନ ହେଲେ ବିସ୍ଫୋଟକ ପରିସ୍ଥିତି ସୃଷ୍ଟି ହେବ ବୋଲି ବରଗଡ଼ ଜିଲ୍ଲା ଜୟ କିଷାନ ଆନ୍ଦୋଳନ ଆଶଙ୍କା ବ୍ୟକ୍ତ କରିବା ସହିତ ସରକାର ତଥା ପ୍ରଶାସନକୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଚେତାବନୀ ଦେଇଛି। ତେବେ ବୁଧବାର ଗୋଡ଼ଭଗାରେ ଆନ୍ଦୋଳନ ସମୟରେ ଚାଷୀମାନଙ୍କ ଧାନବିକ୍ରିରେ କ୍ୱିଣ୍ଟାଲ ପ୍ରତି ୧ କେଜି କଟ୍‌ନି ଛଟ୍‌ନି ନିଷ୍ପତ୍ତିକୁ ସର୍ବସମ୍ମତିକ୍ରମେ ସ୍ୱୀକୃତି ଦେବା କଥାକୁ ଜୟ କିଷାନ ଆନ୍ଦୋଳନ ଘୋର ନିନ୍ଦା କରିଛି। ବିନା କଟ୍‌ନି ଛଟ୍‌ନିରେ ଚାଷୀମାନଙ୍କ ଧାନକୁ ସରକାର ଧରିତ ଭାବେ କିଣିବାକୁ ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ ଦାବି ଜଣାଇଛନ୍ତି। ଯଦି ସରକାର ଚାଷୀମାନଙ୍କ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନ ନିଅନ୍ତି ତେବେ ପରିସ୍ଥିତି ଅଣାୟତ୍ତ ହେବ ଏବଂ ସେଥିପାଇଁ ସରକାର ଏବଂ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଜୟ କିଷାନ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବର୍ଣ୍ଣା ଚେତାବନୀ ଦେଇଛନ୍ତି।

### ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ହରଭଙ୍ଗା,୧୦।୧୨(ନରେନ୍ଦ୍ର କୁମାର ସାହୁ): ହରଭଙ୍ଗା ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ବୁଧବାର ହରଭଙ୍ଗା ବ୍ଲକ ବଡ଼ବଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ପ୍ରିତିଶ କୁମାର ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରକାରୀ ଓକିଲ ଅଜିତ ପରିଡ଼ା, ଶିକ୍ଷୟିତ୍ରୀ ରାଜଶ୍ରୀ ପରିଡ଼ା, ପ୍ରଭୁଦତ୍ତ ଛତ୍ରିଆ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀ ଉପସ୍ଥିତ ଥିଲେ।

# ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ ଉଦ୍‌ଘାଟିତ

ପଦ୍ମପୁର,୧୦।୧୨(ପ୍ରଦୀପ୍ତ ଦାଶ)



ସମ୍ବଲପୁର ଆଇଜି ହିମାଂଶୁ ଲାଲ,ବରଗଡ଼ ଆରକ୍ଷୀ ଆଧିକ୍ଷକ ସମ୍ମାନିତ କରୁଛନ୍ତି।

ସ୍ଥାନୀୟ ଅଶୋକ ଖେଳ ପଡ଼ିଆଠାରେ ଟାଉନ କ୍ଲବ, ପଦ୍ମପୁର ଆୟୋଜିତ ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆଇ.ଜି. ହିମାଂଶୁ କୁମାର ଲାଲ ଓ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଅତିଥି ଭାବରେ ଯୋଗ ଦେଇ ପଞ୍ଚମ ଲୋକ ମହୋତ୍ସବର ସାଂସ୍କୃତିକ ପର୍ବକୁ ଉଦ୍‌ଘାଟନ କରିଛନ୍ତି। ଏ ଅଞ୍ଚଳ ହେଉଛି କଳା ଓ ସାଂସ୍କୃତିକର ଅଞ୍ଚଳ ଏଣୁ ଏହିପରି ଆୟୋଜନ କଳାକାରଙ୍କ ବିକାଶ ଏବଂ ହଜି ଯାଉଥିବା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆୟୋଜିତ ହେବା ଉଚିତ ବୋଲି ସେ କହିଥିଲେ। କ୍ଲବର ସଭାପତି ପ୍ରିତେଶ କୁମାର ବହିଦାର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ସମସ୍ତ ଅତିଥି ମା' ସାମଲେଶ୍ୱରୀ ଓ ବାବା ନୃସିଂହନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିବା ବେଳେ ସ୍ଥାନୀୟ ଟଙ୍କିକିଆ ସଂଗୀତ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଆଜିର ପର୍ବରେ କଣ୍ଠଶିଳ୍ପୀ ପୁଷ୍ପରାଜ ସୁନା ଏବଂ ଅଞ୍ଚଳ ମହାବିଦ୍ୟାଳୟର ସଙ୍ଗୀତ ଦଳ ଲୋକ ଗୀତ ସହ ସାଂସ୍କୃତିକ ସନ୍ଧ୍ୟାର ଆରମ୍ଭ କରିଥିଲେ। ଗୁଜୁରାଟରୁ ଆସିଥିବା ବ୍ରହ୍ମହପୁରି ଦାଣ୍ଡିଆ ରାସ ସାଂସ୍କୃତିକ ଦଳ ନିଜର ମାନିୟାରୋ ରାସ ପ୍ରଦର୍ଶିତ କରିଥିବା ବେଳେ, ଓଏଭି ବନ୍ଧୁପାଲିର ସାଂସ୍କୃତିକ ଦଳ ନିଜର ଲୋକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ନଟରାଜ ନୃତ୍ୟ ଅନୁଷ୍ଠାନ କଟକର ନେପାଳି ଲୋକ ନୃତ୍ୟ, ସମ୍ବଲପୁର ପାଞ୍ଚଭାୟା ଅନୁଷ୍ଠାନର ଡାଲଖାଇ ନୃତ୍ୟ, ଟଙ୍କିକିଆ ସଙ୍ଗୀତ ବିଦ୍ୟାଳୟର ନୂଆଁଖାଇକୁ ନେଇ ନୃତ୍ୟ, ମୟୁରଭଞ୍ଜ ନୃତ୍ୟ ଅନୁଷ୍ଠାନର ଛଉ ପରି ସୁନ୍ଦର ନୃତ୍ୟ ପରିବେଶତ ହୋଇ ଥିବା ବେଳେ କଟକ ନଟରାଜ ନୃତ୍ୟ ଅନୁଷ୍ଠାନର ମାଛାରା, ସମ୍ବଲପୁର ପାଞ୍ଚଭାୟ ଅନୁଷ୍ଠାନର ସିଙ୍ଗାରୀ ଏବଂ ଗୁଜୁରାଟ ଭାୟୋଲିନ ନୃତ୍ୟ ଅନୁଷ୍ଠାନର ଗର୍ବା ପ୍ରଦର୍ଶନ ସମସ୍ତଙ୍କୁ ବେଶ ମୁଗ୍ଧ କରିଥିଲା। କମିଟି ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟାପକ କେଶରଞ୍ଜନ ପଧାନ ଓ ନାଟ୍ୟକାର ଅଶୋକ କୁମାର ବହିଦାର ମଞ୍ଚ କାର୍ଯ୍ୟକ୍ରମ ସୁଭାରମ୍ଭ କରିଥିଲେ। ମନିଷ କୁମାର ରଥ, ପ୍ରାଚୀ ପାଣିଗ୍ରାହୀ ଉଦଘୋଷକ ଦାୟିତ୍ୱ ତୁଲାଇ ଥିଲେ। ମହୋତ୍ସବ କମିଟି ପକ୍ଷରୁ ବାଞ୍ଛାନିଧି ପଣ୍ଡାଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ପାଇଁ ମାନପାତ୍ର ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିବା କିଶୋର ପାତ୍ର, ସନ୍ତୋଷ କୁମାର ମହାନ୍ତି, ଦିବ୍ୟ କିଶୋର ପଣ୍ଡା, ରାକେଶ ସାହୁ, ରାଜେନ୍ଦ୍ର କୁମାର ମହାନ୍ତି, ଅଶୋକ କୁମାର ବହିଦାର, ଆଶିଷ କୁମାର ବୈକାର, ବିଦେଶୀ ସାହୁଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ସମସ୍ତ ଦର୍ଶକଙ୍କ ସହ ଅତିଥିମାନଙ୍କୁ ମହୋତ୍ସବ ପର୍ବରେ ଯୋଡ଼ି ହୋଇଥିବା କ୍ଲବର ସମ୍ପାଦକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଅନୁଗୁଳ ମୁଖ୍ୟ ଶାଖା**
ଶଙ୍କର ସିନେମା ରୋଡ, ମେନ୍ ରୋଡ,
ଜିଲ୍ଲା: ଅନୁଗୁଳ,
ଇମେଲ: ubin0535885@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମୃତକ ମାଧବ ପରିଡାଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସନାତନ ପରିଡା (ସହ-ଋଣଗ୍ରହୀତା)**, ପିତା: ସ୍ୱ ମାଧବ ପରିଡା, **୨) ସାଗର ପରିଡା**, ପିତା: ସ୍ୱ ମାଧବ ପରିଡା, **୩) ତୁଳେଇ ପରିଡା**, ସ୍ୱାମୀ: ସ୍ୱ ମାଧବ ପରିଡା, ସମସ୍ତଙ୍କ ଠିକଣା- ସା/ପୋ: କୁକୁଡାଙ୍ଗ, ମଙ୍ଗଳା ମନ୍ଦିର ନିକଟ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୩ | ୩୧.୦୭.୨୦୨୫ ସୁଦ୍ଧା ଟ.୨୪,୫୨,୦୭୫.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ସ୍ୱ ମାଧବ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୯୯/୪୯୬, ପ୍ଲଟ୍ ନଂ.: ୪୨୮୩/୫୮୪୯/୬୧୨୩, ପରିମିତ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ଖାତା ନଂ.: ୬୯୯/୮୦୨, ପ୍ଲଟ୍ ନଂ.: ୪୨୮୪, ପରିମିତ କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: କୁକୁଡାଙ୍ଗ, ତହସିଲ: ବଣ୍ଟରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୨୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବରଜୁ ଦେହୁରୀ ଏବଂ ରାସ୍ତା, ଦକ୍ଷିଣ: ରଘୁନାଥ ନାୟକ ଏବଂ ଅନ୍ୟମାନେ, ପୂର୍ବ: ମୁରଲୀ ସାହୁ, ପଶ୍ଚିମ: ମୁକୁନ୍ଦ ନାୟକ |
| **ଋଣଗ୍ରହୀତାମାନେ: ମୃତକ ସନାତନ ଦାସଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସୁଲୋଚନା ଦାସ** (ସ୍ୱ ସନାତନ ଦାସଙ୍କ ମାତା), **୨) ଜୟନ୍ତୀ ଦାସ**, ସ୍ୱାମୀ: ସ୍ୱ ସନାତନ ଦାସ, **୩) ସତ୍ୟଜିତ୍ ଦାସ**, ପିତା: ସ୍ୱ ସନାତନ ଦାସ, **୪) ନବୀନ ଚନ୍ଦ୍ର ଦାସ**, ପିତା: ସ୍ୱ ସନାତନ ଦାସ, ସମସ୍ତଙ୍କ ଗ୍ରାମ: ପରତରା, ଥାନା: ଅନୁଗୁଳ ସଦର, ତହସିଲ: ବଣ୍ଟରପାଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୩୨ | ୩୧.୦୭.୨୦୨୫ ସୁଦ୍ଧା ଟ.୩,୫୭,୭୩୨.୩୮ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ସ୍ୱ ସନାତନ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୩୩/୩୯୨୩, ରେଭିନ୍ୟୁ ଖାତା ନଂ.: ୩୩୦/୯୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ପରତରା, ଥାନା: ଅନୁଗୁଳ ୨୮, ତହସିଲ: ବଣ୍ଟରପାଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ, ପଶ୍ଚିମ: ଶରତ ଚନ୍ଦ୍ର ଦାସ |

ସ୍ଥାନ: ଅନୁଗୁଳ, ତାରିଖ: ୧୦.୧୨.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# କାର୍ଯ୍ୟାନୁଷ୍ଠାନ ଦାବିକଲା ଚାଷୀ ସଙ୍ଗଠନ

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

**ଚାଷୀନେତାଙ୍କୁ ଆକ୍ରମଣ ଘଟଣା**

ଚାଷୀଙ୍କ ହକ୍ ଏବଂ ଅଧିକାର ପାଇଁ ସବୁବେଳେ ସ୍ୱର ଉତ୍ତୋଳନ କରୁଥିବା ବରଗଡ଼ ଜିଲ୍ଲା କଳାପାଣି ଗ୍ରାମର ଚାଷୀନେତା ସୁରେଶ ନେକାଣ୍ଟିଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଇଛି। ଅନ୍ୟପଟେ ଘଟଣାକୁ ୨ ଦିନ ବିତିଯାଇଥିବା ସତ୍ତ୍ୱେ ପୋଲିସ ଆକ୍ରମଣ ଘଟଣାର ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି। ପୋଲିସର ଏଭଳି ବିଫଳତାକୁ ଜିଲ୍ଲାର ବିଭିନ୍ନ ଚାଷୀ ସଙ୍ଗଠନ ନିନ୍ଦା କରିଛନ୍ତି। ଗୋଟିଏପଟେ ଚାଷୀଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ଚାଷୀନେତାଙ୍କୁ ପୋଲିସ, ପ୍ରଶାସନ ଅଭ୍ୟାସଗତ ଅପରାଧୀ ଦର୍ଶାଇ ମାମଲା ରୁଜୁ କରୁଥିବାବେଳେ ଅନ୍ୟପଟେ ଚାଷୀନେତାଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସର ବିଫଳତାକୁ ନେଇ ସାଧାରଣରେ ମଧ୍ୟ ସମାଲୋଚନା କରାଯାଇଛି।

ଏହି କ୍ରମରେ ବୁଧବାର ଜିଲ୍ଲାର ବିଭିନ୍ନ ଚାଷୀ ସଙ୍ଗଠନ ସମ୍ମିଳିତ ହୋଇ ଚାଷୀନେତା ନେକାଣ୍ଟିଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର କାର୍ଯ୍ୟାନୁଷ୍ଠାନ ଦାବି ନେଇ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ପି.ଏସ୍. ମୀନାଙ୍କୁ ସେମାନେ ପୃଥକ୍‌ଭାବେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଚାଷୀଙ୍କ ଗଣତାନ୍ତ୍ରିକ ହକ୍, ସାମ୍ବିଧାନିକ ଅଧିକାର ଦାବିରେ ଚାଷୀମାନେ ବିଭିନ୍ନ ସମୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇ ଆସୁଛନ୍ତି। ଏଭଳି ସ୍ଥଳେ ପୋଲିସ, ପ୍ରଶାସନ ସେହି ଆନ୍ଦୋଳନର ନେତୃତ୍ୱ ନେଉଥିବା ଚାଷୀନେତାଙ୍କୁ ଅଭ୍ୟାସଗତ ଅପରାଧୀ ଦର୍ଶାଇ ସେମାନଙ୍କ ବିରୋଧରେ ମାମଲା ରୁଜୁକରୁଛି।

ଅନ୍ୟପଟେ ଗତ ୮ ତାରିଖ ସନ୍ଧ୍ୟାରେ କଳାପାଣି ଛକରେ ସଂଯୁକ୍ତ କୃଷକ ସଙ୍ଗଠନର ସଦସ୍ୟ ସୁରେଶ ନେକାଣ୍ଟିଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରିଥିଲେ। ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ସେ ରକ୍ତାକ୍ତ ହୋଇପଡ଼ିଥିଲେ। ନେକାଣ୍ଟି ସଂଯୁକ୍ତ କୃଷକ ସଙ୍ଗଠନର ଜଣେ ଆଗଧାଡ଼ିର ସଦସ୍ୟଭାବେ ଚାଷୀଙ୍କ ହକ୍, ଅଧିକାର ପାଇଁ ଲଢ଼େଇ କରିଆସୁଛନ୍ତି। ଧାନବିକ୍ରିରୁ ବଞ୍ଚିତ ଚାଷୀଙ୍କୁ ପଞ୍ଜୀକୃତ କରିବା ଦାବିଠାରୁ ଆରମ୍ଭକରି ଧାନବିକ୍ରିରେ ଅଚଳାବସ୍ଥା ଦାବିରେ କଳାପାଣି ମଣ୍ଡିରେ ତାଲା ପକାଇବା ତାଙ୍କ ନେତୃତ୍ୱରେ ହୋଇଥିଲା। ତେବେ ତାଙ୍କ ସହ କାହାରି ବ୍ୟକ୍ତିଗତ ଶତ୍ରୁତା ନ ଥିବାବେଳେ ଚାଷୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିଆସୁଥିବା ଚାଷୀନେତା ନେକାଣ୍ଟିଙ୍କ ପ୍ରତି ହୋଇଥିବା ଆକ୍ରମଣ ଘଟଣାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପୋଲିସ ଏହାର ବିଧିବଦ୍ଧ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଯୁକ୍ତ କୃଷକ ସଙ୍ଗଠନ ସହ ସହବନ୍ଧିତ ଅମ୍ବାଭୋନାର ଲାଲ୍ ବାହାଦୁର କୃଷକ ସଙ୍ଗଠନ, ଭେଡ଼େନ କୃଷକ ସଙ୍ଗଠନ, ଭଟଲି କୃଷକ ପରିବାର, ଦଶମାଇଲର ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ, ଘେଁସ୍‌ର ଶହୀଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ, ବିଜେପୁରର ପାର୍ବତୀ ଗିରି କୃଷକ ସଙ୍ଗଠନ, ପଦ୍ମପୁର, ଗାଇସିଲେଟ୍, ଝାରବନ୍ଧ, ପାଇକମାଳର ରାଜବୋଡ଼ାସମ୍ବର କୃଷକ ସଂଗଠନର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।


**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.: Nuagam (Aska) - 761111, Ganjam District, Odisha
Phone: 06822-273464, email: askasugar@yahoo.co.in
Website: askasugar.com

Letter No. Engg./2013 Date: 09.12.2025

**SHORT TENDER CALL NOTICE**

Sealed tenders are invited from licenced labour Contractors/ Firm/Agencies/Organizations etc. for undertaking **"Supply of Labourers for Boiler Ash & Mill House Area Cleaning"** for the crushing season 2025-26 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our website **www.askasugar.com**. Filled tender forms can be sent by Speed Post/Registered Post only which should reach in the office by dated 23.12.2025 by 5.00 P.M. Any future addition/ modification in the tender will be uploaded in website only (i.e. **www.askasugar.com**).

Sd./- Managing Director
A.C.S.I. Ltd., Aska



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ**

**ବାର୍ତ୍ତା**

- ୨୦୨୫-୨୬ ଆର୍ଥିକ ବର୍ଷରେ ସାମାଜିକ ସୁରକ୍ଷା ଏବଂ ଭିନକ୍ଷମ ସଶକ୍ତୀ କରଣ ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭୭୦ ଜଣ ହିତାଧିକାରୀ (ଭିନକ୍ଷମ, ବିଧବା, ଅବିବାହିତ, ସ୍ୱାମୀ ପରିତ୍ୟକ୍ତା, ବରିଷ୍ଠ ନାଗରିକ) ଏବଂ ଜାତୀୟ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ପ୍ରାୟ ୩୦୦ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି।
- ୨୦୨୫-୨୬ ଆର୍ଥିକ ବର୍ଷରେ MGNREGA ଅନ୍ତର୍ଗତ ୨୧୪୨୦୯ଗୋଟି ଶ୍ରମ ଦିବସ ସୃଷ୍ଟି କରି ନୂତନ ପୋଖରୀ ଖନନ, ପୋଖରୀ ପଙ୍କ ଉଦ୍ଧାର, ପୋଖରୀ ସୌନ୍ଦର୍ଯ୍ୟ କରଣ, କୃଷି ପୋଖରୀ ନିର୍ମାଣ, କୃଷି କୂପ ନିର୍ମାଣ, ନୂତନ ଆଡ଼ିବନ୍ଧ ନିର୍ମାଣ, ରାସ୍ତା ଉନ୍ନତୀକରଣ, ନୂତନ ପାର୍କ ନିର୍ମାଣ ଓ ଚାଷ ନାଳ ଆଦି ପରିସମ୍ପତ୍ତି ସୃଷ୍ଟି କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ୧୨୦୦୦୦/-ର ସହାୟତା ରାଶି ପ୍ରଦାନ କରାଯାଉଅଛି। ତତ୍ ସହ ପାଇଖାନା ନିର୍ମାଣ ପାଇଁ ୧୨୦୦୦/- ଓ ୯୫ ଦିନର ଶ୍ରମ ବାବଦକୁ MGNREGA ଅନ୍ତର୍ଗତ ୨୫୯୩୫/- ସହାୟତା ରାଶି ଓ ପ୍ରଦାନ କରାଯାଉଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଉନ୍ନୟନ ଯୋଜନା ମାଧ୍ୟମରେ ଅତ୍ୟାଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବନସୁରକ୍ଷା ସମିତିଗୃହ ନିର୍ମାଣ, ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ ଓ ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରାଯାଉଅଛି।
- IGS ଅଧୀନରେ 10ଜଣ SHG ସଦସ୍ୟଙ୍କ ପାଇଁ ମାଛଚାଷ ପ୍ରକଳ୍ପ ଚାଲୁଅଛି। ସମୁଦାୟ ୧୦ଲକ୍ଷ ଋଣ ଭିତରୁ ୫ଲକ୍ଷ ସବସିଡି ମିଳୁଛି। ମାଧବ ସିଂହ ହାତ ଖର୍ଚ୍ଚ ଯୋଜନାରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫୦୦୦/- ସହାୟତା ରାଶି ପ୍ରଦାନ କରାଯାଉଅଛି। ପ୍ରି-ମାଟ୍ରିକ ଛାତ୍ରବୃତ୍ତି ଅନ୍ତର୍ଗତ ୬ରୁ ୮ମ ଶ୍ରେଣୀ SC ଛାତ୍ରଛାତ୍ରୀଙ୍କୁ ମାସିକ ୫୦୦/- ଦିଆଯାଉଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ମାଛ ପୋଖରୀ ଅନ୍ତର୍ଗତ ନୂତନ ପୋଖରୀ ଖନନ ଓ ସେଥିରେ ମାଛଚାଷ, ଜୈବ ପୁଞ୍ଜି ଟାଙ୍କିରେ ମାଛଚାଷ ସମ୍ପାଦନ କରାଯାଉଅଛି। ଏଥିସହ ୨୦ଜଣ ହିତାଧିକାରୀଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ତରଫରୁ ମାଛଧରା ଜାଲ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ଅଧୀନରେ ୨୫ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ପାଇଖାନା ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରାଯାଇଅଛି।

ଶ୍ରୀଯୁକ୍ତ ଦ୍ୟୁତିକୃଷ୍ଣ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀଯୁକ୍ତ ମାନସ ରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀମତୀ କେ. ପ୍ରିୟଦର୍ଶିନୀ ଆଚାରୀ, ଅଧ୍ୟକ୍ଷା, ପଞ୍ଚାୟତ ସମିତି, ବୁଗୁଡ଼ା



**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୭୭, ଇ-ମେଲ୍: sbi.04151@sbi.co.in

**ଇ-ନିଲାମ ବିଜ୍ଞପ୍ତି**

ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦

ପରିଶିଷ୍ଟ – IV-A
[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]
ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୩୦।୧୨।୨୦୨୫**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ବିସ୍ତାରଣ ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଭୌତିକ ଦଖଲ / ସାଙ୍କେତିକ ଦଖଲ ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର) ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **"ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହାବି ଅଛି"** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୩୦।୧୨।୨୦୨୫ରିଖ ୧୧.୦୦ ଘଟିକାରେ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | କ) ସଂରକ୍ଷିତ ମୂଲ୍ୟ ଖ) ଇଏମ୍‌ଡି ଗ) ବିଡ୍ ବୃଦ୍ଧି ପରିମାଣ ଘ) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର**: ସଡ଼କ; **ଦକ୍ଷିଣ**: ଡି-୨୮; **ପୂର୍ବ**: ଡି-୪୮; **ପଶ୍ଚିମ**: ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୦।୧୨।୨୦୨୫, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୩.୦୦ ଘଟିକା** | କ) ଟ.୨,୯୮,୦୦,୦୦୦/- ଖ) ଟ.୨୯,୮୦,୦୦୦/- ଗ) ଟ.୧,୦୦,୦୦୦.୦୦ ଘ) **ବୈଧାନିକ କର / ବିଦ୍ୟୁତ୍ / ସୋସାଇଟି ରକ୍ଷଣାବେକ୍ଷଣ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ।** |

**ସମ୍ପତ୍ତିକୁ ଖୋଜନ୍ତୁ**

| https://sbi.co.in web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବ୍‌ସାଇଟ୍ ୟୁଆର୍‌ଏଲ୍ https://baanknet.com | ସମ୍ପତ୍ତିର ଅବସ୍ଥିତି ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |
|---|---|---|

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

ତାରିଖ: ୧୧.୧୨.୨୦୨୫, ସ୍ଥାନ: ଭୁବନେଶ୍ୱର — ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ

# ଗୋମାଂସ ଜବତ, ହୋଟେଲ ମାଲିକଙ୍କ ସହ ୪ ଗିରଫ

ବଡ଼ଗାଁ,୧୦।୧୨(ଅଶୋକ ଷଡ଼ଙ୍ଗୀ)


ଗିରଫ ଅଭିଯୁକ୍ତମାନେ।

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ପୋଲିସ ମଙ୍ଗଳବାର ରାତିରେ ଗୋ ମାଂସ ନେଇ ଯାଉଥିବା ଏକ କାରକୁ ଜବତ କରିଛି। ଏହି ଘଟଣାରେ ହୋଟେଲ ମାଲିକଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ହେଟେଲ ମାଲିକ ହେଲେ ସେଖ ବୁଦ୍ଧୁଆ (୪୯)। ତାଙ୍କ ଘର ଝାରସୁଗୁଡ଼ା ତଲିଭଟାରେ। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ ତଲିଭଟା ଅଞ୍ଚଳର ସଲିମ ଉଦ୍ଦିନ ଖାନ ଓରଫ କାଲିଆ (୪୦), ଫିରୋଜ ଖାନ (୪୮) ଓ ମଙ୍ଗଳାବାଗ ଅଞ୍ଚଳର ଅସିଫ ଖାନ (୩୩)। ପୋଲିସ ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଖଡକୁରବାହାଲ ଗ୍ରାମରୁ ଝାରସୁଗୁଡ଼ାକୁ ଏକ କାର (ନଂ. ଓଡି ୦୨ଏଏ୮୧୬)ରେ ଗୋମାଂସ ଚାଲାଣ ହେଉଥିବା ବଡ଼ଗାଁ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇଥିଲା। ଥାନା ସମ୍ମୁଖରେ ଏକ ଟ୍ରକକୁ ମଝି ରାସ୍ତାରେ ରଖି ଆଇଆଇସି ବାଲୁଙ୍କେଶ୍ୱର ନାଏକ, ଏଏସଆଇ ଅରୁପାନନ୍ଦ ଦାସ, ବିଜୟ କର ସଦଳବଳ କାରକୁ ଅଟକାଇ ଥିଲେ। ତେବେ ଏହି ଗୋମାଂସ କାରବାରରେ ଜଣେ ହୋଟେଲ ମାଲିକଙ୍କ ସମ୍ପୃକ୍ତି ଥିବାରୁ ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବଡ଼ଗାଁ,୧୦।୧୨ (ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧ୍ୟକ୍ଷ ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ତହସିଲଦାର ଝରଣା ପ୍ରଧାନ, ଉପ ବାଚସ୍ପତିଙ୍କ ପ୍ରତିନିଧି ବାବୁଲି କର୍ଜେଇ ଯୋଗଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ଦୀପକ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମାଝୀ, ସୁନିତା ତିର୍କୀ, ଗଗନ ସୁରି, କିରଣ ନାଏକ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୧୧୦ ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ସୌରଭ କେରକେଟ୍ଟା, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ଶିବିର ପରିଚାଳନାରେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଓ ବଡ଼ଗାଁ ଆଇଟିଆଇର ସ୍କାଉଟ ଗାଇଡ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## କାନ୍ଧ ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ


ରୋଗୀଙ୍କ ସହ ଡାକ୍ତର ଓ ଅନ୍ୟମାନେ।

ରାଉରକେଲା,୧୦।୧୨(ବିପ୍ଲବ ରଞ୍ଜନ ଦାଶ)

ଇସ୍ପାତ ଜେନାରାଲ ହସ୍ପିଟାଲ (ଆଇଜିଏଚ୍) ପ୍ରଥମ ଥର ପାଇଁ କାନ୍ଧ ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରି ଏହାର ଉନ୍ନତ ତଥା ସଫଳ ଚିକିତ୍ସା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପଡିଯାଇ ବାମ କାନ୍ଧ ଭାଙ୍ଗି ଯାଇଥିବା ଜଣେ ୭୩ ବର୍ଷୀୟା ମହିଳାଙ୍କଠାରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ରୋଗୀଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଏକ ବିସ୍ତୃ କ୍ଲିନିକାଲ ମୂଲ୍ୟାଙ୍କନରୁ ତାଙ୍କ ମୁଣ୍ଡରେ ଏକ ଗଭୀର ଫ୍ରାକ୍ଚର ଥିବା ଜଣାଯାଇଥିଲା ଏବଂ ସେ ଅଷ୍ଟିଓପୋରୋସିସ୍ ରୋଗରେ ପୀଡ଼ିତ ଥିଲେ। ଏହି ଫ୍ରାକ୍ଚର ଅତ୍ୟନ୍ତ ଜଟିଳ ଥିଲା। ଅର୍ଥୋପେଡିକ ଡାକ୍ତରୀ ଦଳ ସୋଲଡର ହେମିଆର୍ଥୋପ୍ଲାଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅସ୍ତ୍ରୋପଚାରଟି ଅତିରିକ୍ତ ସିଏମ୍ଓ ତଥା ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡା. ଏସ୍.କେ. ତିୱାରୀ, ପରାମର୍ଶଦାତା ଡ. ଶେଷକାନ୍ତ ରାଉତ, ଡିଏନ୍‌ବି ଡ. ନମନ ଏବଂ ଡ. ପ୍ରଶାନ୍ତଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଏହି ଅସ୍ତ୍ରୋପଚାରରେ ଆନେସ୍ଥେସିଆ ବିଭାଗର ଅତିରିକ୍ତ ସିଏମ୍ଓ ଡ. ବି.କେ. ନାୟକ ଏବଂ ଅତିରିକ୍ତ ସିଏମ୍ଓ ଆନେସ୍ଥେସିଆ ତଥା ଆଇସିୟୁ ଇନ୍‌ଚାର୍ଜ ଡା. ସଂଯୁକ୍ତା ପାଣିଗ୍ରାହୀ ସହାୟତା କରିଥିଲେ। ଏଥିରେ ଏକ ଉନ୍ନତ ନର୍ଭ ବ୍ଲକ କୌଶଳ ବ୍ୟବହାର କରାଯାଇଥିଲା, ଯାହା ଦ୍ୱାରା ରୋଗୀ ଜାଗ୍ରତ ରହିପାରିବ କିମ୍ବା ଅସ୍ତ୍ରୋପଚାର ସମୟରେ ସାମାନ୍ୟ ଭାବେ ଶାନ୍ତ ରହିବା ସହିତ ସହଜରେ ଅସ୍ତ୍ରୋପଚାର ଜନିତ ଯନ୍ତ୍ରଣାକୁ ସହ୍ୟ କରିପାରିବ। ଅପରେଶନ ପରବର୍ତ୍ତୀ ଯତ୍ନ ଅତିସତର୍କତାର ସହିତ ରୋଗୀଙ୍କୁ ଯୋଗାଇ ଦିଆଯାଇଥିଲା।

## ଘର ସମ୍ମୁଖରୁ ବାଇକ୍ ଚୋରି

ବଡ଼ଗାଁ,୧୦।୧୨(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ କୁରେଇବଗା ଗ୍ରାମରେ ମଙ୍ଗଳବାର ରାତିରେ ଜଣେ ବ୍ୟକ୍ତିଙ୍କ ବାଇକ ଚୋରି ହୋଇଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ବୈକୁଣ୍ଠ ସୁନ୍ୟାନୀ ମଙ୍ଗଳବାର ରାତିରେ ଘର ସମ୍ମୁଖରେ ତାଙ୍କ ବାଇକ୍ ରଖିଥିଲେ। ବିଳମ୍ବିତ ରାତିରେ କେହି ଚୋର ବାଇକକୁ ନେଇଯାଇଛନ୍ତି। ଏ ସମ୍ପର୍କରେ ସେ ବଡ଼ଗାଁ ଥାନାରେ ଲିଖିତ ଭଣାଇଛନ୍ତି।

## ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବଙ୍କ ଗୋଲାମୁଣ୍ଡା ଗସ୍ତ

ଗୋଲାମୁଣ୍ଡା,୧୦।୧୨(ବଟକୃଷ୍ଣ ପଣ୍ଡା): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ, ପିଆର୍ ଏବଂ ଡି.ଡବ୍ଲୁ. ବିଭାଗର ଯୁଗ୍ମ ସଚିବ ଗାୟତ୍ରୀ ଦତ୍ତ ନାୟକ ବୁଧବାର ଗୋଲାମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବୃନ୍ଦାବାହାଲ ପଞ୍ଚାୟତର ଶହୀଦ ବିଜେନ୍ଦ୍ର ନାଥ ରାଉତ ଗ୍ରାମୀଣ ପାର୍କ ବୁଲି ଦେଖିଥିଲେ। ସୂଚନାମତେ ଏହି ଶହୀଦ ସ୍ମୃତି ପୀଠ ଅବ୍ୟବସ୍ଥା ଘେରରେ ରହିଥିଲା। ଏ ନେଇ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ତ୍ୱରିତ୍ୱ ପଦକ୍ଷେପ ନେଇ ଏହି ପୀଠକୁ ଶହୀଦ ବିଜେନ୍ଦ୍ର ନାଥ ଗ୍ରାମୀଣ ଉଦ୍ୟାନ ନାମରେ ନାମିତ କରି ୨୦ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇଦେଇଥିଲେ। ଅର୍ଥ ଅନୁମୋଦନ ପରେ ଏହି ପାର୍କ ଏକ ଭବ୍ୟ ଗ୍ରାମୀଣ ଉଦ୍ୟାନରେ ପରିଣତ ହୋଇପାରିଛି। ସେଲ୍ଫି ପଏଣ୍ଟ, କ୍ରୀଡା ସାମଗ୍ରୀ, ବଗିଚା ପଥଚାରୀଙ୍କୁ ବିଭୋର କରୁଛି। ସଚିବ ନାୟକ ଉନ୍ନୟନ କାର୍ଯ୍ୟ ଦେଖିବା ପରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ ସୁରେନ୍ଦ୍ର ନାଥ ଏ.ଇ, ପାର୍ବତୀ ପଟ୍ଟନାୟକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜିକା, ଅମୀୟ କୁମାର ଦାସ ପ୍ରକଳ୍ପ ପରିଚାଳକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଂଶଗ୍ରହଣ କଲେ ୭୫୦ ପ୍ରତିଯୋଗୀ


ବୀରମିତ୍ରପୁର ତଳସରା ପଡ଼ିଆରେ ଅନୁଷ୍ଠିତ ବିଧାନସଭା କ୍ଷେତ୍ରସ୍ତରୀୟ ଖେଳକୁଦରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅତିଥିମାନେ।

### ବିଧାନସଭା କ୍ଷେତ୍ରସ୍ତରୀୟ ପ୍ରତିଯୋଗିତା

କୁଆଁରମୁଣ୍ଡା,୧୦।୧୨(ମହେନ୍ଦ୍ର କୁମାର ସାହୁ)

ବିଧାନସଭା କ୍ଷେତ୍ରସ୍ତରୀୟ ସାଂସଦ ଖେଳ ମହୋତ୍ସବ ବୁଧବାର ବୀରମିତ୍ରପୁର ପୌରାଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଝୁନମୂର ହକି ଷ୍ଟାଡିୟମ ସମେତ ବୀରମିତ୍ରପୁର ବିଆରଆଇ କ୍ଲବ ପଡ଼ିଆ, ଶ୍ରମଶକ୍ତି କଲେଜ ପଡ଼ିଆ ଓ ତଳସରା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୁଆଁରମୁଣ୍ଡା ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ତଳସରାରେ ଅନୁଷ୍ଠିତ ଫୁଟ୍‌ବଲ ଖେଳରେ ବଲ୍ କିକ୍ ମାରି ଉଦ୍‌ଘାଟନ କରି ପାଠ ସହିତ କ୍ରୀଡ଼ାଭ୍ୟାସକୁ ପ୍ରତିଯୋଗୀମାନେ ପ୍ରାଧାନ୍ୟ ଦେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ପ୍ରତିଯୋଗିତାରେ କୁଆଁରମୁଣ୍ଡା, ନୂଆଗାଁ ଓ ବିଶ୍ରା ବ୍ଲକ୍‌ରୁ ମୋଟ ୭୫୦ ପ୍ରତିଯୋଗୀ ୧୯ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୦୪ ଜଣ ଆସନ୍ତା ୧୩ ତାରିଖରେ ସୁନ୍ଦରଗଡ଼ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସାଂସଦ କ୍ରୀଡ଼ା ପ୍ରତିଯୋଗିତାର ଅଂଶଗ୍ରହଣ କରିବେ ବୋଲି କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ ସୂଚନା ଦେଇଛନ୍ତି। ଉକ୍ତ ପ୍ରତିଯୋଗିତାକୁ ବିଭିନ୍ନ ସ୍କୁଲର କ୍ରୀଡ଼ା ଶିକ୍ଷକମାନେ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ ସଚେତନତା ଶିବିର

ହେମଗିର,୧୦।୧୨(ଚୈତନ୍ୟ ପଟେଲ)



ଶିବିରରେ ଉପସ୍ଥିତ ଗ୍ରାମବାସୀ।

ସୁନ୍ଦରଗଡ଼ ଜିଲ୍ଲା ହେମଗିର ପଞ୍ଚାୟତ କାର୍ଯ୍ୟାଳୟଠାରେ ବୁଧବାର ସରପଞ୍ଚ ଗୀତା କୁଅଁରଙ୍କ ସଭାପତିତ୍ୱରେ ଜିଲ୍ଲା ଶିଳ୍ପକେନ୍ଦ୍ର ସୁନ୍ଦରଗଡ଼ ପକ୍ଷରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସଚେତନତା ଶିବିର ଆୟୋଜନ ହୋଇଥିଲା। ଏହି ଶିବିରରେ କିପରି ଜଣେ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇ ମ୍ୟାନେଜର ଦେବରାଜ ଓରାମ୍, ଏସ୍‌ଏଚ୍‌ଜି ସଭାପତି ମମତା ମିଶ୍ର, ସଂଯୋଜକ ତିଲକ ସିଂ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପଞ୍ଚାୟତର ନୂଆପଡ଼ା, ବୁରଧର, ଚିଲେଟମୁଣ୍ଡା, କୁଲଯୋର, ହେମଗିର, ଝୁଲେନ୍‌ବର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।


| यूनियन बैंक ऑफ इंडिया Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ<br>ଅନୁଗୁଳ ମୁଖ୍ୟ ଶାଖା<br>ଶଙ୍କର ସିନେମା ରୋଡ, ମେନ୍ ରୋଡ,<br>ଜିଲ୍ଲା: ଅନୁଗୁଳ,<br>ଇମେଲ୍: ubin0535885@unionbankofindia.bank | ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ) |
|---|---|---|

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମୃତକ ମାଧବ ପରିଡାଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସନାତନ ପରିଡା (ସହ-ଋଣଗ୍ରହୀତା),** ପିତା: ୰ ମାଧବ ପରିଡା, **୨) ସାଗର ପରିଡା,** ପିତା: ୰ ମାଧବ ପରିଡା, **୩) ତୁଲେଇ ପରିଡା,** ସ୍ୱାମୀ: ୰ ମାଧବ ପରିଡା, ସମସ୍ତଙ୍କ ଠିକଣା- ସା/ପୋ: କୁକୁଡାଙ୍ଗ, ମଙ୍ଗଳା ମନ୍ଦିର ନିକଟ, ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ | ୩୧.୦୭.୨୦୨୫ ସୁଦ୍ଧା ଟ.୨୪,୫୨,୦୭୫.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ମାଧବ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୯୯/୪୯୬, ପ୍ଲଟ୍ ନଂ.: ୪୨୮୩/୫୮୪୯/୬୧୭୩, ପରିମିତ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ଖାତା ନଂ.: ୬୯୯/୮୦୨, ପ୍ଲଟ୍ ନଂ.: ୪୨୮୪, ପରିମିତ କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: କୁକୁଡାଙ୍ଗ, ତହସିଲ: ବଣଁରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୨୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବରଜୁ ଦେହୁରୀ ଏବଂ ରାସ୍ତା, ଦକ୍ଷିଣ: ରଘୁନାଥ ନାୟକ ଏବଂ ଅନ୍ୟମାନେ, ପୂର୍ବ: ମୁରଲୀ ସାହୁ, ପଶ୍ଚିମ: ମୁକୁନ୍ଦ ନାୟକ |
| **ଋଣଗ୍ରହୀତାମାନେ: ମୃତକ ସନାତନ ଦାସଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସୁଲୋଚନା ଦାସ** (୰ ସନାତନ ଦାସଙ୍କ ମାତା), **୨) ଜୟନ୍ତୀ ଦାସ,** ସ୍ୱାମୀ: ୰ ସନାତନ ଦାସ, **୩) ସତ୍ୟଜିତ୍ ଦାସ,** ପିତା: ୰ ସନାତନ ଦାସ, **୪) ନବୀନ ଚନ୍ଦ୍ର ଦାସ,** ପିତା: ୰ ସନାତନ ଦାସ, ସମସ୍ତଙ୍କ ଗ୍ରାମ: ପରତରା, ଥାନା: ଅନୁଗୁଳ ସଦର, ତହସିଲ: ବଣଁରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୩୨ | ୩୧.୦୭.୨୦୨୫ ସୁଦ୍ଧା ଟ.୩,୫୭,୭୩୨.୩୮ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ସନାତନ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୩୩/୩୯୨୩, ରେଭିନ୍ୟୁ ଖାତା ନଂ.: ୩୩୦/୯୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ପରତରା, ଥାନା: ଅନୁଗୁଳ ୨୮, ତହସିଲ: ବଣଁରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ, ପଶ୍ଚିମ: ଶରତ ଚନ୍ଦ୍ର ଦାସ |

**ସ୍ଥାନ: ଅନୁଗୁଳ, ତାରିଖ: ୧୦.୧୨.୨୦୨୫** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


# ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁତ୍ରା,୧୦।୧୨(ଦେବାଶିଷ ସାହୁ)

କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅପରାହ୍ନରେ ସୁନ୍ଦରଗଡ଼ ଜିଲ୍ଲା ଭାରତ ସ୍କାଉଟ୍‌ସ ଗାଇଡ୍‌ସ କ୍ୟାମ୍ପୋରି ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ମୁଖ୍ୟ କମିଶନର ମୁରଲୀଧର ବେହେରା ସଭାପତିତ୍ୱ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଶାନ୍ତା ନୂତନ ସାମଦ ଯୋଗଦେଇ ସମସ୍ତଙ୍କୁ ଶୃଙ୍ଖଳିତ ହେବା ସହିତ ମନରେ କୌଣସି ସ୍ୱାର୍ଥ ନ ରଖି ସେବା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡାଏଟ୍ ପ୍ରିନ୍ସିପାଲ ଲିପିକା ବେହେରା, ଭାରତ ସ୍କାଉଟ୍‌ସ ଗାଇଡ୍‌ସ ରାଜ୍ୟ କମିଶନର ଡ. ଅରୁଣ ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, କୁତ୍ରା ବିଇଓ ଅନନ୍ତ ନାଏକ, ସ୍କାଉଟ୍‌ସ ଯୁଗ୍ମ ସମ୍ପାଦକ ଦୂବରାଜ ଗୋଖରା, ଡିଟିସି ସ୍କାଉଟ୍‌ସ ଜନସନ ଖାଖା, ଡିଓସି ସ୍କାଉଟ୍‌ସ ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଡିଟିସି ଗାଇଡ୍‌ସ ଖିଲେନ୍ଦ୍ରି ପଟେଲ, ଡିଓସି ଗାଇଡ୍‌ସ ଦିପିକା କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମ୍ପାଦକ ଅଜୟ କୁମାର ପ୍ରଧାନ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟକୁ ଜିଲ୍ଲା ସ୍କାଉଟ୍ସ କମିଶନର ଡ. ବିଭୀଷଣ ବାରିକ ପରିଚାଳନା କରିଥିବା ବେଳେ ସ୍କାଉଟ୍ସ ମାଷ୍ଟର ଧୃତିସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ୟାମ୍ପୋରୀରେ ୧୨ ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ୨୧୦ ଜଣ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସ କ୍ୟାପ୍‌ଟେନ ସାମିଲ ହୋଇଛନ୍ତି।


**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.: Nuagam (Aska) - 761111, Ganjam District, Odisha
Phone: 06822-273464, email: askasugar@yahoo.co.in
Website: askasugar.com
Letter No. Engg./2013 Date: 09.12.2025

**SHORT TENDER CALL NOTICE**

Sealed tenders are invited from licenced labour Contractors/ Firm/Agencies/Organizations etc. for undertaking **"Supply of Labourers for Boiler Ash & Mill House Area Cleaning"** for the crushing season 2025-26 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our website **www.askasugar.com**. Filled tender forms can be sent by Speed Post/Registered Post only which should reach in the office by dated 23.12.2025 by 5.00 P.M. Any future addition/ modification in the tender will be uploaded in website only (i.e. **www.askasugar.com**).

Sd./- Managing Director
A.C.S.I. Ltd., Aska



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ**

**ବାର୍ତ୍ତା**

- ୨୦୨୫-୨୬ ଆର୍ଥିକ ବର୍ଷରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀ କରଣ ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭୭୦ ଜଣ ହିତାଧିକାରୀ (ଭିନ୍ନକ୍ଷମ, ବିଧବା, ଅବିବାହିତ, ସ୍ୱାମୀ ପରିତ୍ୟକ୍ତା, ବରିଷ୍ଠ ନାଗରିକ) ଏବଂ ଜାତୀୟ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ପ୍ରାୟ ୩୦୦ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି।
- ୨୦୨୫-୨୬ ଆର୍ଥିକ ବର୍ଷରେ MGNREGA ଅନ୍ତର୍ଗତ ୨୧୪୨୦୯ଗୋଟି ଶ୍ରମ ଦିବସ ସୃଷ୍ଟି କରି ନୂତନ ପୋଖରୀ ଖନନ, ପୋଖରୀ ପଙ୍କ ଉଦ୍ଧାର, ପୋଖରୀ ସୌନ୍ଦର୍ଯ୍ୟ କରଣ, କୃଷି ପୋଖରୀ ନିର୍ମାଣ, କୃଷି କୂପ ନିର୍ମାଣ, ନୂତନ ଆଡ଼ିବନ୍ଧ ନିର୍ମାଣ, ରାସ୍ତା ଉନ୍ନତୀକରଣ, ନୂତନ ପାର୍କ ନିର୍ମାଣ ଓ ଚାଷ ନାଳ ଆଦି ପରିସମ୍ପତ୍ତି ସୃଷ୍ଟି କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ୧୨୦୦୦୦/-ର ସହାୟତା ରାଶି ପ୍ରଦାନ କରାଯାଉଅଛି। ତତ୍ ସହ ପାଇଖାନା ନିର୍ମାଣ ପାଇଁ ୧୨୦୦୦/- ଓ ୯୫ ଦିନର ଶ୍ରମ ବାବଦକୁ MGNREGA ଅନ୍ତର୍ଗତ ୨୫୯୩୫/- ସହାୟତା ରାଶି ଓ ପ୍ରଦାନ କରାଯାଉଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଉନ୍ନୟନ ଯୋଜନା ମାଧ୍ୟମରେ ଅତ୍ୟାଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବନସୁରକ୍ଷା ସମିତିଗୃହ ନିର୍ମାଣ, ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ ଓ ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରାଯାଉଅଛି।
- IGS ଅଧୀନରେ 10ଜଣ SHG ସଦସ୍ୟଙ୍କ ପାଇଁ ମାଛଚାଷ ପ୍ରକଳ୍ପ ଚାଲୁଅଛି। ସମୁଦାୟ ୧୦ଲକ୍ଷ ଋଣ ଭିତରୁ ୫ଲକ୍ଷ ସବସିଡି ମିଳୁଛି। ମାଧବ ସିଂହ ହାତ ଖର୍ଚ୍ଚ ଯୋଜନାରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫୦୦୦/- ସହାୟତା ରାଶି ପ୍ରଦାନ କରାଯାଉଅଛି। ପ୍ରି-ମାଟ୍ରିକ ଛାତ୍ରବୃତ୍ତି ଅନ୍ତର୍ଗତ ୬ରୁ ୮ମ ଶ୍ରେଣୀ SC ଛାତ୍ରଛାତ୍ରୀଙ୍କୁ ମାସିକ ୫୦୦/- ଦିଆଯାଉଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ମାଛ ପୋଖରୀ ଅନ୍ତର୍ଗତ ନୂତନ ପୋଖରୀ ଖନନ ଓ ସେଥିରେ ମାଛଚାଷ, ଜୈବ ପୁଞ୍ଜି ଟାଙ୍କିରେ ମାଛଚାଷ ସମ୍ପାଦନ କରାଯାଉଅଛି। ଏଥିସହ ୨୦ଜଣ ହିତାଧିକାରୀଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ତରଫରୁ ମାଛଧରା ଜାଲ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ଅଧୀନରେ ୨୫ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ପାଇଖାନା ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରାଯାଇଅଛି।

| ଶ୍ରୀଯୁକ୍ତ ଦ୍ୟୁତିକୃଷ୍ଣ ପାତ୍ର<br>ଗୋଷ୍ଠୀ ଉନ୍ନୟନ ଅଧିକାରୀ<br>ପଞ୍ଚାୟତ ସମିତି, ବୁଗୁଡ଼ା | ଶ୍ରୀଯୁକ୍ତ ମାନସ ରଞ୍ଜନ ପ୍ରଧାନ<br>ଉପାଧ୍ୟକ୍ଷ<br>ପଞ୍ଚାୟତ ସମିତି, ବୁଗୁଡ଼ା | ଶ୍ରୀମତୀ କେ. ପ୍ରିୟଦର୍ଶିନୀ ଆଚାରୀ<br>ଅଧ୍ୟକ୍ଷା<br>ପଞ୍ଚାୟତ ସମିତି, ବୁଗୁଡ଼ା |
|---|---|---|



**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା** — **ଇ-ନିଲାମ ବିଜ୍ଞପ୍ତି**
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ - IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୩୦।୧୨।୨୦୨୫**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ବିସ୍ତାରଣ ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଭୌତିକ ଦଖଲ / ସାଙ୍କେତିକ ଦଖଲ ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର) ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **"ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହାବି ଅଛି"** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୩୦।୧୨।୨୦୨୫ରିଖ ୧୧.୦୦ ଘଟିକାରେ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | କ) ସଂରକ୍ଷିତ ମୂଲ୍ୟ<br>ଖ) ଇଏମ୍‌ଡି<br>ଗ) ବିଡ୍ ବୃଦ୍ଧି ପରିମାଣ<br>ଘ) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୦।୧୨।୨୦୨୫, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୩.୦୦ ଘଟିକା** | କ) ଟ.୨,୯୮,୦୦,୦୦୦/-<br>ଖ) ଟ.୨୯,୮୦,୦୦୦/-<br>ଗ) ଟ.୧,୦୦,୦୦୦.୦୦<br>ଘ) ବୈଧାନିକ କର / ବିଦ୍ୟୁତ୍ / ସୋସାଇଟି ରକ୍ଷଣାବେକ୍ଷଣ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

**ସମ୍ପତ୍ତିକୁ ଖୋଜନ୍ତୁ**

| https://sbi.co.in web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବ୍‌ସାଇଟ୍ ୟୁଆର୍‌ଏଲ୍ https://baanknet.com | ସମ୍ପତ୍ତିର ଅବସ୍ଥିତି ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |
|---|---|---|

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୧୧.୧୨.୨୦୨୫, ସ୍ଥାନ: ଭୁବନେଶ୍ୱର** **ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ**

# ତ୍ରିକୋଣୀୟ ପ୍ରେମରୁ ହୋଇଥିଲା ହତ୍ୟା

## ଲକ୍ଷ୍ମୀଡୁଙ୍ଗୁରରୁ ଯୁବକଙ୍କ ମୃତଦେହ ଠାବ ଘଟଣା

### ନାବାଳିକା ପ୍ରେମିକା ଧରାପଡ଼ିଲେ, ନୂଆ ପ୍ରେମିକ ଗିରଫ

ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଲକ୍ଷ୍ମୀଡୁଙ୍ଗୁରି ପାହାଡ଼ରେ ସୋମବାର ହୀରାକୁଦ ଆଇଓଆଇ ଗୁଜାତଲ ନିବାସୀ ଅଭୟ କୁମାର ସାହୁ(୨୦) ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ପୂର୍ବତନ ପ୍ରେମିକଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ହୋଇଛି ବୋଲି ପୋଲିସ କହିଛି। ଏ ସମ୍ପର୍କରେ ପୋଲିସ ଅଭିଯୁକ୍ତ ସୁବର୍ଣ୍ଣପୁର ଜିଲା ବିନିକାର ଆଶୁତୋଷ ମିଶ୍ର(୨୫)ଙ୍କୁ ଗିରଫ କରିବା ସହ ଜଣେ ନାବାଳିକାଙ୍କୁ ଧରିଛି। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ସର୍ଜିକାଲ ବ୍ଲେଡ୍, ଛୁରି, ଏକାଧିକ ଧାରୁଆ ଅସ୍ତ୍ର, ସ୍କୁଟିକୁ ପୋଲିସ ଜବତ କରିଛି। ତେବେ ଏଥିରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ସମ୍ବଲପୁର କ୍ଷେତ୍ରରାଜପୁର ଥାନା ଅନ୍ତର୍ଗତ ଷ୍ଟେଶନପଡ଼ାର ସୋନୀ ଓରଫ ରୋହିତ ଫେରାର ଅଛନ୍ତି। ଏହାକୁ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା(ନଂ. ୩୨୨/୨୫)ରୁଜୁ କରି ପୋଲିସ ଅଭିଯୁକ୍ତ ଆଶୁତୋଷଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ଧରାପଡିଥିବା ନାବାଳିକାଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରିଛି। ଜିଲା ପୋଲିସ ମୁଖ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଅଜୟ କୁମାର ମିଶ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏଏସ୍‌ପି ମିଶ୍ରଙ୍କ ସୂଚନା ଅନୁସାରେ, ଗତ ୮ ତାରିଖରୁ ଅଭୟ ନିଖୋଜ ଥିଲେ। ମଙ୍ଗଳବାର ତାଙ୍କ କ୍ଷତାକ୍ତ ମୃତଦେହ ଲକ୍ଷ୍ମୀଡୁଙ୍ଗୁରି ପାଦଦେଶରୁ ଉଦ୍ଧାର ହୋଇଥିଲା। ଅଭୟଙ୍କ ପିତା ରଘୁନାଥ ସାହୁ ଏ ନେଇ କ୍ଷେତରାଜପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଅନୁସାରେ କ୍ଷେତରାଜପୁର ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷରେ ମୃତକଙ୍କ ଶରୀରରେ ୨୦ରୁ ଅଧିକ ସ୍ଥାନରେ କ୍ଷତ ଚିହ୍ନ ଥିଲା। ଫଳରେ ସମ୍ବଲପୁର ସଦର ଓ ବୁର୍ଲା ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଘଟଣାର ଅନୁସନ୍ଧାନ ଆରମ୍ଭ କରାଯାଇଥିଲା। ତଦନ୍ତ ବେଳେ ମୃତକଙ୍କ ମୋବାଇଲ ଯାଞ୍ଚ ସହିତ ଅନ୍ୟାନ୍ୟ ବୈଷୟିକ ପଦ୍ଧତିରେ ତଦନ୍ତ କରି ପୋଲିସ ଅଭିଯୁକ୍ତ ଆଶୁତୋଷଙ୍କ ନିକଟରେ ପହଞ୍ଚିଥିଲା। ଥାନାକୁ ଆଣି ପଚରାଉଚରା ବେଳେ ଅଭିଯୁକ୍ତ ସବୁକଥା ମାନି ଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ସ୍ୱୀକୋରୋକ୍ତି ସହିତ ହତ୍ୟାକାଣ୍ଡର କାରଣ ମଧ୍ୟ ଜଣାପଡ଼ିଥିଲା ବୋଲି ଏଏସ୍‌ପି କହିଛନ୍ତି। ସେ କହିଛନ୍ତି, ମୃତକ ଅଭୟ ଓ ଧରାପଡିଥିବା ବୁର୍ଲାର ନାବାଳିକାଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ମାଟ୍ରିକ ପାସ କରିବା ପରେ ସେ ସୁବର୍ଣ୍ଣପୁର ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ପଢ଼ିଲା ସମୟରେ ଅଭିଯୁକ୍ତ ଆଶୁତୋଷଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ନାବାଳିକା ଜଣଙ୍କ ସୁବର୍ଣ୍ଣପୁରରୁ ବୁର୍ଲା ଫେରି ଆସିବା ପରେ ଆଶୁତୋଷ ମଧ୍ୟ ସମ୍ବଲପୁରରେ ଏକ ଘରୋଇ ନର୍ସିଂହୋମରେ ଇଣ୍ଟର୍ନଶିପ ଆରମ୍ଭ କରିଥିଲେ। ସେପଟେ ଅଭୟ ଉଭୟଙ୍କ ସମ୍ପର୍କକୁ ବିରୋଧ କରିବା ସହିତ ଧମକଚମକ ମଧ୍ୟ ଦେଉଥିଲେ। ତେଣୁ ନାବାଳିକା ଓ ତାଙ୍କ ପ୍ରେମିକ ଆଶୁତୋଷ ଅଭୟଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରି ଷ୍ଟେଶନପଡ଼ାର ସୋନୀଙ୍କ ସହିତ ଯୋଗାଯୋଗ କରିଥିଲେ। ସୋମବାର ଯୋଜନା ଅନୁସାରେ ନାବାଳିକା ଓ ଆଶୁତୋଷ ଅଭୟଙ୍କୁ ଫୋନ କରି ଲକ୍ଷ୍ମୀଡୁଙ୍ଗୁରି ନିକଟକୁ ଡାକିଥିଲେ। ଅଭୟ ସେଠାରେ ପହଞ୍ଚିବା ପରେ ସମସ୍ତେ ଏକାଠି ପାହାଡ଼ ଉପରକୁ ଯାଇଥିଲେ। ସେଠାରେ କଥାବାର୍ତ୍ତା କରିବା ସମୟରେ ପୂର୍ବ ଯୋଜନା ଅନୁସାରେ ଆଶୁତୋଷ ତାଙ୍କୁ ଏକ ନିଶା ବଟିକା ମିଶ୍ରିତ ମୃଦୁ ପାନୀୟ ପିଇବାକୁ ଦେଇଥିଲେ। ଏହାକୁ ପିଇବା ପରେ ସେ ଅଚେତ ହୋଇ ଯାଇଥିଲେ। ଏହାର ସୁଯୋଗରେ ଆଶୁତୋଷ ସାଙ୍ଗରେ ନେଇଥିବା ସର୍ଜିକାଲ ବ୍ଲେଡ୍, ଛୁରି ଆଦି ଧାରୁଆ ଅସ୍ତ୍ରରେ ସୋନୀଙ୍କ ସହ ମିଶି ତାଙ୍କ ମୁଣ୍ଡ, ଛାତି, ହାତ ଓ ବେକକୁ କାଟି ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏଏସ୍‌ପି ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଏଏସ୍‌ପି ମିଶ୍ରଙ୍କ ସହିତ ସଦର ଏସ୍‌ଡିପିଓ ତୋଫାନ ବାଗ, କ୍ଷେତରାଜପୁର ଥାନା ଆଇଆଇସି ଅନିଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।



ପୋଲିସ ଗହଣରେ ଗିରଫ ଅଭୟ ହତ୍ୟାକାଣ୍ଡର ଅଭିଯୁକ୍ତ।

# ମାନବ ଅଧିକାର ଦିବସ ପାଳିତ

ଝାରସୁଗୁଡ଼ା,୧୦।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଓ ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ମଙ୍ଗଳବଜାରସ୍ଥିତ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଓକିଲ ସାଜଦା ବେଗମ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୌଡ଼ ଯୋଗଦେଇ ମାନବ ଅଧିକାର ବିଷୟରେ ସଚେତନ କରିବା ସହ ଆଇନସେବା ପ୍ରାଧିକରଣର ଯୋଜନା ବିଷୟରେ ଆଲୋଚନା କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଶୁଭମ୍ ପଟ୍ଟନାୟକ, ଅଂଶୁମାନ ଜାଲ୍ ଓ ଡୋଳାମଣି ରନବିଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରମାନଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ଉଦ୍‌ଯାପିତ




ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)

ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶ କ୍ରମେ ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ୨ ଦିନିଆ ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ବିଶ୍ୱଜିତ ବେହେରା, ଗାଙ୍ଗନଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ହରେନ କୁମାର ପ୍ରଧାନ ସାଧନ କର୍ମୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ ସଭାପତିତ୍ୱ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଲି ଲାକ୍ରା ପ୍ରମୁଖ ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାର୍ଗଦର୍ଶନ କରିବା ସହ ପ୍ରଶଂସାପତ୍ର ବଣ୍ଟନ କରିଥିଲେ। ଶିବିରରେ ବ୍ଲକ୍‌ର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ୪୫ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

# ବାଦ ବିବାଦ ପରେ ଚାଉଁରପୁର ମଣ୍ଡିରୁ ଉଠିଲା ଧାନ

■ଶୁଖିଲା ଧାନ ଆଣିବାକୁ ଚାଷୀଙ୍କୁ ମଲରଙ୍କ ପରାମର୍ଶ

■ମଣ୍ଡି ବଦଳରେ ମିଲ୍‌ରେ ହେଉଛି ଆର୍ଦ୍ରତା ଯାଞ୍ଚ

ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର)

ଅନେକ ବାଦବିବାଦ ପରେ ବୁଧବାର ସମ୍ବଲପୁର ଚାଉଁରପୁର ମଣ୍ଡିରୁ ଧାନ ବିକ୍ରୟ ଆରମ୍ଭ ହୋଇଛି। ତେବେ ମଣ୍ଡିରେ ଚାଷୀଙ୍କ ଧାନର ଆର୍ଦ୍ରତା ଯାଞ୍ଚ ହେଉ ନ ଥିବାରୁ ମିଲ ପଏଣ୍ଟରେ ଚାଷୀଙ୍କୁ ଏଭଳି ହଟହଟା ହେବାକୁ ପଡୁଥିବା ଦେଖିବାକୁ ମିଳିଛି। ବାସ୍ତବରେ ଚାଉଁରପୁର ମଣ୍ଡିରେ ଚାଷୀଙ୍କ ଆଇରିସ୍ ସ୍କାନ ଓ ଟୋକନ୍ ଏଣ୍ଟ୍ରି ପରେ ଚାଷୀଙ୍କ ପି-ପାସ୍ ଦିଆଯାଉଛି। ମାତ୍ର ଏଠାରେ ଚାଷୀଙ୍କ ଧାନର ଓଜନ ବା ଆର୍ଦ୍ରତାର ବିଧିବଦ୍ଧ ଯାଞ୍ଚ କରା ନ ଯାଇ ଧାନକୁ ସିଧାସଳଖ ମିଲକୁ ପଠାଇ ଦିଆଯାଉଛି। ଏହାର ସୁଯୋଗରେ ମିଲର୍ସ ଧାନର ଆର୍ଦ୍ରତା ଆଳରେ ମନଇଚ୍ଛା କଟ୍‌ନି ଛଟ୍‌ନୀ କରି ଚାଷୀଙ୍କୁ ଶୋଷଣ କରୁଛି। ଅପରପକ୍ଷରେ ଏଭଳି ପରିସ୍ଥିତିରେ ଅଭାବୀ ବିକ୍ରିରୁ ବର୍ତ୍ତିବାକୁ ଚାଷୀ କଟ୍‌ନି ଛଟ୍‌ନୀରେ ରାଜି ହେବାକୁ ବାଧ୍ୟ ହେଉଛନ୍ତି। ମଙ୍ଗଳବାର ଚାଷୀ ଓ ମିଲର୍ସଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିବା ବେଳେ ପରବର୍ତ୍ତିକାଳରେ ଶୁଖିଲା ଧାନ ଆଣିଲେ ଆଦୌ କଟ୍‌ନି ଛଟ୍‌ନୀ କରିବେ ନାହିଁ। ମାତ୍ର ଆର୍ଦ୍ରତା ଅଧିକ ରହିଥିଲେ କଟ୍‌ନୀ ଛଟ୍‌ନୀକୁ ନେଇ ବୁଝାମଣା କରି ଧାନ ଉଠାଇବା ପ୍ରସ୍ତାବରେ ଚାଷୀ ରାଜି ହେବାପରେ ବୁଧବାର ଚାଉଁରପୁର ମଣ୍ଡିରୁ ଧାନ ଉଠିଛି। ମଙ୍ଗଳବାର ଚାଉଁରପୁର ମଣ୍ଡିରୁ ୨୫ଗାଡ଼ି ଧାନ ଉଠିଥିବା ସୂଚନା ମିଳିଛି।



ଚାଉଁରପୁର ମଣ୍ଡିରୁ ବୁଧବାର ଉଠିଥିବା ଧାନ ବୋଝେଇ ଗାଡ଼ି ମିଲ ଅଭିମୁଖେ ବାହାରୁଛି।

# ସାମାଜିକ କର୍ମୀଙ୍କ ପରଲୋକ



ସିଦ୍ଧାର୍ଥ ସରକାର।

ଝାରସୁଗୁଡ଼ା,୧୦।୧୨(ଆଶିଷ ରଞ୍ଜନ ଦାଶ)

ସାମାଜିକ କର୍ମୀ ତଥା ବିଜେଡିର ସକ୍ରିୟ ସଦସ୍ୟ ସିଦ୍ଧାର୍ଥ ସରକାର(୫୮)ଙ୍କ ହୃଦ୍‌ଘାତରେ ଝାରସୁଗୁଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜୀବନବୀମା ଅଭିକର୍ତ୍ତା ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଅନୁଗତ ଥିଲେ। ଓଡ଼ିଶା ବାହାରେ ଥିବା ତାଙ୍କର ଏକମାତ୍ର ପୁତ୍ର ଝାରସୁଗୁଡ଼ାରେ ପହଞ୍ଚିବା ପରେ ଗୁରୁବାର ବୁରୋମାଲ ଶ୍ମଶାନରେ ମୃତଦେହ ସତ୍କାର କରାଯିବ ବୋଲି ଜଣାପଡିଛି। ସିଦ୍ଧାର୍ଥଙ୍କ ମୃତ୍ୟୁ ଖବର ମିଳିବା ପରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ଦୀପାଳି ଦାସ, ଝାରସୁଗୁଡ଼ା ପୌର ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ଯୁବନେତା ଦୁର୍ଗେଶ ମହାନ୍ତିଙ୍କ ସମେତ ଝାରସୁଗୁଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଅନୁଗୁଳ ମୁଖ୍ୟ ଶାଖା
ଶଙ୍କର ସିନେମା ରୋଡ, ମେନ୍ ରୋଡ,
ଜିଲ୍ଲା: ଅନୁଗୁଳ,
ଇମେଲ୍: ubin0535885@unionbankofindia.bank

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ: ମୃତକ ମାଧବ ପରିଡାଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସନାତନ ପରିଡା (ସହ-ଋଣଗ୍ରହୀତା), ପିତା: ୰ ମାଧବ ପରିଡା, ୨) ସାଗର ପରିଡା, ପିତା: ୰ ମାଧବ ପରିଡା, ୩) ତୁଲେଇ ପରିଡା, ସ୍ୱାମୀ: ୰ ମାଧବ ପରିଡା, ସମସ୍ତଙ୍କ ଠିକଣା- ସା/ପୋ: କୁକୁଡାଙ୍ଗ, ମଙ୍ଗଳା ମନ୍ଦିର ନିକଟ, ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ | ୩୧.୦୭.୨୦୨୫ ସୁଦ୍ଧା ଟ.୨୪,୫୨,୦୭୫.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ମାଧବ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୯୯/୪୯୬, ପ୍ଲଟ୍ ନଂ.: ୪୨୮୩/୫୮୪୯/୬୧୭୩, ପରିମିତ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ଖାତା ନଂ.: ୬୯୯/୮୦୨, ପ୍ଲଟ୍ ନଂ.: ୪୨୮୪, ପରିମିତ କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: କୁକୁଡାଙ୍ଗ, ତହସିଲ: ବଁଅରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୨୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବରଜୁ ଦେହୁରୀ ଏବଂ ରାସ୍ତା, ଦକ୍ଷିଣ: ରଘୁନାଥ ନାୟକ ଏବଂ ଅନ୍ୟମାନେ, ପୂର୍ବ: ମୁରଲୀ ସାହୁ, ପଶ୍ଚିମ: ମୁକୁନ୍ଦ ନାୟକ |
| ଋଣଗ୍ରହୀତାମାନେ: ମୃତକ ସନାତନ ଦାସଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସୁଲୋଚନା ଦାସ (୰ ସନାତନ ଦାସଙ୍କ ମାତା), ୨) ଜୟନ୍ତୀ ଦାସ, ସ୍ୱାମୀ: ୰ ସନାତନ ଦାସ, ୩) ସତ୍ୟଜିତ୍ ଦାସ, ପିତା: ୰ ସନାତନ ଦାସ, ୪) ନବୀନ ଚନ୍ଦ୍ର ଦାସ, ପିତା: ୰ ସନାତନ ଦାସ, ସମସ୍ତଙ୍କ ଗ୍ରାମ: ପରତରା, ଥାନା: ଅନୁଗୁଳ ସଦର, ତହସିଲ: ବଁଅରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୩୨ | ୩୧.୦୭.୨୦୨୫ ସୁଦ୍ଧା ଟ.୩,୫୭,୭୩୨.୩୮ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ସନାତନ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୩୩/୩୯୨୩, ରେଭିନ୍ୟୁ ଖାତା ନଂ.: ୩୩୦/୯୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ପରତରା, ଥାନା: ଅନୁଗୁଳ ୨୮, ତହସିଲ: ବଁଅରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ, ପଶ୍ଚିମ: ଶରତ ଚନ୍ଦ୍ର ଦାସ |

ସ୍ଥାନ: ଅନୁଗୁଳ, ତାରିଖ: ୧୦.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# କଳା ପରିଷଦ ହଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼,୧୦।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌର ପରିଷଦ ପକ୍ଷରୁ ସହରର ଘରୋଇ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣାଧୀନ କଳାପରିଷଦ ହଲ୍ କାର୍ଯ୍ୟ ବହୁ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏ ନେଇ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ ଭୁବନେଶ୍ୱରରେ କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତକରି ଉକ୍ତ ହଲ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସହାୟତା ଯୋଗାଇଦେବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଜିଲାରେ କଳାର ବିକାଶ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଳା ପରିଷଦ ହଲ୍ ନିର୍ମାଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହା ଦୟନୀୟ ହୋଇପଡିଥିଲା। ପରେ କଳାକାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୌର କାର୍ଯ୍ୟାଳୟ ପକ୍ଷରୁ ପୁରୁଣା କଳା ପରିଷଦ କୋଠାକୁ ଭାଙ୍ଗି ଆର୍ଥିକ ବର୍ଷ ୨୦୧୧-୧୨ରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କୋଠା ସହିତ ଉନ୍ନତମାନର ଅଡିଟୋରିୟମ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏହାପରେ ଉକ୍ତ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ କିଛିବର୍ଷ ପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ୨୦୧୭-୧୮ରେ ପୁଣିଥରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିଛିଦିନ ନିର୍ମାଣ କାର୍ଯ୍ୟ ଚାଲିବା ପରେ ବର୍ତ୍ତମାନ ଏହା ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। କଳାପରିଷଦ ଗୃହ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଡିପିଆର୍ ମୁତାବକ ୯୫ ଲକ୍ଷ ଟଙ୍କା ସହାୟତା ଯୋଗାଇଦେବାକୁ ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଭାଜପା ନେତା ସତ୍ୟନାରାୟଣ ପାଣି ଉପସ୍ଥିତ ଥିଲେ।

OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)
P.O.: Nuagam (Aska) - 761111, Ganjam District, Odisha
Phone: 06822-273464, email: askasugar@yahoo.co.in
Website: askasugar.com

Letter No. Engg./2013 Date: 09.12.2025

SHORT TENDER CALL NOTICE

Sealed tenders are invited from licenced labour Contractors/Firm/Agencies/Organizations etc. for undertaking **"Supply of Labourers for Boiler Ash & Mill House Area Cleaning"** for the crushing season 2025-26 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our website **www.askasugar.com**. Filled tender forms can be sent by Speed Post/Registered Post only which should reach in the office by dated 23.12.2025 by 5.00 P.M. Any future addition/modification in the tender will be uploaded in website only (i.e. **www.askasugar.com**).

Sd./- Managing Director
A.C.S.I. Ltd., Aska

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ

ବାର୍ତ୍ତା

- ୨୦୨୫-୨୬ ଆର୍ଥିକ ବର୍ଷରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀ କରଣ ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭୭୦ ଜଣ ହିତାଧିକାରୀ (ଭିନ୍ନକ୍ଷମ, ବିଧବା, ଅବିବାହିତ, ସ୍ୱାମୀ ପରିତ୍ୟକ୍ତା, ବରିଷ୍ଠ ନାଗରିକ) ଏବଂ ଜାତୀୟ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ପ୍ରାୟ ୩୦୦ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି।
- ୨୦୨୫-୨୬ ଆର୍ଥିକ ବର୍ଷରେ MGNREGA ଅନ୍ତର୍ଗତ ୨୧୪୨୦୯ଗୋଟି ଶ୍ରମ ଦିବସ ସୃଷ୍ଟି କରି ନୂତନ ପୋଖରୀ ଖନନ, ପୋଖରୀ ପଙ୍କ ଉଦ୍ଧାର, ପୋଖରୀ ସୌନ୍ଦର୍ଯ୍ୟ କରଣ, କୃଷି ପୋଖରୀ ନିର୍ମାଣ, କୃଷି କୂପ ନିର୍ମାଣ, ନୂତନ ଆଡ଼ିବନ୍ଧ ନିର୍ମାଣ, ରାସ୍ତା ଉନ୍ନତୀକରଣ, ନୂତନ ପାର୍କ ନିର୍ମାଣ ଓ ଚାଷ ନାଳ ଆଦି ପରିସମ୍ପତ୍ତି ସୃଷ୍ଟି କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ୧୨୦୦୦୦/-ର ସହାୟତା ରାଶି ପ୍ରଦାନ କରାଯାଉଅଛି। ତତ୍ ସହ ପାଇଖାନା ନିର୍ମାଣ ପାଇଁ ୧୨୦୦୦/- ଓ ୯୫ ଦିନର ଶ୍ରମ ବାବଦକୁ MGNREGA ଅନ୍ତର୍ଗତ ୨୫୯୩୫/- ସହାୟତା ରାଶି ଓ ପ୍ରଦାନ କରାଯାଉଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଉନ୍ନୟନ ଯୋଜନା ମାଧ୍ୟମରେ ଅତ୍ୟାଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବନସୁରକ୍ଷା ସମିତିଗୃହ ନିର୍ମାଣ, ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ ଓ ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରାଯାଉଅଛି।
- IGS ଅଧୀନରେ 10ଜଣ SHG ସଦସ୍ୟଙ୍କ ପାଇଁ ମାଛଚାଷ ପ୍ରକଳ୍ପ ଚାଲୁଅଛି। ସମୁଦାୟ ୧୦ଲକ୍ଷ ଋଣ ଭିତରୁ ୫ଲକ୍ଷ ସବସିଡି ମିଳୁଛି। ମାଧବ ସିଂହ ହାତ ଖର୍ଚ୍ଚ ଯୋଜନାରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫୦୦୦/- ସହାୟତା ରାଶି ପ୍ରଦାନ କରାଯାଉଅଛି। ପ୍ରି-ମାଟ୍ରିକ ଛାତ୍ରବୃତ୍ତି ଅନ୍ତର୍ଗତ ୬ରୁ ୮ମ ଶ୍ରେଣୀ SC ଛାତ୍ରଛାତ୍ରୀଙ୍କୁ ମାସିକ ୫୦୦/- ଦିଆଯାଉଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ମାଛ ପୋଖରୀ ଅନ୍ତର୍ଗତ ନୂତନ ପୋଖରୀ ଖନନ ଓ ସେଥିରେ ମାଛଚାଷ, ଜୈବ ପୁଞ୍ଜି ଟାଙ୍କିରେ ମାଛଚାଷ ସମ୍ପାଦନ କରାଯାଉଅଛି। ଏଥିସହ ୨୦ଜଣ ହିତାଧିକାରୀଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ତରଫରୁ ମାଛଧରା ଜାଲ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଅଛି।
- ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ଅଧୀନରେ ୨୫ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ପାଇଖାନା ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରାଯାଇଅଛି।

ଶ୍ରୀଯୁକ୍ତ ଦୁତିକୃଷ୍ଣ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀଯୁକ୍ତ ମାନସ ରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷ, ପଞ୍ଚାୟତ ସମିତି, ବୁଗୁଡ଼ା
ଶ୍ରୀମତୀ କେ. ପ୍ରିୟଦର୍ଶିନୀ ଆଚାରୀ, ଅଧ୍ୟକ୍ଷା, ପଞ୍ଚାୟତ ସମିତି, ବୁଗୁଡ଼ା

SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

ଇ-ନିଲାମ ବିଜ୍ଞପ୍ତି

ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦

ପରିଶିଷ୍ଟ - IV-A
[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]
ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଇ-ନିଲାମର ତାରିଖ ଓ ସମୟ: ତାରିଖ: ୩୦।୧୨।୨୦୨୫
ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ବିସ୍ତାରଣ ସହିତ

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଭୌତିକ ଦଖଲ / ସାଙ୍କେତିକ ଦଖଲ ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୭୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର) ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **"ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହାବି ଅଛି"** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୩୦।୧୨।୨୦୨୫ରିଖ ୧୧.୦୦ ଘଟିକାରେ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | କ) ସଂରକ୍ଷିତ ମୂଲ୍ୟ ଖ) ଇଏମଡି ଗ) ବିଡ୍ ବୃଦ୍ଧି ପରିମାଣ ଘ) ଋଣ ଭାର |
| --- | --- | --- |
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୦।୧୨।୨୦୨୫, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୩.୦୦ ଘଟିକା** | କ) ଟ.୨,୯୮,୦୦,୦୦୦/- ଖ) ଟ.୨୯,୮୦,୦୦୦/- ଗ) ଟ.୧,୦୦,୦୦୦.୦୦ ଘ) ବୈଧାନିକ କର / ବିଦ୍ୟୁତ୍ / ସୋସାଇଟି ରକ୍ଷଣାବେକ୍ଷଣ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

ସମ୍ପତ୍ତିକୁ ଖୋଜନ୍ତୁ

| | | |
| --- | --- | --- |
| https://sbi.co.in web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବସାଇଟ୍ ୟୁଆର୍‌ଏଲ୍ https://baanknet.com | ସମ୍ପତ୍ତିର ଅବସ୍ଥିତି ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |

ବିକ୍ରୟର ବିଶେଷଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଏବଂ https://baanknet.com ପରିଦର୍ଶନ କରନ୍ତୁ

ତାରିଖ: ୧୧.୧୨.୨୦୨୫, ସ୍ଥାନ: ଭୁବନେଶ୍ୱର ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ବିଶ୍ୱ ମାନବିକତା ଦିବସ**

**ନୂଆପଡ଼ା (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ଶ୍ରୀ ବିଶ୍ୱକର୍ମା ଟ୍ରଷ୍ଟ ତରଫରୁ ରାଣୀପୁର ଗ୍ରାମରେ ବିଶ୍ୱ ମାନବିକତା ଦିବସ ଓ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର, ଉପସଭାପତି ଲବଣେଶ୍ୱର ବାରିକ, ପରମେଶ୍ୱର ବାରିକ, କୁନାଲ ବେହେରା, ବାପିନା ସାହୁ ପ୍ରମୁଖ ଯୋଗଦେଇ ଆମର ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ସନ୍ତୋଷ ସାହୁ, ଶ୍ୟାମସୁନ୍ଦର ବାଗ, ମେଘନାଦ ତାଣ୍ଡି, ଝସକେତନ ବାଗ ଆଲୋଚନାରେ ଭାଗନେଇଥିଲେ।

# ମହିଳାଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

**ଲାଞ୍ଜିଗଡ଼,୧୦।୧୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳା (୩୭)ଙ୍କୁ ବଳାତ୍କାର ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ପାହାଡ଼ପଦର ପଞ୍ଚାୟତ କାଞ୍ଚନମୁଖି ଗାଁର ମାନ ମାଝୀ (୩୮)। ସୂଚନା ଅନୁସାରେ ମାନ ଉକ୍ତ ଗାଁର ଗାଁସାଥୀ ରହି କାମ ଦେଖାରେଖା କରୁଥିବା ବେଳେ ପୀଡିତା ମହିଳା ମଧ ସେହି କାମ କରି ଆସୁଥିଲେ। ଗତ ବୁଧବାର ମହିଳାଙ୍କ ଜମାବହିରୁ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ଉଠାଇବା ପାଇଁ କହି ମାନ ନିଜ ବାଇକ୍ ଯୋଗେ ବ୍ୟାଙ୍କକୁ ନେଇଥିଲେ। ହେଲେ ବ୍ୟାଙ୍କରେ ଖାତା ଯାଞ୍ଚ କଲାପରେ କୌଣସି ଟଙ୍କା ପଡି ନ ଥିବାରୁ ସେମାନେ ଫେରିଥିଲେ। ହେଲେ ବାଟରେ ଏକ ଜଙ୍ଗଲିଆ ସ୍ଥାନରେ ସେ ବାଇକ୍ ଅଟକାଇ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ କୌଶଳ କରି ସେଠାରୁ ଖସିଆସି ସମ୍ପର୍କୀୟଙ୍କ ସହାୟତାରେ ଶୁକ୍ରବାର ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଲାଞ୍ଜିଗଡ ଥାନାଧିକାରୀଙ୍କ ନେତୃତ୍ୱରେ ପୋଲିସ କାଞ୍ଚନମୁଖି ଗାଁକୁ ଯାଇ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ପଚରା ଉଚୁରା କରିଥିଲେ। ଏନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୩୯/୨୫) ରୁଜୁ କରି ବୁଧବାର ଉଭୟଙ୍କୁ ଡାକ୍ତର ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ରାସ୍ତାରେ ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର

## ଡ୍ରାଇଭର ଗୁରୁତର

**ଲାଞ୍ଜିଗଡ଼,୧୦।୧୨(ରମେଶ ଚନ୍ଦ୍ର ନାୟକ)**



ରାସ୍ତାରେ ଓଲଟି ପଡିଥିବା ଗ୍ୟାସ୍ ବୋଝେଇ ଟ୍ୟାଙ୍କର।

କଳାହାଣ୍ଡି ଜିଲା ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ବଞ୍ଜାରିଘାଟି ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ପାଞ୍ଚଟା ସମୟରେ ଗୋଟିଏ ଏଲ୍‌ପିଜି ଗ୍ୟାସ ଟ୍ୟାଙ୍କର (ଓଡି-୨୯-ଏଫ-୯୩୮୩) ଅନ୍ୟ ଏକ ଟ୍ରକ୍‌କୁ ସାଇଡ ଦେବାକୁ ଯାଇ ରାସ୍ତା ଉପରେ ଓଲଟି ପଡିଥିଲା। ଏଥିରେ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ନ ମିଳିବାରୁ ଏକ ପିକ୍‌ଅପ ଯୋଗେ ଡାକ୍ତରଖାନା ପଠାଯାଇଛି। ଏହି ଟ୍ୟାଙ୍କରଟି ବିଶାଖାପାଟଣାରୁ ଗ୍ୟାସ୍ ବୋଝେଇ କରି ବଲାଙ୍ଗୀର ଯାଉଥିଲା। ଦୁର୍ଘଟଣା ପରେ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା କରି ନର୍ଲା ଅଗ୍ନିଶମ ବିଭାଗ, ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ବେଦନଶୀଳ ଥିବାରୁ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ନର୍ଲା ତହସିଲଦାର, ଗ୍ୟାସ ସେଫ୍‌ଟି ବିଭାଗ ଓ ଜିଲା ପରିବହନ ବିଭାଗ ମଧ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ୟାଙ୍କରରୁ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ଉପରେ ରୋକ ଲଗାଇଛି ପ୍ରଶାସନ। ଫଳରେ ଭବାନୀପାଟଣା-ରାୟଗଡା ୬ ନମ୍ବର ରାଜ୍ୟ ରାଜପଥର ଛତିକୁ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ ହୋଇଯାଇଛି। ଘଟଣା ସମ୍ପର୍କରେ ପୁଲିସ ଓ ପ୍ରଶାସନ ତୀକ୍ଷଣ ନଜର ରଖିଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବନ୍ଦ ରହିଛି। ସେହିପରି ଦୁର୍ଘଟଣା ଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ ନିର୍ଗତ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବାବେଳେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି।

# ପ୍ରାଚୀର ପତ୍ରିକା 'ଆଇନା'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ



ଛାତ୍ରୀମାନେ ପ୍ରାଚୀରପତ୍ର ବୁଲି ଦେଖୁଛନ୍ତି।

**ବଲାଙ୍ଗୀର, ୧୦।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଗାନ୍ଧୀନଗରପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ଆଇନା'ର ସ୍ୱତନ୍ତ୍ର ସଂଖ୍ୟା 'ଆମ ସମ୍ବିଧାନ ଆମ ସ୍ୱାଭିମାନ' ଉନ୍ମୋଚିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା 'ଆଇନା' ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ ଛାତ୍ରୀମାନଙ୍କର ସୃଜନଶୀଳତା ଏବଂ ଚମତ୍କାର ଅଭିବ୍ୟକ୍ତିର ଭୂୟସୀ ପ୍ରଶଂସା କରିଥିଲେ। ତାଙ୍କ ବକ୍ତବ୍ୟରେ ସମ୍ବିଧାନର ମୂଲ୍ୟବୋଧକୁ ଦୈନନ୍ଦିନ ଜୀବନରେ ଅବଲମ୍ବନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ପ୍ରାଚୀର ପତ୍ରିକାରେ ଭାରତୀୟ ସମ୍ବିଧାନର ଇତିହାସ, ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟର ବିବରଣୀ ସାଙ୍ଗକୁ ସମ୍ବିଧାନ ପ୍ରଣୟନରେ ଭାରତରତ୍ନ ଡ. ବିଆର ଆମ୍ବେଦକରଙ୍କ ଅବଦାନ ବିଷୟରେ ସୂଚନା ଦେଇଥିଲେ। ଏହି ଉନ୍ମୋଚନ ଉତ୍ସବରେ ବିଦ୍ୟାଳୟର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ସ୍ଥାନୀୟ ବିଇଡି କଲେଜର ଗୁରୁ ଛାତ୍ରମାନେ ଉପସ୍ଥିତ ଥିଲେ।

# ଜନତାଙ୍କ ସ୍ୱର ହେବ ମିଡିଆ କ୍ଲବ

## ଆଦିତ୍ୟ ସଭାପତି, ବିଜୟ ସମ୍ପାଦକ

**ଭବାନୀପାଟଣା,୧୦।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ଆର୍‌ଏମ୍‌ସି କନ୍‌ଫରେନ୍ସ ହଲ୍‌ଠାରେ ଜୁନାଗଡ଼ ବ୍ଲକ୍‌ର କାର୍ଯ୍ୟରତ ଖବରଦାତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ୨୫ରୁ ଉର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ। ବୈଠକରେ ଖବରଦାତାଙ୍କୁ ନେଇ ଏକ ସଂଘ ଗଠନ ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଅନୁଯାୟୀ ନୂତନ ସଂଘର ନାମ 'ମିଡିଆ କ୍ଲବ୍ ଜୁନାଗଡ଼' ରଖାଯାଇ ଏହାର ଲୋଗୋ ଉନ୍ମୋଚନ କରାଯାଇଥିଲା। ବୈଠକରେ ସଂଘର ଉପଦେଷ୍ଟା ଭାବେ ବରିଷ୍ଠ ଖବରଦାତା ପ୍ରଶାନ୍ତ ପଣ୍ଡା, ଦେବେନ୍ଦ୍ର ବିଶି, ଉତ୍ତମ ଦାଶ ଓ ମୁକେଶ ଅଗ୍ରୱାଲ ମନୋନୀତ ହୋଇଥିଲେ। ପରେ ସଂଘର ପଦାଧିକାରୀ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସଭାପତି ଭାବେ ଆଦିତ୍ୟ ପ୍ରସାଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ମାଝୀ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ବିଜୟ ଭୂଷଣ ଦଣ୍ଡସେନା, ସହସମ୍ପାଦକ ବାଲେଶ୍ୱର ସୁନାନୀ, କୋଷାଧ୍ୟକ୍ଷ ଭାବେ ସ୍ୱାସ୍ତିଦୀପ ଆଦିତ୍ୟ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକକୁ ବରିଷ୍ଠ ଖବରଦାତା ମୁକେଶ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ମିଡିଆ କ୍ଲବ ଜନତାଙ୍କ ସ୍ୱର ହୋଇ କାମ କରିବ। ଅଞ୍ଚଳରେ ହେଉଥିବା ପିଡିଏସ୍ ଦୁର୍ନୀତି, ଛତୁଆ, ଗ୍ୟାସ୍, ଧାନକିଣା, ସରକାରୀ ଜାଗା ମାଡ଼ି ବସିଥିବା ଲୋକଙ୍କ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ମତ ପ୍ରକାଶ ପାଇଥିଲା।

# ଜବାହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପ୍ରସ୍ତୁତି ବୈଠକ

**ବେଲପଡ଼ା, ୧୦।୧୨(ମନୋଜ କୁମାର ମିଶ୍ର):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଜବାହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଶନିବାର ବଲାଙ୍ଗୀର ଜିଲାର ୩୮ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଏହି ପରୀକ୍ଷା ପାଇଁ ଚଳିତବର୍ଷ ୭୨୭୫ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି, ଯାହାକି ଗତ ବର୍ଷ ତୁଳନାରେ ୧୬୪୪ ଅଧିକ। ଏହି ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବା ନବୋଦୟ ସମିତି ପକ୍ଷରୁ ଜଣାପଡିଛି। ଏହି ପ୍ରବେଶିକା ପରୀକ୍ଷା ପାଇଁ ବଲାଙ୍ଗୀର ଏଡିଇଓ ପ୍ରବୀର କୁମାର ପଣ୍ଡା ଏବଂ ରୀନା ବେହେରାଙ୍କ ଅଧ୍ୟକ୍ଷତାରେ ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟଠାରେ ସମସ୍ତ ସିଏଲ୍‌ଓ ଏବଂ ସିଏସ୍‌ଙ୍କୁ ନେଇ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ରାଜନାରାୟଣ ମେହେର ଉପସ୍ଥିତ ଥିଲେ।

# ବିଶ୍ୱ ମାନବ ଅଧିକାର ଦିବସ

**ଟିଟିଲାଗଡ଼, ୧୦।୧୨(ଶରତ ମିଶ୍ର)**

ବିଶ୍ୱ ମାନବ ଅଧିକାର ଦିବସ ଅବସରରେ ଦାଦନ ଶ୍ରମିକ ଚାଲାଣ ନେଇ ଏକ ସଚେତନତା ରଥ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଛି। ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ସରକାର ଶ୍ରମିକଙ୍କୁ ନିଜ ଅଞ୍ଚଳରେ ରହି କାର୍ଯ୍ୟ କରିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏହାସତ୍ତ୍ୱେ କେହି ବାହାରକୁ କାମ କରିବାକୁ ଗଲେ ନିଜ ପଞ୍ଚାୟତରେ ନାମ ପଞ୍ଜୀକରଣ କରାନ୍ତୁ। କାହାରି ପ୍ରଲୋଭନରେ ପଡ଼ି ବାହାର ରାଜ୍ୟକୁ କାମ କରିବାକୁ ଯାଆନ୍ତୁ ନାହିଁ ବୋଲି ଉପଜିଲାପାଳ କହିଛନ୍ତି। ଏହି ଅବସରରେ ସହକାରୀ ଉପଜିଲାପାଳ ସନ୍ଦୀପ ଚନ୍ଦ୍ରକାର, ସହକାରୀ ଶ୍ରମ ଅଧିକାରୀ ରଜନୀକାନ୍ତ ଛତ୍ରିଆ, ବିକଳ୍ପ ପିଏମ୍ ଶ୍ଳୋକ ସନ୍ତାପ ସିଂ, ଆକ୍ସନ ଏଡ୍ ସିସି ମୁରଲୀ ଦାଶ, ଏସ୍‌ଜେଏଲ ଶୁଚିସ୍ମିତା ପୁରୋହିତ, ଜ୍ୟୋତିର୍ମୟୀ ଦହଲ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବଲାଙ୍ଗୀର, ୧୦।୧୨ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସଦର ଥାନା ଅଧୀନ ମାଗୁରବେଡ଼ାସ୍ଥିତ ଲୋୟର ସୁକତେଲ ଡ୍ୟାମ୍ କଲୋନିର ଏକ ବନ୍ଦ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ଜବତ କରିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ବଣେଇ ଅଞ୍ଚଳର ପପୁକାନ୍ତ ରଣା (୩୧)। ସେ ସୁକତେଲ ଡ୍ୟାମ୍‌ର ମେକାନିକାଲ ସେକ୍ସନ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବା ଜଣାପଡିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଭୀମ ଭୋଇ ମେଡିକାଲ କଲେଜରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# କର୍ଣ୍ଣାଟକ ୪୧୨/୩, ମଣିକାନ୍ତଙ୍କ ଦ୍ୱିଶତକ

## ଦ୍ୱିତୀୟ ଦିବସରେ କୁଚ୍ ବିହାର ଟ୍ରଫି

**ବଲାଙ୍ଗୀର, ୧୦।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**



ଦ୍ୱିଶତକ ଅର୍ଜନ କରିଥିବା ବ୍ୟାଟର ମଣିକାନ୍ତ ଶିବାନନ୍ଦ।



ଶତକୀୟ ପାରି ଖେଳି ଅପରାଜିତ ଥିବା ବ୍ୟାଟର ଧ୍ରୁବ କ୍ରିଷ୍ଣନ।

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଓ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମଠାରେ ଚାଲିଥିବା ଓଡ଼ିଶା ବନାମ କର୍ଣ୍ଣାଟକ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ବୁଧବାର ଦ୍ୱିତୀୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କର୍ଣ୍ଣାଟକ ଦଳ ମଙ୍ଗଳବାର ପ୍ରଥମ ଦିନ ସଂଗୃହିତ ୧ ଉଇକେଟ୍ ବିନିମୟରେ ୫୦ ରନ୍‌ରୁ ବୁଧବାର ଖେଳ ଆରମ୍ଭ କରିଥିଲା। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୪୧୨ ରନ୍ କରିଥିଲା। କର୍ଣ୍ଣାଟକ ଦଳ ୨୪୨ ରନ୍‌ରେ ଏବେ ଆଗୁଆ ରହିଛି। କର୍ଣ୍ଣାଟକ ଦଳ ତରଫରୁ ମଣିକାନ୍ତ ଶିବାନନ୍ଦ ଦ୍ୱିଶତକ (୨୨୭ ରନ୍) ଅର୍ଜନ କରି ରେକର୍ଡ କରିଥିଲେ। ଦଳର ଅନ୍ୟତମ ସଫଳ ବ୍ୟାଟର ଭାବେ ଧ୍ରୁବ କ୍ରିଷ୍ଣନ ୧୦୫ ରନ୍ ଓ ଅନ୍‌ଭେ ଦ୍ରାଭିଡ୍ ୬୨ ରନ୍ କରି ଅପରାଜିତ ଅଛନ୍ତି। ଓଡ଼ିଶା ଦଳର ପୀୟୁଷ ମହାନ୍ତି ଦୁଇଟି ଉଇକେଟ୍ ହାସଲ କରିଛନ୍ତି। ଗୁରୁବାର ତୃତୀୟ ଦିନ ଖେଳ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ଆୟୋଜକ ଜିଲା କ୍ରୀଡ଼ା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହ୍ଲାଦ ଶତପଥି, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରୀଡ଼ା ସମ୍ପାଦକ ବିଭୂତି ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଠ, ସୁଧୀର ଚନ୍ଦ୍ର ପଣ୍ଡା, ପ୍ରଭାତ କୁମାର ମିଶ୍ର, ଓଡ଼ିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ସୂର୍ଯ୍ୟ କୁମାର ମିଶ୍ର, ଫୁଟ୍‌ବଲ ସମ୍ପାଦକ ଶରତ ନନ୍ଦ, ଭଲିବଲ ସମ୍ପାଦକ ସଂଗ୍ରାମ ବହିଦାର, ସ୍ୱାଗତ ଶୁଭଙ୍କର ତ୍ରିପାଠୀ, ରବୀନ୍ଦ୍ର କୁମାର ମିଶ୍ର, ଗୌରଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ।


**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**
AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26
No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
OIPR-08069/11/0007/2526 Sd./- Divisional Forest Officer Phulbani K.L.Division

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25
**2nd CORRIGENDUM**
TENDER FOR THE WORK
No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".
In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to Critical Dates.

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

All other terms and conditions un-altered.
Sd./- Superintending Engineer P.H. Division, Balasore
OIPR-13053/11/0037/2526

**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025
**REQUEST FOR PROPOSAL**
CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.
Sd./- C.D.O.-cum-DMC, OLM, Zilla Parishad, Balangir
OIPR-19367/11/0005/2526

ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା
ଇସ୍ତାହାର
PR No-879 03/12/2025
ସଂଖ୍ୟା-୨୫୬୪ ତାରିଖ 03/12/2025
No.F-୨୬:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସଦିଆ ଉତ୍ସ ସନ-2025-26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ-ବାଲିଅନ୍ତା ତହସିଲ ।
ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:- କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।
OIPR-24050/11/0002/2526 ସ୍ୱା./- ତହସିଲଦାର, ବାଲିଅନ୍ତା

GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807 **INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26
1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer Bhanjanagar (R&B) Division
OIPR-34015/11/0032/2526

**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | |
|---|---|---|
| 1. | Name of the Work | Building Works |
| 2. | Estimated Cost | Rs.26.86 Lakhs |
| 3. | Period of Completion | As per Annexure Column No.06 |
| 4 | Date & Time of Availability of Bid documents in the portal | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | 23.12.2025 upto 5.00 PM |
| 6 | Name and Address of the Officer Inviting Bid | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer R.W.Division-I, Ganjam, Berhampur
OIPR-25085/11/0040/2526

**Government of Odisha "e" Procurement Notice** No.C-1712
Bid Identification No. : 52/2025-26

| | | |
|---|---|---|
| 1 | Name of the Work | 01 No. of work |
| 2 | Estimated Cost | 184.65 Lakh |
| 3 | Period of Completion | Two months |
| 4 | Date & time of availability of bid document in the portal | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | 12.00 Noon of 23.12.2025 |
| 6 | Name & Address of the Officer inviting Bid | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer, P.H. Division, Bhubaneswar
OIPR-13205/11/0053/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: "e"-Procurement Notice
BID IDENTIFICATION No.:06 MID (JSP/2025-26)
1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

The detail tender call notice can also be seen in the DOWR website: http://dowrorissa.gov.in
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- http://tenderorissa.gov.in
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer M.I. Division, Jashipur
OIPR-32282/11/0014/2526

**Sambalpur Municipal Corporation Sambalpur**
Notice No. - 14365 Email id: sambalpurm.hud@nic.in Dt. : 06.12.2025
'e' Procurement NOTICE
23/SMC_SBP/2025-26
Tender ID No : 2025_ORULB_122633
No.C-1732 : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in
1. Number of Civil Works : 2 (Two) numbers
2. Estimated Costs : 53.16 & 66.73 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 10.12.2025 to 05.00 P.M. of 30.12.2025
5. Last Date/Time for receipt of bids in the portal : 05.00 P.M. of 30.12.2025
6. Bids will be opened on : 11.00 A.M. of Dt. 31.12.2025
7. Name and address of the officer inviting bid : Municipal Commissioner, Sambalpur Municipal Corporation, Sambalpur

Sd./- Commissioner Sambalpur Municipal Corporation
OIPR-13122/11/0151/2526

Government of Odisha No.B-777
"e" Procurement Notice
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025
1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding
7. Last date/Time for receipt of bids in the portal : Upto 17.00 Hrs. of Dated 19.12.2025
8. Bids received "on-line" shall be opened at 17.30 Hours on dated 20.12.2025 in the office of the Superintending Engineer, Rayagada (R&B) Division No-I
9. Further details can be seen from the e-Procurement portal : "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer Rayagada (R&B) Division No-I
OIPR-34040/11/0019/2526

GOVERNMENT OF ODISHA No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
'e' PROCUREMENT NOTICE

| | | |
|---|---|---|
| 1 | Nature of the works | Road Work |
| 2 | No of works | 2 (Two) |
| 3 | Value of works (Excluding GST) | Rs.233.90 lakh & 235.59 lakh |
| 4 | Period of completion | 6 Calendar Months |
| 5 | Class of contractors | A & B |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | Date and time of opening of Technical Bid | 30.12.2025 at 11.00 hrs |
| 9 | Date of opening Financial Bid | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in
Sd./- Additional Chief Engineer, Salapada Irrigation Circle, Salapada,
OIPR-32468/11/0009/2526

**ଏମ୍‌ଆର୍ ହାଇସ୍କୁଲରେ ମାନବାଧିକାର ଦିବସ ପାଳିତ**

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ): ଜାତୀୟ ଆଇନ ସେବା ପ୍ରାଧିକରଣ ଓ କଟକସ୍ଥିତ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ସୋନପୁର ପିଏମ୍ ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ମାନବାଧିକାର ଦିବସ ବୁଧବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏହା ପାଳନ ହୋଇଥିଲା। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସ, ଉପ ଆରକ୍ଷୀ ଅଧୀକ୍ଷକ ପ୍ରତାପ କୁମାର ରଣା, ଇଣ୍ଟରନ୍ୟାଶନାଲ ଜଷ୍ଟିସ ମିଶନର ପ୍ରତ୍ୟୁଷ କୁମାର ନନ୍ଦ, ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜଲିତା ମିଶ୍ର ଓ ସୁଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ସହଯୋଗ କରିଥିଲେ।

# ବୌଦ୍ଧ ଧନୁଯାତ୍ରା ଉଦ୍‌ଘାଟିତ

ବୌଦ୍ଧ,୧୦।୧୨(ଅଜିତ୍ କୁମାର ବାରିକ)

ବୌଦ୍ଧ ଭୈରବୀ ପଡ଼ିଆରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ବୁଧବାର ଧନୁଯାତ୍ରା ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନାଟ୍ୟ ନିର୍ଦ୍ଦେଶକ ଭବାନୀ ଶଙ୍କର ମହାପାତ୍ର, ହୃଦାନନ୍ଦ ମେହେର ଓ ଦେବାଙ୍ଗନ ମେହେର ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ନାଟ୍ୟ କଳାପରିଷଦ ପକ୍ଷରୁ ସକାଳେ ମହାନଦୀରୁ ଏକ କଳସ ଶୋଭାଯାତ୍ରା ମଦନ ମୋହନ ଜୀଉଙ୍କ ମନ୍ଦିରକୁ ଆସିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ନାଟ୍ୟୋତ୍ସବର ପ୍ରଥମ ଦିନରେ ମଞ୍ଚସ୍ଥ ହୋଇଥିଲା ନାଟକ ଧର୍ମ ସଂସ୍ଥାପନାର୍ଥାୟ।


ମହାନଦୀରେ ପୂଜାର୍ଚ୍ଚନା କରାଯାଉଛି।

ଏହି ନାଟକରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର୍ଗାରୋହଣ ଏବଂ ଦ୍ୱାପରରେ କୃଷ୍ଣ ଅବତାର ପାଇ ପରିକଳ୍ପନା କରିବା ସଙ୍ଗେସଙ୍ଗେ କଂସର ଜନ୍ମ ଏବଂ ଦେବକୀ ଓ ବସୁଦେବଙ୍କ ବିବାହ ପରେ ଶୁନ୍ୟବାଣୀ (ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ତୋର ବଧ କରିବ) ଶୁଣି କଂସ ଉତ୍କ୍ଷିପ୍ତ ହୋଇ ଦେବକୀ ଓ ବସୁଦେବଙ୍କୁ କାରାବାସ ଦେଇ ଉଗ୍ରସେନ ଓ ଇନ୍ଦୁମତୀଙ୍କୁ ମଧ୍ୟ କାରାବାସ ଦେଇ ନିଜେ ମଥୁରାର ରାଜା ହୋଇ ତ୍ରିପୁର ବିଜୟ କରିବା ପାଇଁ ଯାତ୍ରା ଆରମ୍ଭ କରିଛି। ଏହାସହ ପଦ୍ମବତୀ ସହିତ କଂସର ବିବାହ ହେବା ସହ ଜରାସନ୍ଧ ବଧ ଆଦି ନାଟକ ପରିବେଷିତ ହୋଇଥିଲା। ଦୀର୍ଘ ୮ ଦିନ ଧରି ହେବାକୁଥିବା ଏହି ନାଟ୍ୟୋତ୍ସବରେ ବୌଦ୍ଧ ଜିଲାର ଜଣାଶୁଣା

**ମଞ୍ଚସ୍ଥ ହେଲା ନାଟକ ଧର୍ମ ସଂସ୍ଥାପନାର୍ଥାୟ**

ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକଶୈଳୀରେ ପ୍ରତିଦିନ ପରିବେଷଣ ହେଉଛି। ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର ଓ ସମ୍ପାଦକ ପଙ୍କଜ ମେହେରଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳିତ ହେଉଛି। ନାଟକର ବିଭିନ୍ନ ଚରିତ୍ରରେ ନାଟ୍ୟୋତ୍ସବର ସମସ୍ତ ସଦସ୍ୟ ଅଭିନୟ କରିଥିଲେ। ଚଳିତବର୍ଷ ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମୀନାବଜାର ଓ ସୁସ୍ୱାଦ ଖାଦ୍ୟର ଷ୍ଟଲ୍‌ମାନ ଖୋଲାଯାଇଛି। ନାଟକ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା।

# ସିବିଆଇ ମାଲଖାନାରୁ ବାହାରିଲେ ୧୨ ପ୍ରାଚୀନ ମୂର୍ତ୍ତି

ସୋନପୁର,୧୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇ ଦୀର୍ଘ ୪୨ବର୍ଷ ସିବିଆଇ ମାଲଖାନାରେ ଥିବା ଅଷ୍ଟଧାତୁରେ ନିର୍ମିତ ୧୨ ବିରଳ ପ୍ରାଚୀନ ମୂର୍ତ୍ତିକୁ ବୁଧବାର ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଭୁବନେଶ୍ୱର କୋର୍ଟ ପରିସରରେ ସନ୍ଧ୍ୟାରେ ପୂଜାର୍ଚ୍ଚନା ପରେ ରାତି ୯ଟାରେ ଏକ ସ୍ୱତନ୍ତ୍ର ଭ୍ୟାନରେ ପ୍ରଶାସନ ପକ୍ଷରୁ କଡ଼ା ପୋଲିସ ସୁରକ୍ଷା ବଳୟ ମଧ୍ୟରେ ସୁବର୍ଣ୍ଣପୁର ଅଣାଯାଉଛି। ଏହି ଖବର ମିଳିବା ପରେ ସୁବର୍ଣ୍ଣପୁରରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ବିରଳ ପ୍ରାଚୀନ ମୂର୍ତ୍ତିଗୁଡ଼ିକୁ ଦେଖିବା ପାଇଁ ଜନସାଧାରଣ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ସୂଚନା ଅନୁଯାୟୀ ଗତ ସୋମବାର ଭୁବନେଶ୍ୱର କଳ୍ପନା ସ୍ଥିତ ଖୋର୍ଦ୍ଧା ଏଡିଜେ-୩ କୋର୍ଟର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଜବତ ହୋଇଥିବା ଚୋରି ମୂର୍ତ୍ତି ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରକୁ ପ୍ରଦାନ ପାଇଁ ରାୟ ପ୍ରଦାନ କରିଥିଲେ। ବିଚାରପତିଙ୍କ ରାୟ ପରେ ମୂର୍ତ୍ତି ଆଣିବା ପାଇଁ ସୁବର୍ଣ୍ଣପୁର ଦେବୋତ୍ତର ବିଭାଗ ପକ୍ଷରୁ ଉଦ୍ୟମ ହୋଇଥିଲା। ଦେବୋତ୍ତର ବିଭାଗକୁ ମୂର୍ତ୍ତି ପ୍ରଦାନ କରିବା ପାଇଁ ବୁଧବାର ସ୍ୱତନ୍ତ୍ର ସିଜିଏମ୍ ବିନୋଦ ବିହାରୀ ସାହୁ ଅନୁମତି ପ୍ରଦାନ କରିଥିଲେ। ଏଥିପାଇଁ ମଙ୍ଗଳବାର ଅପରାହ୍ନଠାରୁ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଭୁବନେଶ୍ୱରରେ ପହଞ୍ଚି ସାରିଥିଲେ। ସେହିପରି ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ ୧୦ ଦିନ ଧରି ଭୁବନେଶ୍ୱରରେ ରହି ମୂର୍ତ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ସେହିପରି ଗୋପାଳଜୀ ମଠର ମହନ୍ତ ବଂଶୀଧର ଦାସଙ୍କ ସମେତ କିଛି ଆଇନଜୀବୀ ଏବଂ ଭକ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ସୋନପୁର ରାଜ ଉଆସର ଠିକ୍ ସମ୍ମୁଖରେ ରହିଛି ଗୋପାଳଜୀ ମନ୍ଦିର। ରାଜ ପରିବାରର ଇଷ୍ଟଦେବ ହେଉଛନ୍ତି ଶ୍ରୀ ଗୋପାଳଜୀ ଠାକୁର। ୧୯୮୨ ମସିହାରେ ମନ୍ଦିରରୁ ବହୁମୂଲ୍ୟ ପ୍ରାଚୀନ ରାଧା, ଗୋପାଳଜୀ, ଗରୁଡଙ୍କ ସମେତ ୯ ଗାଟି ପାର୍ଶ୍ୱ ଦେବତା ମୋଟ ୧୨ଗୋଟି ମୂର୍ତ୍ତି ଚୋରି ହୋଇଥିଲା। ସେହିବର୍ଷ ଦିଲ୍ଲୀ ବିମାନ ବନ୍ଦର ଠାରେ ସିବିଆଇ ଦ୍ୱାରା ଚୋର ଧରା ପଡିଥିଲେ। ଚାନ୍ଦିନି ଚୌକର ଫତେପୁରୀ ନିକଟରୁ ସିବିଆଇ ମୂର୍ତ୍ତିଗୁଡ଼ିକ ଜବତ କରିଥିଲେ। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରୁ ଚୋରି ମୂର୍ତ୍ତି ଗୁଡ଼ିକ ଚିହ୍ନଟ ହୋଇଥିଲା। ମୂର୍ତ୍ତିଗୁଡ଼ିକ ସେବେଠାରୁ ଭୁବନେଶ୍ୱରସ୍ଥିତ ସିବିଆଇ ମାଲଖାନାରେ ରହିଥିଲା। ବିଭିନ୍ନ ସମୟରେ ଏ ସମ୍ପର୍କିତ ଖବର ଧରିତ୍ରୀ ସମେତ ଅନ୍ୟ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଥିଲା। ମନ୍ଦିର କମିଟି ପକ୍ଷରୁ ମୂର୍ତ୍ତିଗୁଡ଼ିକୁ ସ୍ୱମନ୍ଦିରକୁ ଫେରାଇ ଆଣିବା ପାଇଁ ଉଦ୍ୟମ ହୋଇଥିଲା। ପୂର୍ବରୁ ଏହି ମାମଲାର ଶୁଣାଣି ସମୟରେ ମୂର୍ତ୍ତିଗୁଡ଼ିକ ଗୋପାଳଜୀ ମନ୍ଦିରରେ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର କୌଣସି କାରଣରୁ ମୂର୍ତ୍ତିଗୁଡ଼ିକ ସୁବର୍ଣ୍ଣପୁର ଫେରାଇ ଅଣାଯାଇ ପାରି ନ ଥିଲା। ବର୍ତ୍ତମାନର ଜିଲାପାଳ ଡ. ସାହୁ ଏହା ଜାଣିବା ପରେ ମୂର୍ତ୍ତିଗୁଡ଼ିକୁ ଫେରସ୍ତ ଆଣିବାକୁ ଉଦ୍ୟମ କରିଥିଲେ। ମୂର୍ତ୍ତିଗୁଡ଼ିକ ସୁବର୍ଣ୍ଣପୁର ପହଞ୍ଚିଲା ପରେ ପ୍ରଥମେ ଜିଲା କୋଷାଗାରରେ ରଖାଯିବ। ଆନୁସଙ୍ଗିକ ବ୍ୟବସ୍ଥା ପରେ ଶୁଭ ସମୟ ଦେଖି ମନ୍ଦିରରେ ସ୍ଥାପନ କରାଯିବ ବୋଲି ଜିଲାପାଳ ଡ. ସାହୁ କହିଛନ୍ତି।


ମୂର୍ତ୍ତିଗୁଡ଼ିକ ମାଲଖାନାରୁ ବାହାରିବା ପରେ ଭୁବନେଶ୍ୱର କୋର୍ଟ ପରିସରରେ ରଖାଯାଇଛି।

**କଡ଼ା ସୁରକ୍ଷାରେ ସୁବର୍ଣ୍ଣପୁରକୁ ଆଣୁଛି ପ୍ରଶାସନ**

# ସମାକୁପା ଜଙ୍ଗଲରେ ବାଘ ଆତଙ୍କ

କନ୍ଧମାଳ,୧୦।୧୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର କନ୍ଧମାଳ ରେଞ୍ଜର ନାରାୟଣପ୍ରସାଦ ସେକ୍ସନର ସମାକୁପା ଜଙ୍ଗଲରେ ବାଘ ଆତଙ୍କ ଦେଖାଦେଇଛି। ଜଙ୍ଗଲରେ ବାଘର ପାଦଚିହ୍ନ ଓ ମଳ ଥିବା ଯୋଗୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ତିନି ଚାରିଦିନ ହେବ ସମାକୁପା ଜଙ୍ଗଲରେ ଗ୍ରାମବାସୀ ବାଘର ପାଦଚିହ୍ନ ଦେଖିଥିଲେ। ଜଙ୍ଗଲକୁ ପ୍ରତିଦିନ ଗୋରୁ ଓ ଛେଳି ଚରିବାକୁ ଯାଉଥିଲେ। ହେଲେ ଗୋରୁ, ଛେଳି ହଜିଯାଉଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ସନ୍ଦେହରେ ଜଙ୍ଗଲକୁ ଗୃହପାଳିତ ପ୍ରାଣୀଙ୍କୁ ଖୋଜିବାକୁ ଗାଁ ଲୋକେ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ଗୋରୁଙ୍କ ମୃତଦେହ ପଡ଼ିଥିବା ବେଳେ ବାଘର ପାଦଚିହ୍ନ ଓ ମଳ ମଧ୍ୟ ଦେଖିବାକୁ ପାଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଖେଳିଯାଇଛି। ଲୋକମାନେ ସନ୍ଧ୍ୟାହେଲେ ଘରୁ ବାହାରକୁ ବାହାରୁନାହାନ୍ତି। ଖବର ପାଇ କନ୍ଧମାଳ ରେଞ୍ଜର ବନ କର୍ମଚାରୀମାନେ ଜଙ୍ଗଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ କନ୍ଧମାଳ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକଙ୍କୁ ପଚାରିବାରୁ ଆମେ ବାଘର ପାଦଚିହ୍ନ ବାରିଛୁ, ସେ ନେଇ ଜଙ୍ଗଲରେ କ୍ୟାମେରା ଲଗାଯାଇଛି ଓ ଲୋକଙ୍କୁ ସତର୍କ କରାଯାଇଥିବା ପ୍ରକାଶ କରିଥିଲେ।


ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି।

- ଗାଈକୁ ମାରି ଖାଇଥିବା ଅଭିଯୋଗ
- ଜଙ୍ଗଲରେ ବାଘର ପାଦଚିହ୍ନ ଓ ମଳ

# ଶତାୟୁଙ୍କ ପରଲୋକ

ବିନିକା,୧୦।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଫୁଲମୁଠୀ ଗ୍ରାମର ଧର୍ମପରାୟଣ ବାଲାଜୀ ହାତୀଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୩ ବର୍ଷ ହୋଇଥିଲା। କିଛି ବର୍ଷ ଧରିସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବାଲାଜୀଙ୍କ ସମୂହ ପରିବାର ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ମରଶରୀର ଗାଁ ଶ୍ମଶାନକୁ ନିଆ ସତ୍କାର ଯାଇଥିଲା। ବଡ଼ ପୁଅ ଡ଼ିଲେଶ୍ୱର ହାତୀ ମୁଖାଗ୍ନି ଦେଇଥିଲେ। ଆମ୍ବେଦକର ଯୁବକ ସଂଘ ସଭାପତି ନରେଶ କଲତା, ଦୁର୍ଗା ଚରଣ କଲତା, ଠଣସୁନ୍ଦର ଭେସ୍ରା, ତରୁଣ ଛତ୍ରିଆ, ସୁନୀଲ ଛତ୍ରିଆ, ଲମ୍ବୋଦର ଛତ୍ରିଆ, ଅଜୟ ଛତ୍ରିଆ, ପ୍ରଭାଶ କୁମ୍ଭାର, ରାଜା ହାତୀ, ଶ୍ରୀମନ୍ତ ସୁନା, କେଶବ ବାଗ ଓ ଗୁଣନିଧି ସୁନା ପ୍ରମୁଖ ଉପସ୍ଥିତ ଥିଲେ।


ବାଲାଜୀ ହାତୀ।

# ବିଶ୍ୱ ମାନବାଧିକାର ଦିବସ ପାଳିତ


ବିଶ୍ୱ ମାନବାଧିକାର ଦିବସ ପାଳନରେ ମଞ୍ଚାସୀନ ଅତିଥି ଓ କର୍ମଚାରୀ।

ବୀରମହାରାଜପୁର,୧୦।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମାନବାଧିକାର ଦିବସ ବୁଧବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୋପୀନାଥ ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା ଓ ଧର୍ମ ନିର୍ବିଶେଷରେ ସମାଜରେ ସମସ୍ତଙ୍କର ସମାନ ଅଧିକାର ରହିଛି ଓ ଏଥିରେ କୌଣସି ପାର୍ଥକ୍ୟ ବା ଭେଦଭାବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାରେ ସତ୍ୟ ନାରାୟଣ ନାୟକ, ଅକ୍ଷୟ କୁମାର ମିଶ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଭୂଷଣ କୁମାର ପାତ୍ର ଅଂଶଗ୍ରହଣ କରିଥିଲେ। ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚମରା ମହାକୁର, ବଳରାମ କାଣ୍ଡ, ଜିତେନ୍ଦ୍ର ପଧାନ, ଅକ୍ରୁର ଦନ୍ତା, ସୌମିତ୍ରୀ ମେହେର, ଶ୍ୟାମ ସୁନ୍ଦର ସେଠୀ, ସନ୍ତୋଷ ଷଡ଼ଙ୍ଗୀ, ତ୍ରିନାଥ ମିଶ୍ର, ନାରାୟଣ ପ୍ରସାଦ ନାୟକ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**
AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26
No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
Sd./- Divisional Forest Officer
Phulbani K.L.Division
OIPR-08069/11/0007/2526

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25
**2nd CORRIGENDUM**
TENDER FOR THE WORK
**No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".**
In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**
Sd./- Superintending Engineer
P.H. Division, Balasore
OIPR-13053/11/0037/2526

**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025
**REQUEST FOR PROPOSAL**
CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.
Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526

**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା**
**ଇସ୍ତାହାର**
PR No-879
03/12/2025
ସଂଖ୍ୟା–୨୫୬୪ ତାରିଖ 03/12/2025
No.F–୨୬:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସଦିଆ ଉସ୍ତ ସନ–2025–26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ–ବାଲିଅନ୍ତା ତହସିଲ । ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:– କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।
ସ୍ୱା./– ତହସିଲଦାର, ବାଲିଅନ୍ତା
OIPR-24050/11/0002/2526

GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26
1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526

**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526

**Government of Odisha**
**"e" Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: "e"-Procurement Notice
BID IDENTIFICATION No.:06 MID (JSP/2025-26)
1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- **http://tenderorissa.gov.in**
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526

**Sambalpur Municipal Corporation Sambalpur**
Notice No. - 14365
Email id: sambalpurm.hud@nic.in
Dt. : 06.12.2025
'e' Procurement NOTICE
23/SMC_SBP/2025-26
Tender ID No : 2025_ORULB_122633
**No.C-1732** : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**
1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
Sambalpur Municipal Corporation
OIPR-13122/11/0151/2526

Government of Odisha
"e" Procurement Notice
No.B-777
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025
1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "**www.tendersodisha.gov.in**". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526

**GOVERNMENT OF ODISHA**
No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
**'e' PROCUREMENT NOTICE**

| | | |
|---|---|---|
| 1 | Nature of the works | Road Work |
| 2 | No of works | 2 (Two) |
| 3 | Value of works (Excluding GST) | Rs.233.90 lakh & 235.59 lakh |
| 4 | Period of completion | 6 Calendar Months |
| 5 | Class of contractors | A & B |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | Date and time of opening of Technical Bid | 30.12.2025 at 11.00 hrs |
| 9 | Date of opening Financial Bid | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in
Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

# ମହିଳାଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ଲାଞ୍ଜିଗଡ଼,୧୦।୧୨(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳା (୩୭)ଙ୍କୁ ବଳାତ୍କାର ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ପାହାଡ଼ପଦର ପଞ୍ଚାୟତ କାଞ୍ଚନମୁଖି ଗାଁର ମାନ ମାଝୀ (୩୮)। ସୂଚନା ଅନୁସାରେ ମାନ ଉକ୍ତ ଗାଁର ଗାଁସାଥୀ ରହି କାମ ଦେଖାରେଖା କରୁଥିବା ବେଳେ ପୀଡିତା ମହିଳା ମଧ୍ୟ ସେହି କାମ କରି ଆସୁଥିଲେ। ଗତ ବୁଧବାର ମହିଳାଙ୍କ ଜମାବହିରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ଉଠାଇବା ପାଇଁ କହି ମାନ ନିଜ ବାଇକ୍ ଯୋଗେ ବ୍ୟାଙ୍କକୁ ନେଇଥିଲେ। ହେଲେ ବ୍ୟାଙ୍କରେ ଖାତା ଯାଞ୍ଚ କଲାପରେ କୌଣସି ଟଙ୍କା ପଡି ନ ଥିବାରୁ ସେମାନେ ଫେରିଥିଲେ। ହେଲେ ବାଟରେ ଏକ ଜଙ୍ଗଲିଆ ସ୍ଥାନରେ ସେ ବାଇକ୍ ଅଟକାଇ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ କୌଶଳ କରି ସେଠାରୁ ଖସିଆସି ସମ୍ପର୍କୀୟଙ୍କ ସହାୟତାରେ ଶୁକ୍ରବାର ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଲାଞ୍ଜିଗଡ ଥାନାଧିକାରୀଙ୍କ ନେତୃତ୍ୱରେ ପୋଲିସ କାଞ୍ଚନମୁଖି ଗାଁକୁ ଯାଇ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ପଚରା ଉଚୁରା କରିଥିଲେ। ଏନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୩୯/୨୫) ରୁଜୁ କରି ବୁଧବାର ଉଭୟଙ୍କୁ ଡାକ୍ତର ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ରାସ୍ତାରେ ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର

## ଡ୍ରାଇଭର ଗୁରୁତର

ଲାଞ୍ଜିଗଡ଼,୧୦।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ବଞ୍ଜାରିଘାଟି ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ପାଞ୍ଚଟା ସମୟରେ ଗୋଟିଏ ଏଲ୍‌ପିଜି ଗ୍ୟାସ ଟ୍ୟାଙ୍କର (ଓଡି-୨୯-ଏଫ-୯୩୮୩) ଅନ୍ୟ ଏକ ଟ୍ରକ୍‌କୁ ସାଇଡ ଦେବାକୁ ଯାଇ ରାସ୍ତା ଉପରେ ଓଲଟି ପଡିଥିଲା। ଏଥିରେ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ନ ମିଳିବାରୁ ଏକ ପିକ୍‌ଅପ ଯୋଗେ ଡାକ୍ତରଖାନା ପଠାଯାଇଛି। ଏହି ଟ୍ୟାଙ୍କରଟି ବିଶାଖାପାଟଣାରୁ ଗ୍ୟାସ ବୋଝେଇ କରି ବଲାଙ୍ଗୀର ଯାଉଥିଲା। ଦୁର୍ଘଟଣା ପରେ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା କରି ନର୍ଲା ଅଗ୍ନିଶମ ବିଭାଗ, ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ବେଦନଶୀଳ ଥିବାରୁ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ନର୍ଲା ତହସିଲଦାର, ଗ୍ୟାସ ସେଫ୍ଟି ବିଭାଗ ଓ ଜିଲା ପରିବହନ ବିଭାଗ ମଧ୍ୟ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ୟାଙ୍କରରୁ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ଉପରେ ରୋକ ଲଗାଇଛି ପ୍ରଶାସନ। ଫଳରେ ଭବାନୀପାଟଣା-ରାୟଗଡା ୬ ନମ୍ବର ରାଜ୍ୟ ରାଜପଥରେ ଛତିକୁ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ ହୋଇଯାଇଛି। ଘଟଣା ସମ୍ପର୍କରେ ପୁଲିସ ଓ ପ୍ରଶାସନ ତୀକ୍ଷଣ ନଜର ରଖିଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବନ୍ଦ ରହିଛି। ସେହିପରି ଦୁର୍ଘଟଣା ଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ ନିର୍ଗତ ହେଉଥିବାବେଳେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବାବେଳେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି।



ରାସ୍ତାରେ ଓଲଟି ପଡିଥିବା ଗ୍ୟାସ୍ ବୋଝେଇ ଟ୍ୟାଙ୍କର।

# ନାଟକ 'ବ୍ରହ୍ମନାଦ' ମଞ୍ଚସ୍ଥ

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତା ଏବଂ ଆର୍‌ଏସପି ଆନୁକୂଲ୍ୟରେ 'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ନବମ ସନ୍ଧ୍ୟାରେ ବୁଧବାର ସ୍ଥାନୀୟ ସିଭିକ ସେଣ୍ଟରଠାରେ ନାଟ୍ୟାନୁଷ୍ଠାନ ପ୍ରତିବିମ୍ବ ତରଫରୁ ନାଟକ ବ୍ରହ୍ମନାଦ ମଞ୍ଚସ୍ଥ ହୋଇଯାଇଛି। ନାଟକର କାହାଣୀ ହେଉଛି ଆଲୋକ ମହାପାତ୍ରଙ୍କୁ ନେଇ ପତ୍ନୀ ଆଶାର ସଂସାର। ଆଲୋକ ବ୍ଲଡ କ୍ୟାନସର ରୋଗରେ ପୀଡ଼ିତ । ସେ ଜାଣନ୍ତି ତାଙ୍କ ଜୀବନର ଆୟୁ କେବଳ ୪ମାସ । ତଥାପି ସେ ନିର୍ଭୀକ। ମୃତ୍ୟୁର ଭୟ ତାଙ୍କୁ ଟିକେ ବି ସ୍ପର୍ଶ କରିନି। ପତ୍ନୀ ଆଶା କିନ୍ତୁ ଭୟଭୀତ । ଏମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ଆଲୋକ ଏବଂ ଆଶାର ଜୀବନରେ ଆସନ୍ତି ଜଣେ ମ୍ୟୁଜିକ ଥେରାପିଷ୍ଟ ଅବିନାଶ ଚୌଧୁରୀ। ଆଲୋକ ବାବୁଙ୍କ ବାଲ୍ୟ ବନ୍ଧୁ ଅଭିଳାଷର ପରିଚୟରେ ସେ ଘରେ ରହି ଆଲୋକ ବାବୁଙ୍କୁ ଆମ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନ କରି ନୂଆ ଜୀବନ ଦେଇଛନ୍ତି। ସଙ୍ଗୀତ ଥେରାପି ମାଧ୍ୟମରେ ଆଲୋକବାବୁ ନିଶ୍ଚିତ ମୃତ୍ୟୁ ମୁହଁରୁ ନୂଆ ଜୀବନ ଫେରିପାଇଛନ୍ତି। ଯୋଉଠି ମେଡିକାଲ ବିଜ୍ଞାନ କିଛି କରିପାରିନି ସେଇଠି ସଂଗୀତ ଥେରାପି ହିଁ ସଫଳତାର ନୂଆ ଦିଗନ୍ତ ପାଲଟିଛି। ଏଇ ନାଟକର କାହାଣୀ ଆମ ଶାସ୍ତ୍ରୀୟ ସଙ୍ଗୀତର ମୂଳମନ୍ତ୍ର "ବ୍ରହ୍ମନାଦ" ଉପରେ ଆଧାରିତ ଏକ ନାଟକ। ଏହି ନାଟକର ନାଟ୍ୟକାର ପ୍ରଭାକର ପାତ୍ର, ନିର୍ଦ୍ଦେଶନାରେ ସାଗର ମୁଣ୍ଡା, ସଙ୍ଗୀତରେ ଅମୂଲ୍ୟ କୁମାର ବିଷୋୟୀ, ପ୍ରଫୁଲ୍ଲ କୁମାର ମଙ୍ଗଳ, କଣ୍ଠରେ ପ୍ରଫୁଲ୍ଲ କୁମାର ମଙ୍ଗଳ, ରବି ଚନ୍ଦ୍ର ପୁରୋହିତ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅଭିନୟରେ ପ୍ରଣବ କୁମାର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ସୁଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ରାଉତ, ଚିନ୍ମୟ କୁମାର ବେହେରା ଏବଂ ସରୋଜିନୀ ସ୍ୱାଇଁ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ସୁଶାନ୍ତ କୁମାର ପାଣି ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥିଭାବେ ମନୋରଞ୍ଜନ ଦାଶ, ଉଦଘାଟକ ଭାବେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ନାଟକ ଆମ ସାମାଜିକ ଜୀବନ ସହ ସାମଞ୍ଜସ୍ୟ ରଖିଥିବାରୁ ଏହା ଅଧିକ ଆଦୃତ ହୋଇ ପାରୁଛି। ସେହିପରି ଭାଷା, ସାହିତ୍ୟ, ପରମ୍ପରା ଓ ସଂସ୍କାର ପାଇଁ ନାଟକ ଉପଯୋଗୀ ବୋଲି ମତ ରଖିଥିଲେ। ପ୍ରଳୟ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଝିଲିମ ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏକତ୍ର ପକ୍ଷରୁ ଡା. କୃପାସିନ୍ଧୁ ନାୟକ, ରାଜୀବ ପାଣି, ଡ.ସମର ମୁଦାଲି, ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି, କଲ୍ୟାଣୀ ଦାସ, ଶାନ୍ତିଲତା ଦାସ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



# ଶିକ୍ଷକ ତାଲିମ ଶିବିର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଉରକେଲା,୧୦।୧୨(ସଙ୍ଗୀତା ଜେନା)

ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷାବିତଙ୍କ ପାଇଁ ଏନଆଇଟି ରାଉରକେଲା ପକ୍ଷରୁ ୫ ଦିନିଆ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଡିସେମ୍ବର ୮ରୁ ୧୨ ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶାର ୨୯ଟି ଜେଏନଭିରୁ ୩୮ ଜଣ ଶିକ୍ଷକ ଏକତ୍ରିତ ହୋଇଥିଲେ। ବରଗଡ, ଭଦ୍ରକ, ବୌଦ୍ଧ, କଟକ, କଳାହାଣ୍ଡି, ଖୁରଡା, ନବରଙ୍ଗପୁର, ନୟାଗଡ଼, ସମ୍ବଲପୁର, ନୁଆପଡା, ବାଲାଙ୍ଗୀର, ରାଜନନ୍ଦଗାଁଉ ସମେତ ୨୦ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଯୋଗ ଦେଇଛନ୍ତି। ସେଣ୍ଟର ଫର କଣ୍ଟିଙ୍ଗ ଏଜୁକେଶନ ଏନଆଇଟିଆର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ସମିତ ଆରି, ଆସୋସିଏଟ ଡିନ କନଭେନର ଭାବରେ ପ୍ରଫେସର ମାଧୁରିମା ଜାନା, ଆସୋସିଏଟ ଡିନ ସହ-ସମ୍ମିଳନୀ ତଥା ଉଦଘାଟନୀ ଅଧିବେଶନର ଆୟୋଜକ ଭାବରେ କାର୍ଯ୍ୟ କରିଥିଲେ। ୫ ଦିନରେ ୧୪ଟି ବୈଷୟିକ ଅଧିବେଶନ ଏବଂ ପାରସ୍ପରିକ କାର୍ଯ୍ୟକଳାପ ଯୋଜନା କରାଯାଇଛି। ଯାହା ଶିକ୍ଷା ଏବଂ ବୃତ୍ତିଗତ ବିକାଶର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରେ। ଉଦଘାଟନୀ କାର୍ଯ୍ୟକ୍ରମରେ ଏନଆଇଟି ରାଉରକେଲା ପ୍ରଶାସକମାନେ ଉପସ୍ଥିତ ଥିଲେ। ପ୍ରଫେସର ଅଶୋକ କୁମାର ତୁରୁକ, ଡିନ (ଏକାଡେମିକ), ପ୍ରଫେସର ସ୍ୱଦେଶ କୁମାର ପ୍ରତିହାର, ଡିନ (ଏସଆରଆଇସିସି) ଏବଂ ରେଜିଷ୍ଟ୍ରାର ପ୍ରଫେସର ରୋହନ ଧିମାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ଅଶୋକ କୁମାର ତୁରୁକ ମଞ୍ଚାସୀନ ଥିଲେ।

# ବିଶ୍ୱ ମାନବ ଅଧିକାର ଦିବସ

ଟିଟିଲାଗଡ଼, ୧୦।୧୨(ଶରତ ମିଶ୍ର)

ବିଶ୍ୱ ମାନବ ଅଧିକାର ଦିବସ ଅବସରରେ ଦାଦନ ଶ୍ରମିକ ଚାଲାଣ ନେଇ ଏକ ସଚେତନତା ରଥ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଛି। ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ସରକାର ଶ୍ରମିକଙ୍କୁ ନିଜ ଅଞ୍ଚଳରେ ରହି କାର୍ଯ୍ୟ କରିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏହାସତ୍ତ୍ୱେ କେହି ବାହାରକୁ କାମ କରିବାକୁ ଗଲେ ନିଜ ପଞ୍ଚାୟତରେ ନାମ ପଞ୍ଜୀକରଣ କରାନ୍ତୁ। କାହାରି ପ୍ରଲୋଭନରେ ପଡ଼ି ବାହାର ରାଜ୍ୟକୁ କାମ କରିବାକୁ ଯାଆନ୍ତୁ ନାହିଁ ବୋଲି ଉପଜିଲାପାଳ କହିଛନ୍ତି।

# ମାନବ ଅଧିକାର ଦିବସ, ଆଇନ ସଚେତନତା ଶିବିର

ସୁନ୍ଦରଗଡ଼,୧୦।୧୨(ଜୟ ନାରାୟଣ ମେଣ୍ଡୁଲି)

ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶକ୍ରମେ କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବୁଧବାର ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଡ. ରିନତି ମିଶ୍ର, ଆଇନଜୀବୀ ତଥା ସାମାଜିକ କର୍ମୀ ସ୍ନେହଲତା ପଟେଲ, କରମଡିହି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ନାଏକ, ପ୍ରେମଚାନ୍ଦ ସିଂ, ଆବେଶ କୁମାର ରଥ, ଅନିତା ଡିଲା, କ୍ରିଷ୍ଟା ନାଏକ, ଶାବ୍ୟୋରାଣୀ ଚୌଧୁରୀ, ଅରମାନ୍ କେର୍‌କେଟା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅଧିକାର ମିତ୍ର ସୁଦର୍ଶନ ତାଜନ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ଡ. ରଥ ଅଧିକାରକୁ ସୁରକ୍ଷିତ ରଖିବା ଲାଗି ଉଦ୍ଦିଷ୍ଟ ନିୟମଗୁଡିକ ଆଲୋଚନା କରିବା ସହ ଆମ ଅଧିକାର ହିଁ ଆମର ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ। ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟ ପାଳନ ସହ ଅଧିକାରକୁ ଦାୟିତ୍ୱର ସହ ସମ୍ପାଦନ କରିପାରିଲେ ସୁସ୍ଥ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଆଇନସେବା ପ୍ରାଧିକରଣ ପ୍ରଦତ୍ତ ଟୋଲ୍ ଫ୍ରି ନମ୍ବର ୧୫୧୦୦ ତଥା ଆଇନସେବା ପ୍ରାଧିକରଣଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା।




ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଉଛି।


**OFFICE OF THE DIVISIONAL FOREST OFFICER PHULBANI (KENDULEAVES) DIVISION**

AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26

No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
OIPR-08069/11/0007/2526
Sd./- Divisional Forest Officer
Phulbani K.L.Division

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର

**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**

AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25

**2nd CORRIGENDUM**

TENDER FOR THE WORK

No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".

In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to Critical Dates.

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Section-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

All other terms and conditions un-altered.
Sd./- Superintending Engineer
P.H. Division, Balasore
OIPR-13053/11/0037/2526

**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025

**REQUEST FOR PROPOSAL**

CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.

Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526

**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା**
ଇସ୍ତାହାର
PR No-879
03/12/2025
ସଂଖ୍ୟା-୨୫୬୪ ତାରିଖ 03/12/2025

No.F-୨୬:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସଦିଆ ଉତ୍ସ ସନ-2025-26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ-ବାଲିଅନ୍ତା ତହସିଲ । ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:- କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।
OIPR-24050/11/0002/2526
ସ୍ୱା./- ତହସିଲଦାର, ବାଲିଅନ୍ତା

GOVERNMENT OF ODISHA
**Office of the Superintending Engineer Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-18/2025-26

1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526

**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526

**Government of Odisha**
**"e" Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: "e"-Procurement Notice
BID IDENTIFICATION No.:06 MID (JSP/2025-26)

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- http://tenderorissa.gov.in
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526

**Sambalpur Municipal Corporation Sambalpur**
Notice No. - 14365 Email id: sambalpurm.hud@nic.in Dt. : 06.12.2025
'e' Procurement NOTICE
23/SMC_SBP/2025-26
Tender ID No : 2025_ORULB_122633

No.C-1732 : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
Sambalpur Municipal Corporation
OIPR-13122/11/0151/2526

Government of Odisha
"e" Procurement Notice
No.B-777
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025

1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526

**GOVERNMENT OF ODISHA** No.A-1064
**OFFICE OF THE ADDITIONAL CHIEF ENGINEER SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
'e' PROCUREMENT NOTICE

| | | |
|---|---|---|
| 1 | Nature of the works | Road Work |
| 2 | No of works | 2 (Two) |
| 3 | Value of works (Excluding GST) | Rs.233.90 lakh & 235.59 lakh |
| 4 | Period of completion | 6 Calendar Months |
| 5 | Class of contractors | A & B |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | Date and time of opening of Technical Bid | 30.12.2025 at 11.00 hrs |
| 9 | Date of opening Financial Bid | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in
Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

# ଲୋକ ମହୋତ୍ସବ ଆୟୋଜନ କମିଟିକୁ ନେଇ ଅସନ୍ତୋଷ

## ନାମ ଘୋଷଣା ପରେ ଅନେକେ ଓହରିଲେ




ସମ୍ବଲପୁର,୧୦।୧୨(ଭବାନୀ ଶଙ୍କର ଭୋଇ)

ଲୋକ ମହୋତ୍ସବ ସମ୍ବଲପୁରକୁ ମାତ୍ର ୨୪ ଦିନ ବାକି ରହିଛି । ତେବେ ମଙ୍ଗଳବାର ରାତିରେ ଲୋକ ମହୋତ୍ସବ ଆୟୋଜନ କମିଟି ଘୋଷଣା କରାଯାଇଥିଲା। ଏଥିରେ ଦୀପକ ପଣ୍ଡା ଆୟୋଜନ କମିଟି ସଂଯୋଜକ ଏବଂ ଗୁରୁ ରଞ୍ଜନ କୁମାର ସାହୁ ଏବଂ ସତ୍ୟନାରାୟଣ ବେହେରାଙ୍କୁ ସହ ସଂଯୋଜକଭାବେ ଦାୟିତ୍ୱ ଦିଆଯାଇଥିଲା। ତେବେ କମିଟିକୁ ନେଇ କଳାକାରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବହୁ ବରିଷ୍ଠ ଏବଂ ଅଭିଜ୍ଞ କଳାକାରଙ୍କୁ ସଂଯୋଜକ କରାଯାଇଥିବା ବେଳେ କନିଷ୍ଠ ଏବଂ ଅନଭିଜ୍ଞମାନଙ୍କୁ କମିଟିରେ ଆବାହକ ଭାବେ ଦାୟିତ୍ୱ ଦିଆଯାଇଛି। ତେଣୁ କମିଟି ଘୋଷଣା ହେବା ପରେ ବି କାମ ଆରମ୍ଭ ହୋଇ ପାରିନାହିଁ । ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ଥିବା ଗୁରୁ ରଞ୍ଜନ କୁମାର ସାହୁ, ନାଟ୍ୟକାର ଏବଂ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡାଙ୍କ ସହ ସଂଯୋଜକ ଦାୟିତ୍ୱ ଦିଆଯାଇଥିବା ବେଳେ ନାମ ଘୋଷଣାର ୨୪ ଘଣ୍ଟା ମଧ୍ୟରେ ବୁଧବାର ଉଭୟେ ଜିଲା ସଂସ୍କୃତି ଅଧିକାରୀଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଏହାସହ ବରିଷ୍ଠ ସଂସ୍କୃତି ଗବେଷକ ଶ୍ୟାମସୁନ୍ଦର ଧରଙ୍କୁ ମଧ୍ୟ ସ୍ମରଣିକା କମିଟିର ସହ ଆବାହକ ଦାୟିତ୍ୱ ଦିଆଯାଇଥିଲା। ସମ୍ବଲପୁରର ବିଭିନ୍ନ ପ୍ରମୁଖ କାର୍ଯ୍ୟକ୍ରମରେ ପ୍ରକାଶ ପାଉଥିବା ସ୍ମରଣିକାଗୁଡିକରେ ସେ ସମ୍ପାଦକ ଭାବେ ଦାୟିତ୍ୱ ନେଉଥିବା ବେଳେ ତାଙ୍କୁ ସହ ଆବାହକ କରିବା ନେଇ ସେ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଶାସନ ଏବଂ ସଂସ୍କୃତି ବିଭାଗ ନାମ ଦେବା ପୂର୍ବରୁ ଥରେ ଫୋନ ଯୋଗେ ସହମତି ନେବା ଉଚିତ ଥିଲା ବୋଲି ସେ କହିଛନ୍ତି। ଏହାବାଦ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି କମିଟି ଅନ୍ତତଃ ଦୁଇମାସ ପୂର୍ବରୁ ଘୋଷଣା କରାଯିବା ଜରୁରୀ ବୋଲି ସହରର କଳାପ୍ରେମୀ କହିଛନ୍ତି । ଏହାସହ ପୂର୍ବତନ ସଂଯୋଜକମାନଙ୍କର ମାର୍ଗଦର୍ଶନ ନେଇ କମିଟି ଗଠନ କରାଗଲେ ଅଭିଜ୍ଞ ଏବଂ ବରିଷ୍ଠ କଳାକାର ମାନଙ୍କୁ ଉଚିତ ସମ୍ମାନ ମିଳି ପାରିବ ବୋଲି କହିଛନ୍ତି। ଏହାସହ କଳା ସଂସ୍କୃତି ସହ ଆଦୌ ଜଡିତ ନଥିବା ବ୍ୟକ୍ତି ମାନଙ୍କୁ ଲୋକ ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଆବାହକ ସହ ଆବାହକ ଭାବେ ଦାୟିତ୍ୱ ଦିଆଯିବାକୁ ଅନେକେ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ସଙ୍ଗୀତ ନାଟକର ସଭ୍ୟ ମାନେ ଜିଲାର ସମସ୍ତ ସରକାରୀ ସାଂସ୍କୃତିକ ଆୟୋଜନରେ ସକ୍ରିୟ ଦାୟିତ୍ୱ ଦିଆଯିବାକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ତଥାପି ସେମାନଙ୍କୁ ପ୍ରଶାସନ ଜିଲା କିମ୍ବା ରାଜ୍ୟ ସ୍ତରୀୟ ଆୟୋଜନରେ ଉଚିତ ସହଯୋଗ ନେଉ ନଥିବା ଅଭିଯୋଗ ହେଉଛି । ପୁଣି ଅତି କମ୍ ସମୟ ମଧ୍ୟରେ ଜାତୀୟ ଆନ୍ତର୍ଜାତୀୟ ସ୍ତରର ସାଂସ୍କୃତିକ ଦଳଗୁଡିକୁ ଯୋଗାଯୋଗ କରିବା ମଧ୍ୟ କଷ୍ଟକର ବ୍ୟାପାର। ତେଣୁ ସବୁ ଦିଗକୁ ଦୃଷ୍ଟି ଏକଦା ସମ୍ବଲପୁର ଲୋକ ମହୋତ୍ସବ ସାରା ରାଜ୍ୟକୁ ଦିଗ ଦର୍ଶନ ଦେଇ ଆସୁଥିବା ବେଳେ ବର୍ତ୍ତମାନ ସମୟରେ ଦେଖିଲେ ଧିରେଧିରେ ଲୋକ ମହୋତ୍ସବ ତା'ର ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଥିବା ଅଭିଯୋଗ ହେଉଛି ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଝାରସୁଗୁଡ଼ା,୧୦।୧୨(ଆଶିଷ ରଞ୍ଜନ ଦାଶ)

ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାରସୁଗୁଡ଼ା ଜିଲା ବାଗଡ଼ିହି ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ପିତାମାଲ ଗ୍ରାମର ହୀରା ବୁଡା(୬୦)। ପିତାମାଲ ଜଙ୍ଗଲରେ ହାତୀ ରହୁଥିବାରୁ ସନ୍ଧ୍ୟାପରଠାରୁ ଏହା ଭିତରକୁ ନ ଯିବା ପାଇଁ ଗ୍ରାମବାସୀଙ୍କୁ କୁହାଯାଇଥିଲା। ହେଲେ ହୀରା ମଙ୍ଗଳବାର ଅପରାହ୍ନରେ ଏକ ଟାଙ୍ଗିଆ ଧରି ଜଙ୍ଗଲକୁ ଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ଦନ୍ତା ହାତୀ ହୀରାକୁ ଦଳି ମାରିଦେଇଥିବା ସେମାନେ ଜାଣିବାକୁ ପାଇଥିଲେ। ରେଞ୍ଜର ବନ୍ଦନା ପଶାୟତ କହିଛନ୍ତି, ହାତୀ ପାଇଁ ଜଙ୍ଗଲକୁ ନ ଯିବା ନିମନ୍ତେ ହୀରାଙ୍କୁ ବାରମ୍ବାର ମନା କରାଯାଇଥିଲେ ମଧ୍ୟ ସେ ମାନି ନ ଥିଲେ।

# ଭାରତୀୟ ଭାଷା ଦିବସ ପାଳିତ

ବ୍ରଜରାଜନଗର,୧୦।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ଭାରତୀୟ ଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଭାଷା ଉପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ଓ ଭାଷାକୁ ନେଇ କବିତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହ, ସମ୍ପାଦକ ସୁଧୀର ନାଏକ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ, ଉପସଭାପତି ରାଧେଶ୍ୟାମ ଶର୍ମା, କୋଷାଧ୍ୟକ୍ଷ ଭବାନୀ କୁଅଁର ଭାଗ ନେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପୁଷ୍ପା ଜସୱାଲ, ଅରୁଣ ଖର୍ସେଲ, ଦିନେଶ ଯାଦବ, ଅରୁଣ ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ପ୍ରଥମ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'ବୁକା' ମଞ୍ଚସ୍ଥ

## ଜାତୀୟ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ଦେବଗଡ,୧୦।୧୨(ଶଶାଙ୍କ ଶେଖର ଝାଙ୍କର)

ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ବୁଧବାର 'ଜାତୀୟ ନାଟକ ଓ ନୃତ୍ୟ ମହୋତ୍ସବ-୨୦୧୫' ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଇ ଓ ଜିଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ସୁଜିତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ବରଗଡ ଜିଲା ସୋହେଲାର 'ଡ୍ରାମା ଚେତନା' ଅନୁଷ୍ଠାନ ଦ୍ୱାରା ନାଟ୍ୟରଶ୍ମୀ ଅଶୋକ କୁମାର ବହିଦାରଙ୍କ ରଚିତ ଓ ଡ. ତୁଷାର କାନ୍ତ ସାହୁଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ବୁକା' ମଞ୍ଚସ୍ଥ ହୋଇଥିଲା। ଅଭିନେତା କିଶୋର ଗଡତିଆଙ୍କ ପରିଚାଳିତ ଏହି ନାଟକର ବିଭିନ୍ନ ଚରିତ୍ରରେ କ୍ଷୀରୋଦ ସାହୁ, ତୁଳସୀରାମ ପାଣି, ଦିଲୀପ କୁମାର ଷଡଙ୍ଗୀ, ବୁଦ୍ଧଦେବ ଭୋଇ, ସ୍ୱଭାବ ସ୍ୱରୂପ ପାଣିଗ୍ରାହୀ, ରାଷ୍ଟ୍ରପତି ପ୍ରଧାନ, ଗୋପାଳ ନାୟକ ଓ ଅଭିନେତ୍ରୀ କନକ ଉନସନା ପ୍ରମୁଖ ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ।




ନାଟକ ଓ ନୃତ୍ୟ ମହୋତ୍ସବ-୨୦୧୫ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ମାନବ ଅଧିକାର ମା' ଗର୍ଭରୁ ମିଳିଥାଏ

ସମ୍ବଲପୁର,୧୦।୧୨(ବି.ଶଙ୍କର)

ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ମାନବିକ ଅଧିକାର ଦିବସ ବୁଧବାର ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ମୁଖ୍ୟଅତିଥି, ପ୍ରଫେସର ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତା, ପ୍ରଫେସର ଡମ୍ବରୁଧର ପଟ୍ଟନାୟକ ସମ୍ମାନିତ ଅତିଥିଥିଲେ। ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ଦେଇଥିଲେ। ମାନବ ଅଧିକାର ମା'ର ଗର୍ଭରୁ ମିଳିଥାଏ। ମାନବ ରକ୍ଷା ହିଁ ମାନବ ହାତ ରହିଛି ବୋଲି କହିଥିଲେ। ମାନବିକ ଅଧିକାର ନିର୍ଦ୍ଦେଶନାମା ୧୯୪୮ରେ ଜାରି ୨୫ ଧାରାର ଅବମାନନା ହେଉଛି। ଭାରତରେ ମାନବିକ ଅଧିକାର ସୁରକ୍ଷା ଆଇନ ଲାଗୁ ହୋଇଛି । କିନ୍ତୁ ନ୍ୟାୟାଳୟରେ ପଡିଥିବା ବିବାଦ କ୍ଷୋଭର ବିଷୟ । ଆଇନର ଶାସନରେ ବ୍ୟକ୍ତିର ସ୍ୱାଧୀନତା ବଜାୟ ରଖିବାକୁ ହେଲେ ମାନବିକ ଅଧିକାରର ସୁରକ୍ଷା ଜରୁରି ବୋଲି ଅତିଥିମାନେ କହିଥିଲେ।

# ଜାତୀୟ ମାନବିକ ଅଧିକାର ଦିବସ ପାଳିତ

ସମ୍ବଲପୁର,୧୦।୧୨(ଭବାନୀ ଶଙ୍କର ଭୋଇ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ବୁଧବାର ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ମାନବିକ ଅଧିକାର ଦିବସ ଉପଲକ୍ଷେ ସ୍ନାତକୋତ୍ତର ରାଜନୀତି ବିଭାଗ ପକ୍ଷରୁ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ କଲେଜ ଅଧ୍ୟକ୍ଷ ଡ଼ ପ୍ରଦୀପ କୁମାର ହରପାଳ ଅଧ୍ୟକ୍ଷତା କରିଥିଲେ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ସେଣ୍ଟର ଫର ଇଣ୍ଟରନ୍ୟାଶନାଲ ପଲିଟିକ୍ସ ଅର୍ଗାନାଇଜେଶନ ଆଣ୍ଡ ଡିଶର୍ମାମେଣ୍ଟ, ସ୍କୁଲ ଅଫ ଇଣ୍ଟରନ୍ୟାନାଲ ସ୍କୁଲ ନୂଆଦିଲ୍ଲୀର ପ୍ରଫେସର ସ୍ୱରଣ ସିଂ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଭାରତ-ଚୀନ ସମ୍ପର୍କ ଆଧୁନିକ ଗତିଶୀଳତା ଏବଂ ରଣନୀତିଗତ ଆବଶ୍ୟକତା ଶୀର୍ଷକ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ, ମାନବତା ସବୁ ସମ୍ପର୍କର ଆଧାର ହେବାକଥା। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ଼ ମିଲି ସାହୁ ସଭା ମୁଖ୍ୟ ଥିଲେ। ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ଼ ଦୁର୍ଲଭ ସା, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ଡ଼ ସୁଜିତ ପଧାନ, ଶିକ୍ଷା ବିଭାଗ ମୁଖ୍ୟ ଦେବେନ୍ଦ୍ର ଭୋଇଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଓ କର୍ମଚାରୀ ଉପସ୍ଥିତ ଥିଲେ। ଡ଼ ପୁଷ୍ପିତା ରାଣୀ ବର୍ଦ୍ଧନ ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଅନନ୍ଦା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସାହିଲ ଅଂଶରୀ ଅତିଥି ପରିଚୟ ପ୍ରଦାନ ଏବଂ ସାହେବ ନଦିମ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂତନ ଜଳସେଚନ ଡିଭିଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଝାରସୁଗୁଡ଼ା,୧୦।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ନୂତନ ଜଳସେଚନ ଡିଭିଜନ ତିଆରି ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀ ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଝାରସୁଗୁଡ଼ା ଜିଲାରେ ଅଧିକାଂଶ ଲୋକ ଧାନ, ପନିପରିବା ତଥା କୃଷି ଉପରେ ନିର୍ଭର କରି ଚଳୁଛନ୍ତି। ହେଲେ ଏଠାରେ ପାଣିର ଅଭାବ ଯୋଗୁ ଚାଷ କାର୍ଯ୍ୟରେ ସମସ୍ୟା ହେବା ସହ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ତେଣୁ ଜିଲାରେ ଏକ ଜଳସେଚନ ଡିଭିଜନ ତିଆରି ହେଲେ ଚାଷୀଙ୍କ ଆର୍ଥିକ ସ୍ଥିତି ମଜଭୁତ ହୋଇପାରିବ। ଏଥିସହ ଯୁବପିଢ଼ି ମଧ୍ୟ ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ। ତେଣୁ ଜଳସେଚନ ଡିଭିଜନ ତିଆରି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଚିଠି ମାଧ୍ୟମରେ ବିଧାୟକ ଅନୁରୋଧ କରିଛନ୍ତି। ଝାରସୁଗୁଡ଼ାବାସୀଙ୍କ ଆଶାଆକାଂକ୍ଷାକୁ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବରେ ପୂରଣ କରିବେ ବୋଲି ସେ ଆଶାବାଦୀ ଅଛନ୍ତି। ଏନେଇ ବିଧାୟକ ତ୍ରିପାଠୀ କହିଛନ୍ତି, ପୂର୍ବ ସରକାର ସମୟରେ ଝାରସୁଗୁଡ଼ା ଜିଲାରେ ଚାଷୀଙ୍କ ପାଇଁ ଅନୁକୂଳ ଜଳସେଚନ ବ୍ୟବସ୍ଥା ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ହେଲେ ବର୍ତ୍ତମାନର ସରକାର ଚାଷୀଙ୍କ ସୁବିଧା ପାଇଁ କାମ କରୁଛି। ତେଣୁ ଜିଲାରେ ଖୁବ୍‌ଶୀଘ୍ର ଜଳସେଚନ ଡିଭିଜନ ତିଆରି କରାଯିବ।


**OFFICE OF THE DIVISIONAL FOREST OFFICER**
**PHULBANI (KENDULEAVES) DIVISION**
AT/PO/PS-PHULBANI, DIST.-KANDHAMAL, PIN-762001
Phone-06842-253673, Mob-918280342725,Email id:dfoklplb@gmail.com
Office Order No.130/1F (KL) Dated, Phulbani 6th December 2025
1st Corrigendum To e-Tender Call Notice No.01/2025-26
Bid Identification No.F.E.&C.C./PLB/01 (online)/2025-26

No.MM-357:The following modification has been made to the BID Identification No. F.E.&C.C./PLB/01 (online)/2025-26 as follows.

| Sl.No. | Description |
|---|---|
| 1 | Due to some unavoidable circumstances BID Identification No. F.E.& C.C./PLB/01 (online)/2025-26 of Sl.No.1 is hereby cancelled. |

Further details will be intimated soon.
OIPR-08069/11/0007/2526
Sd./- Divisional Forest Officer
Phulbani K.L.Division



ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6626/DATE 04.12.25
**2nd CORRIGENDUM**
TENDER FOR THE WORK
No.C-1756:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town".
In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to Critical Dates.

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Section-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

All other terms and conditions un-altered.
Sd./- Superintending Engineer
P.H. Division, Balasore
OIPR-13053/11/0037/2526



**Office of the Zilla Parishad, Balangir**
(District Mission Management Unit, OLM)
Dist.-Balangir, Odisha, Pin-767001
E-mail:ori-dbolangir@nic.in, balangirdpm.olm@gmail.com
Order No.554/ZP, Date:09.12.2025
**REQUEST FOR PROPOSAL**
CAD-2648: Sealed request for proposal are invited in plain paper from Odisha Based reputed Chartered Accountant firm with the following term and condition for Audit of GPLF. The quotations completed in all respect will be received from 10.12.2025 to 31.12.2025 during office hour Speed/Registered post & Courier only address to the CDO-cum-EO, Zilla Parishad, Balangir and will be opened on 02.01.2026 at 11.00 AM in the office chamber of CDO-cum-EO, in the presence of the Bidders or their authorized representatives. The outer envelope is to be superscribed with "PROPOSAL FOR HIRING OF CHARTERED ACCOUNTANT FOR GPLF AUDIT UNDER OLM" alongwith the contact details of the bidder. The undersigned reserves the right to accept or reject any or all the Quotations without assigning any reason thereof.
The details of the Quotation Call Notice alongwith terms & condition and the evaluation form can be viewed at the district website i.e. https://balangir.odisha.gov.in.
Sd./- C.D.O.-cum-DMC, OLM,
Zilla Parishad, Balangir
OIPR-19367/11/0005/2526



ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା
ଇସ୍ତାହାର
PR No-879
03/12/2025
ସଂଖ୍ୟା-9568 ତାରିଖ 03/12/2025
No.F-96:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନବର୍ଣ୍ଣିତ ଏକଗୋଟି ନଦୀ ମସଦିଆ ଉତ୍ସ ସନ-2025-26 ବର୍ଷ ପାଇଁ ନିଲାମ କରାଯିବ । ଇଚ୍ଛୁକ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖରେ ନିୟମାନୁଯାୟୀ ନିଲାମରେ ଭାଗ ନେଇପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ନାମରେ ନିଲାମ ସ୍ଥିରୀକୃତ କରାଯାଇପାରିବ । ସର୍ବୋଚ୍ଚ ନିଲାମଧାରୀଙ୍କ ଅର୍ଥକୁ ଗ୍ରହଣ କରାଯିବ ଏବଂ ସର୍ବୋଚ୍ଚ ଡାକିଥିବା ବ୍ୟକ୍ତି ସମସ୍ତ ଟଙ୍କା ନଗଦ ଆକାରରେ ଏକକାଳୀନ ପୈଠ କରିବେ । ସର୍ବୋଚ୍ଚ ଡାକ ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଦୃଢୀକରଣ ହେବାପରେ ନିଲାମଗ୍ରହୀତାଙ୍କ ସର୍ବୋଚ୍ଚ ଡାକକୁ ଗ୍ରହଣ କରାଗଲା ବୋଲି ଧରିନିଆଯିବ ।

| କେଶ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ରକବା | ସରକାରୀ ସର୍ବନିମ୍ନ ଜମା | ଅମାନତ ଓ ଜମା |
|---|---|---|---|---|
| 01/25-26 | କୁଆଖାଇ ନଦୀ ମସଦିଆ, ଭୁବନପୁର | ଏ.40.000 | ଟ.4,25,105/- | ଟ.42,511/- |

ଧାର୍ଯ୍ୟ ତାରିଖ 16.12.2025 ପୂର୍ବାହ୍ନ 11.00 ଘଣ୍ଟା, ସ୍ଥାନ-ବାଲିଅନ୍ତା ତହସିଲ ।
ଯଦି ଧାର୍ଯ୍ୟ ତାରିଖରେ ନିଲାମ ଖତମ ନହୁଏ ତାହାହେଲେ ପର୍ଯ୍ୟାୟକ୍ରମେ ତା.22.12.2025 ଓ ତା.29.12.2025 ରେ ପୁନର୍ବାର ନିଲାମ କରାଯିବ ।
ବି.ଦ୍ର:- କର୍ତ୍ତୃପକ୍ଷ ଚାହିଁଲେ ଏହି ଇସ୍ତାହାରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନିଲାମ ତାରିଖ ଘୁଞ୍ଚାଇପାରିବେ ।
ସ୍ୱା./- ତହସିଲଦାର, ବାଲିଅନ୍ତା
OIPR-24050/11/0002/2526



GOVERNMENT OF ODISHA
**Office of the Superintending Engineer**
**Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //842//Dtd.04.12.2025
No.B-807
INVITATIONS FOR BIDS (IFB)
E-Procurement Bid Identification No. S.E - BNJ-R&B-18/2025-26

1. Name of work : Electrical Shifting works
2. No. of works : 2 Nos. Electrical work
3. No. of Covers : Single Cover
4. Estimated cost : Rs.44.52 to 48.00 lakhs
5. Period of Completion : Three Calendar Months
6. Date of time of availability of bid document in the portal : From 12.00 Noon of dated 10.12.2025 to 5.00 P.M. of dated 19.12.2025
7. Last date/time for receipt of bids in the portal : Up to 5.00 P.M. of dated 19.12.2025
8. Date of opening of bid documents : At 11.00 A.M. of dated 20.12.2025
9. Class of contractor : "HT" Elect. Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer
Bhanjanagar (R&B) Division
OIPR-34015/11/0032/2526



**OFFICE OF THE SUPERINTENDING ENGINEER**
**RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//16//SERWDG-I//2025-26
Phone-0680-2291405, E-mail: eerw_gm1@yahoo.co.in
No.O-1686: Letter No.5825// RWDG-I//BAM//Date:29.11.25

| | | | |
|---|---|---|---|
| 1. | Name of the Work | :: | Building Works |
| 2. | Estimated Cost | :: | Rs.26.86 Lakhs |
| 3. | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the portal | :: | From 10.12.2025 at 11.00 AM to 23.12.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 23.12.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer
R.W.Division-I, Ganjam, Berhampur
OIPR-25085/11/0040/2526



**Government of Odisha**
**"e" Procurement Notice**
No.C-1712
Bid Identification No. : 52/2025-26

| | | | |
|---|---|---|---|
| 1 | Name of the Work | : | 01 No. of work |
| 2 | Estimated Cost | : | 184.65 Lakh |
| 3 | Period of Completion | : | Two months |
| 4 | Date & time of availability of bid document in the portal | : | From 11.00 A.M. of 09.12.2025 to 12.00 Noon of 23.12.2025 |
| 5 | Last Date/time for receipt of bids in the portal | : | 12.00 Noon of 23.12.2025 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer,
P.H. Division, Bhubaneswar
OIPR-13205/11/0053/2526



**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-1058: "e"-Procurement Notice
BID IDENTIFICATION No.:06 MID (JSP/2025-26)

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement of MIP in Mayurbhanj District under the scheme CAPEX for the year 2025-26.
3. No. of Works :- 3 (Three) Nos.
4. Tender Amount Varies from :- 61.67 Lakhs to 97.93 Lakhs
5. Date and Time of availability of Bid document in the Portal for online Bidding From :- Dt.08.12.2025 10.00 hrs. to Dt.17.12.2025 17.00 hrs.
6. Last Date and Time of receipt of Bids in the Portal :- Dt.17.12.2025 upto 17.00 hrs.
7. Last Date and Time for clarification upto :- Dt.17.12.2025 upto 17.00 hrs.
8. Date of Opening of Bid :- Dt.18.12.2025 at 11.00 hrs. onwards

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT :- Superintending Engineer, M.I.Division Jashipur,At/Po-Khairi Dist:Mayurbhanj, PIN-757091, E-Mail:eemijashipur@yahoo.com
Further details can be seen from the e-Procurement market place :- http://tenderorissa.gov.in
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I. Division, Jashipur
OIPR-32282/11/0014/2526



**Sambalpur Municipal Corporation**
**Sambalpur**
Notice No. - 14365
Email id: sambalpurm.hud@nic.in
Dt. : 06.12.2025
'e' Procurement NOTICE
23/SMC_SBP/2025-26
Tender ID No : 2025_ORULB_122633
No.C-1732 : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works : **2 (Two) numbers**
2. Estimated Costs : **53.16 & 66.73 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 10.12.2025 to 05.00 P.M. of 30.12.2025**
5. Last Date/Time for receipt of bids in the portal : **05.00 P.M. of 30.12.2025**
6. Bids will be opened on : **11.00 A.M. of Dt. 31.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
Sambalpur Municipal Corporation
OIPR-13122/11/0151/2526



Government of Odisha
No.B-777
"e" Procurement Notice
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
Bid Identification No. : RC (RANDB) RGD 17/2025-2026
(Single Cover-Online tender)
File No. E-II-C8-28/2025 No.10685 Dated 26.11.2025

1. No. of the works : 05 (Five) Shifting of Utility Work (Electrical) only
2. Estimated Cost : Rs.16.13 Lakh, Rs.25.66 Lakhs, Rs.45.97 Lakhs, Rs.25.66 Lakhs & Rs.9.95 Lakhs
3. Cost of document : Rs.6,000/- for each work
4. Bid Security : Rs.16,130/-, Rs.25,656/-, Rs.14,300/-, Rs.49,300/- & Rs.9,950/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 10.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0019/2526



**GOVERNMENT OF ODISHA**
No.A-1064
**OFFICE OF THE ADDITIONAL CHIEF ENGINEER**
**SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-02/2025-26
'e' PROCUREMENT NOTICE

| | | |
|---|---|---|
| 1 | Nature of the works | Road Work |
| 2 | No of works | 2 (Two) |
| 3 | Value of works (Excluding GST) | Rs.233.90 lakh & 235.59 lakh |
| 4 | Period of completion | 6 Calendar Months |
| 5 | Class of contractors | A & B |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 12.12.2025 to 29.12.2025 up to 17.00 hrs. |
| 8 | Date and time of opening of Technical Bid | 30.12.2025 at 11.00 hrs |
| 9 | Date of opening Financial Bid | After evaluation of Technical Bid |

Further details conditions can be seen from the Govt. website www.tendersorissa.gov.in
Sd./- Additional Chief Engineer,
Salapada Irrigation Circle,
Salapada,
OIPR-32468/11/0009/2526

# ଫୁଟବଲ ପଡ଼ିଆରେ ଟଳିପଡ଼ିଲେ ଛାତ୍ର

ନୂଆପଡ଼ା,୧୦।୧୨ (ମକାରୁ ବେମାଲ)


ମୃତ ଦିନେଶ

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଜବାହର ନବୋଦୟ ବିଦ୍ୟାଳୟରେ ବୁଧବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପଡ଼ିଆରେ ଫୁଟବଲ ଖେଳୁଥିବା ସମୟରେ ଜଣେ ଛାତ୍ର ଟଳିପଡ଼ି ଜୀବନ ହରାଇଛନ୍ତି। ମୃତକ ହେଲେ କୋମନା ବ୍ଲକ କୁରେଶର ପଞ୍ଚାୟତ ଘୋଟସର ଗାଁର ଦିନେଶ ଶବର (୧୬) ସୂଚନା ଅନୁସାରେ ବୁଧବାର ଅପରାହ୍ନ ୫ଟା ସମୟରେ ତରବୋଡ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷକ ଓ ଆରାବଳି ହାଉସର ଛାତ୍ରଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଚାଲୁଥିବା ସମୟରେ ଦଶମ ଶ୍ରେଣୀ ଛାତ୍ର ଦିନେଶ ହଠାତ୍ ତଳେ ପଡି ଚେତାଶୂନ୍ୟ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଛାତ୍ରମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରଖାନା ବନ୍ଦ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ମୃତଦେହ ଶବ ଗୃହରେ ରଖାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଧୁର୍ମି ସୁରେନ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଛାତ୍ରଙ୍କ ପରିବାର ବ୍ରହ୍ମପୁରରେ ରହୁଥିବାରୁ ଗୁରୁବାର ସକାଳେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜବାହର ନବୋଦୟ ବିଦ୍ୟାଳୟ ଖେଳ ଶିକ୍ଷକ ଉପେନ୍ଦ୍ର ସିଂ ଯାଦବ କହିଛନ୍ତି। ତେବେ ଛାତ୍ର ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ରିପୋର୍ଟ ମିଳିବା ପରେ ଏହା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି।

# ସ୍ୱାଭାବିକ ହେଉଛି ବିମାନ ଚଳାଚଳ: ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ

## ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ହେଲ୍ପଲାଇନ୍ ନମ୍ବର ଜାରି

ଭୁବନେଶ୍ୱର,୧୦।୧୨ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଚଳାଚଳ ନେଇ ଦେଖାଦେଇଥିବା ସମସ୍ୟାରେ ସୁଧାର ଆସୁଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି। ନିର୍ଦ୍ଦେଶକ ପ୍ରଧାନ କହିଛନ୍ତି, ସ୍ଥିତି ଆଉ ଆଗଭଳି ନାହିଁ। ସୁସ୍ଥିରତା ଆରମ୍ଭ ହେଲାଣି। ଆଗକୁ ଖୁବ୍ ଶୀଘ୍ର ସବୁ ସ୍ୱାଭାବିକ ହେବ। ଯାତ୍ରୀମାନଙ୍କୁ ଏୟାରଲାଇନ୍ସ ଏବଂ ବିମାନବନ୍ଦର ପକ୍ଷରୁ ଆଶ୍ୱାସନା ଦିଆଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସୋସିଆଲ ମିଡିଆ ମାଧ୍ୟମରେ ବାତିଲ ଫ୍ଲାଇଟ ବିଷୟରେ ସୂଚନା ଦିଆଯାଉଛି। ନିଜ ଫ୍ଲାଇଟ୍ ବିଷୟରେ ମେସେଜ ପାଇପାରି ନ ଥିବା ଯାତ୍ରୀ ଘରୁ ବାହାରିବା ପୂର୍ବରୁ ଥରେ ଚେକ୍ କରି ବାହାରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ଫ୍ଲାଇଟ୍ ବାତିଲ ହେବାକୁ ଥିଲେ ତାହା ଯାତ୍ରୀମାନଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ଜଣାଇ ଦିଆଯାଉଛି। ସିଆଇଏସ୍‌ଏଫ୍, ଇଣ୍ଡିଗୋ ଏୟାରଲାଇନ୍ସ ଏବଂ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଏବେ ମିଳିତ ଭାବେ କାର୍ଯ୍ୟ କରୁଥିବାବେଳେ ଜରୁରିକାଳୀନ ପରିସ୍ଥିତି ପାଇଁ ହେଲ୍ପଲାଇନ୍ ନମ୍ବର ୮୨୮୦୭୬୪୯୩୯ ଜାରି କରାଯାଇଛି। ଅନ୍ୟପଟେ ଉଡ଼ାଣ ତଦାରଖ କରିବା ପାଇଁ ଏକ ଓଭରସାଇଟ୍ ଟିମ୍ ଦିଲ୍ଲୀ ଗୁରୁଗ୍ରାମସ୍ଥିତ ଅଫିସରେ ରହି କାର୍ଯ୍ୟ କରିବ। ସେଠାରେ ୨ଜଣ ଅଧିକାରୀ ସ୍ଥାୟୀ ଭାବେ ରହିବେ। ଟିମ୍‌ରେ ୮ଜଣ ବରିଷ୍ଠ ଅପରେସନ୍ସ ଅଧିକାରୀ ରହିବେ ବୋଲି ସୂଚନା ଦିଆଯାଇଛି।

# ହାତୀ ଆକ୍ରମଣରେ ଯୁବକ ମୃତ

ଚମ୍ପୁଆ,୧୦।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନ ରିଧବାସ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଭାଗବତ ନାୟକ (୩୫)। ଭାଗବତ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ରିଧବାସରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀଟି ଭାଗବତଙ୍କୁ କଚାଡ଼ି ମାରିବା ସହ ଦୀର୍ଘ ସମୟ ସେଠାରେ ଜଗିରହିଥିଲା। ପରେ ସ୍ଥାନୀୟ ଲୋକ ଓ ବନ ବିଭାଗର ମିଳିତ ଉଦ୍ୟମରେ ହାତୀକୁ ଘଉଡ଼ାଇ ଭାଗବତଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି, ହାତୀଗୁଡ଼ିକ ଗୋଟ ଖଣ୍ଡିଆ ହୋଇ ବୁଲୁଥିବାରୁ ଆକ୍ରମଣ କରୁଛନ୍ତି। ତୁରନ୍ତ ଭାଗବତ ପରିବାରକୁ ସରକାରଙ୍କ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ମଙ୍ଗଳବାର ଉଚବାଲି ଅଞ୍ଚଳର ସୌମେନ୍ଦ୍ର ମହାନ୍ତ (୧୮)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ।

# ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନୋଟିସ

## ରହିତାଦେଶ ଲଗାଇଲେ ହାଇକୋର୍ଟ

### ଏସ୍‌ସି ଏସ୍‌ଟି ବିଦ୍ୟାଳୟ ଟିଜିଟି ପଦୋନ୍ନତି ମାମଲା

କଟକ,୧୦।୧୨(କାର୍ତ୍ତିକ ସାହୁ)

ରାଜ୍ୟରେ ଥିବା ଏସ୍‌ସି ଏସ୍‌ଟି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର (ଟିଜିଟି)ଙ୍କ ପୋଷ୍ଟ ଗ୍ରାଜୁଏଟ୍ ପଦକୁ ପଦୋନ୍ନତି ଉପରେ ହାଇକୋର୍ଟ ରହିତାଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ମାମଲାର ଶୁଣାଣି କରି ଜବାବ ଦାଖଲ ଲାଗି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, କେନ୍ଦୁଝର ଜିଲା ବସନ୍ତପୁରସ୍ଥିତ ଏସ୍‌ସି ଏସ୍‌ଟି ବିଦ୍ୟାଳୟରେ ଶିକ୍ଷକ କୃଷ୍ଣାଞ୍ଜନ ଆଚାର୍ଯ୍ୟ ଟିଜିଟି ପଦକୁ ପଦୋନ୍ନତି ପାଇ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲାପାଳଙ୍କ ଆଦେଶକ୍ରମେ ସେ ଜଗମୋହନପୁର ଆଶ୍ରମ ବିଦ୍ୟାଳୟକୁ ବଦଳି ହୋଇଥିଲେ। ସେ ଏବେ ଉକ୍ତ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶା ସବ୍‌ଅର୍ଡିନେଟ୍ ଟ୍ରାଇବାଲ ୱେଲଫେୟାର ଏଜୁକେଶନ ରିକ୍ରୁଟ୍‌ମେଣ୍ଟ ଆଣ୍ଡ କଣ୍ଡିସନ ଅଫ୍ ସର୍ଭିସ ଆମେଣ୍ଡମେଣ୍ଟ ରୁଲ ୨୦୧୫ରେ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଟିଜିଟି ପଦର ମାନ୍ୟତା ଦିଆଯାଇଛି। ଏସ୍‌ସି ଏସ୍‌ଟି ବିଦ୍ୟାଳୟରେ ୩ ବର୍ଷର ଅଭିଜ୍ଞତା ଥିବା ଟିଜିଟି ପଦ ଶିକ୍ଷକଙ୍କୁ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକ ଭାବେ ପଦୋନ୍ନତି ଦିଆଯିବା ନିମନ୍ତେ ବିଭାଗୀୟ ନିର୍ଦ୍ଦେଶନାମାରେ ପ୍ରସ୍ତାବ ଜିଲା ମଙ୍ଗଳ ଅଧିକାରୀଙ୍କୁ ମଗାଯାଇଛି। ମାତ୍ର ଆବେଦନକାରୀଙ୍କ ଯୋଗ୍ୟତା ଥାଇ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଥିବାରୁ ଏହି ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାରୀ ଆଦେଶନାମାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବଂଶୀଧର ଶତପଥୀ ଓ ସତ୍ୟବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟ ସଭାର ପୂର୍ବତନ ସଦସ୍ୟଙ୍କ କାର୍‌କୁ ଧକ୍କା ଦେଲା ଟ୍ରକ୍

ବଇଣ୍ଡା,୧୦।୧୨ (ପରିକ୍ଷିତ ସାହୁ)

ରାଜ୍ୟ ସଭାର ପୂର୍ବତନ ସଦସ୍ୟ ପ୍ରମିଳା ବହିଦରଙ୍କ କାର୍‌କୁ ମଙ୍ଗଳବାର ଏକ ଟ୍ରକ୍ ଧକ୍କା ଦେଇଛି। ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର କିଶୋରନଗର ବ୍ଲକ ହଣ୍ଡପା ନିକଟରେ ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା। ତେବେ କାର୍‌ରେ ଥିବା ବହିଦରଙ୍କ ସମେତ ମୋଟ ୫ ଜଣ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ହଣ୍ଡପା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ରାଜ୍ୟ ସଭାର ପୂର୍ବତନ ସଦସ୍ୟ ବହିଦର ଓ ୪ ଜଣ ସମ୍ପର୍କୀୟ କାର୍ (ନଂ. ଓଡି୧୫ ଏଲ ୯୫୬୮) ଯୋଗେ ସମ୍ବଲପୁରରୁ କଟକ ଅଭିମୁଖେ ଆସୁଥିବା ବେଳେ ପଛପଟୁ ଏକ ମାଲ ବୋଝେଇ ଟ୍ରକ୍ (ନଂ. ସିଜି ୧୦ ବିଏଚ ୭୭୩୯) ଧକ୍କା ଦେଇଥିଲା। ଫଳରେ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ହଣ୍ଡପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଚାଳକ ଅନିରୁଦ୍ଧ ସିଂଙ୍କୁ ବୁଧବାର ଗିରଫ କରିଛି। ଏ ସଂକ୍ରାନ୍ତରେ ନମ୍ବର ୪୩୭/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଶିକାରୀଙ୍କ ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ଯୁବକ ମୃତ

ପବିତ୍ରନଗର,୧୦।୧୨ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଥାନା ଟିଂଟିରିମା ଗ୍ରାମ ନିକଟରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ପୋଇପାଳ ଗ୍ରାମର ଭରତ ଚନ୍ଦ୍ର ବାରିକ (୩୩)। ଭରତ ରାତିରେ ଧାନ ବିଲରୁ ଗୋରୁପଲ ଘଉଡ଼ାଇବା ବେଳେ ଶିକାର ପାଇଁ ବିଛା ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ମୃତକଙ୍କ ମାମୁ ପୀତାମ୍ବର ପ୍ରଧାନ ଥାନାରେ ଅଭିଯୋଗ କରିବା ପରେ କଣିହାଁ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଅଧିକ ତଦନ୍ତ ଚଳାଇଛି।


No.W-52

ACCESS TO JUSTICE FOR ALL

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫

୧୩.୧୨.୨୦୨୫ ଦ୍ୱିତୀୟ ଶନିବାର

### ବିଶେଷ ସୂଚନା

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛିକି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?

୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ ।

୩) ୧୩.୧୨.୨୦୨୫ (ଦ୍ୱିତୀୟ ଶନିବାର) ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।

୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରୀ (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ) ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସଂପତ୍ତି ଅଧିକାର ମାମଲା/ ଖାଉଟି ବିବାଦ/ ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ ।

୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।

୬) ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ ।

୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

୮) ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ ।

୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧,ସିଡିଏ, କଟକ
ଯୋଗାଯୋଗ:
ମୋ-୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com
OIPR-18008/11/0023/2526



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, SUNABEDA

e-mail : serwsbd2003@yahoo.com

Letter No. : 6541 Date : 08.12.2025

**1st Corrigendum**

**No.O-1745** : In continuation to this office Bid Identification No. CCERWCSBD-Online-25/2025-26 invited vide this office Notice No.5935, Dtd.15.11.2025, partial modification of NCB has been made as follows :

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice |
|---|---|---|---|
| 1 | Availability of Tender online for bidding | 25.11.2025 at 11.00 AM to 09.12.2025 up to 5.00 PM | Extended up to 23.12.2025 5.00 P.M. |
| 2 | Date and Time of seeking tender clarification if any | 08.12.2025 up to 2.00 PM | 22.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 10.12.2025 at 11.00 AM | 24.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer, Rural Works Circle, Sunabeda

OIPR-25182/11/0109/2526



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, SUNABEDA

e-mail : serwsbd2003@yahoo.com

Letter No. : 6550 Date : 08.12.2025

**1st Corrigendum**

**No.O-1743** : In continuation to this office Bid Identification No. CCERWCSBD-Online-23/2025-26 invited vide this office Notice No.5576, Dtd.30.10.2025, partial modification of NCB has been made as follows :

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice |
|---|---|---|---|
| 1 | Availability of Tender online for bidding | 10.11.2025 at 11.00 AM to 09.12.2025 up to 5.00 PM | Extended up to 30.12.2025 5.00 P.M. |
| 2 | Date and Time of seeking tender clarification if any | 08.12.2025 up to 2.00 PM | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 10.12.2025 at 11.00 AM | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer, Rural Works Circle, Sunabeda

OIPR-25182/11/0108/2526



OHPC ISO 9001-14001 18001 Certified

## OFFICE OF THE SR.GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-37/2025-26, DATE 08.12.2025**

**No.CAD-2632:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / reputed service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD inshape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Repair of 02 Nos. Cooling Water Pump of M/s Santai make of UIHEP, Mukhiguda | 2,360/- (inclusive of GST) | 1% of quoted amount | From 11.12.2025 to 22.12.2025 up to 13.00 Hrs | 22.12.2025 (Up to 13:30 Hrs) | 22.12.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda

OIPR-04008/11/0049/2526



## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail Id : rprcbbsr@gmail.com)
Tel : (0674)-2557925

No.-T/41/2019/RPRC Date : 08.12.2025

**REQUEST FOR PROPOSAL**
**Bid Identification No. RPRC/ 43 / 2025-26**

**No.MM-354** : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Design, fabrication, supply, installation and commissioning of GFRP based Office Cabin, rest rooms in RPRC, Bhubaneswar" from eligible bidders through e-tendering process through two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 1,20,000/- (online) | 10,000.00 (Online) | 09.12.2025 / 10.00 A.M. | 24.12.2025 / 10.00 A.M. | 24.12.2025 / 03.30 P.M. |

Addendum/Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For new Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- **9355030613** and Jitesh Kumar, Mobile- **9355030604**, e-mail: eprochelpdesk.101@gmail.com

Sd./- Chief Executive,
RPRC, Bhubaneswar

OIPR-08004/11/0050/2526



## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR

E-mail:sebalangir@gmail.com

**"e"-Procurement Notice**
**Bid Identification No: ACE, BOIC-07/2025-26**
**Procurement Details**

No.A-1062:

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(online) | Cost of tender document | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of B.T. Road from village Kudhrenpali to Dam axis of the proposed Ong Dam Project at Pujharipali for the financial year 2025-26 | Rs.143.75 Lakh (excluding G.S.T.) | 'A' & 'B' Class | Rs.1,43,800/- | Rs.10,000/- | 06 (Six) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl.Chief Engineer, Balangir Irrigation Circle, Balangir | ACE, BOIC-07/2025-26 | Dt.11.12.2025 at 10.00 AM | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 At Office during office hours (in working days) | Dt.03.01.2026 at 11.00 AM | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in."

Sd./- Additional Chief Engineer, Balangir Irrigation Circle, Balangir

OIPR-32347/11/0010/2526



No.O-1680

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/54-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 54-2025-26/BPR | Bridge work under SETU BANDHANA YOJANA (SBY) | 01 No. | Rs.396.36 Lakhs | "A" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/54-2025-26/BPR | 11.12.2025 at 10.00 A.M. | 26.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0169/2526



## PANCHAYAT RAJ & DRINKING WATER DEPARTMENT, GOVERNMENT OF ODISHA
## OFFICE OF THE EXECUTIVE ENGINEER, RWS&S DIVISION, NABARANGPUR

Tel-(06858)222643, E-Mail : eerwssngp@gmail.com

**INVITATION FOR BIDS**
**No : RWSS_NGP_ONLINE_01/2025-26 DATED : 01.12.2025**

**No.O-1687** : The Executive Engineer, RWS&S Division, Nabarangpur on behalf of Govt. of Odisha invites percentage rate bid through e-procurement in **Single** cover system according to norm of E-Procurement system in on-line mode.

1. Name of Works : As mentioned in Table "A" which includes Construction of Protection wall for RWS&S Colony of RWS&S division, Nabarangpur
2. No. of Works : 1 (One) No. (Detailed in Tender Call Notice available in the website)
3. Eastimated Cost : As mentioned in Table "A"
4. Tender Paper Cost As mentioned in Table "A"
5. Class of Contractor As mentioned in Table "A"
6. Period of Completion : As mentioned in Table "A"
7. Critical Dates procurement Portal : *Further details can be seen in the bidding documents, which is available in the https://www.tendersodisha.gov.in
*Publication of this tender can be seen in the web portal https://odisha.gov.in/state-tenders-advertisement
*Subsequent corrigendum if required shall be appeared in the website.
*Authority reserves the right to reject any or all tenders without assigning any reason thereof

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Last date of receipt of confirmation letter & other | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ONLINE_01 of 2025-26 | 10.12.2025 at 05.00 P.M. | 18.12.2025 at 05.00 P.M. | 17.12.2025 up to 5.30 P.M. | 18.12.2025 up to 05.00 P.M. | 19.12.2025 at 11.00 A.M. |

Sd./- Superintending Engineer,
RWS&S Division, Nabarangpur

OIPR-25028/11/0014/2526



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT-CHANDIKHOL, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-20/25, Letter No.4008, Date: 27.11.25

**e-Procurement NOTICE**

**No.O-1651:**Name of the Work: Tender for the road works under (MMSY-TRIP) in the Dist. of Kendrapara & Jajpur. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-20/25 | 10.12.2025 at 11.00 A.M. | 29.12.2025 to 5.00 P.M. | 29.12.2025 upto 2.00 P.M. | 30.12.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0069/2526



## Directorate of Higher Secondary Education, Odisha

### Phase IV: Admission of Out-of-School Children (OoSC) to Higher Secondary Schools for the 2025-26

**No.N-226** : The **Phase-IV** e-Admission process for Class-XI admissions of **Out-of-School Children (OoSC)** in the Arts, Science, Commerce, Upashastri and Vocational streams of Higher Secondary Schools (HSSs) under the Council of Higher Secondary Education (CHSE), Odisha, and Shree Jagannath Sanskrit University, Puri, will commence on **10th December 2025**. The admission process for the Academic Year 2025-26 will be conducted online through the official portal **www.samsodisha.gov.in.**

**Eligibility Criteria :**
1. Applicants must have passed the HSC Examination of BSE, Odisha, or an equivalent Board.
2. No reservation or weightage benefits will be applicable for vacant seat admissions.

**Instructions :**
1. Applicants and their parents/guardians should carefully go through the **"Common Prospectus"** available on the SAMS portal before filling and submitting the online Common Application Form (CAF).
2. The CAF fee is to be paid exclusively through online mode (refer to the Common Prospectus for details).
3. **Candidates who had applied in Phase-I, Phase-II, or Phase-III of the 2025 admission process but were not allotted any Higher Secondary School may re-apply using their existing login credentials, without paying the CAF fee.**
4. **Applicants will be allowed to edit their Common Application Form (CAF) up to four times.**
5. Apply personally and choose the Higher Secondary School of your preference. Do not permit anyone else to apply on your behalf.
6. Applicants should fill out the online CAF carefully, as mistakes may result in rejection.
7. The list of Higher Secondary Schools with vacant seats will be provided only for preference and selection purposes.
8. Before adding a Higher Secondary School to your preference list, verify its fee structure in the "Individual HSS Profile"available on the SAMS website.
9. All required documents must be verified at the allotted Higher Secondary School during admission.
10. **Following Categories of applicants are eligible to apply:**
    **a. Applicants who could not apply during Phase-I, Phase-II, or Phase-III admissions for any reason.**
    **b. Applicants who were allotted seats but did not take admission, as well as those who were not allotted any seats in Phase-I, Phase-II, or Phase-III admissions.**
11. A single selection admission will be conducted, and both the merit list and a waiting list **(in 1:10 ratio)** will be published for each HSS. Vacant seats, if any, after admission of the selected candidates in Phase-IV, will be filled from the waiting list as per the admission schedule.

**Procedures:**
1. Fresh applicants must register on **www.samsodisha.gov.in** with their mobile number and email, while previously registered applicants should use their existing login to re-apply.
2. All other processes, including application submission, will follow the guidelines in the "Common Prospectus" available on www.samsodisha.gov.in.
3. Applicants will be informed of selection and reporting time via SMS/WhatsApp, SAMS login, HSS merit list, and notice board. The intimation letter will be shared through login and WhatsApp for Phase-IV 1st Selection.

**SAMS e-Admission Schedule for Out-of-School Children (OoSC), 2025-26 (Phase-IV)**

| Sl. # | Activities | Timeline |
|---|---|---|
| 1 | Online CAF available at www.samsodisha.gov.in for vacant seat admission. | 10.12.2025 (03.00 PM) |
| 2 | Last date of applying on-line CAF through www.samsodisha.gov.in | 14.12.2025 (11:45 PM |
| 3 | Publication of Phase-IV merit list including the waiting list (10 times of the total vacant seat) | 17.12.2025 (03:30 PM) |
| 4 | Admission of the selected applicants and admission updation in the e-Space. | 18.12.2025 (11:00 AM) to 19.12.2025 (06:00 PM) |
| 5 | Registration of the waiting applicants | 20.12.2025 (10:00 AM) to 22.12.2025 (03:00 PM) |
| 6 | Final list of waiting list applicants published at respective HSSs. | 22.12.2025 (04:30 PM) |
| 7 | Admission and data updation of applicants selected from the waiting list in the e-Space. | 23.12.2025 (10:00 AM) to 24.12.2025 (04:00 PM) |
| 8 | Last date for HSSs to update admitted students' data in e-Space. | 24.12.2025 (09:00 PM) |

**For more details, please contact Sanjog Helpline (Toll Free) Number 155335, 1800-345-6770**

OIPR-11033/11/0026/2526 Sd./- Director, Higher Secondary Education

**୧୮୦୦ ଗ୍ରାମ୍ ଗଞ୍ଜେଇ ଜବତ: ମହିଳା କୋର୍ଟ ଚାଲାଣ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ମୁରିବାହାଲ ଥାନା ଅଧୀନ ଗୁଡିଘାଟ ଗ୍ରାମରେ କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ଜଣେ ମହିଳାଙ୍କଠାରୁ ୧୮୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ମହିଳା ଗୁଡିଘାଟ ଗ୍ରାମର ବିଲାଶ ସାହୁ (୫୪)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରାଯାଇଛି। କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ମିଳିତଭାବେ ପାଟ୍ରୋଲିଂ କରାଯିବାବେଳେ ବିଲାଶଙ୍କ ନିକଟରେ ଗଞ୍ଜେଇ ଥିବା ଜଣାପଡିଥିଲା। ପରେ ତାଙ୍କଠାରୁ ଗଞ୍ଜେଇ ଜବତ କରାଯାଇଛି। ଏନେଇ କଣ୍ଟାବାଞ୍ଜି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୫୬/୨୫) ରୁଜୁ ହୋଇଛି।




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ସଚେତନ ହେଲେ ଅଧିକାର ସାବ୍ୟସ୍ତ କରିହେବ’

**ବଲାଙ୍ଗୀର,୧୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ଅବସରରେ ବୁଧବାର ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପଠାରେ ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିନ୍ଦାବାଦ ସଙ୍ଗଠନ ମୁଖ୍ୟ ତ୍ରିଲୋଚନ ପୁଞ୍ଜିଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ଯୋଗଦେଇ କହିଛନ୍ତି, ଲୋକଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଏବଂ ଏହା କିଭଳି ସାବ୍ୟସ୍ତ କରିବାକୁ ପଡେ ସେ ବିଷୟରେ ଜାଣିବାକୁ ପଡିବ। ବାବା ସାହେବ ଆମ୍ବେଦକର ସମ୍ବିଧାନରେ ଯେଉଁସବୁ ଦିଗକୁ ଗୁରୁତ୍ୱ ଦେଇଛନ୍ତି, ସେସବୁ ଲୋକଙ୍କୁ କାର୍ଯ୍ୟକାରୀ କରିବାକୁ ହେବ ବୋଲି ସେ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ସରକାରୀ ମହିଳା



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

କଲେଜ ଅଧକ୍ଷ ଡ. ଅରବିନ୍ଦ କୁମାର ଓଝା, ମହିଳା କଲେଜ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ରାଜେଶ କୁମାର କର୍ଣ୍ଣ ଯୋଗଦେଇ ମାନବ ଅଧିକାର ଓ ଭାରତୀୟ ସମ୍ବିଧାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡ. କର୍ଣ୍ଣ କହିଛନ୍ତି, ସ୍କୁଲ, କଲେଜରେ ସମ୍ବିଧାନ, ଆଇନ ଏବଂ ବିଧିବ୍ୟବସ୍ଥା ବିଷୟରେ ଯେଉଁ ପାଠ ପଢ଼ାଯାଉଛି ଛାତ୍ରୀଛାତ୍ର ପରୀକ୍ଷା ଖାତାରେ ତାହାକୁ ଲେଖି ମାର୍କ ପାଇବା ପର୍ଯ୍ୟନ୍ତ ସୀମିତ ରଖୁଛନ୍ତି। ପରବର୍ତ୍ତୀ ସମୟରେ ସେହି ଜ୍ଞାନ ସେମାନଙ୍କ ଦୈନନ୍ଦିନ ଜୀବନରେ ନ୍ୟାର୍ଯ୍ୟ ଅଧିକାର ସାବ୍ୟସ୍ତ ପାଇଁ କାର୍ଯ୍ୟକାରୀ ହେଉନାହିଁ। ଲୋକେ ଯେତେଦିନ ପର୍ଯ୍ୟନ୍ତ ଏହାକୁ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରିବେ ନାହିଁ ସେପର୍ଯ୍ୟନ୍ତ ସାମ୍ବିଧାନିକ ଅଧିକାରର

**ବିଶ୍ୱ ମାନବ ଅଧିକାର ଦିବସରେ କର୍ମଶାଳା**

ସୁଫଳ ମିଳିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଅଧକ୍ଷ ଓଝା ସମସ୍ତଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ଅଧିକାର ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବକ୍ତାଭାବେ ଯୋଗଦେଇ ସାମାଜିକ କର୍ମୀ ବାଳକୃଷ୍ଣ ଷାଣ୍ଡ କହିଛନ୍ତି, ସିଜିମାଳିରେ କ’ଣ ହେଉଛି ବଲାଙ୍ଗୀର କି କଟକର ଲୋକେ ଚିନ୍ତା କରୁନାହାନ୍ତି। ସିଜିମାଳିରେ ଆଦିବାସୀଙ୍କ ଦମନ ଉପରେ ଅନ୍ୟ ଅଞ୍ଚଳର ଲୋକେ ସାମାନ୍ୟତମ ଚିନ୍ତା କରୁନାହାନ୍ତି। ଏଥିରୁ ଆମର ଏକତା ଏବଂ ସମ୍ବେଦନା ଜଣାପଡିଯାଉଛି। ଏକତାବଦ୍ଧ ହୋଇ ପ୍ରତିବାଦ ଜଣାଇଲେ ଆମେ ବି ନ୍ୟାୟ ପାଇବା ଆଶା କରିପାରିବା ବୋଲି ସେ କହିଥିଲେ। ଲୋୟର ସୁକ୍‌ତେଲ ଆନ୍ଦୋଳନର ନାରୀନେତ୍ରୀ ପାଞ୍ଚାଳୀ ପ୍ରଧାନ ତାଙ୍କର ସଂଘର୍ଷ ଓ ଆନ୍ଦୋଳନ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଓ କବି ଆନନ୍ଦ କୁମାର ସାହୁ, ବୀରେନ୍ଦ୍ର କୁମାର ଝାଙ୍କର, ସାମାଜିକ କର୍ମୀ ସତ୍ୟ ବନ୍‌ଛୋର, ପ୍ରତାପ ବାଗ, ମଧୁ ଶବର ଯୋଗଦେଇ ବଲାଙ୍ଗୀର ଜିଲ୍ଲାର ବିସ୍ଥାପନ, ଦାଦନ ଶ୍ରମିକଙ୍କ ସମସ୍ୟା, ଜଳ, ଜମି, ଜଙ୍ଗଲ ସୁରକ୍ଷା, ବେରୋଜଗାର, ସମ୍ବିଧାନ ଓ ମାନବ ଅଧିକାର ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଶୁକ୍ଳ ଶବର, କ୍ଷୀରବନ୍ଧୁ ମାଝି, ମିଳନ ପୁଞ୍ଜି, ଲୋଚନ ବରିହା, ଦୁର୍ଯ୍ୟୋଧନ ମାଝି, ଡମ୍ବରୁ ଭରାଶଗରିଆଙ୍କ ସମେତ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଜନଆନ୍ଦୋଳନ ଓ ଅଞ୍ଚଳରୁ ଆସିଥିବା ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଯୁଜେଷ୍ଟି ମେହେର ଧନ୍ୟବାଦ ଦେଇଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଖପ୍ରାଖୋଲ,୧୦।୧୨(ଅଭୟ ତ୍ରିପାଠୀ)**

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବିଏଫ୍‌ଓ ହରେକୃଷ୍ଣ ମେହେର ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ଉପରେ ମତ ଉପସ୍ଥାପନ କରିବା ସହିତ ଏହାର ଲାଭ ନେବାକୁ କହିଥିଲେ। ଏହି ଅବସରରେ ଭତ୍ତା ପାଇଁ ୫୯ ଜଣ, ମାଗଣା ଲାପ୍‌ଟପ୍ ପାଇଁ ୭ ଜଣ, ବସ୍ ଓ ଟ୍ରେନ୍ ପାସ୍ ପାଇଁ ୪୬ ଜଣ, ବିଭିନ୍ନ ଉପକରଣ ପାଇଁ ୧୦୫ ଜଣ ହିତାଧିକାରୀ ଆବେଦନ କରିଥିଲେ। ଏହି ଆବେଦନକୁ ତର୍ଜମା କରି ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର କହିଛନ୍ତି।

# କର୍ମଶାଳାରେ ତାଲିମ ନେଲେ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା

**କଣ୍ଟାବାଞ୍ଜି,୧୦।୧୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ସ୍ଥାନୀୟ ବାଳକ ଉଚ୍ଚ ବିଦ୍ୟାଳୟରେ ଉଭୟ ତୁରେକେଲା ଓ ବେଲପଡ଼ା ବ୍ଲକ୍‌ର ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତାଙ୍କୁ ନେଇ ଏକଦିବସୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନୀହାରିକା ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ, ସମ୍ମାନିତ ଅତିଥି ଭାବେ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶ ଯୋଗଦେଇଥିଲେ। ସାଧନ କର୍ମୀ ଭାବରେ ଘନଶ୍ୟାମ ମେହେର, ଚିତ୍ତରଞ୍ଜନ ପଣ୍ଡା, ଅରବିନ୍ଦ କୁମ୍ଭାର ଯୋଗଦେଇଥିଲେ। ତୁରେକେଲା ବ୍ଲକ ସଂଯୋଜକ ରାଜେନ୍ଦ୍ର ଦୋରା ସଭା ପରିଚାଳନା ଓ ବେଲପଡ଼ା ବ୍ଲକ ସଂଯୋଜକ ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ଉଭୟ ବ୍ଲକ୍‌ରୁ ୪୦ ଜଣ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଯୋଗଦେଇଥିଲେ। ସାଧନକର୍ମୀମାନେ ପ୍ରାଥମିକ ଚିକିତ୍ସା, ସାପ କାମୁଡା, ଡିଜାଷ୍ଟର ମ୍ୟାନେଜମେଣ୍ଟ,ଏଚ୍‌ଆଇଭି ଏଡସ, ରକ୍ତସ୍ରାବ, ହାଡ଼ଭଙ୍ଗା,ହୃଦ୍‌ଘାତ,ଗୁଡ୍ ସମରିଟାନ ଉପରେ ଆଲୋଚନା କରିବା ସହ ଡେମୋ ମାଧ୍ୟମରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ଅବିନାଶ ମାଝୀ,ଶରତ କୁମାର ଦାଶ, ରାଜେନ୍ଦ୍ର ଧରୁଆ,ନାରାୟଣ ବିଭାର,ଧନେଶ୍ୱର ମେହେର ,ରାଜେଶ କୁମାର ସିଂଦେଓ ସହଯୋଗ କରିଥିଲେ।

# ଆଳୁ, ପିଆଜ ଚାଷକରି ସ୍ୱାବଲମ୍ବୀ ହୁଅ

**ଦେଓଗାଁ,୧୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ବୁଧବାର ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ପ୍ରଜିତା ପୁରୋହିତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଡିଓ ପ୍ରିୟରଞ୍ଜନ କୁମାର ଯୋଗଦେଇଥିଲେ। ଜିଲା ଉଦ୍ୟାନ ଉପନିର୍ଦ୍ଦେଶକ ସୁଦେଶ କୁମାର ଚୌଧୁରୀ ଯୋଗଦେଇ ଆଳୁ ଓ ପିଆଜ ଚାଷକରି ସରକାରଙ୍କ ରିହାତିର ଲାଭ ନେବା ପାଇଁ ପରାମର୍ଶ ଦେବା ସହ ଉଦ୍ୟାନ ବିଭାଗ ତରଫରୁ ଚାଷୀଙ୍କୁ ଦିଆଯାଉଥିବା ସହାୟତା ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ଦାୟିତ୍ୱରେ ଥିବା ଓଡ଼ିଶା ଜୀବିକା ମିଶନର ବ୍ଲକ୍ ସଂଯୋଜିକା



କର୍ମଶାଳାରେ ଚାଷୀଙ୍କୁ ଆଳୁ ବିହନ ପ୍ରଦାନ କରାଯାଉଛି।

**ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା**

ସବ୍ୟାରାଣୀ ମହାଲିଙ୍ଗ, ସ୍ଥାନୀୟ ସରପଞ୍ଚ ସଞ୍ଜୁ ସିକା, ଓର୍ମାସର ଅର୍ଚ୍ଚନା ନାଏକ ଯୋଗଦେଇଥିଲେ। ଏଫ୍‌ଇଏସ୍‌ର ଜିଲା ସଂଯୋଜକ ସୁଜିତ୍ କୁମାର ଶତପଥୀ ଯୋଗଦେଇ ପ୍ରାକୃତିକ କୃଷିର ଉପାଦେୟତା ବିଷୟରେ ଅବଗତ କରିଥିଲେ । ଏହି ଅବସରରେ ଧଣ୍ଡାମାଲ, ସାରସମାଲ, ଗାଇବାହାଲ, ଗୁଡଖାପଲା, ବ୍ରାହ୍ମଣୀଯୋର, ବନ୍ଧପଡ଼ା ଓ ଦେଓଗାଁର ଚାଷୀମାନେ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୩୩ଜଣ ଚାଷୀଙ୍କୁ ଆଳୁ, ପିଆଜ ଓ ଲଙ୍କା ବିହନ ରିହାତି ଦରରେ ଦିଆଯାଇଥିଲା। ଏଥିସହ ଯେଉଁ ଚାଷୀମାନେ ଏହି ଯୋଜନାରେ ବିହନ ନେବାକୁ ଇଚ୍ଛୁକ ଦେଓଗାଁ ଉଦ୍ୟାନ ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆକାଂକ୍ଷା ଏଫ୍‌ପିଓ କର୍ମକର୍ତ୍ତା, ସିଆର୍‌ପି, କୃଷି ସଖୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

# ୨ ଷ୍ଟେଶନରେ ଚଢ଼ାଉ: ୧୧ ଶ୍ରମିକ ଉଦ୍ଧାର

**ଲାଠୋର/କଣ୍ଟାବାଞ୍ଜି, ୧୦।୧୨ (ଭୁବନେଶ୍ୱର ବାରିକ/ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ହରିଶଙ୍କର ରୋଡ୍ ରେଳଷ୍ଟେଶନରୁ ମଙ୍ଗଳବାର ରାତିରେ ପୋଲିସ ଏବଂ ଶ୍ରମ ବିଭାଗ ମିଳିତ ଭାବେ ଚଢ଼ାଉକରି ୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ତେବେ ଦାଦନ ଶ୍ରମିକ ଚାଲାଣରେ ସମ୍ପୃକ୍ତ ବଲାଙ୍ଗୀର ଜିଲା ଲରମ୍ବା ଗ୍ରାମର ଦାରାସିଂ ବେହେରାଙ୍କୁ ଗିରଫ କରି ବୁଧବାର ପାଟଣାଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଖପ୍ରାଖୋଲ ଥାନା ଅଧୀନ ନାନ୍ଦୁପଲା ଏବଂ ତୁର୍ଲା ଗ୍ରାମର ୫ ଜଣ ମହିଳାପୁରୁଷ ଦାଦନ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଦାରାସିଂ ଉକ୍ତ ରେଳଷ୍ଟେଶନକୁ ଆଣିଥିଲେ। ମଙ୍ଗଳବାର ରାତିରେ ବିଳାସପୁର-ତିରୁପତି ଏକ୍ସପ୍ରେସ୍ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଖବରପାଇ

**ଜଣେ ଗିରଫ, ଅନ୍ୟ ଜଣେ ଫେରାର**

ପୋଲିସ ଏବଂ ଶ୍ରମ ବିଭାଗ ତୁରନ୍ତ ଚଢାଉ କରି ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୨୯୩/୨୫) ରୁଜୁ ହୋଇଛି। ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ସେହିପରି କଣ୍ଟାବାଞ୍ଜି ରେଳଷ୍ଟେଶନରେ ସ୍ଥାନୀୟ ପୋଲିସ ବୁଧବାର ଚଢ଼ାଉ କରି ୩ ଜଣ ମହିଳା, ୩ ଜଣ ପୁରୁଷ ଶ୍ରମିକ ଓ ୨ ଜଣ ନାବାଳକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକ ଲରମ୍ବା ଓ ବରଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି। ଉକ୍ତ ଘଟଣାରେ ସମ୍ପୃକ୍ତ ଦାଦନ ସର୍ଦ୍ଦାର ଲରମ୍ବା ଥାନା ସୋଲ ବରଦାର କୁଳମଣି କାଣ୍ଡଙ୍କ ନାଁରେ ଏକ ମାମଲା(ନଂ.୪୩୫/୨୫) ରୁଜୁ ହୋଇଛି।


**Classified Everyday**
**0674-2580101, 9692975378**





All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Koushika Dansana, S/o.- Jagu Dansana, R/o.- Grindola, P.S.- Lakhanpur, Dist.- Jharsuguda, Odisha, 768217 declared by this affidavit vide No.- 6, Dtd. 23.09.25 that from today and onwards I shall be known as Koushika Dansana for all purpose. D-2792

By virtue of an affidavit sworn before the Executive Magistrate, Loisingha, dated 10.12.2025, I, Saroj Kumar Rana, R/o. village/ P.O.- Jamutbahal, P.S.- Gaisilet, Dist.- Bargarh, Odisha declare that I have changed the name of my son from Palliraj Kumar Rana to Tesanth Kumar Rana. Henceforth, he shall be known as Tesanth Kumar Rana for all purposes.
Saroj Kumar Rana D-2793

By virtue of an affidavit sworn before the Executive Magistrate, Balasore, dated 26.11.2025, I, Kamalakanta Mallick having Aadhaar No. xxxx xxxx 8225, At/P.O.- Sartha, Via- Haladipada, Dist.- Balasore, Odisha-756027 declared that all of my qualification certificate and other documents my surname is Mallick which is correct. But one of my SB Account IDBI Bank unfortunately the surname is Mallik which is incorrect. I declared that my correct name is Kamalakanta Mallick for all purposes. D-2794

Bimala Karnani, W/o. Gourishankar Karnani, R/o. Baripada, Mayurbhanj, Odisha-757001, henceforth is known as Bimla Karnani. D-2795

By virtue of an affidavit sworn before the Executive Magistrate, Bonth, Bhadrak, No.- 1800, Dtd.- 12.08.25, I, Pravati Samal, W/o.- Sushanta Kumar Behera, R/o. Village- Bagadia, P.O.- Ratina, P.S.- Khaira, Dist.- Balasore, PIN- 770016, Odisha declare that I have changed my name from Kabita Biswal to Pravati Samal. Henceforth, I shall be known as Pravati Samal for all purposes. D-2797

I, MAHESWAR DORA, S/o.-DASADORA, Village- PURUNA JANIGUDA, P.O.- BIJAPUR, P.S.- BORIGUMMA, Dist.- KORAPUT, ODISHA- 764056 solemnly declare that I have changed my minor son’s name “BHAKTI DOARA” (OLD NAME) to “JAMU DORA” (NEW NAME) on dated 29.10.2025 before “NOTARY PUBLIC”, Borigumma. Henceforth, “BHAKTI DOARA” (OLD NAME) shall be known as “JAMU DORA” (NEW NAME) for all future purposes. D-2796

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱ ପ୍ରଶାନ୍ତ କୁମାର ସେନାପତି**
ସତ୍ୟମାଳ ଭବନ, ଓଡ଼ିଆ ସାହି, ମଙ୍ଗଳାବାଗ, କଟକ
ଫ୍ଲାଟ ନଂ. ଏନ ୬/୧୭୪, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୩/୦୪/୧୯୪୭
ତିରୋଧାନ : ୦୧/୧୨/୨୦୨୫
‘ତେରା ବୈଭବ ଅମର ରହେ ମା, ହମ୍ ଦିନ୍ ଚାର ରହେ ନା ରହେ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ନୀଳିମା ଜେନା**
ଆବିର୍ଭାବ :୦୪.୦୨.୧୯୬୯
ତିରୋଧାନ : ୦୪.୦୧.୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ତୁମର ସ୍ନେହ ଓ ଅବଦାନ ସେତେ ବେଶୀ ମନେ ପଡୁଛି। ସାରା ଜୀବନ ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ : ମାନଗୋବିନ୍ଦ ଓ
ପୁଅ: ବାପୁଲୁ, ବୋହୂ : ମୋନା

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ପଞ୍ଚାୟତସ୍ତରୀୟ ପୁଷ୍ଟିକର ଖାଦ୍ୟମେଳା

**ଦେଓଗାଁ,୧୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ହାତିସରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ପଞ୍ଚାୟତସ୍ତରୀୟ ପୁଷ୍ଟିକର ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମହାଶକ୍ତି ଫାଉଣ୍ଡେଶନର କ୍ଲଷ୍ଟର ସଂଯୋଜକ ରୁଦ୍ରନାରାୟଣ ବର୍ଗର୍ତ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରପଞ୍ଚ କେଲୋ ଡାଙ୍ଗ ଯୋଗଦେଇ ପାରମ୍ପରିକ ଖାଦ୍ୟ ତଥା ପୁଷ୍ଟିକର ଖାଦ୍ୟ ଅଭାବ ଫଳରେ ଜନସମାଜ ବିପଦ ଆଡ଼କୁ ଗତିକରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ରିଲାଏନ୍ସ ଫାଉଣ୍ଡେଶନର ଡିପିଏମ୍ ଅସିତ୍ କୁମାର ପୁରୋହିତ, ମହାଶକ୍ତି ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଶାନ୍ତନୁ କୁମାର ମେହେର, ଭାରତୀୟ କିଷାନ ସଂଘର ଜିଲା ସଭାପତି ଡା. ଶଶିଭୂଷଣ ସାହୁ, ସନ୍‌ସାଇନ୍ ଏଫ୍‌ପିଓର ଏମ୍‌ଡି ଅଶୋକ କୁମାର ରଣା, ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର



ପୁଷ୍ଟିକର ଖାଦ୍ୟମେଳାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସୁଷମା ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରିଙ୍କି ବାଗ, ଏମ୍‌ବିକେ ଧରିତ୍ରୀ ନାଏକ ଓ ମାମିନା ରଣା ମଞ୍ଚାସୀନ ଥିଲେ। ଏଫ୍‌ଇଏସ୍‌ର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପାରମ୍ପରିକ କୃଷି ତଥା ଜୈବିକ ଚାଷର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପରିପେକ୍ଷୀରେ ହାତିସରା ଓ ନାଇକେନସିରା ଗ୍ରାମର ୧୦ଟି ଏସ୍‌ଏଚ୍‌ଜିର ସଦସ୍ୟା ୧୦ଟି ଷ୍ଟଲ୍‌ରେ ବିଭିନ୍ନ ପାରମ୍ପରିକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରିଥିଲେ ।

# ପାରମ୍ପରିକ ଦେଶୀ ବିହନ ମେଳା





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଖପ୍ରାଖୋଲ,୧୦।୧୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅଧୀନ ହାଟପଦାଠାରେ ଏଫଇଏସ୍, ଭୁବନେଶ୍ୱର, କୃଷି ବିଭାଗ ଓ ୱାଇସିଡିଏର ମିଳିତ ଉଦ୍ୟମରେ ପାରମ୍ପାରିକ ଦେଶୀ ବିହନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଫ୍‌ଇଏସ୍ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ପାଟଣାଗଡ଼ ଅତିରିକ୍ତ ଜିଲା ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ କୁମାର ସେଠୀ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଓଏଲ୍‌ଏମ୍‌ବିପିଏମ ପଙ୍କଜିନୀ ତରାଶିଆ,

**ବିଭିନ୍ନ ପ୍ରକାର ବିହନ ପ୍ରଦର୍ଶିତ**

ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦୀନବନ୍ଧୁ ବେହେରା, ବନପାଳ ସୁଧୀର ଜେନା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ସରପଞ୍ଚ ଉମାକାନ୍ତ ମେହେର ଯୋଗଦେଇଥିଲେ। ଅତିଥିମାନେ ପାରମ୍ପରିକ ଦେଶୀ ବିହନର ସଂରକ୍ଷଣ ସହିତ ଚାଷୀମାନେ ନିଜ ନିଜ ମଧ୍ୟରେ ଦିଆନିଆ ହେଲେ ଦେଶୀ ବିହନର ସୁରକ୍ଷା ହୋଇପାରିବ ବୋଲି କହିଥିଲେ। ସେହିପରି ପ୍ରାକୃତିକ କୃଷି ସହିତ ଦେଶୀ ବିହନର ସମ୍ପର୍କ ଥିବାରୁ ଏହା ଚାଷ କଲେ ପରିବେଶ ସୁରକ୍ଷା ସହିତ ଲୋକେ ବିଷମୁକ୍ତ ଖାଦ୍ୟ ଖାଇ ନିରୋଗ ରହିପାରିବେ ବୋଲି ଅତିଥି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାରର ଧାନ, ମୁଗ, କୋଳଥ, ସାରୁ, ପନିପରିବା, କ୍ଷୁଦ୍ର ଶସ୍ୟ ବିହନ ପ୍ରଦର୍ଶିତ ହୋଇଥିଲା। ଏଥିସହ ଚାଷୀ ବୈରାଗୀ ପୁଞ୍ଜି, ଦିଗମ୍ବର ମେହେର, ଧରମ ସିଂ ଧରୁଆ, ରୋହିତ୍ ପୁଟେଲ, ଅକୁର ବରିହା, ଭଗତ ଧରୁଆଙ୍କୁ ଦେଶୀ ବିହନ ସଂରକ୍ଷଣ ଓ ଜୈବିକ କୃଷି ପାଇଁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚାଷୀ ଉମାକାନ୍ତ ପଧାନ, କାଳିଆ ସାହୁ, ଶୋଭନମୟ ଦାସ, ସଦାନନ୍ଦ ବାଗ, ବାସନ୍ତୀ ମୁଣ୍ଡା, ଭୋଜ ରାଜ ବରିହାଙ୍କ ସମେତ କୃଷିମିତ୍ର, ସିଆର୍‌ପି ଉପସ୍ଥିତ ଥିଲେ। ୱାଇସିଡିଏ ତଥା ଶ୍ରୀଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଧନ୍ୟବାଦ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସମ୍ମାନର ସହ ବଞ୍ଚିବା ସମସ୍ତଙ୍କ ମୌଳିକ ଅଧିକାର

## ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ

**ସୋନପୁର,ପୁର,୧୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲାସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ-୨୦୨୫ ବୁଧବାର ପାଳିତ ହୋଇଯାଇଛି । ଜିଲା ତାଲିମ କେନ୍ଦ୍ରଠାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଉଷାରାଣୀ ଦାଶଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ଦୈତ୍ୟ ନାରାୟଣ ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା.ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ , ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନିତା ଗୁରୁ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଉପସ୍ଥିତ ରହି ଦିବସର ସ୍ୱାସ୍ଥ୍ୟ ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନର ସହିତ ବଞ୍ଚିବା ସମସ୍ତ ମହିଳା ଓ ଝିଅ ମାନଙ୍କର ମୌଳିକ ଅଧିକାର ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଲିଙ୍ଗଭିତ୍ତିକ ହିଂସା ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା କରି ସମସ୍ତେ ମିଶି ଏକ ସୁସ୍ଥ ସୁନ୍ଦର ସମାଜ ଗଠନରେ ସହାୟକ ହୋଇପାରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସକ୍ଷୀ କେନ୍ଦ୍ରରେ ଉପଲବ୍ଧ ପୋଲିସ, ଡ଼ାକ୍ତରୀ ଓ ଆଇନଗତ ସହାୟତା ଏବଂ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଉପରେ ବିଶେଷ ଆଲୋଚନା ହୋଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ, ବ୍ଲକ ଆକାଉଣ୍ଟ ପରିଚାଳକ, ସକ୍ଷୀ, ରେଆର ଓ ଶ୍ରଦ୍ଧା ସଂସ୍ଥାର ପରାମର୍ଶଦାତା ତଥା କର୍ମଚାରୀ ବୃନ୍ଦ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ସହପରିଚାଳିକା ଆଇନ ସେବା ଶୋଭାନା ଦାସ ଓ ଆଶା ସଂଯୋଜକ ତରଣୀସେନ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ପୋଷ୍ଟର ପ୍ରଦର୍ଶନ କରାଯାଇ ସମସ୍ତଙ୍କୁ ସଚେତନ ପାଇଁ ବଣ୍ଟନ କରାଯାଇଥିଲା।


ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ।

# ସୋନୁ ସ୍ମାରକୀ କ୍ରିକେଟ: କମିରା ସେମିଫାଇନାଲରେ


ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

**ଅମରପାଲି,୧୦।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ଖେଳ ପଡ଼ିଆରେ ଏମ୍ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ସୋନୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ଦ୍ୱିତୀୟ ଦିବସ। ବୁଧବାର ତିନୋଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ବହଳପଦର ଓ ଖଣ୍ଡହତା ମଧ୍ୟରେ ହୋଇଥିଲା। ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ବହଳପଦର ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୮୮ ରନ କରି ପରାସ୍ତ ହୋଇଥିଲା। କ୍ରୀଡାବିତ ବଳରାମ ପ୍ରଧାନ ଅତିଥିଭାବେ ଯୋଗଦେଇ ଖଣ୍ଡହତାର ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ କମିରା ଓ ନୂଆଁପାଲି ମଧ୍ୟରେ ହୋଇଥିଲା। କମିରା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୯୨ ରନ କରିଥିଲା। ଜବାବରେ ନୂଆଁପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୩ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ଖଣ୍ଡହତା ଓ ଦ୍ୱିତୀୟ ମ୍ୟାଚ ବିଜେତା କମିରା ମଧ୍ୟରେ ହୋଇଥିଲା। ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୪ ଉଇକେଟ ହରାଇ ୬୩ ରନ କରିଥିଲା। ଜବାବରେ କମିରା ଦଳ ଆବଶ୍ୟକ ରନକୁ ୬ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ାବିତ ବଳରାମ ପଧାନ, ନରେନ୍ଦ୍ର ଭୋଇ ଓ ବିକାଶ ବାରିକ ଅତିଥି ଭାବେ ଯୋଗଦେଇ ସରୋଜ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡିକରେ ଶେଖର ସିଂ ଓ ଦିନେଶ ମହାକୁର ଅମ୍ପେୟାର, ଆଶିଷ ନାଏକ ସ୍କୋରିଂ ଏବଂ ରାମେଶ୍ୱର ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

# ବୀରମହାରାଜପୁର ଉପକାରାଗାରର ପ୍ରତିଷ୍ଠା ଦିବସ



କାରାଗାର ପ୍ରତିଷ୍ଠା ଦିବସ ପାଳନରେ ଅତିଥି, ଅଧିକାରୀ।

**ବୀରମହାରାଜପୁର,୧୦।୧୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରଥପୁରଠାରେ ଥିବା ଉପ କାରାଗାର ପ୍ରତିଷ୍ଠା ଦିବସ ବୁଧବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଉପ କାରଗାର ଅଧୀକ୍ଷକ କାଳିନ୍ଦୀ ଚରଣ ନାୟକ ଓ ସହକାରୀ ଉପ କାରାପାଳ ତପନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୁବ ସମାଜସେବୀ ସଞ୍ଜୀବ ସାହୁ ଯୋଗଦେଇ ଜେଲ ପ୍ରତି ଥିବା ଲୋକଙ୍କ ଧାରଣା ବଦଳିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଶିବାନନ୍ଦ ଦାଶ, ବୁଲୁ ପଧାନ ଯୋଗଦେଇ ଅନ୍ତେବାସୀଙ୍କୁ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ। ଯୋଗଗୁରୁ ଡକ୍ଟର ହୃଷୀକେଶ ଦେହେରି ଅନ୍ତେବାସୀଙ୍କୁ ପ୍ରତିଦିନ ଯୋଗାଭ୍ୟାସ କରିବା ଉଚିତ ବୋଲି କହିଥିଲେ। ପ୍ରତିଷ୍ଠା ଦିବସରେ କ୍ୟାରମ, ଚେସ, ଲୁଡୁ, ସଙ୍ଗୀତ, କୁଇଜ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରକାଶ ଖମାରୀ, ସୁଦାମ ପ୍ରଧାନ, ଆଶିଶ ଭୋଇ, ସୁଧିର ଗରନାୟକ, ଅଜିତ ମହାନନ୍ଦ, ସୁନିତା ପଟ୍ଟନାୟକ ସହଯୋଗ କରିଥିଲେ। କୁମାର ଗୌରବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନିକା କନିଷ୍ଠ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବିନିକା,୧୦।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ମହିଳା କନିଷ୍ଠ ମହା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ବିନିକା ଥାନା ଆଇଆଇସି ସତ୍ୟନାରାୟଣ ପାଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ପ୍ରମିଳା କଲତା, ଆଶିଷ ରଥ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କୁ ନେଇ ଦୌଡ଼, ଡିସ୍‌କସ୍, ଜାଭେଲିନ, ମ୍ୟୁଜିକ ଚେୟାର, ସ୍ଲୋ ସାଇକେଲ ରେସ୍, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା କରାଯାଇଥିଲା। ଖେଳ ଶିକ୍ଷୟିତ୍ରୀ ବିଦ୍ୟୁଲତା କର ଏବଂ ବୈଜୟନ୍ତୀ ସାହୁ ଖେଳ ପରିଚାଳନା କରିଥିଲେ । ଅଧ୍ୟାପିକା ଦୀପାଞ୍ଜଳି ତ୍ରିପାଠୀ, ଅଧ୍ୟାପକ ସବ୍ୟସାଚୀ ଦନ୍ତା, ସିବନାରାୟଣ ମେହେର, ପ୍ରଦୀପ ମିଶ୍ର, ଅଶୋକ ବିଶି, ବିଶ୍ୱାମିତ୍ର ପାତ୍ର, କର୍ମଚାରୀ ସୋମିତ୍ରୀ ମେହେର ସହଯୋଗ କରିଥିଲେ ।


ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି।


# Classified Everyday

**0674-2580101, 9692975378**




All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

I, Koushika Dansana, S/o.- Jagu Dansana, R/o.- Grindola, P.S.- Lakhanpur, Dist.- Jharsuguda, Odisha, 768217 declared by this affidavit vide No.- 6, Dtd. 23.09.25 that from today and onwards I shall be known as Koushika Dansana for all purpose. D-2792

By virtue of an affidavit sworn before the Executive Magistrate, Loisingha, dated 10.12.2025, I, Saroj Kumar Rana, R/o. village/ P.O.- Jamutbahal, P.S.- Gaisilet, Dist.- Bargarh, Odisha declare that I have changed the name of my son from Palliraj Kumar Rana to Tesanth Kumar Rana. Henceforth, he shall be known as Tesanth Kumar Rana for all purposes.
Saroj Kumar Rana D-2793

By virtue of an affidavit sworn before the Executive Magistrate, Balasore, dated 26.11.2025, I, Kamalakanta Mallick having Aadhaar No. xxxx xxxx 8225, At/P.O.- Sartha, Via- Haladipada, Dist.- Balasore, Odisha-756027 declared that all of my qualification certificate and other documents my surname is Mallick which is correct. But one of my SB Account IDBI Bank unfortunately the surname is Mallik which is incorrect. I declared that my correct name is Kamalakanta Mallick for all purposes. D-2794

Bimala Karnani, W/o. Gourishankar Karnani, R/o. Baripada, Mayurbhanj, Odisha-757001, henceforth is known as Bimla Karnani. D-2795

By virtue of an affidavit sworn before the Executive Magistrate, Bonth, Bhadrak, No.- 1800, Dtd.- 12.08.25, I, Pravati Samal, W/o.- Sushanta Kumar Behera, R/o. Village- Bagadia, P.O.- Ratina, P.S.- Khaira, Dist.- Balasore, PIN- 770016, Odisha declare that I have changed my name from Kabita Biswal to Pravati Samal. Henceforth, I shall be known as Pravati Samal for all purposes. D-2797

I, MAHESWAR DORA, S/o.-DASADORA, Village- PURUNA JANIGUDA, P.O.- BIJAPUR, P.S.- BORIGUMMA, Dist.- KORAPUT, ODISHA-764056 solemnly declare that I have changed my minor son's name "BHAKTI DOARA" (OLD NAME) to "JAMU DORA" (NEW NAME) on dated 29.10.2025 before "NOTARY PUBLIC", Borigumma. Henceforth, "BHAKTI DOARA" (OLD NAME) shall be known as "JAMU DORA" (NEW NAME) for all future purposes. D-2796

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱ ପ୍ରଶାନ୍ତ କୁମାର ସେନାପତି**
ସତ୍ୟମାଳ ଭବନ, ଓଡ଼ିଆ ସାହି, ମଙ୍ଗଳାବାଗ, କଟକ
ଫ୍ଲାଟ ନଂ. ଏନ ୬/୧୭୪, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୩/୦୪/୧୯୪୭
ତିରୋଧାନ : ୦୧/୧୨/୨୦୨୫
'ତେରା ବୈଭବ ଅମର ରହେ ମା, ହମ୍ ଦିନ୍ ଚାର ରହେ ନା ରହେ ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

### ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱ ନୀଳିମା ଜେନା**
ଆବିର୍ଭାବ :୦୪.୦୨.୧୯୬୯
ତିରୋଧାନ : ୦୪.୦୧.୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ତୁମର ସ୍ନେହ ଓ ଅବଦାନ ସେତେ ବେଶୀ ମନେ ପଡୁଛି। ସାରା ଜୀବନ ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ: ମାନଗୋବିନ୍ଦ ଓ
ପୁଅ: ବାପୁଲୁ, ବୋହୂ: ମୋନା

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# କମିରା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବିନିକା,୧୦।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂଘିଯୁବା ପଞ୍ଚାୟତ ଅନ୍ତର୍ଗତ କମିରା ଗାଁରେ ଆସନ୍ତା ୨୫ ରୁ ୩୧ ତାରିଖ ପର୍ଯ୍ୟନ୍ତ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଆୟୋଜନ ହେବ। ଏଥିପାଇଁ ବୁଧବାର ଗାଁ ଧନୁଯାତ୍ରା ପଡିଆରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପ୍ରଥମେ ଗାଁର ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରି ଧନୁଯାତ୍ରା କମିଟି ସଭାପତି ଅଶୋକ ନନ୍ଦଙ୍କୁ ଧ୍ୱଜା ଅର୍ପଣ କରାଯାଇଥିଲା। ପରେ ଶୋଭାଯାତ୍ରାରେ ଧନୁଯାତ୍ରା ପଡିଆକୁ ଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସ୍ଥାନୀୟ ମା' ସମଲେଇ ମନ୍ଦିରରୁ ଆଜ୍ଞାମାଳ ଆଣି ପୂଜାର୍ଚନା ପୂର୍ବକ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। କମିଟି ସଭାପତି ନନ୍ଦଙ୍କ ସମେତ ବରଗଡ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ହୃଶୀକେଶ ଭୋଇ, ସରପଞ୍ଚ ପଦ୍ମିନୀ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ତ୍ରିପାଠୀ ପ୍ରମୁଖ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଚକ୍ରଧର ଦାଶ ପୂଜକ ଦାୟିତ୍ୱ ତୁଲାଇଥିଲେ। କମିଟିର ଦିପ୍ତିରଞ୍ଜନ ମିଶ୍ର, ସମସ୍ତ ସଭ୍ୟ ଓ ଗ୍ରାମବାସୀ ଏହି ଅବସରରେ ଉପସ୍ଥିତ ଥିଲେ।


ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନାପାଇଁ ପୂଜାର୍ଚ୍ଚନା କରାଯାଉଛି।

# କାଦୋଦର କଲେଜରେ ଏଡ଼୍‌ସ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୦।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦରସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଏଡ଼୍‌ସ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବଲ୍ଲଭ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ଚିତ୍ତରଞ୍ଜନ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ କାଉନସେଲର ତଥା ଅଧ୍ୟାପକ କିଶୋର କୁମାର ସାହୁ, ବୀରମହାରାଜପୁର କଲେଜ ଯୁବ ରେଡ଼କ୍ରସ କାଉନସେଲର ଅଧ୍ୟାପକ ସିଦ୍ଧେଶ୍ୱର ତ୍ରିପାଠୀ ଯୋଗଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଯୁବ ରେଡକ୍ରସ କାଉନସେଲର ତଥା ଅଧ୍ୟାପକ ଉଦ୍ଧବ ପଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବାଳମକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅଧ୍ୟାପକ ନିତ୍ୟାନନ୍ଦ ମିଶ୍ର, ସୁଶାନ୍ତ ଦେହୁରୀ, ଅଧ୍ୟାପିକା ରଞ୍ଜିତା ମିଶ୍ର, ସାଧନା ମେଲ୍ଲୀ, ଅମିତା ସାହୁ,ଶମ୍ଭୁପ୍ରସାଦ ଭୋଇ ସୁଶାନ୍ତ ମିଶ୍ର, ଯୋଗୀନ୍ଦ୍ର ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକ ଉତ୍ସବ

**ସୋନପୁର,୧୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଡ଼ ନାରାୟଣୀ ପଣ୍ଡା ସମ୍ମିଳନୀ କକ୍ଷର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହି ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ନିର୍ଯାତିତା ନାରୀଙ୍କ ସାହାରା ପାଲଟିଥିବା କହିଥିଲେ। ବିଶିଷ୍ଟ ଅତିଥି ଭାବେ ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡା ଯୋଗଦେଇ ତାଙ୍କ ଦୀର୍ଘ ଜୀବନର ଅନୁଭୂତି ଓ ସମାଜସେବା ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତର ପଣ୍ଡା ସୁବର୍ଣ୍ଣାର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଆଶୀର୍ବାଦ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ପୂର୍ବତନ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ନିବେଦିତା ନାୟକ ଓ ପ୍ରାକ୍ତନ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶାନ୍ତି ମଞ୍ଜରୀ ମିଶ୍ର ସୁବର୍ଣ୍ଣାର କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ପ୍ରଫେସର ଡ଼ ରାମକୃଷ୍ଣ ପଣ୍ଡା, ଡ଼ ରାମାନୁଜ ପଣ୍ଡା ଓ ଡ଼ ବିଶ୍ୱମ୍ଭର ମେହେର ଯୋଗ ଦେଇଥିଲେ। ସୁବର୍ଣ୍ଣାର ସମ୍ପାଦିକା ମଞ୍ଜୁଳା ମିଶ୍ର ତାଙ୍କ ବକ୍ତବ୍ୟ ରଖିଥିବାବେଳେ ଉପସଭାପତି ଭଗବତୀ ରାୟଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁବର୍ଣ୍ଣାର ସଭାନେତ୍ରୀ ପ୍ରାଧାପିକା ମୀନା ମହାରଣା ସଭାରେ ଅଧ୍ୟକ୍ଷତା କରି ସୁବର୍ଣ୍ଣାର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଭାକୁ ସଂଯୋଜନା କରିଥିଲେ ସୁନନ୍ଦା ସାହୁ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସସ୍ମିତା ମେହେର।


ଉତ୍ସବରେ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି।

## ସଂକ୍ଷେପରେ

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବେଦବ୍ୟାସ ପୀଠକୁ ପ୍ଲାଷ୍ଟିକ୍, ପଲିଥିନ ମୁକ୍ତ କରିବା ନେଇ ସଚେତନତା କାର୍ଯ୍ୟକ୍ରମ


ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଛାତ୍ରମାନେ ମନ୍ଦିର ପରିସରରେ ସଫେଇ କରୁଛନ୍ତି।

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବେଦବ୍ୟାସ ପୀଠକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବା ନେଇ ପୂର୍ବରୁ ଘୋଷଣା କରାଯାଇଥିଲା । ଏନେଇ ବୁଧବାର ପୁଣି ଏକ ସଚେତନତା କାର୍ଯ୍ୟକ୍ରମ ଏସପିସିବିର ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ୟୁଥ ମୁଭମେଣ୍ଟ ଫେଡେରେଶନ ଅଫ ଇଣ୍ଡିଆ ଓ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ, ବେଦବ୍ୟାସର ଏନଏସଏସ ୟୁନିଟର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ସଂସ୍କୃତ ମହାବିଦ୍ୟାଳୟରୁ ବାହାରି ମନ୍ଦିର ପରିସରକୁ ଯାଇଥିଲା । ସେଠାରେ ସଫେଇ ସହ ଦୋକାନୀଙ୍କୁ ସଚେତନତା କରାଯାଇଥିଲା । ଏସପିସିବିର ରାଉରକେଲା ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏଥିରେ ବିଭାଗୀୟ ଉପ ପରିବେଶ ଯନ୍ତ୍ରୀ ରଜତ କୁମାର ସେଠି ଯୋଗଦେଇ ମନ୍ଦିର ପରିସରରେ ପ୍ଲାଷ୍ଟିକ ଉତ୍ପାଦନ ଓ ବ୍ୟବହାରକୁ ନିଷିଦ୍ଧ ଘୋଷଣା କରିଥିଲେ। ମନ୍ଦିରକୁ ପୂଜା ଭୋଗ ନେବାବେଳେ ପଲିଥିନ ବଦଳରେ ବାଉଁଶ ପାଛିଆ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଏନଏସଏସ ଛାତ୍ରୀଛାତ୍ର ମନ୍ଦିର ପରିସରକୁ ଝାଡୁ କରି ସଫା କରିଥିଲେ। ବ୍ୟାସ ପୀଠ ଭାବେ ସୁପରିଚିତ ବେଦବ୍ୟାସ ଧାମର ସ୍ୱଚ୍ଛତା ଓ ପବିତ୍ରତାକୁ ବାଜୟୀ ରଖିବାକୁ ଆହ୍ୱାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ପରମେଶ୍ୱର ଶତପଥି, ଏନଏସଏସ ପ୍ରୋଗ୍ରାମ ଅଫିସର ଜ୍ୟୋସ୍ନା ରାଣୀ ଦାଶ, ଓଡ଼ିଆ ଅଧାପିକା ଶ୍ୟାମମାଳା ଦାଶ, ବେଦବ୍ୟାସ ମନ୍ଦିର ଟ୍ରଷ୍ଟର ଇଓ ଗୋଲାପ ଚନ୍ଦ୍ର କୌଶିକ ପ୍ରମୁଖ ଉପସ୍ଥିତ ଥିଲେ । ୱାଇଏମଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ସହ ଛାତ୍ରୀଛାତ୍ର ମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ ।


ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା କେନ୍ଦ୍ରୀୟ ଟ୍ରେଡ ୟୁନିୟନର ମିଳିତ ମଞ୍ଚ କର୍ମକର୍ତ୍ତା।

# କାର୍ଯ୍ୟ ସମୟ ଅବଧି ବୃଦ୍ଧି, ୪ ଶ୍ରମ ସଂହିତାକୁ ବିରୋଧ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

ସରକାରଙ୍କ ୮ରୁ ୧୦ ଘଣ୍ଟା କାର୍ଯ୍ୟ ସମୟ ବୃଦ୍ଧି ଏବଂ ୪ଟି ଶ୍ରମ ସଂହିତା ଲାଗୁ ବିରୋଧରେ ବୁଧବାର କେନ୍ଦ୍ରୀୟ ଟ୍ରେଡ ୟୁନିୟନର ମିଳିତ ମଞ୍ଚ ଏବଂ ଆଇଏଫ୍‌ଜିଏଲ୍ ରିଫ୍ରାକ୍ଟୋରିଜ ୱାର୍କର୍ସ ୟୁନିୟନ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ସ୍ମାରକପତ୍ର ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୧।୧୧।୨୦୨୫ରିଖଠାରୁ ଶ୍ରମିକ ବିରୋଧୀ, ନିଯୁକ୍ତିଦାତା – ସମର୍ଥକ ଶ୍ରମ ସଂହିତାର ଏକପାଖିଆ କାର୍ଯ୍ୟକାରିତାକୁ କେନ୍ଦ୍ର ଟ୍ରେଡ ୟୁନିୟନର ମିଳିତ ମଞ୍ଚ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହାକୁ ଦେଶର ଶ୍ରମିକଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ପ୍ରତାରଣାମୂଳକ ବୋଲି କୁହାଯାଇଛି। ଏହା ବ୍ୟତୀତ ମହିଳା ଶ୍ରମିକଙ୍କ ପାଇଁ ରାତି ସିଫ୍ଟ କାମ ନିଷିଦ୍ଧ ଥିଲା। କିନ୍ତୁ ଏହାକୁ ଏକପାଖିଆ ଭାବରେ ପରିବର୍ତ୍ତନ କରାଯାଇଛି। ରାଜ୍ୟରେ ଅପରାଧର ପୃଷ୍ଠଭୂମିରେ ମହିଳାମାନଙ୍କ ପାଇଁ ରାତ୍ରି ସିଫ୍ଟ କାମ ସେମାନଙ୍କ ସୁରକ୍ଷା ପାଇଁ ବହୁତ ସମସ୍ୟା ସୃଷ୍ଟି କରିବ। ଏହି ପୃଷ୍ଠଭୂମିରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ସ୍ୱାଧୀନ ଫେଡେରେଶନଗୁଡ଼ିକର ମିଳିତ ମଞ୍ଚ ୪ଟି ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ଏବଂ ମହିଳା ଶ୍ରମିକଙ୍କ ପାଇଁ କାର୍ଯ୍ୟ ସମୟ, ଓଭରଟାଇମ ଅବଧି ଏବଂ ରାତ୍ରି ସିଫ୍ଟ କାମ ବୃଦ୍ଧି ପାଇଁ କାରଖାନା ଆଇନରେ ଓଡ଼ିଶା ସରକାର ଆଣିଥିବା ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି ବୋଲି ମିଳିତ ମଞ୍ଚ ପକ୍ଷରୁ ଉଲ୍ଲେଖ କରାଯାଇଛି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଏହି ଶ୍ରମିକ ବିରୋଧୀ ପଦକ୍ଷେପ ପ୍ରତି ଶ୍ରମିକମାନେ ସେମାନଙ୍କର ପ୍ରତିବାଦ ପ୍ରକାଶ କରିବା ସହିତ ସେମାନଙ୍କୁ ସେମାନଙ୍କର କଠିନ ମାଲିକାନା ଅଧିକାରକୁ ସୁରକ୍ଷା ଦେବା ପାଇଁ ଅଧିକ ସମୟ ଶିଳ୍ପ କାର୍ଯ୍ୟ କରାଇବାକୁ ବାଧ କରାଯିବା ଉଚିତ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। ଶ୍ରମିକ ସଙ୍ଗଠନ ନେତା ଜାହାଙ୍ଗୀର ଅଲ୍ଲୀ ଏବଂ ଯଜାତୀ କେଶରୀ ସାହୁଙ୍କ ନେତୃତ୍ୱରେ ଟ୍ରେଡ ୟୁନିୟନର ମିଳିତ ମଞ୍ଚ ପକ୍ଷରୁ ଅଜିତ କୁମାର ଦାସ, ସୁଜିତ କୁମାର ସାମଲ, ସୁବୋଧ ଦାସ, ସୁବାସ ଜେନା, ରଞ୍ଜିତ ତିର୍କୀ, ସୁମନ୍ତ ପ୍ରଧାନ, ସାବିତ୍ରୀ ପାନ୍ନା, ପଦ୍ମା କିସାନ, ଗୋପାଳ ମାଝି, ରାଜେଶ ବାର୍ଲା ପ୍ରମୁଖଙ୍କ ପକ୍ଷରୁ ଉଦିତନଗରସ୍ଥିତ ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ରାଉରକେଲା ପୂର୍ଣ୍ଣାଙ୍ଗ ବିମାନବନ୍ଦର ଦାବି

# ଜାନୁଆରୀ ୧ରୁ ରାଉରକେଲା ଏୟାରପୋର୍ଟ କ୍ରିୟାନୁଷ୍ଠାନ କମିଟିର ଧାରଣା

ରାଉରକେଲା,୧୦।୧୨(ସଙ୍ଗୀତା ଜେନା)

ରାଉରକେଲା ବିମାନବନ୍ଦରର ଉନ୍ନତିକରଣ ଏବଂ ଉଡ଼ାଣ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ପ୍ରତିଶ୍ରୁତି ଦିଆଯାଇଥିବା ବିମାନବନ୍ଦର ଭିତ୍ତିଭୂମି ବିକାଶ ଏବଂ ପୂର୍ଣ୍ଣ-ସ୍ତରର ବାଣିଜ୍ୟିକ ଉଡ଼ାଣ ସେବା ପୁନଃ ଆରମ୍ଭ କରିବା ଦାବି କରି ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ୨୦୨୬ ଜାନୁଆରୀ୧ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ କରିବ ବୋଲି ଘୋଷଣା କରିଛି। ଏହି ଯୋଜନାବଦ୍ଧ ଆନ୍ଦୋଳନ ୨୦୨୫ ଜାନୁଆରୀ ୧ରେ କମିଟି ଦ୍ୱାରା ଆରମ୍ଭ ହୋଇଥିଲା। ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ପରେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ତାହା ଅପୂର୍ଣ୍ଣ ରହିଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଫେବୃଆରୀ ୧, ୨୦୨୫ ରେ ରାଉରକେଲା ଗସ୍ତରେ ଆସିଥିଲେ। ଉକ୍ତ ସମୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ରାଉରକେଲା ବିମାନସେବା ଲାଇସେନ୍ସପ୍ରାପ୍ତ ସୁବିଧାରେ ଉନ୍ନୀତ କରାଯିବ। ଯେଉଁଥିରେ ଇନଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ ଏବଂ ରାତ୍ରି ଲ୍ୟାଣ୍ଡିଂ ସିଷ୍ଟମ କ୍ଷମତା ସ୍ଥାପନ ସହିତ ଅତି କମରେ ୨.୮ କିଲୋମିଟର ରନୱେ ରହିବ।

# ଫୁଲବାରୀ ଗାଁରେ ପାଇପ୍ ଜଳ ଯୋଗାଣ ବନ୍ଦ

ବଡ଼ଗାଁ,୧୦।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗାଁରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା ପରିଚାଳିତ ପାଇପ୍ ଜଳଯୋଗାଣ ୧୫ ଦିନ ହେଲା ବନ୍ଦ ହୋଇଯାଇଛି। ମୋଟର ଖରାପ ଥିବାରୁ ଜଳଯୋଗାଣ ହୋଇପାରୁନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୧ ପରିବାର ଏହି ପାଇପ୍ ଜଳ ଉପରେ ନିର୍ଭର କରିଥାନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜଂଘା ବଡ଼ଦେଓଙ୍କ ବାର୍ଷିକ ଉତ୍ସବ

ବଡ଼ଗାଁ,୧୦।୧୨(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡ଼ାଲଗା ପଞ୍ଚାୟତର ବାଉଁସେନ ଜଂଘା ବଡ଼ଦେଓଙ୍କ ମନ୍ଦିରରେ ବାର୍ଷିକ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ ଜିଲା ତଥା ଆଖପାଖ ରାଜ୍ୟର ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତିରେ ପୂଜକ ଉପେନ୍ଦ୍ର ନାଏକ ପୂଜାକାର୍ଯ୍ୟ ତୁଲାଇଥିଲେ। ଗୋଁଡ଼ ସମାଜର ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଭୋଇ ମୁଖ୍ୟ ଅତିଥିଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତୁଡ଼ାଲଗା ସର୍କଲ ସଭାପତି ଘନଶ୍ୟାମ ଭୋଇ, ସମାଜ କର୍ମକର୍ତ୍ତା ଓ କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ପୂଜା ମହୋତ୍ସବ ପରିଚାଳିତ ହୋଇଥିଲା। ପୂଜା ପରିଚାଳନା କମିଟିର ସଭାପତି ଭଗବାନ୍ ମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ଅମରସିଂ ମାଝୀ ସହଯୋଗ କରିଥିଲେ। ତୁଡ଼ାଲଗା ଗ୍ରାମର ସ୍ୱର୍ଗତ ଗୋକୁଳ ଭୋଇଙ୍କ ପ୍ରଚେଷ୍ଟାରେ ବାଉଁସେନ ଜଂଘା ବଡ଼ଦେଓ ମନ୍ଦିରର ପ୍ରତିଷ୍ଠା ହୋଇଥିଲା।


## Classified Everyday
0674-2580101, 9692975378




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Koushika Dansana, S/o.- Jagu Dansana, R/o.- Grindola, P.S.- Lakhanpur, Dist.- Jharsuguda, Odisha, 768217 declared by this affidavit vide No.- 6, Dtd. 23.09.25 that from today and onwards I shall be known as Koushika Dansana for all purpose. D-2792

By virtue of an affidavit sworn before the Executive Magistrate, Loisingha, dated 10.12.2025, I, Saroj Kumar Rana, R/o. village/ P.O.- Jamutbahal, P.S.- Gaisilet, Dist.- Bargarh, Odisha declare that I have changed the name of my son from Palliraj Kumar Rana to Tesanth Kumar Rana. Henceforth, he shall be known as Tesanth Kumar Rana for all purposes.
Saroj Kumar Rana D-2793

By virtue of an affidavit sworn before the Executive Magistrate, Balasore, dated 26.11.2025, I, Kamalakanta Mallick having Aadhaar No. xxxx xxxx 8225, At/P.O.- Sartha, Via- Haladipada, Dist.- Balasore, Odisha-756027 declared that all of my qualification certificate and other documents my surname is Mallick which is correct. But one of my SB Account IDBI Bank unfortunately the surname is Mallik which is incorrect. I declared that my correct name is Kamalakanta Mallick for all purposes. D-2794

Bimala Karnani, W/o. Gourishankar Karnani, R/o. Baripada, Mayurbhanj, Odisha-757001, henceforth is known as Bimla Karnani. D-2795

By virtue of an affidavit sworn before the Executive Magistrate, Bonth, Bhadrak, No.- 1800, Dtd.- 12.08.25, I, Pravati Samal, W/o.- Sushanta Kumar Behera, R/o. Village- Bagadia, P.O.- Ratina, P.S.- Khaira, Dist.- Balasore, PIN- 770016, Odisha declare that I have changed my name from Kabita Biswal to Pravati Samal. Henceforth, I shall be known as Pravati Samal for all purposes. D-2797

I, MAHESWAR DORA, S/o.-DASADORA, Village-PURUNA JANIGUDA, P.O.- BIJAPUR, P.S.- BORIGUMMA, Dist.- KORAPUT, ODISHA-764056 solemnly declare that I have changed my minor son's name "BHAKTI DOARA" (OLD NAME) to "JAMU DORA" (NEW NAME) on dated 29.10.2025 before "NOTARY PUBLIC", Borigumma. Henceforth, "BHAKTI DOARA" (OLD NAME) shall be known as "JAMU DORA" (NEW NAME) for all future purposes. D-2796

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

### ମନେ ପଡ଼ନ୍ତି
**ଏକାଦଶାହ ଉପଲକ୍ଷେ**



**୰ ପ୍ରଶାନ୍ତ କୁମାର ସେନାପତି**
ସତ୍ୟମାଳ ଭବନ, ଥୋରିଆ ସାହି, ମଙ୍ଗଳାବାଗ, କଟକ
ପ୍ଲଟ ନଂ. ଏନ ୬/୧୭୪, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୩/୦୪/୧୯୪୭
ତିରୋଧାନ : ୦୧/୧୨/୨୦୨୫
'ତେରା ବୈଭବ ଅମର ରହେ ମା, ହମ୍ ଦିନ୍ ଚାର ରହେ ନା ରହେ ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**୰ନୀଳିମା ଜେନା**
ଆବିର୍ଭାବ :୦୪.୦୨.୧୯୬୯
ତିରୋଧାନ : ୦୪.୦୧.୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ତୁମର ସ୍ନେହ ଓ ଅବଦାନ ସେତେ ବେଶୀ ମନେ ପଡୁଛି। ସାରା ଜୀବନ ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ : ମାନଗୋବିନ୍ଦ
ଓ
ପୁଅ : ବାପୁଲୁ, ବୋହୂ : ମୋନା


# ଏଆଇଡିୱାଇଓର ବିକ୍ଷୋଭ

ରାଉରକେଲା, ୧୦।୧୨(ସଙ୍ଗୀତା ଜେନା)



ପାନପୋଷ ସବ୍ କଲେକ୍ଟର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍ (ଏଆଇଡିୱାଇଓ) ରାଉରକେଲା କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ପାନପୋଷ ସବ୍‌କଲେକ୍ଟର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବେକାର ସମସ୍ୟାର ସ୍ଥାୟୀ ସମାଧାନ, ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷା ଗୁଡ଼ିକର ପ୍ରଶ୍ନପତ୍ର ଲିକ୍ ଏବଂ ଦୁର୍ନୀତି ବିରୋଧରେ ଉପଯୁକ୍ତ ଏବଂ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭାଗ ଗୁଡ଼ିକରେ ଖାଲିଥିବା ସମସ୍ତ ପଦବୀ ଅବିଳମ୍ବେ ପୂରଣ କରିବା ସହ ନୂତନ ସୁଯୋଗ ସୃଷ୍ଟି କରିବା, ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା, ଠିକା କର୍ମଚାରୀଙ୍କୁ ସରକାରୀ କର୍ମଚାରୀଙ୍କ ମାନ୍ୟତା ଦେବା ସହ ସର୍ବନିମ୍ନ ମଜୁରୀ ଏବଂ ସାମାଜିକ ସୁରକ୍ଷା ପ୍ରଦାନ କରିବା, ବେକାରୀ ମାନଙ୍କୁ ରୋଜଗାର ନମିଳିବା ପର୍ଯ୍ୟନ୍ତ ସମ୍ମାନଜନକ ଭାବେ ଜୀବନଧାରଣ କରିବା ପାଇଁ ଭତ୍ତା ପ୍ରଦାନ କରିବା ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଆଇଡିୱାଇଓର ସର୍ବଭାରତୀୟ କମିଟି ଆହ୍ୱାନକ୍ରମେ ସମଗ୍ର ଭାରତବର୍ଷରେ ଏହା କରାଯାଇଛି। ଏହି ଅବସରରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାନପୋଷ ସବ୍‌କଲେକ୍ଟରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସମାବେଶରେ ଜିଲା ସଭାପତି ଜଷ୍ଟିନ୍ ଲୁଗୁନ୍ , ଆଲୋକ ବେହେରା, ବିଜୟ ସାହୁ, ସୁଶୀଲ ବାରିକ, ରଶ୍ମୀରନ ମଲ୍ଲିକ, ଅଶୋକ କୁମାର, ରମାକାନ୍ତ ଗୋଚ୍ଛାୟତ୍ ପ୍ରମୁଖ ଯୋଗଦେଇଥିଲେ।

# ସାଂସଦ ଖେଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)



ମଶାଲକୁ ଶୋଭାଯାତ୍ରାରେ ନିଆଯାଉଛି।

ସାଂସଦ ଖେଳ ମହୋତ୍ସବର ମଶାଲ ଶୋଭାଯାତ୍ରା ବୁଧବାର ରାଉରକେଲାର ପାନପୋଷ ସ୍ଥିତ ହକି ଛକଠାରେ ରାଉରକେଲା ବିଧାନ ସଭା କ୍ଷେତ୍ରକୁ ହସ୍ତାନ୍ତର କରାଯାଇଥିଲା। ଏହି ମଶାଲକୁ ଭାଜପାର ବରିଷ୍ଠ କର୍ମୀ ଗଙ୍ଗାଧର ଦାଶ ଧରି ପାନପୋଷ ଛକ, ରାଉରକେଲାର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିବା ପରେ ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମରେ ପହଞ୍ଚିଥିଲା। ମଶାଲ ଶୋଭାଯାତ୍ରା ସମୟରେ ରାସ୍ତାର ବିଭିନ୍ନ ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଷ୍ଟାଡିୟମରେ ମଶାଲ ପହଞ୍ଚିବା ମାତ୍ରେ ସମସ୍ତ ଖେଳ ଶିକ୍ଷକ ଓ ଖେଳାଳି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିବା ବେଳେ ରାଉରକେଲା କ୍ଷେତ୍ରର ସଂଯୋଜକ ପ୍ରକାଶ ପାଶୱାନ ସଂଯୋଜନା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସାଫଲ୍ୟ କରିବା ପାଇଁ ଜଲାପାଳ ଡ. ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଅତିରିକ୍ତ ଜିଲାପାଳ ଧୀନା ଦସ୍ତାଗୀର, ରାଉରକେଲା ଏସପି ନୀତେଶ ୱାଧୱାନୀ, ଜିଲା ଖେଳ ଡେପୁଟି ଡାଇରେକ୍ଟରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ସଂଯୋଜକ ପ୍ରକାଶ ପାଶୱାନ, ସହ ସଂଯୋଜକ ଲଖନ ଲୋହାର, ଜିଲା ସଂଯୋଜକ ଦିଲ୍ଲୀପ ପଟ୍ଟନାୟକ, ରଘୁନାଥପଲ୍ଲୀ ସଂଯୋଜକ ମନୋରଞ୍ଜନ ମୁନି, ସହ ସଂଯୋଜକ ସୁଶାନ୍ତ ମହାପାତ୍ର, ଶଶାଙ୍କ ଶେଖର ଜେନା, ରୋସନ ସାହୁ, ଗିତା ସିଂ, ବଟକୃଷ୍ଣ ନାୟକ, ପ୍ରତାପ ପଟ୍ଟନାୟକ, ମନୋଜ ଦାସ, ଅନିଲ ମହାନନ୍ଦିଆ, ଆଶୁତୋଷ ଦାସ, ଦୁର୍ଗା ମାଇତି, ଅଭୟ ବେହେରା, ଅନିଲ ଅଗ୍ରୱାଲ, ମାଳତୀ ସିଂ, ହିରନ୍ୟ ପ୍ରାସାଦ ସାହୁ , ହାପି ତନ୍ତୀ, ଶାନ୍ତନୁ ଦାସ, ଜିତେନ୍ଦ୍ର ରାୟ, ପ୍ରହଲ୍ଲାଦ ତନ୍ତୀ, ସତ୍ୟଜିତ ପ୍ରଧାନ, କୋଚ ଶିବ ମିଶ୍ର ଉପସ୍ଥିତ ଥିଲେ। ଏହି ଯାତ୍ରାରେ ଶତାଧିକ ଲୋକ ଅଂଶ ଗ୍ରହଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍ୱଦେଶୀ ସପ୍ତାହ ହାଟ

**ନାକଟିଦେଉଳ,୧୦।୧୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ଶିଶୁ ମନ୍ଦିରରେ ସ୍ୱଦେଶୀ ସପ୍ତାହ ପାଳନ ଅବସରରେ ବୁଧବାର ଶିଶୁମାନଙ୍କ ଦ୍ୱାରା ସ୍ୱଦେଶୀ ହାଟ ଆୟୋଜିତ ହୋଇ ଯାଇଛି। ପରିଚାଳନା ସମିତି ସଭାପତି ବିରଞ୍ଚି ଶଙ୍କର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତି ଉପସଭାପତି ଗୀତାଞ୍ଜଳି ପ୍ରଧାନ, ସମ୍ପାଦକ ପୁରୁଷୋତ୍ତମ ବେହେରା, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଅଦାବର, କୋଷାଧ୍ୟକ୍ଷ ତରୁଣ ମେହେର ଏହି ହାଟ ପରିଦର୍ଶନ କରି ଶିଶୁଙ୍କଠାରୁ ଜିନିଷ କିଣି ଉତ୍ସାହିତ କରିଥିଲେ। ପ୍ରାୟ ୨୮୦ଟି ଦୋକାନ ବସିଥିଲା। ହାଟରେ ପନିପରିବା, ହାଣ୍ଡି, ମାଠିଆ, ଦୀପ ଇତ୍ୟାଦି ମାଟି ଜିନିଷ ସହିତ ଖିଲି, ଚଉତି, ଦାନ୍ତକାଠି, ହାତ ତିଆରି ବାଉଁସ ଡାଲା, କୁଲା, ଟୋକେଇ, ଓ ଜଙ୍ଗଲ ଯାତ ଦ୍ରବ୍ୟ ହାଟରେ ବିକ୍ରି ହେଉଥିଲା। ଖାଦ୍ୟ ଦ୍ରବ୍ୟରେ ରାଶିଲଡୁ ମୁଢ଼ିଲଡୁ ବିଭିନ୍ନ ପ୍ରକାର ପିଠା ଝାଲମୁଢ଼ି, ଗୁପଚୁପ, ଚଟପଟି ଚାଟ ବସିଥିଲା। ଜିଲ୍ଲା ପରିଷଦ ସଭ୍ୟା ଟିକେଶ୍ୱରୀ ମେହେର ବୈଷୟିକ ଶିକ୍ଷା ଓ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ବୁଝାଇଥିଲେ । ବିଦ୍ୟାଳୟ ବିଦ୍ୟୁତ୍ ପରିଷଦ ସଭାପତି ତଥା ନାକଟୀଦେଉଳ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧିର କୁମାର ସାହୁ ଓ ସହକର୍ମୀ ହାଟ ପରିଦର୍ଶନ କରି ଶିଶୁମାନଙ୍କ ହାଟ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ପାଇବା ସହିତ ସ୍ୱଦେଶୀ ଜିନିଷ ପ୍ରତି ଆଗ୍ରହ ଓ ପର୍ଯ୍ୟାବରଣ ସୁରକ୍ଷା ପ୍ରତି ଅତ୍ୟନ୍ତ ସହଯୋଗ ବୋଲି ମତ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଓ ବିଦ୍ୟାଳୟ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଖବରଦାତାଙ୍କ ବିୟୋଗରେ ଶୋକସଭା

**କୁଚିଣ୍ଡା,୧୦।୧୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ସାମ୍ବାଦିକ ଭବନରେ ବୁଧବାର ରେଢ଼ାଖୋଲର ବୈଦ୍ୟୁତିକ ଖବରଦାତା ସ୍ୱର୍ଗତ ରମାକାନ୍ତ ମହାନନ୍ଦଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ଦୀନେଶ କୁମାର ନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ସଂଘ ସାଧାରଣ ସମ୍ପାଦକ ତପନ ଦାସ, ସମ୍ପାଦକ ମନିଷ ତିୱାରି,କୋଷାଧ୍ୟକ୍ଷ ସୁଧିର ମହାନ୍ତି, ବିରଞ୍ଚି ନାରାୟଣ ଦର୍ଜୀ, ଦେବେନ୍ଦ୍ର ବେହେରା, ରିଙ୍କୁ କୁସୁମ, ଅମୂଲ୍ୟ ମିଶ୍ର, ତନୟ ମହାପାତ୍ର, ସୌମ୍ୟରଞ୍ଜନ ଧଳ, ହୃଦୟଚନ୍ଦ୍ର ପଟେଲ ପ୍ରମୁଖ ସାମିଲ ହୋଇ ଦିବଙ୍ଗତ ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଗତ ସୋମବାର ମହାନନ୍ଦ ଖବର ସଂଗ୍ରହ ପାଇଁ ରେଢ଼ାଖୋଲରୁ ନାକଟିଦେଉଳକୁ ଯାଉଥିବା ସମୟରେ ଏକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। କର୍ତ୍ତବ୍ୟନିଷ୍ଠ ଖବରଦାତାଙ୍କ ପାଇଁ ରାଜ୍ୟ ସରକାରଙ୍କ ୨୦ଲକ୍ଷ ଟଙ୍କାର ସହାୟତା ରାଶି ସହ ତାଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଯୋଗାଇ ଦେବାକୁ ଶ୍ରଦ୍ଧାଞ୍ଜଳିସଭାରେ ଦାବି କରାଯାଇଥିଲା।

# ମାନବାଧିକାର ଜନସାଧାରଣଙ୍କ ଅଧିକାର, ସୁରକ୍ଷାର ଗ୍ୟାରେଣ୍ଟି: ରାଜ୍ୟପାଳ

## ସମ୍ବଲପୁରରେ ରାଜ୍ୟସ୍ତରୀୟ ବିଶ୍ୱ ମାନବାଧିକାର ଦିବସ ସମାରୋହ

**ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର)**

ମାନବାଧିକାର କେବଳ ଆଇନର ପାଠ୍ୟକ୍ରମ ବା ଦସ୍ତାବିଜରେ ସୀମିତ ନୁହେଁ ବରଂ ଜନସାଧାରଣଙ୍କ ଅଧିକାର ଓ ସୁରକ୍ଷାର ଗ୍ୟାରେଣ୍ଟି। ଏହା ପ୍ରତ୍ୟହ ମଣିଷର ମର୍ଯ୍ୟାଦା, ସ୍ୱାଧୀନତା, ନ୍ୟାୟ ଏବଂ ସମାନତାକୁ ନିଶ୍ଚିତ କରିଥାଏ। ଓଡ଼ିଶା ମାନବିକ ଅଧିକାର ଆୟୋଗ ଆନୁକୂଲ୍ୟରେ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମାନବାଧିକାର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି।

୧୯୪୮ ମସିହାରେ ଜାତିସଂଘ ସାଧାରଣ ସଭା ଦ୍ୱାରା ମାନବାଧିକାରର ସାର୍ବଜନୀନ ଘୋଷଣାକୁ ସ୍ମରଣକରି ରାଜ୍ୟପାଳ କହିଥିଲେ, ଜନତାଙ୍କ ଅଧିକାର ସୁରକ୍ଷିତ ହେଲେ ସମାଜ ସୁଦୃଢ଼ ହୋଇଥାଏ। ତେଣୁ ମାନବାଧିକାର ଅକ୍ଷୁଣ୍ଣ ରଖିବାକୁ ସାମୂହିକ ପ୍ରତିବଦ୍ଧତା ଜରୁରୀ। ବିଶ୍ୱ ମାନବାଧିକାର ଦିବସ ଚଳିତବର୍ଷର ଶୀର୍ଷକ 'ମାନବାଧିକାର ଆମର ଦୈନନ୍ଦିନ ଆବଶ୍ୟକତା' ଉପରେ ଆଲୋକପାତକରି ସେ କହିଥିଲେ ଯେ ଶିକ୍ଷା, ଅଭିବ୍ୟକ୍ତିର ସ୍ୱାଧୀନତା, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ପରିବେଶ, ଖାଦ୍ୟ, ପାନୀୟଜଳ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଅଧିକାର ମାନବିକ ମର୍ଯ୍ୟାଦାର ମୂଳଦୁଆ ଗଠନ ସମାଜକୁ ସମୃଦ୍ଧ କରିଥାଏ। ମାତ୍ର ଏଥିରେ ବ୍ୟତିକ୍ରମ ସମାଜରେ ଅବକ୍ଷୟକୁ ନିମନ୍ତ୍ରଣ ସଦୃଶ। ବିଶ୍ୱସ୍ତରରେ ୟୁନିଭର୍ସାଲ ଡିକ୍ଲାରେଶନ ଅଫ୍ ହ୍ୟୁମାନ ରାଇଟ୍ସ(ୟୁଡିଏଚ୍‌ଆର୍) ପ୍ରସ୍ତୁତିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତକରି କହିଥିଲେ, ଭାରତ ପ୍ରାରମ୍ଭରୁ ବର୍ଣ୍ଣବୈଷମ୍ୟ ଭଳି ପ୍ରସଙ୍ଗ ଉଠାଇବା ସହ ଜାତିସଂଘ ଶାନ୍ତିରକ୍ଷା ପ୍ରସଙ୍ଗରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ମାନବାଧିକାରକୁ ସୁଦୃଢ଼ କରିଥିବା କହିଥିଲେ। ଏହି ଅବସରରେ ସେ ଓଡ଼ିଶା ମାନବାଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀଙ୍କ ନେତୃତ୍ୱରେ ଆୟୋଗର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଏହି ସମାରୋହରେ ମାନବାଧିକାର କର୍ମୀ ତଥା ରମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡା ୱିଲ୍‌ସନ୍, ପୂର୍ବତନ ଡିଜିପି ଡ. ସତ୍ୟଜିତ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମାନବାଧିକାର ଆୟୋଗର ଅନ୍ୟତମ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ବକ୍ତବ୍ୟ ରଖୁଛନ୍ତି।

# ସିଆରପିଏଫ୍ ଗ୍ରୁପ୍ ସେଣ୍ଟର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୦।୧୨(ବି.ଶଙ୍କର)**

ସିଆରପିଏଫ ଗ୍ରୁପ ସେଣ୍ଟର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ଗୋଶାଳା ସ୍ଥିତ ବଜାର ପରିସରରେ ବୁଧବାର ଆୟୋଜନ ହୋଇଛି। ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନର ଅଂଶ ଭାବେ କାର୍ଯ୍ୟକ୍ରମ ହୋଇଥିଲା । ସିଆରପିଏଫ ଗ୍ରୁପ ସେଣ୍ଟର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାଜେନ୍ଦ୍ର କୁମାର, ସମ୍ବଲପୁର ଜିଲା କଳାମାଟି ସରପଞ୍ଚ ସୁଷମା ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟା ସଞ୍ଜୁକ୍ତା ପ୍ରଧାନ ଏବଂ ସିଆରପିଏଫ କର୍ମଚାରୀଙ୍କ ସମେତ ମହିଳାମାନେ ଅଂଶଗ୍ରହଣ କରିଥିଲେ। ସେମାନେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନର ଗୁରୁତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କୁ ସଫେଇ ଅଭିଯାନରେ ଯୋଗଦେବା ସହ ଅନ୍ୟମାନଙ୍କୁ ଏକ ଶକ୍ତିଶାଳୀ ଏବଂ ସ୍ୱଚ୍ଛ ରାଷ୍ଟ୍ର ଗଠନରେ ପ୍ରେରଣା ଦେବାକୁ ଅନୁରୋଧ କରାଯାଇଥିଲା।



ସିଆରପିଏଫ ଗ୍ରୁପ ସେଣ୍ଟର ସଫେଇ କରାଯାଉଛି।

# ଜଳଯୋଗାଣ ବିଭାଗରେ ସ୍ଥାୟୀ ନିଯୁକ୍ତି ଦାବି

## ଓଡ଼ିଶା ପାଇପଜଳ କର୍ମଚାରୀ ସଂଘ ବୈଠକ

**ସମ୍ବଲପୁର,୧୦।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜୀବନ କ୍ଲବ ମୁଦିପଡାଠାରେ ଓଡ଼ିଶା ପାଇପଜଳ କର୍ମଚାରୀ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ବଲପୁର ମହାନଗର ନିଗମରେ ପାନୀୟ ଜଳର ବହୁଳ ଆବଶ୍ୟକତାକୁ ସରକାର ତ୍ୱରାନ୍ୱିତ କରି ୧୭୬ ଏମଏଲ୍‌ଡି ଜଳଯୋଗାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ ବିଭାଗରେ କାର୍ଯ୍ୟରତ ସିଏଲଆରଡିଏଲଆର, ଏନସିଲ, କର୍ମଚାରୀଙ୍କୁ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି ପ୍ରଦାନ କରିବା, ୧୨।୪।୯୩ ପରବର୍ତ୍ତୀ ଏଚଆର କର୍ମଚାରୀଙ୍କୁ ଖାଲିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ୩୦ବର୍ଷ ରେଗୁଲାର କାମ କରିଥିବା କର୍ମଚାରୀଙ୍କ ଏମ୍‌ଏସିପି ଯଥା ସମ୍ଭବ ପ୍ରଦାନ, ବାର୍ଷିକ ପ୍ରମୋସନ ଜରିଆରେ ବିଭାଗରେ ଖାଲିଥିବା ଫୋରମ୍ୟାନ, ମେକାନିକ, ଇଲେକ୍ଟ୍ରିସିଆନ, ଫିଟର, ପମ୍ପ ଡ୍ରାଇଭର ପଦରେ ବରିଷ୍ଠତା ଭିତ୍ତିରେ ପ୍ରମୋସନ ଦେବା ବିଷୟରେ ଆଲୋଚନା କରାଯାଇଥିଲା। ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପାଣ୍ଡେ, ଜୋନାଲ ସମ୍ପାଦକ ଫକିରା ଖାନ, ଉପଦେଷ୍ଟା ଶେଷଦେବ କାଣ୍ଡ, ଖଣ୍ଡ ସମ୍ପାଦକ ସଞ୍ଜୟ ପଟେଲ, ଚନ୍ଦ୍ରଜିତ ବେସନ, ଶାଖା ସମ୍ପାଦକ ଅରୁଣ ସୁରଜାଳ, ଗଣେଶ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ରବି ବାଗ, ସୁରେନ୍ଦ୍ର ନାଗ ମଞ୍ଚାସୀନ ଥିଲେ। ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବ ବୋଲି ମତବ୍ୟକ୍ତ କରିଥିଲେ।

# Classified Everyday

0674-2580101, 9692975378




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Koushika Dansana, S/o.- Jagu Dansana, R/o.- Grindola, P.S.- Lakhanpur, Dist.- Jharsuguda, Odisha, 768217 declared by this affidavit vide No.- 6, Dtd. 23.09.25 that from today and onwards I shall be known as Koushika Dansana for all purpose. D-2792

By virtue of an affidavit sworn before the Executive Magistrate, Loisingha, dated 10.12.2025, I, Saroj Kumar Rana, R/o. village/ P.O.- Jamutbahal, P.S.- Gaisilet, Dist.- Bargarh, Odisha declare that I have changed the name of my son from Palliraj Kumar Rana to Tesanth Kumar Rana. Henceforth, he shall be known as Tesanth Kumar Rana for all purposes.
Saroj Kumar Rana D-2793

By virtue of an affidavit sworn before the Executive Magistrate, Balasore, dated 26.11.2025, I, Kamalakanta Mallick having Aadhaar No. xxxx xxxx 8225, At/P.O.- Sartha, Via- Haladipada, Dist.- Balasore, Odisha-756027 declared that all of my qualification certificate and other documents my surname is Mallick which is correct. But one of my SB Account IDBI Bank unfortunately the surname is Mallik which is incorrect. I declared that my correct name is Kamalakanta Mallick for all purposes. D-2794

Bimala Karnani, W/o. Gourishankar Karnani, R/o. Baripada, Mayurbhanj, Odisha-757001, henceforth is known as Bimla Karnani. D-2795

By virtue of an affidavit sworn before the Executive Magistrate, Bonth, Bhadrak, No.- 1800, Dtd.- 12.08.25, I, Pravati Samal, W/o.- Sushanta Kumar Behera, R/o. Village- Bagadia, P.O.- Ratina, P.S.- Khaira, Dist.- Balasore, PIN- 770016, Odisha declare that I have changed my name from Kabita Biswal to Pravati Samal. Henceforth, I shall be known as Pravati Samal for all purposes. D-2797

I, MAHESWAR DORA, S/o.- DASADORA, Village- PURUNA JANIGUDA, P.O.- BIJAPUR, P.S.- BORIGUMMA, Dist.- KORAPUT, ODISHA-764056 solemnly declare that I have changed my minor son's name "BHAKTI DOARA" (OLD NAME) to "JAMU DORA" (NEW NAME) on dated 29.10.2025 before "NOTARY PUBLIC", Borigumma. Henceforth, "BHAKTI DOARA" (OLD NAME) shall be known as "JAMU DORA" (NEW NAME) for all future purposes. D-2796

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM | UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱ ପ୍ରଶାନ୍ତ କୁମାର ସେନାପତି**
ସତ୍ୟମାଳ ଭବନ, ଓୋରିଆ ସାହି, ମଙ୍ଗଳାବାଗ, କଟକ
ପ୍ଲଟ ନଂ. ଏନ ୬/୧୭୪, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୩/୦୪/୧୯୪୭
ତିରୋଧାନ : ୦୧/୧୨/୨୦୨୫
'ତେରା ବୈଭବ ଅମର ରହେ ମା, ହମ୍ ଦିନ୍ ଚାର ରହେ ନା ରହେ ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ନୀଳିମା ଜେନା**
ଆବିର୍ଭାବ :୦୪.୦୨.୧୯୬୯
ତିରୋଧାନ : ୦୪.୦୧.୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ତୁମର ସ୍ନେହ ଓ ଅବଦାନ ସେତେ ବେଶୀ ମନେ ପଡୁଛି।
ସାରା ଜୀବନ ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ: ମାନଗୋବିନ୍ଦ ଓ
ପୁଅ: ବାପ୍ପୁ, ବୋହୂ: ମୋନା

# ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

**ସମ୍ବଲପୁର,୧୦।୧୨(ବି.ଶଙ୍କର)**

ସମ୍ବଲପୁର ରେଳ ମଣ୍ଡଳରେ ୮୫ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଗତି ରିପୋର୍ଟ ସମୀକ୍ଷା କରିଥିଲେ। ହିନ୍ଦୀ ଭାଷାରେ ଦୈନନ୍ଦିନ କାର୍ଯ୍ୟଗୁଡ଼ିକୁ ବୃଦ୍ଧି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ଗତ ତ୍ରୈମାସିକରେ ଆୟୋଜିତ ହୋଇଥିବା ରାଜଭାଷା କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ହିନ୍ଦୀ ଭାଷାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୨୦ଜଣ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଚୌଧୁରୀ ସେମାନଙ୍କୁ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ମଣ୍ଡଳର ସମସ୍ତ ଶାଖା ଅଧିକାରୀ ବୈଠକରେ ଅଂଶଗ୍ରହଣ କରିଥିଲେ । ପ୍ରଣବ କୁମାର ରାଜଭାଷା ଅଧିକାରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।




ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକରେ ଅତିଥିମାନେ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି।

# ସଚେତନତା ବନାଗ୍ନି ନିରାକରଣର ଏକମାତ୍ର ବାଟ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବନଖଣ୍ଡ ସ୍ତରୀୟ ସଚେତନତା ସଭା

**କୁଚିଣ୍ଡା,୧୦।୧୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା କେନ୍ଦୁପତ୍ର ଶ୍ରମିକ ଭବନରେ ବୁଧବାର ବନଖଣ୍ଡସ୍ତରୀୟ ବନାଗ୍ନି ନିରାକରଣ ଓ ପରିଚାଳନା ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବାମରା ବନ୍ୟପ୍ରାଣୀ ଡିଏଫଓ ବିକ୍ରମଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଆରସିସିଏଫ ଟି.ଅଶୋକ କୁମାର ମୁଖ୍ୟଅତିଥି, କୁଚିଣ୍ଡା କେନ୍ଦୁପତ୍ର ଡିଏଫଓ ତେଜରାଜ ନାଏକ, ସମ୍ବଲପୁର ଡିଭିଜନାଲ ମ୍ୟାନେଜର(ଡିଏମ) ଦିଲୀପ କୁମାର ରାଉତ, ଝାରସୁଗୁଡ଼ା ଡିଏମ ପବିତ୍ର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଉଭୟ ବନ୍ୟପ୍ରାଣୀ ଓ କେନ୍ଦୁପତ୍ର ବିଭାଗର ଅଶେଷ କ୍ଷତି ଘଟୁଥିବା କହିଥିଲେ। ବନ କର୍ମଚାରୀଙ୍କ ସମେତ ଜନ ପ୍ରତିନିଧିମାନଙ୍କ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ହିଁ ବନାଗ୍ନି ନିରାକରଣର ଏକ ମାତ୍ର ବାଟ ବୋଲି କହିଥିଲେ। ସଭାରେ ଯୋଗଦେଇଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ବନସୁରକ୍ଷା କମିଟିର ସଭ୍ୟାସଭ୍ୟ ମାନେ ବନାଗ୍ନି ନିରାକରଣ ଉପରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ରେଞ୍ଜର ଦୀପକ ମହାନନ୍ଦ, ଲକ୍ଷ୍ମୀନାରାୟଣ ନାଏକ, ଗିରିଧାରୀ ପ୍ରଧାନ, ମହେନ୍ଦ୍ର କୁମାର ସାହୁ, କେନ୍ଦୁପତ୍ର ରେଞ୍ଜର ପ୍ରଶାନ୍ତ ହନୁମାନ, ସୁଶାନ୍ତ ସାହୁ, ଅମିତ କୁମାର ପଟେଲ, ସୁସ୍ମିତା ପଟେଲ, ହିମାଂଶୁ ପଟେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାମରା ବନ୍ୟପ୍ରାଣୀ ଏସିଏଫ ରେଶମା ଲାକ୍ରା ସଭା ପରିଚାଳନା କରିଥିବା ବେଳେ କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫରେଷ୍ଟର ଟିକମ କୁମାର ଚୌଧୁରୀ, ରଜନୀକାନ୍ତ ପଟେଲ, ବିଶାଳ ନାୟକ, ଭେଙ୍କଟେଶ୍ୱର ପିଙ୍ଗ, ଫରେଷ୍ଟ ଗାର୍ଡ ଝରଣା ମୟର, ଅନିତା ନାୟକ, ଝରଣା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଟିକେ ଖୁସି ଟିକେ ଦୁଃଖ



ପୂଜା

**କୌ**ଣସି ସୁଯୋଗ ହାତଛଡା ହେବା ପରେ ଯେ କେହି ବି ଅନୁତାପ କରିଥାଆନ୍ତି । ହେଲେ ସେତବେଳକୁ ସବୁକିଛି ଶେଷ ହୋଇଯାଇଥାଏ । ଆଉ ସେଥିରୁ ବା ପୂଜା ହେଗଡେ ବାଦ୍ ପଡିବେ କିପରି ? କଥା କ'ଣ ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟ ହାତଛଡା କରିଛନ୍ତି । କେବଳ ସେତିକି ନୁହେଁ, ଯଦି ସେ ଏହି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଥାଆନ୍ତେ, ତେବେ ସେହି ବ୍ୟାନରରେ ଆଗକୁ ନିର୍ମାଣ ହେବାକୁ ଥିବା ଆଉ ଦୁଇଟି ଫିଲ୍ମରେ ସେ ମଧ୍ୟ ଆକ୍ଟିଂ କରିଥାଆନ୍ତେ । କିନ୍ତୁ ଏଭଳି ଚାନ୍ସକୁ ସେ ହାତଛଡା କରିଛନ୍ତି । ଏହା ପଛରେ ତ ନିଶ୍ଚୟ କାରଣ ଥିବ । ଏ ବିଷୟରେ ପୂଜା କହନ୍ତି, ''ନିକଟରେ ମୋତେ ଏକ ନୂଆ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା । ତାହାର କାହାଣୀ ମଧ୍ୟ ଶୁଣିଥିଲି । ହେଲେ କ'ଣ ହେବ ? ମୁଁ ଏବେ ଏତେ ବ୍ୟସ୍ତ ଯେ ନୂଆ ଫିଲ୍ମରେ ଆକ୍ଟିଂ କରିବାକୁ ମୋ ପାଖରେ ଡେଟ୍ ନାହିଁ । କାରଣ ବର୍ତ୍ତମାନ ଗୋଟିଏ ସିନେମାର ଶୁଟିଂ ଚାଲିଛି । ତା'ପରେ ବ୍ୟାକ୍-ଟୁ-ବ୍ୟାକ୍ ଆଉ ଦୁଇଟି ଫିଲ୍ମର ଶୁଟିଂ ଆରମ୍ଭ ହେବ । ହେଲେ ଏଭଳି ଏକ ଅଫର ମୋ ହାତରୁ ଖସିଗଲା, ତେଣୁ ଦୁଃଖ ଲାଗୁଛି । ୨୦୧୨ରେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଆଉ ଡେବ୍ୟୁ ଫିଲ୍ମର ଟାଇଟଲ ଥିଲା 'ମୁଗାମୋଡ୍ଡି' (ତାମିଲ) ।

## ପ୍ରଶଂସିକା ହେବ ଏମିତି

**ସ**ତରେ ପ୍ରଶଂସିକା ହେବ ଏମିତି । ଦେଖୁନାହାନ୍ତି ଏବେ କେମିତି କରୀନା କପୁରଙ୍କ ମୁହଁରେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ଆଉ ସିଏ କିଏ ଜାଣନ୍ତି ? ସଲମାନ୍ ଖାନ୍ । ହେଲେ ହଠାତ୍ ତାଙ୍କୁ ସେ ପ୍ରଶଂସା କରିବା ପଛରେ ନିଶ୍ଚୟ କିଛି କାରଣ ତ ଥିବ । କଥା କ'ଣ କି ନିକଟରେ କରୀନା ଓରଫ ବେବୋ ନିଜ ରିଲ୍ ଲାଇଫର ସ୍ମରଣୀୟ କଥାଗୁଡିକୁ ସାଙ୍ଗମାନଙ୍କ ସାମ୍ନାରେ ବଖାଣୁଥିଲେ । ଆଉ ସେହି ସସୟରେ ସେ ସଲମାନ୍‌ଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ । ଏ ବିଷୟରେ କରୀନା କହନ୍ତି, ''ସଲମାନ୍‌ଙ୍କ ସହ ମୁଁ କେତୋଟି ସିନେମାରେ ଅଭିନୟ କରିଛି । 'ବଡିଗାର୍ଡ' ଏବଂ 'ବଜରଙ୍ଗୀ ଭାଇଜାନ'କୁ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ସେଥିଲାଗି ମୁଁ ସେମାନଙ୍କ ନିକଟରେ ଋଣୀ ରହିବି । ସେ ଜଣେ ଅଲରାଉଣ୍ଡର । ଯେଉଁ ଭୂମିକା ଦେଲେ ତାହାକୁ ଠିକ୍ ଭାବରେ ତୁଲାଇବାର ଦକ୍ଷତା ତାଙ୍କ ନିକଟରେ ଭରି ରହିଛି । ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ ।'' ସଲମାନ-କରୀନା ଯୋଡିକୁ ୨୦୦୫ରେ ରିଲିଜ ହୋଇଥିବା 'କ୍ୟୁଁ କି'ର ନିର୍ଦ୍ଦେଶକ ଥିଲେ ପ୍ରିୟଦର୍ଶନ ଆଉ ଚିତ୍ରଟି ଆଶାନୁରୂପ ବିଜନେସ କରିଥିଲା । ଏହାପରେ 'ମେଁ ଔର ମିସେସ ଖାନ୍' ଫ୍ଲପ୍ ହୋଇଥିଲା । କିନ୍ତୁ ତା'ପରେ 'ବଡିଗାର୍ଡ' (୨୦୧୧) ବକ୍ସ ଅଫିସରେ ୨୫୨ କୋଟି ଆୟ କରିଥିଲା । ତା'ପରେ କବୀର ଖାନ୍‌ଙ୍କ ନିର୍ଦ୍ଦେଶିତ 'ବଜରଙ୍ଗୀ ଭାଇଜାନ୍' (୨୦୧୫) ରେକର୍ଡଭିତ୍ତିକ ୯୧୮କୋଟି ଇନକମ କରିବାରେ ସକ୍ଷମ ହୋଇଥିଲା । ବର୍ତ୍ତମାନ ସାଜିଦ ନାଦିଓ୍ୱାଦଓ୍ୱାଲାଙ୍କ 'କିକ୍ ୨'ରେ ସଲମାନ ଅଭିନୟ କରିବାକୁ ଯାଉଛନ୍ତି ।



କରୀନା-ସଲମାନ

## ଛାଡ଼ିନି କବିତା ନିଶା



ଶ୍ରୁତି

**ଶ୍ରୁ**ତି ହାସନ କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ସେ ମଧ୍ୟ ଭଲ ଗୀତ ଗାଆନ୍ତି । ତା'ସହ ତାଙ୍କର ଆଉ ଏକ ଗୁଣ ରହିଛି । ତାହା କ'ଣ ଜାଣନ୍ତି ? ସେ ମଧ୍ୟ କବିତା ଲେଖିବାକୁ ପସନ୍ଦ କରନ୍ତି । ଏହା ତାଙ୍କର ଏବେକାର ଅଭ୍ୟାସ ନୁହେଁ । ପିଲାଟି ଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ । ହେଲେ କବିତା ରଚନା ପଛରେ କି କାରଣ ରହିଛି ସେ ବିଷୟରେ ଶ୍ରୁତି କହନ୍ତି, ''ଏକଦା ମୁଁ କ୍ଲାସରେ ଏକ ଛୋଟ କବିତା ଲେଖିଥିଲି । ତାହାକୁ ପଢ଼ି ମୋ ସାଙ୍ଗମାନେ ମୋତେ ଭାରି ପ୍ରଶଂସା କଲେ । ତା'ପରେ ଆମ ସ୍କୁଲ ସାର୍ ମଧ୍ୟ ମୋତେ କବିତା ଲେଖିବାକୁ ବେଶ୍ ଅନୁପ୍ରାଣିତ କରିଥିଲେ । ବାସ୍ ସେବେଠାରୁ କବିତା ଲେଖିବା ଜାରି ରଖିଛି । ତା'ପରେ ଅଭିନୟ ସହ ଜଡିତ ରହିଲେ ମଧ୍ୟ ସମୟ ମିଳିଲେ କବିତାଟିଏ ଲେଖିବାକୁ ପଛାଇ ନ ଥାଏ । ବିଶେଷଭାବରେ କୌଣସି ପ୍ରାକୃତିକ ଦୃଶ୍ୟରାଜି ଦେଖିଲେ ତାହାକୁ ମୁଁ କବିତାରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରେ । ମୋର ଅଧିକାଂଶ କବିତା ପ୍ରକୃତି ଉପରେ ଆଧାରିତ ।'' ଶ୍ରୁତିଙ୍କର ଗାୟିକା ଜୀବନ କେତେବେଳେ ଆରମ୍ଭ ହୋଇଥିଲା ଜାଣନ୍ତି ? ସେତେବେଳେ ତାଙ୍କୁ ହୋଇଥାଏ ମାତ୍ର ୬ ବର୍ଷ । ତାଙ୍କର ପାପା କମଲ ହାସନ୍‌ଙ୍କ ଅଭିନୀତ ତାମିଲ ଫିଲ୍ମ 'ଥାଭିର ମାଗାନ୍'ରେ ସେ ପ୍ରଥମ ଥର ପାଇଁ ଗୀତ ଗାଇଥିଲେ । ତାଙ୍କୁ ତାମିଲ, ତେଲୁଗୁ ବ୍ୟତୀତ ହିନ୍ଦୀ, ଇଂଲିଶ, ଫ୍ରେଞ୍ଚ, ଇଟାଲିୟାନ, ଜର୍ମାନ ଏବଂ ଉର୍ଦ୍ଦୁ ଭାଷା ଭଲ ଭାବରେ ଜଣା । ସବୁଠାରୁ ଖାସ୍ କଥା ହେଲା, କମଲ୍‌ଙ୍କ ଅଭିନୀତ 'ହେ ରାମ୍'ରେ ସେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ । ଅନ୍ୟପକ୍ଷରେ ୨୦୦୯ରେ ରିଲିଜ ହୋଇଥିବା 'ଲକ୍'ରେ ସେ ନାୟିକା ସାଜିଥିଲେ ।

## ମନ କଥା କହିବ ଲାଇନବାଲା



ସ୍ୱପ୍ନା

**ବି**ଦ୍ୟୁତ୍ ବା ଲାଇନ୍ ଖରାପ ହେଲେ ଲାଇନବାଲା ଲୋଡା ପଡନ୍ତି । ହେଲେ ସେମାନଙ୍କ ଜୀବନ ପଛରେ ଅନେକ କାହାଣୀ ଲୁଚି ରହିଛି । ଏମାନଙ୍କ ଜୀବନର ଅକୁହା କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଲାଇନବାଲା' । ଏହାର ପ୍ରଯୋଜନା କରିଛନ୍ତି ସୁକାନ୍ତ କୁମାର ମହାନ୍ତି । ଖାସ୍ କଥା ହେଲା, ଏକ ସତ୍ୟ ଘଟଣାକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା । ଫିଲ୍ମ ବିଷୟରେ ସେ କହନ୍ତି, ''ଏହି ସିନେମାଟି ଏକ ମୌଳିକ ତଥା ସତ ଘଟଣାକୁ ନେଇ ଆଧାରିତ । ଲାଇନବାଲା ଜୀବନରେ ଥିବା ଦୁଃଖକଷ୍ଟକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ । କାହାଣୀକୁ ଶତପ୍ରତିଶତ ଜଷ୍ଟିସ ଦେବାକୁ ମୁଁ ପ୍ରୟାସ କରିଛି । କଳାକାରମାନେ ମଧ୍ୟ ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇଛନ୍ତି । ସିନେମାଟି ଦର୍ଶକାଦୃତ ହେବ ବୋଲି ଆଶା ରଖିଛି ।'' ଏହି ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ । ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ସ୍ୱପ୍ନା । ଅଶ୍ରୁମୋଚନ ମହାନ୍ତି, ଦେବୁ ବ୍ରହ୍ମା, ସୁମନ, ବ୍ରଜ ସିଂ, କୁନାଲ, ବିଜୁ ବଡଜେନା,ପ୍ରତିଭା ପଣ୍ଡା, ମନୀଷା, ରାଜା ଏବଂ ନୀର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି ।



'ମଟରସାଇକେଲ' ଫିଲ୍ମରେ ଜ୍ୟୋତି

## କୁଆଁରୀ ଲାଜ



ସୁଭୋଜିତ

**ନୂ**ଆ ମ୍ୟୁଜିକ ଭିଡିଓ 'କୁଆଁରୀ ଲାଜ' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି । ସ୍ନେହଲତା ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଭିଡିଓରେ ଅଭିନୟ କରିଛନ୍ତ ଜଣାଶୁଣା ଉପସ୍ଥାପକ ସୁଭୋଜିତ ପଣ୍ଡା ଏବଂ ନବାଗତା ଅଭିନେତ୍ରୀ ଆଞ୍ଚଲ । ଅର୍ଚ୍ଚିତା, ଶୁଭେଚ୍ଛା ଏବଂ ପ୍ରଶାନ୍ତଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ । ଏହି ମ୍ୟୁଜିକ ଭିଡିଓର ବିଷୟବସ୍ତୁ ମଧ୍ୟ ଭିନ୍ନ ଧରଣର । ଏକ ଗାଁ ପରିବେଶରେ ସହରରୁ ଆସିଥିବା ଜଣେ ଅଫିସ ଅଧିକାରୀ ଏବଂ ଗାଁର ଜଣେ ଚୁଲବୁଲି ଝିଅ ମଧ୍ୟରେ କିପରି ପ୍ରେମ ସମ୍ପର୍କ ଗଢ଼ିଉଠିଛି ଏବଂ ତାହାର ଫଳ କ'ଣ ହେଉଛି ତାହା ଏଥିରେ ଦେଖିବାକୁ ମିଳିବ । ଗୀତଟିକୁ ରଚନା କରିଛନ୍ତି ସୁବ୍ରତ ଜେନା କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢ଼ୀ । ଆୟୁଷ୍ମାନ ଏବଂ ଯତିସୁନ୍ଦର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । କେ. ଅଭି ଏହାର ସଙ୍ଗୀତ ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ସ୍ନେହଲତା ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ଏବଂ ଶୁଭଶ୍ରୀ ପଣ୍ଡା ପ୍ରଯୋଜନା କରିଛନ୍ତି । ଏହି ଆଲବମଟି ସ୍ନେହଲତା ପ୍ରଡକ୍ସନସର ୟୁଟ୍ୟୁବ ଚ୍ୟାନେଲରେ ରିଲିଜ ହେବ ।

## ଭାଙ୍ଗି ପଡ଼ି ନ ଥିଲେ ହେମା

**ହି**ନ୍ଦୀ ସିନେମା ଜଗତରେ ହେମା ମାଳିନୀ ହେଉଛନ୍ତି ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ । କିନ୍ତୁ ଅଭିନୟ ଜୀବନର ପ୍ରାରମ୍ଭରେ ସେ ଏଭଳି ଏକ ଘଟଣାର ସାମନା କରିଥିଲେ ଯାହା ତାଙ୍କୁ ବେଶ୍ ବ୍ୟଥିତ କରିଥିଲା । ହେଲେ ଘଟଣାଟି କ'ଣ ଥିଲା ଜାଣବେନି ? ସେହି ସମୟରେ ଜଣେ ତାମିଲ ନିର୍ଦ୍ଦେଶକ ସି.ଭି ଶ୍ରୀଧର ତାଙ୍କର ସିନେମା ପାଇଁ ଜଣେ ନୂଆ ନାୟିକା ଖୋଜୁଥାଆନ୍ତି । ଏହାର ଅଡିଶନ ପାଇଁ ହେମା ଯାଇଥିଲେ । କିନ୍ତୁ ତାଙ୍କୁ ଶ୍ରୀଧର କହିଲେ ଯେ, 'ତୁମେ ଏତେ ପତଳା ଯେ ମୋ ଫିଲ୍ମରେ ଅଭିନୟ କରିବାକୁ ଫିଟ୍ ନୁହଁ ।' କିନ୍ତୁ ପରବର୍ତ୍ତୀ ସମୟରେ ହେମା ନିଜର ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାରେ ସକ୍ଷମ ହୋଇଥିଲେ । ଆଉ ଏକ ଖାସ୍ କଥା ହେଲା ସେ କପୁର ଫ୍ୟାମିଲିର ପାଞ୍ଚ ଜଣ ପ୍ରମୁଖ ଅଭିନେତା-ରାଜ କପୁର, ସମ୍ମି କପୁର, ଶଶୀ କପୁର, ରଣଧୀର କପୁର ଏବଂ ରିଷି କପୁରଙ୍କ ସହ ଅଭିନୟ କରିଥିଲେ ।



ହେମା

### ରିଲିଜ ଅପେକ୍ଷାରେ

## ମଟରସାଇକେଲ

**ଆ**ଜିକାଲିର ସମାଜରେ ଯୌତୁକ ଅନ୍ୟତମ ସମସ୍ୟା ଭାବରେ ଉଭା ହୋଇଛି କହିଲେ ଭୁଲ ହେବ ନାହିଁ । ତେଣୁ ଏ ନେଇ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ଏକ ନୂଆ ଓଡ଼ିଆ ସିନେମାର ପ୍ରୟାସ କରାଯାଉଛି । ଉକ୍ତ ଚଳଚ୍ଚିତ୍ରର ଟାଇଟଲ ରହିଛି 'ମଟରସାଇକେଲ' । ଏହାର ନାୟକ ସାଜିଛନ୍ତି ଜ୍ୟୋତି ରଞ୍ଜନ ନାୟକ । ସେ ଏଥିରେ ଜଣେ ସିକ୍ୟୁରିଟି ଗାର୍ଡ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମ ବିଷୟରେ ସେ କହନ୍ତି, ''ଯୌତୁକ ଏଭଳି ଏକ ସମସ୍ୟା ଯାହା ବିଷୟରେ ଆମେ ସଚେତନ ରହିବା ନିହାତି ଦରକାର । ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ।'' ଏହି ସିନେମା ଚଳିତ ମାସ ୧୯ ତାରିଖରେ ରିଲିଜ ହେବାକୁ ଯାଉଛି । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତା ଝୁନିଲତା ବିଶ୍ୱାଳ । ବିଶ୍ୱାଳ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି । ଅଶ୍ୱିନୀ ତ୍ରିପାଠୀ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଲାଇନ୍ ପ୍ରଯୋଜକ ମଧ୍ୟ ଅଛନ୍ତି । ପ୍ରଣବ ପ୍ରସନ୍ନ ରଥ ସଂଳାପ ଲେଖିଛନ୍ତି । ପ୍ରେରଣ ପ୍ରତୀକ୍ଷା ଏହାର ଏକଜିକ୍ୟୁଟିଭ ପ୍ରଯୋଜକ ଏବଂ ଦେବେନ୍ଦ୍ର ବିଶ୍ୱାଳ ସହ ପ୍ରଯୋଜକ ଅଛନ୍ତି । ଗୀତଗୁଡିକ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ । କୁନା ତ୍ରିପାଠୀ, ଅଭିଷେକ ପଣ୍ଡା, ପ୍ରୀତି, ପିଣ୍ଟୁ, ପୃଥ୍ୱୀରାଜ, ଭକ୍ତି, ଟୁକୁନା ଏବଂ ଭାସ୍ୱତୀ ବସୁ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି ।

## ଯାହା ଚାହୁଁଥିଲେ ରଜତ

**ବେ**ଳେବେଳେ ମଣିଷର ଆଶା ଶୀଘ୍ର ପୂରଣ ହୋଇଯାଏ । ଆଉ ଏ କ୍ଷେତ୍ରରେ ସଫଳ ହେବା ପରେ ରଜତ ମିଶ୍ରଙ୍କ ଖୁସି କହିଲେ ନସରେ । କାରଣ ଏକ ଅନଟାଇଟଲଡ୍ ଫିଲ୍ମର ସ୍ୱର ସଂଯୋଜନା ଦାୟିତ୍ୱ ତାଙ୍କୁ ମିଳିଛି । ଏ ବିଷୟରେ ସେ କହନ୍ତି, ''ମୋର ପ୍ରତିଟି ଆଲବମ୍ ଗୀତର ସ୍ୱରରେ ଆମ ରାଜ୍ୟର ଚାଲିଚଳଣି, ପରମ୍ପରାର ଝଲକ୍ ଦେଖାଇଛି ଏବଂ ତାହାକୁ ଶ୍ରୋତା ଗ୍ରହଣ କରିଛନ୍ତି । ତା'ସହ ମୋ ସ୍ୱର ସଂଯୋଜିତ ଭଜନଗୁଡିକୁ କିପରି ଅଧିକ ଭକ୍ତିମୟ ହେବ ସେ ନେଇ ଚେଷ୍ଟା କରିଥାଏ । ମୋର ଗୋଟିଏ ଅଭ୍ୟାସ ରହିଛି । ମୁଁ ବିବିଧ ଭାରତୀର ଜଣେ ନିୟମିତ ଶ୍ରୋତା । ଗୀତଟିକୁ କିପରି ସ୍ୱର ଦେଲେ ତାହା ଲୋକଙ୍କର ମନକୁ ଛୁଇଁବ ତାହା ସଙ୍ଗୀତ ନିର୍ଦ୍ଦେଶକଙ୍କ ଉପରେ ନିର୍ଭର କରେ ।'' ରଜତଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ 'ଝିଅ ନୁହେଁ ତୁ ମୋ ମା', 'ଝିଅ ବିଦାବେଳ ହେଲା', 'ମା ମୋ ଦୁର୍ଗା ମା', 'ଆଜି ପରା ଶିଶୁ ଦିବସ','ଚାଲ ଧରମ ଡଙ୍ଗା ଭସେଇ ଦେବା' ଏବଂ 'ଶୁଭ ଦୀପାବଳି' ଗୀତ ଗୁଡିକରେ ଓଡ଼ିଆ ସଂସ୍କୃତି, ପରମ୍ପରାର ଛାପ ଦେଖିବାକୁ ମିଳିବା ସହ ଶ୍ରୋତା ଓ ଦର୍ଶକ ମହଲରେ ବେଶ ଆଦୃତ ହୋଇଛି । ଆଗକୁ ମଧ୍ୟ ତାଙ୍କର ବହୁ ସଂଖ୍ୟାରେ ଭଜନ ଓ ଆଧୁନିକ ଗୀତ ମୁକ୍ତିଲାଭ ଅପେକ୍ଷାରେ ଅଛି । କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକର କଟିକଟା ପଞ୍ଚାୟତର ରାମରାଙ୍ଗ ଗ୍ରାମରେ ତାଙ୍କର ଜନ୍ମ । ହେଲେ ନିଜର କର୍ମଭୂମି ଭାବରେ ସେ କଟକ ସହରକୁ ବାଛିନେଇଛନ୍ତି । ସଙ୍ଗୀତ ନିର୍ଦ୍ଦେଶନାରେ ଅଧିକ ସୁନାମ ଅର୍ଜନ ପାଇଁ ସେ ଆଶା ରଖିଛନ୍ତି ।



ରଜତ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୧/୨୦୨୫ Bhubaneswar, Thursday, December 11/ 2025




# ଭାରତ ଜିତିଲା ବ୍ରୋଞ୍ଜ୍ ପଦକ

**ଚେନ୍ନାଇ, ୧୦।୧୨(ପି.ଟି.)**

ଭାରତ ଏଠାରେ ଚାଲିଥିବା ଏଫ୍ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଛି । ବୁଧବାର ଏଠାରେ ୩ୟ ସ୍ଥାନ ପାଇଁ ହୋଇଥିବା ଏକ ମୁକାବିଲାରେ ଦଳ ୪-୨ ଗୋଲ୍‌ରେ ଆର୍ଜେଣ୍ଟିନାକୁ ପରାସ୍ତ ଦେଇଛନ୍ତି । ଭାରତ ପୂର୍ବରୁ ୨୦୧୬ ଲକ୍ଷ୍ନୌ ସଂସ୍କରଣରେ ଟାଇଟଲ ଜିତିଥିଲା । ମାତ୍ର ଗତ ଦୁଇଥର ପୋଡିୟମ ଫିନିଶ୍ କରିବାରେ ବିଫଳ

**ଏଫ୍ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍**

ହୋଇଛି । ଭୁବନେଶ୍ୱରରେ ୨୦୨୧ରେ ଦଳ ଚତୁର୍ଥ ହୋଇଥିବା ବେଳେ ଏହାର ଦୁଇ ବର୍ଷ ପରେ କୁଆଲାଲମ୍ପୁରଠାରେ ମଧ୍ୟ ୪ର୍ଥ ସ୍ଥାନରେ ରହିଥିଲା । ମ୍ୟାଚ୍‌ର ପ୍ରଥମ ଦୁଇ କ୍ୱାର୍ଟର ଖେଳରେ ଆର୍ଜେଣ୍ଟିନା ତୁଳନାତ୍ମକ ଭାବେ ଉନ୍ନତ ପ୍ରଦର୍ଶନ କରିଥିଲା । ଦଳ ତରଫରୁ ନିକୋଲାସ ରୋଡ୍ରିଗୁଏଜ୍(୩ୟ ମିନିଟ୍) ଓ ସାଣ୍ଟିଆଗୋ ଫର୍ନାଣ୍ଡିଜ୍ ଗୋଲସ୍କୋର କରି ସେମାନଙ୍କ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଲଗାତର ୪ଟି ଗୋଲସ୍କୋର କରି ମ୍ୟାଚ୍ ଜିତିନେଇଥିଲା । ଅଙ୍କିତ୍ ପାଲ୍(୪୯ତମ ମିନିଟ୍), ମନମିତ୍ ସିଂ(୫୨ତମ) ଓ ଅନମୋଲ ଏକ୍କା(୫୮ତମ) ପ୍ରମୁଖ ପେନାଲ୍‌ଟି କର୍ନରକୁ ଗୋଲରେ ରୂପାନ୍ତରିତ କରିଥିବା ବେଳେ ଶାରଦା ନନ୍ଦ ୫୭ତମ ମିନିଟ୍‌ରେ ସ୍ୱଟ୍‌ରୁ ତାଙ୍କ ଗୋଲ୍ ସ୍କୋର କରିଥିଲେ ।



ଭାରତ ମ୍ୟାଚ ଜିତିବାପରେ ଉଲ୍ଲସିତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ।

# ବିଜୟ ବଜାୟ ଲକ୍ଷ୍ୟରେ ଭାରତ

**ମୁଲାନପୁର (ନ୍ୟୁ ଚଣ୍ଡିଗଡ଼), ୧୦।୧୨(ପି.ଟି.)**

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜ୍‌ର ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚ୍ ଗୁରୁବାର ଏଠାରେ ଅନୁଷ୍ଠିତ ହେବ । କଟକ ବାରବାଟୀ ଷ୍ଟାଡିୟମରେ ୧୦୧ ରନ୍‌ରେ ବିଜୟ ସହ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିସାରିଛି । ବେକଜନିତ ସମସ୍ୟାରୁ ମୁକୁଳିଥିବା ଶୁବମନ ଗିଲ୍ କଟକରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ । ମାତ୍ର ଗୋଟିଏ ଦିନ ବ୍ୟବଧାନରେ ଦ୍ୱିତୀୟ ଟି୨୦ ହେବାକୁ ଯାଉଥିବାରୁ ତାଙ୍କ ଉପରେ ନଜର ରହିବ । ଅଧିନାୟକ ଭାବେ ଇଂଲଣ୍ଡରେ ନିଜର


**ଦ୍ୱିତୀୟ ଟି୨୦ ଆଜି**

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍ ଷ୍ଟାର**

ଟେଷ୍ଟ ଡେବ୍ୟୁରେ ଗିଲ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ତେଣୁ ସଞ୍ଜୁ ସାମ୍‌ସନ ଏବଂ ତାଙ୍କ ପଞ୍ଜାବ ଟିମ୍‌ମେଟ୍ ଅଭିଷେକ ଶର୍ମାଙ୍କ ପରି ଟପ୍ ଅର୍ଡର ଖେଳାଳି ଥିଲେ ମଧ୍ୟ ଟି୨୦ ଓପ୍‌ନର ଭାବେ ଗିଲ୍‌ଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଆସ୍ଥା ସ୍ଥାପନ କରିଛି । ଫଳରେ କେରଳ ବ୍ୟାଟର ସାମ୍‌ସନ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇବାକୁ ସଂଘର୍ଷ କରୁଛନ୍ତି ।

ଗତବର୍ଷ ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ବିରାଟ କୋହଲି ଯେଉଁ ଭୂମିକା ତୁଲାଇ ଆସୁଥିଲେ ଗିଲ୍ ତାଙ୍କୁ ଅନୁକରଣ କରୁଥିବା ଅନୁମାନ ହେଉଛି । ମାତ୍ର ଏବେ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ୮ ନମ୍ବର ପର୍ଯ୍ୟନ୍ତ ଗଭୀରତା ଥିବାରୁ ଏବଂ ଦଳ ନିର୍ଭୀକ କ୍ରିକେଟ୍ ଖେଳୁଥିବାରୁ ଆଙ୍କରର ଭୂମିକା କମିଯାଇଛି । ଗିଲ୍‌ଙ୍କ ଭଳି ଗତ ୧୨ ମାସରେ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରି ନ ଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ମଧ୍ୟ ନଜର ରହିବ । ଆଉ କିଛିମାସ ପରେ ସୂର୍ଯ୍ୟକୁମାର ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେବା ସମ୍ଭାବନା ଅଛି । ଭାରତ ଟାଇଟଲ ବଜାୟ ଲକ୍ଷ୍ୟରେ ଥିବାରୁ ନିଜେ ଅଧିନାୟକ ଭଲ ଫର୍ମକୁ ଫେରିବା ଜରୁରୀ । ନ୍ୟୁ ଚଣ୍ଡିଗଡ଼ର ଥଣ୍ଡା ପରିବେଶରେ ଭାରତ ଏହାର ବିଜୟୀ କମ୍ବିନେଶନ ବଜାୟ ରଖିବ ନିଶ୍ଚିତ । ଆହତ ସମସ୍ୟାରୁ ମୁକୁଳିବା ପରେ ହାର୍ଦ୍ଦିକ ପାଣ୍ଡ୍ୟା ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଭାରତକୁ କଟକରେ ମ୍ୟାଚ୍ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ୨୮ ବଲ୍‌ରୁ ୫୯ ରନ୍ କରିବା ସହ ଭଲ ବୋଲିଂ ମଧ୍ୟ କରିଥିଲେ । ଟିମ୍ ମ୍ୟାନେଜ୍‌ମେଣ୍ଟ ୮ ନମ୍ବର ପର୍ଯ୍ୟନ୍ତ ବ୍ୟାଟିଂ ଅର୍ଡର ରଖିବାକୁ ଚାହୁଁଥିବାରୁ ଅର୍ଶଦୀପ ସିଂ ଏବଂ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ପ୍ଲେଇଂ ଇଲେଭେନରେ ରହିବା ସମ୍ଭବ ହେବ । ଗତ ମଙ୍ଗଳବାର ଦଳ ଚୟନରୁ ଏହା ସ୍ପଷ୍ଟ ହୋଇଛି ।

ଅନ୍ୟପକ୍ଷରେ ୧୭୬ ରନ୍ ବିଜୟ ଲକ୍ଷ୍ୟରେ ଥାଇ ମାତ୍ର ୭୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିବା ଦକ୍ଷିଣ ଆଫ୍ରିକା ଏହାର ବ୍ୟାଟିଂରେ ସୁଧାର ଆଣିବା ଲକ୍ଷ୍ୟରେ ରହିବ । ପରାଜୟର ଅଧିକ ବିଶ୍ଳେଷଣ କରିବାକୁ ସମୟ ନାହିଁ । କେବଳ ସକାରାତ୍ମକ ଚିନ୍ତା ସହ ଦଳକୁ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ । ଗତ ସେପ୍ଟେମ୍ବରରେ ୨ଟି ମହିଳା ଦିନିକିଆ ଆୟୋଜନ ପରେ ନ୍ୟୁ ଚଣ୍ଡିଗଡ଼ ଭେନ୍ୟୁରେ ପ୍ରଥମଥର ପାଇଁ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ହେବାକୁ ଯାଉଛି । ଗତ ଆଇପିଏଲ୍ ସମୟରେ ଏଠାରେ ୨୦୦ ରନ୍ ସ୍ପର୍ଶ କରିବା ସହଜ ନ ଥିଲା । ୧୦୧ ସର୍ବନିମ୍ନ ସ୍କୋର ଥିଲା । ସୂଚନା ଯେ, ମ୍ୟାଚ୍ ଅବସରରେ ଯୁବରାଜ ସିଂ ଓ ହରମନ୍‌ପ୍ରୀତ କୌରଙ୍କ ନାମରେ ଷ୍ଟାଡିୟମ ଷ୍ଟାଣ୍ଡ ଉନ୍ମୋଚିତ ହେବ ।



ଶୁବମନ ଗିଲ୍

# ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ




ଚେସ୍ ପ୍ରିମିୟର ଲିଗ୍ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

**ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ)**

ଓଡ଼ିଶା ଚେସ୍ ଇତିହାସରେ ପ୍ରଥମଥର ପାଇଁ ଆଇପିଏଲ ଢାଞ୍ଚାରେ ଜିଲା ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ କାର୍ଯ୍ୟକ୍ରମ ବୁଧବାର ୟୁନିଟ୍-୯ସ୍ଥିତ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଛି । ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ରୋଟାରୀ କ୍ଲବ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜୀବ ସାହୁ ଯୋଗ ଦେଇଥିଲେ । ରୋଟାରୀ କ୍ଲବ ସଭାପତି ସଞ୍ଜୟ ଚୌଧୁରୀଙ୍କ ପୌରୋହିତ୍ୟ ଏବଂ ସମ୍ପାଦକ ବିଶ୍ୱଜିତ୍ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ପ୍ରିମିୟର ଲିଗ୍

**୧୯ ଓ ୨୦ରେ ହେବ ପ୍ରତିଯୋଗିତା**

ଚେୟାରମ୍ୟାନ୍ ତଥା ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ, ଏଓସିଏ ସମ୍ପାଦକ ଦେବବ୍ରତ ଭଟ୍ଟ, ଜିଏସ୍‌ଟି ସହକାରୀ କମିଶନର ପ୍ରୀତିରଞ୍ଜନ ନାଥ, ପୂର୍ବତନ ରୋଟାରୀ ସଭାପତି ଏସ୍.ଏସ୍. ହରିଚନ୍ଦନ ପ୍ରମୁଖ ଯୋଗଦେଇ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ । ଚଳିତ ମାସ ୧୯ ଏବଂ ୨୦ ତାରିଖରେ ହେବାକୁ ଥିବା ଜିଲା ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ ପ୍ରକ୍ରିୟାରେ ଓଡ଼ିଶାର ୧୧୮ ଜଣ ପ୍ରତିଷ୍ଠିତ ଖେଳାଳି ନାମ ପଞ୍ଜୀକରଣ କରିଥିଲେ । ଓଡ଼ିଶାର ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ପୁରୀ, ଗଞ୍ଜାମ, ସୋନପୁର, ବରଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା ଏବଂ ଢେଙ୍କାନାଳ ଆଦି ୧୨ ଜିଲାରୁ ଖେଳାଳି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ଜିଲା ଦଳ ୫ ଜଣ ଲେଖାଏ ଖେଳାଳିଙ୍କୁ ନିଲାମ ପ୍ରକ୍ରିୟାରେ କ୍ରୟ କରିଥିଲେ । ଏହି ନିଲାମ ପ୍ରକ୍ରିୟାକୁ କ୍ରୀଡ଼ାବିତ୍ ଭୁବନ ବେହେରା ପରିଚାଳନା କରିଥିବା ବେଳେ ଏଓସିଏ ସଦସ୍ୟ ଅଭିଷେକ ଆଚାର୍ଯ୍ୟ, ରିତେଶ ରଥ, ମାନସ ପାଣି, ଧନଞ୍ଜୟ ସାବତ, ତାପସ କୁମାର ମହାନ୍ତି, ସୁରେଶ କୁମାର ସାହୁ, ବିରଞ୍ଚି ନାରାୟଣ ସାହୁ, କେ.କେ. ଶର୍ମା, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଅପରାହ୍ନରେ ବିଦାୟ ନେଲେ ଖେଳାଳି

**ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ):** କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଚଳିତ ସିରିଜ୍‌ର ପ୍ରଥମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାପରେ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ବୁଧବାର ଭୁବନେଶ୍ୱର ଛାଡ଼ିଛନ୍ତି । ଅପରାହ୍ନ ୧ଟା ୨୦ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ହୋଟେଲ ମେ' ଫେୟାରରୁ ବସ୍ ଯୋଗେ ଦୁଇଟିଯାକ ଦଳ ଭୁବନେଶ୍ୱର ବିମାନବନ୍ଦରକୁ ଯାଇଥିଲେ । ଖେଳାଳିଙ୍କୁ ବିମାନବନ୍ଦରରୁ ହୋଟେଲ ଆଣିବାକୁ ଯେପରି ସୁରକ୍ଷା ବ୍ୟବସ୍ଥା ହୋଇଥିଲା ଗଲାବେଳେ ମଧ୍ୟ ତାହାର ପୁନରାବୃତ୍ତି କରାଯାଇଥିଲା । ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କଲାବେଳେ ହୋଟେଲ ନିକଟରେ ଅନେକ କ୍ରିକେଟ୍‌ପ୍ରେମୀ ଉପସ୍ଥିତ ଥିଲେ । ଏକ ସ୍ୱତନ୍ତ୍ର ବିମାନରେ ଉଭୟ ଦଳ ନ୍ୟୁ ଚଣ୍ଡିଗଡ଼ ଯାତ୍ରା କରିଛି । ମୁଲାନ୍‌ପୁରରେ ଗୁରୁବାର ଦ୍ୱିତୀୟ ଟି୨୦ ମ୍ୟାଚ୍ ଅନୁଷ୍ଠିତ ହେବ । କଟକରେ ୧୦୧ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିବାରୁ ମଧୁର ସ୍ମୃତି ନେଇ ଭାରତୀୟ ଦଳ ଭୁବନେଶ୍ୱର ଛାଡ଼ିଛି ।

# ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୨୧ରେ

**ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ)**

ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏଶନର ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଚଳିତ ମାସ ୨୧ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଅନୁଷ୍ଠିତ ହେବ । ପ୍ରତିଯୋଗିତା ସକାଳ ୧୦ଟାରୁ ଆରମ୍ଭ ହେବ ଏବଂ ଏଥିରେ ସିନିୟର, ଜୁନିୟର, ସବ୍‌ଜୁନିୟର ଏବଂ ୮ ଓ ୧୦ ବର୍ଷରୁ କମ୍ ଉଭୟ ବାଳିକା, ବାଳକ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ । ୮ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ୍ ଇଭେଣ୍ଟ ଅନୁଷ୍ଠିତ ହେବ । ୧୦ ବର୍ଷରୁ କମ୍ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଂ ଟେବଲ ଏବଂ ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସିଂ ବିମ୍, ସବ୍‌ଜୁନିୟରରେ ଜିଏଫ୍ଆଇ ନିୟମ ଏବଂ ଜୁନିୟର ଓ ସିନିୟର୍‌ରେ ଏଫ୍ଆଇଜି ନିୟମରେ ପ୍ରତିଯୋଗିତା ହେବ । ଆସୋସିଏଶନ ସମ୍ପାଦକ ନରେନ୍ଦ୍ର କୁମାର ସେଠୀ ଭୁବନେଶ୍ୱରର ସମସ୍ତ ଜିମ୍ନାଷ୍ଟଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଛନ୍ତି । ଅଂଶଗ୍ରହଣ ଲାଗି ଇଚ୍ଛୁକ ଖେଳାଳିମାନେ ଅଧିକ ବିବରଣୀ ପାଇଁ ଆସୋସିଏଶନ ଉପସଭାପତି ତଥା ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

# କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

**ଦୁବାଇ,୧୦।୧୨(ପି.ଟି.)**

ବୁଧବାର ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି । ବ୍ୟାଟର ତାଲିକାରେ ବିରାଟ କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ରୋହିତ୍ ଶର୍ମା ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି । ୨୦୨୧ ଏପ୍ରିଲରେ କୋହଲିଙ୍କୁ ହଟାଇ ପାକିସ୍ତାନର ବାବର ଆଜାମ ୧ମ ସ୍ଥାନ ଅଧିକାର କରିନେଇଥିଲେ ।

**ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍**

ଏହାପରଠାରୁ କୋହଲି ଆଉ ନମ୍ବର-୧ ସ୍ଥାନକୁ ଆସିପାରିନାହାନ୍ତି । କିନ୍ତୁ ଏହି ଡାହାଣହାତୀ ବ୍ୟାଟର ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିବାରୁ ଶୀର୍ଷ ସ୍ଥାନ ନିକଟତର ହୋଇପାରିଛନ୍ତି । ୩୭ ବର୍ଷୀୟ ଏହି ବ୍ୟାଟର ତିନୋଟି ମ୍ୟାଚ୍‌ରେ ୩୦୨ ରନ୍ ସଂଗ୍ରହ କରି ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ । ଏହାଦ୍ୱାରା ସେ ର୍‍ୟାଙ୍କିଙ୍ଗ୍ ତାଲିକାରେ ୨ ସ୍ଥାନ ଉପରକୁ ଉଠି ସାଥୀ ଖେଳାଳି ରୋହିତ୍ ଶର୍ମାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରୋହିତ ସିରିଜ୍‌ରେ ୧୪୬ ରନ୍ ସଂଗ୍ରହ କରିଥିଲେ । ତନ୍ମଧ୍ୟରେ ବିଶାଖାପାଟଣାଠାରେ ସିରିଜ୍‌ର ଫାଇନାଲ ମ୍ୟାଚ୍‌ରେ ତାଙ୍କ ଅପରାଜିତ ୭୫ ରନ୍ ସାମିଲ । କୋହଲିଙ୍କଠାରୁ ସେ ମାତ୍ର ୮ ପଏଣ୍ଟ ଆଗରେ ରହିଛନ୍ତି । ସିରିଜ୍‌ର ୩ଟି ମ୍ୟାଚ୍‌ରେ ଖେଳି ନ ଥିଲେ ସୁଦ୍ଧା ଭାରତ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ତାଙ୍କ ୫ମ ସ୍ଥାନ ବଜାୟ ରଖିଛନ୍ତି । ସିରିଜ୍‌ରେ ଦୁଇଟି ଅର୍ଦ୍ଧଶତକ ପାଇଁ କାମଚଳା ଅଧିନାୟକ କେ.ଏଲ୍. ରାହୁଲ ଦୁଇ ସ୍ଥାନ ପଦୋନ୍ନତି ସହ ଓଭରଅଲ ୧୨ତମ ସ୍ଥାନରେ ରହିଛନ୍ତି । ସେହିପରି କୁଲଦୀପ ଯାଦବ ବୋଲର ତାଲିକାରେ ୩ ସ୍ତର ଉପରକୁ ଉଠି ୩ୟ ସ୍ଥାନରେ ଅଛନ୍ତି । ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଦକ୍ଷିଣ ଆଫ୍ରିକାର ୩ ଜଣଙ୍କର ପଦୋନ୍ନତି ହୋଇଛି । କ୍ୱିଣ୍ଟନ୍ ଡି'କକ୍ ୩ ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ଏବଂ ଏଡେନ ମାରକ୍ରମ ୪ ସ୍ଥାନ ଉପରକୁ ଉଠି ୨୫ତମ ସ୍ଥାନରେ ପହଞ୍ଚିଥିବା ବେଳେ ଟେମ୍ବା ବଭୁମା ୩ ପଦୋନ୍ନତିସହ ୩୭ତମ ସ୍ଥାନକୁ ଯାଇଛନ୍ତି ।

# ପ୍ରି କ୍ୱାର୍ଟରରେ ଉନ୍ନତି, ମାନେପଲ୍ଲୀ

**ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ)**


କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନର ଦ୍ୱିତୀୟ ଦିବସରେ ମହିଳା ଓ ପୁରୁଷ ସିଙ୍ଗଲ୍ସ, ମହିଳା ଓ ପୁରୁଷ ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସରେ ମୋଟ ୭୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ

**ଓଡ଼ିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ**

ଖେଳାଳି ଓ ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବିଧାୟକ ପ୍ରକାଶ ସେଠୀ, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ୟେଦୁଲ୍ଲା, କଟକ ଜଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, କଟକ ମହାନଗର ନିଗମ ଅଧ୍ୟକ୍ଷା କିରଣ ଦୀପ କୌର ସହଟା, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବେଣୁଗୋପାଳ ମହାଲିଙ୍ଗମ୍ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ । ଦ୍ୱିତୀୟ ଦିବସରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ମହିଳା ବିଭାଗର ରାଉଣ୍ଡ ୩୨ରେ ଟପ୍‌ସିଡ୍ ଭାରତର ଉନ୍ନତି ହୁଡା ୟୁନାଇଟେଡ୍ ଆରବ ଏମିରେଟ୍ସର ପ୍ରକ୍ରିତି ଭାରତଙ୍କୁ ୨୧-୧୨, ୨୧-୧୮ରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।ପୁରୁଷ ସିଙ୍ଗଲ୍ସରେ ମଧ୍ୟ ଟପ୍ ସିଡ୍ ଥରୁନ ମାନେପଲ୍ଲୀ ନିଜ ଦେଶର ମାନବ ଚୌଧୁରୀଙ୍କୁ ୨୧-୫,୨୧-୮ରେ ହରାଇ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି । ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଯୋଡ଼ି ହେଲେ ଆର୍ଯ୍ୟନ ସପିଆ-ଅଶ୍ୱିନୀ ପୋନାପ୍ପା ଏବଂ ଡି. ଭେଲ ମୁରୁଗାନ୍-ପି. ନଟରାଜନ୍ ।



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅତିଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ।




ପୁରୁଷ ସିଙ୍ଗଲ୍ସରେ ଅନୁଷ୍ଠିତ ଏକ ମ୍ୟାଚ । (ଫଟୋ: ରାଜକିଶୋର ମହାନ୍ତି)

# ଉରୁଗୁଏକୁ ହରାଇଲା ଭାରତ

**ସାଣ୍ଟିଆଗୋ, ୧୦।୧୨ (ପି.ଟି.)**

ଗୋଲ୍‌କିପର ନିଧିଙ୍କ ଚମତ୍କାର ଗୋଲ୍ ରକ୍ଷଣ ଯୋଗୁ ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ଭାରତ ୩-୧ ଶୁଟ୍‌ଆଉଟ୍‌ରେ ଉରୁଗୁଏକୁ ପରାସ୍ତ କରିଛି । ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିବା ପରେ ପେନାଲ୍‌ଟି ଶୁଟ୍‌ଆଉଟ୍ ପଦ୍ଧତିର ସହାୟତା ନିଆଯାଇଥିଲା । ଗୁରୁବାର ଖେଳାଯାଇଥିବା ୯/୧୨ କ୍ୱାଲିଫିକେଶନ ମ୍ୟାଚ୍‌ରେ ମନୀଷା ୧୯ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋରକରି ଭାରତକୁ ପ୍ରଥମେ ୧-୦ରେ ଅଗ୍ରଣୀ କରାଇଥିଲେ । ୬୦ତମ ମିନିଟ୍‌ରେ ଜଷ୍ଟିନା ଆରେଗୁଇଙ୍କ ଗୋଲ୍‌ରେ ଉରୁଗୁଏ ମ୍ୟାଚ୍‌କୁ ଡ୍ର' ରଖିଥିଲା । ଶୁଟ୍ ଆଉଟ୍‌ରେ ଭାରତ ତରଫରୁ ପୂର୍ଣ୍ଣିମା ଯାଦବ, ଇଶିକା ଓ କନିକା ସି ୱାଚ୍ ଗୋଟିଏ ଲେଖାଏ ଗୋଲ୍ ଦେବାରେ ସଫଳ ହୋଇଥିବା ବେଳେ ଗୋଲ୍‌କିପର ନିଧି ଉରୁଗୁଏର ୩ଟି ଗୋଲ୍‌କୁ ଅଟକାଇ ଦେଇଥିଲେ । ଭାରତ ୯/୧୦ମ ସ୍ଥାନ ପାଇଁ ଏହାର ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ସ୍ପେନ୍ ବିପକ୍ଷରେ ଖେଳିବ ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ